# ଧରିତ୍ରୀ
DHARITRI

ବାଲେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୧୦/୨୦୧୯ (୧୬ ପୃଷ୍ଠା) | Balasore, Tuesday, September 10/2019 | ★★★★

୪୫ଶ ଭାଗ ୨୮୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ନାଡାଲ ଚାମ୍ପିୟନ**

ସ୍ପାନିଶ ଟେନିସ୍ ଷ୍ଟାର ରାଫାଲ ନାଡାଲ ଚତୁର୍ଥ ଥର ୟୁଏସ୍ ଓପନ ଟେନିସ ପୁରୁଷ ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି।

୧୪

୦୨

**କମେଡି ଫିଲ୍ମରେ ମୃଣାଳ ଠାକୁର**

ଉମେଶ ଶୁକ୍ଲା ନିର୍ଦ୍ଦେଶିତ 'ନେକ୍ସଟ ଏ କମେଡି'ରେ ଅଭିନେତ୍ରୀ ମୃଣାଳ ଠାକୁରଙ୍କୁ ଦେଖିବାକୁ ମିଳିବ।



# ବଦଳି ପରେ ତଦନ୍ତ ଚେପା

ତ୍ରିନାଥ ମହାନ୍ତି

ଭୁବନେଶ୍ୱର,୯।୯

- ଆଇଆଇସି, ଏସିପିଙ୍କ ଦ୍ୱାରା ଗଡ଼ୁଛି ଏକାଧିକ ମାମଲା
- ନ୍ୟାୟ ପାଇପାରୁନାହାନ୍ତି ଲୋକେ

ଥାନାକୁ ଯାଉଥିବା ଅଭିଯୋଗକୁ କେଉଁ ଅଫିସର ବୁଝିବେ ତାହା ସ୍ଥିର କରିଥାନ୍ତି ଆଇଆଇସି। ଏପରିକି ଚୋରି ଓ ଦୁର୍ଘଟଣା ଭଳି ଛୋଟଛୋଟ ମାମଲା ଏଏସ୍ଆଇଙ୍କୁ ଦିଆଯାଉଥିବା ବେଳେ ବଳାତ୍କାର ଓ ଅନ୍ୟ ମାମଲାଗୁଡ଼ିକର ତଦନ୍ତ ଭାର ଏସ୍ଆଇ ନେଇଥାନ୍ତି। କିନ୍ତୁ ଅତି ସମ୍ବେଦନଶୀଳ ମାମଲା ଯଥା ହତ୍ୟା ଓ ବ୍ୟାଙ୍କ୍ ଡକାୟତି ଭଳି ବଡ଼ ବଡ଼ ମାମଲା ଆଇଆଇସି ନିଜେ ତଦନ୍ତ କରିଥାନ୍ତି। ଏପରିକି ଥାନାକୁ ଆସୁଥିବା ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କ ଅଭିଯୋଗର ତଦନ୍ତ ଭାର ଏସିପି ନେବାକୁ ବାଧ୍ୟ। ପୂର୍ବତନ ପୋଲିସ ଡିଜି ଡା.ରାଜେନ୍ଦ୍ର ପ୍ରସାଦ ଶର୍ମା ଏସ୍ପି ଓ ଡିସିପିଙ୍କୁ ଏକ ସର୍କୁଲାର ଜାରି କରିଥିଲେ, ଯେଉଁଥିରେ ଜଣେ ଆଇଆଇସି ମାସକୁ ୩ଟି ମାମଲା ନେବାକୁ ବାଧ୍ୟ। କିନ୍ତୁ ଏବେ କମିଶନରେଟ ପୋଲିସରେ ଦେଖିବାକୁ ମିଳିଛି ଯେ, ବହୁ ଜୋନ୍ ଏସିପି ଏବଂ ଆଇଆଇସିଙ୍କ ଦ୍ୱାରା ଏକାଧିକ ମାମଲା ପଡ଼ିରହିଛି। ଏପରି କି ସେମାନଙ୍କ ମଧ୍ୟରୁ କେତେଜଣ ରାଜଧାନୀରୁ ଅନ୍ୟତ୍ର ବଦଳି ହୋଇ ଚାଲିଗଲେଣି। ସେମାନଙ୍କ ମାମଲା ଏବେ ଆଇଆଇସି ଓ ଏସିପିଙ୍କ ନାମରେ ଗଡ଼ୁଛି, ଯେଉଁମାନେ କି ପ୍ରାୟତଃ ପୁରୁଣା ମାମଲାଗୁଡ଼ିକର ତଦନ୍ତ ପ୍ରତି ଆଗ୍ରହ ଦେଖାଉନାହାନ୍ତି।

ମାନବିକ ଅଧିକାର କର୍ମୀ ବିଶ୍ୱପ୍ରିୟ କାନୁନ୍‌ଗୋ କହିଛନ୍ତି ଯେ, କେତେଦିନ ଭିତରେ ମାମଲା ତଦନ୍ତ କରି କୋର୍ଟକୁ ଚାର୍ଜଶିଟ୍ ଦେବେ ସେମାନଙ୍କ ପାଇଁ କିଛି ଗାଇଡଲାଇନ୍ ନାହିଁ, ଯଦ୍ଦ୍ୱାରା ସେମାନେ ମାସ ମାସ ଧରି ମାମଲା ପକାଇ ରଖୁଛନ୍ତି। ଫଳରେ ସେମାନେ ବଦଳି ହେବାପରେ ମାମଲା ପଡ଼ିରହୁଛି। ଅଭିଯୋଗକାରୀ ନ୍ୟାୟ ପାଇପାରୁନାହାନ୍ତି।

ବରିଷ୍ଠ ଆଇନଜୀବୀ ଚିତ୍ତରଞ୍ଜନ ଦାସ କହିଛନ୍ତି ଯେ,ଏସିପି ଏବଂ ଆଇଆଇସି ବହୁ ଗୁରୁତ୍ୱପୂର୍ଣ୍ଣ ମାମଲା ନେଉଛନ୍ତି। କିନ୍ତୁ ସେମାନେ ଅଭିଯୁକ୍ତ ଗିରଫ ନ କରି ଆଇନଶୃଙ୍ଖଳା ବ୍ୟସ୍ତତା ଦେଖାଇ ମାମଲାକୁ ଗଡ଼ାଇ ଚାଲୁଛନ୍ତି। ଅନେକ କ୍ଷେତ୍ରରେ ପୋଲିସ ଅଭିଯୁକ୍ତଙ୍କ ସହ ଭିତିରି ଡିଲ୍ କରି ମାମଲାକୁ ଚାପି ରଖୁଛି। ଫଳରେ ସେମାନଙ୍କର ଅନ୍ୟ ଜିଲାକୁ ବଦଳି ହେଲେ ମଧ୍ୟ ମାମଲା ଥାନା ଏସିପି ଓ ଆଇଆଇସି ନାମରେ ଗଡ଼ୁଛି।


ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି, ଏସିପି ଓ ଆଇଆଇସିଙ୍କ ଉପରେ ଚାପ ଦେବାଟା ଠିକ୍ ନୁହେଁ। ଗ୍ରାମାଞ୍ଚଳ ପୋଲିସକୁ ମାସକୁ ନିର୍ଦ୍ଦିଷ୍ଟ ମାମଲାର ଚାପ ଦେଲେ ଚଳିବ। କିନ୍ତୁ କଟକ ଓ ଭୁବନେଶ୍ୱରରେ ଏଭଳି କରିହେବ ନାହିଁ। କାରଣ ଏଠାରେ ଆଇନ ଶୃଙ୍ଖଳା ଦାୟିତ୍ୱ ରହୁଥିବାରୁ ମାମଲା ଫଇସଲା କରିବା ସମସ୍ୟା ହେଉଛି। ପଡ଼ି ରହିଥିବା ମାମଲାର ସମାଧାନ କରିବାକୁ ଅଧିକାରୀମାନଙ୍କୁ କୁହାଯିବ।

**ରାଜଧାନୀରେ ପଡ଼ିରହିଥିବା ମାମଲା (୨୦୦୭ରୁ ୨୦୧୮ ମଧ୍ୟରେ)**

| ଥାନା/ଜୋନ୍ | ଆଇଆଇସି | | ଏସିପି | |
|---|---|---|---|---|
| | ମୋଟ ମାମଲା | ପଡ଼ି ରହିଛି | ମୋଟ ମାମଲା | ପଡ଼ି ରହିଛି |
| ଶହୀଦନଗର | ୧୨୦ | ୯୨ | ୮୪ | ୬୦ |
| ବଡ଼ଗଡ଼ | ୭୩ | ୪୦ | ୪୧ | ୨୦ |
| ଲକ୍ଷ୍ମୀସାଗର | ୧୦୫ | ୩୬ | ୨୮ | ୧୨ |
| ବାଲିପାଟଣା | ୧୨୫ | ୧୨ | ୧୩୪ | ୨୩ |
| ବାଲିଅନ୍ତା | ୭୮ | ୨୩ | ୮୮ | ୪୦ |
| କ୍ୟାପିଟାଲ | ୨୪୯ | ୨୧୦ | ୨୧ | ୭ |
| ଖାରବେଳନଗର | ୩୭୦ | ୩୨୫ | ୪୧ | ୩୫ |
| ମହିଳା | ୨୫୨ | ୬୯ | ୫୬ | ୧୩ |
| ଲିଙ୍ଗରାଜ | ୭୭ | ୨୬ | ୫୦ | ୯ |
| ଏୟାରଫିଲ୍ଡ | ୧୨୦ | ୬୩ | ୫୪ | ୫ |
| ଧଉଳି | ୭୮ | ୪୯ | ୩୩ | ୧୦ |
| ଜଟଣୀ | ୧୧୫ | ୬୬ | ୬୨ | ୧୯ |
| ତମାଣ୍ଡୋ | ୬୨ | ୪୨ | ୧୬ | ୭ |
| ଖଣ୍ଡଗିରି | ୧୧୭ | ୪୯ | ୫୮ | ୨୧ |
| ନୟାପଲ୍ଲୀ | ୧୬୮ | ୪୨ | ୫୫ | ୧୮ |
| ଚନ୍ଦ୍ରଶେଖରପୁର | ୧୨୬ | ୮୪ | ୪୯ | ୨୧ |
| ଇନ୍‌ଫୋସିଟି | ୮୨ | ୩୫ | ୧୬ | ୨ |
| ଚନ୍ଦକା | ୯୦ | ୧୮ | ୧୯ | ୩ |
| ନନ୍ଦନକାନନ | ୫୭ | ୫ | ୨୦ | ୪ |
| ମଞ୍ଚେଶ୍ୱର | ୯୩ | ୫୭ | ୫୯ | ୧୯ |

# ବିକ୍ରମ ଭାଙ୍ଗିନି, ଢଳିରହିଛି

ବେଙ୍ଗାଲୁରୁ/ଚେନ୍ନାଇ,୯।୯



- ଯୋଗାଯୋଗ ସ୍ଥାପନ ଲାଗି ଉଦ୍ୟମ ଜାରି
- ଅର୍ବିଟର କକ୍ଷ ହ୍ରାସ ବିପଜ୍ଜନକ ହୋଇପାରେ

ଚନ୍ଦ୍ରର ଦକ୍ଷିଣ ମେରୁରେ ଚନ୍ଦ୍ରୟାନ-୨ର ଲ୍ୟାଣ୍ଡର ବିକ୍ରମ ସୂକ୍ଷ୍ମ ଅବତରଣ କରିବାରେ ବିଫଳ ହୋଇଥିଲେ ହେଁ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ) ଆଶା ହରାଇନାହିଁ। ଏହା ସହ ସଂଯୋଗ ସ୍ଥାପନ ପାଇଁ ବୈଜ୍ଞାନିକମାନେ ଅନବରତ ଉଦ୍ୟମ ଜାରି ରଖିଛନ୍ତି। ସୂକ୍ଷ୍ମ ଅବତରଣ କରି ନ ପାରିବାରୁ ବିକ୍ରମ ଚନ୍ଦ୍ରପୃଷ୍ଠରେ ଢଳି ରହିବା ସହ ରୋଭର ପ୍ରଜ୍ଞାନ ଏହା ଭିତରେ ରହିଯାଇଛି। ତେବେ ବିକ୍ରମ ଅକ୍ଷତ ରହିଥିବା ଇସ୍ରୋ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଏହା ସହ ସଂଯୋଗ ସ୍ଥାପନ ପାଇଁ ଅର୍ବିଟରର କକ୍ଷ ହ୍ରାସ ନିମନ୍ତେ କେତେଜଣ ବୈଜ୍ଞାନିକ ଚିନ୍ତା କରୁଥିବାବେଳେ ଏହା ବିପଜ୍ଜନକ ହୋଇପାରେ ବୋଲି ଆଶଙ୍କା ବ୍ୟକ୍ତ କରିଛନ୍ତି ଇସ୍ରୋର ପୂର୍ବତନ ଅଧିକାରୀ। ଇସ୍ରୋ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଚନ୍ଦ୍ରପୃଷ୍ଠରୁ ଅର୍ବିଟରର ଦୂରତା ୧୦୦ କିଲୋମିଟର ରହିଥିବାବେଳେ ଏହାକୁ ୫୦ କି.ମି.କୁ କମାଇବା କଥା ଚିନ୍ତା କରାଯାଉଛି। ଏହା ହେଲେ ବିକ୍ରମରୁ ଆସୁଥିବା ଅପେକ୍ଷାକୃତ କ୍ଷିଣ ସିଗ୍‌ନାଲକୁ ହୁଏତ ଅର୍ବିଟର ଧରିବାରେ ସକ୍ଷମ ହୋଇପାରେ। ତେବେ ଏହା ଏକ ବିପଜ୍ଜନକ ପ୍ରୟାସ ବୋଲି ପୂର୍ବତନ ଅଧିକାରୀ କହିଛନ୍ତି। ଅର୍ବିଟର ତଳକୁ ଖସିଲେ ମଧ୍ୟ ଏହା ଲ୍ୟାଣ୍ଡରକୁ ପୁନଃକ୍ଷମ କରିପାରିବ ନାହିଁ। ତଳକୁ ଖସାଇବା ପାଇଁ ଅର୍ବିଟର ଭିତରେ ଥିବା ଇଞ୍ଜିନକୁ କାର୍ଯ୍ୟକ୍ଷମ କରିବାକୁ ପଡିବ। ତାହା ହେଲେ ସେଥିରେ ଥିବା ଇନ୍ଧନ ଶୀଘ୍ର ଶେଷ ହେବା ସହ ଅର୍ବିଟରର କାର୍ଯ୍ୟକାଳ ମଧ୍ୟ ହ୍ରାସ ପାଇବ ବୋଲି ସେ କହିଛନ୍ତି।

ଶୁକ୍ରବାର ବିଳମ୍ବିତ ରାତିରେ ଲ୍ୟାଣ୍ଡର ବିକ୍ରମ ଚନ୍ଦ୍ରପୃଷ୍ଠରୁ ୨.୧ କିଲୋମିଟର ଉଚ୍ଚରେ ଥିବାବେଳେ ଇସ୍ରୋ ଗ୍ରାଉଣ୍ଡ ଷ୍ଟେଶନ ସହ ଏହାର ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ଅର୍ବିଟର ପଠାଇଥିବା ଫଟୋଚିତ୍ର ଅନୁଯାୟୀ ବିକ୍ରମ ଚନ୍ଦ୍ରପୃଷ୍ଠରେ ନିର୍ଦ୍ଧାରିତ ସ୍ଥାନଠାରୁ ସାମାନ୍ୟ ଦୂରରେ ହାର୍ଡ ଲ୍ୟାଣ୍ଡିଂ କରିଛି ଏବଂ ଅକ୍ଷତ ଅବସ୍ଥାରେ ରହିଛି। ତେବେ ଏହା ଢଳିରହିଥିବା ଇସ୍ରୋର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଏହା ସହ ସଂଯୋଗ ସ୍ଥାପନ ପାଇଁ ଇସ୍ରୋର ଏକ ଟିମ୍ କାମରେ ଲାଗିଛନ୍ତି।

ଲ୍ୟାଣ୍ଡର ବିକ୍ରମର କାର୍ଯ୍ୟକାଳ ୧୪ ଦିନ ହୋଇଥିବାବେଳେ ଏହା ମଧ୍ୟରେ ଯୋଗାଯୋଗ ସ୍ଥାପନ କରିବା ଲାଗି ଉଦ୍ୟମ ଜାରି ରହିଥିବା ଇସ୍ରୋ ଅଧ୍ୟକ୍ଷ କେ. ଶିବନ ଶନିବାର କହିଥିଲେ। ଯଦି ସବୁ ଠିକ୍‌ଠାକ୍ ନ ଥାଏ ☞ପୃଷ୍ଠା-୪

# ଫୁଲୁଛି ନଦୀଜଳ

- ମହାନଦୀ, କୁଶଭଦ୍ରା, ଦେବୀ, ବ୍ରାହ୍ମଣୀ, ସୁବର୍ଣ୍ଣରେଖା ବଢ଼ୁଛି
- ୧୨ରୁ ବଢ଼ିବ ବର୍ଷା
- ସ୍ୱାଭାବିକଠାରୁ ଅଧିକ ବର୍ଷିଲାଣି ମୌସୁମୀ



କଟକ ଜିଲା ବାଙ୍କୀଠାରେ ମହାନଦୀରେ ଆସିଥିବା ବନ୍ୟା ଜଳ।

**ଭୁବନେଶ୍ୱର, ୯।୯(ବ୍ୟୁରୋ)**

ରାଜ୍ୟର ପ୍ରମୁଖ ନଦୀରେ ବନ୍ୟାଜଳ ଫୁଲିବାରେ ଲାଗିଛି । କେତେକ ନଦୀରେ ବନ୍ୟାଜଳ ବିପଦସଙ୍କେତ ନିକଟରେ ପ୍ରବାହିତ ହେଉଥିବା ବେଳେ ଆଉ କେତେକ ସ୍ଥାନରେ ବନ୍ୟାପାଣି ବଢ଼ି ଚାଲିଛି। ଦିନେ ଦୁଇଦିନ ମଧ୍ୟରେ ବର୍ଷା ପରିମାଣ ବୃଦ୍ଧି ହେଲେ ବନ୍ୟା ପରିସ୍ଥିତି ଗମ୍ଭୀର ହେବାର ସମ୍ଭାବନା ରହିଛି। ପାଣିପାଗ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୧୩ଟି ଜିଲାର ଅଳ୍ପ କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ତେବେ ଆସନ୍ତା ୧୨ ତାରିଖରୁ ବର୍ଷା ପରିମାଣ ବୃଦ୍ଧି ପାଇବ। ଓଡ଼ିଶା ଉପକୂଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଉତ୍ତର ଏବଂ ପଶ୍ଚିମ ଓଡ଼ିଶାରେ ବର୍ଷା ପରିମାଣ ବୃଦ୍ଧି ପାଇବ। ୧୩ ଏବଂ ୧୪ ତାରିଖରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ନଦୀରେ ବନ୍ୟାଜଳ ପୁଣି ଫୁଲିବ ବୋଲି ଅନୁମାନ କରାଯାଉଛି।

ଜଳ ସମ୍ପଦ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ମହାନଦୀ, କୁଶଭଦ୍ରା, ଦେବୀ, ବ୍ରାହ୍ମଣୀ ଏବଂ ସୁବର୍ଣ୍ଣରେଖା ନଦୀର ବନ୍ୟା ଜଳ ବୃଦ୍ଧି ପାଉଥିବା ବେଳେ ବଂଶଧରା, ଋଷିକୁଲ୍ୟା ଓ ବୁଢାବଳଙ୍ଗ ନଦୀର ବନ୍ୟା ଜଳ ସ୍ଥିର ରହିଛି। ମହାନଦୀର ଟିକରପଡା ଓ ନରାଜଠାରେ ବନ୍ୟାଜଳ ବୃଦ୍ଧି ପାଉଥିବା ବେଳେ କୁଶଭଦ୍ରାର ନିମାପଡା, ଦେବୀ ନଦୀର ଆଳିପିଙ୍ଗଳ, ବ୍ରାହ୍ମଣୀର ଇନ୍ଦୁପୁର, ସୁବର୍ଣ୍ଣରେଖାର ଜାମଶୋଳାଘାଟ ଓ ରାଜଘାଟଠାରେ ବନ୍ୟାଜଳ ସତର୍କ ସୂଚନା ଉପରେ ପ୍ରବାହିତ ହେଉଛି। ତେବେ ରାଜ୍ୟର ପ୍ରମୁଖ ଜଳଭଣ୍ଡାରଗୁଡ଼ିକରେ ମଧ୍ୟ ଜଳସ୍ତର ବୃଦ୍ଧି ପାଉଛି। ହୀରାକୁଦରେ ଜଳସ୍ତର ୬୨୫.୫୪ ଫୁଟ ରହିଥିବା ବେଳେ ରେଙ୍ଗାଳି ୧୨୨.୫୨ ମିଟର, ବାଲିମେଳା ୧୫୦୧.୭ ଫୁଟ, ମାଛକୁଣ୍ଡ ୨୭୪୮.୪ ଫୁଟ, ଅପରକୋଲାବ ୮୫୫.୫ ମିଟର, ଇନ୍ଦ୍ରାବତୀ ଜଳଭଣ୍ଡାରରେ ୬୪୦.୮୩ ମିଟର ଜଳ ସ୍ତର ରହିଛି। ବନ୍ୟାଜଳ ବୃଦ୍ଧି ପାଉଥିଲେ ମଧ୍ୟ ବନ୍ୟା ☞ପୃଷ୍ଠା-୪

**ବିଶ୍ୱ ଭାରୋତ୍ତୋଳନ ଚାମ୍ପିୟନଶିପ୍**

# ଭାରତୀୟ ଦଳରେ ଓଡ଼ିଶାର ସ୍ନେହା, ଝିଲ୍ଲୀ



ସ୍ନେହା

ଭୁବନେଶ୍ୱର, ୯।୯(କ୍ରୀଡ଼ା ପ୍ରତିନିଧି)

ଥାଇଲାଣ୍ଡର ପଟ୍ଟାୟାଠାରେ ବିଶ୍ୱ ଭାରୋତ୍ତୋଳନ ଚାମ୍ପିୟନଶିପ୍ ଚଳିତ ମାସ ୧୮ରୁ ୨୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ୨୦୨୦ ଟୋକିଓ ଅଲିମ୍ପିକ୍ସର ଯୋଗ୍ୟତା ପର୍ଯ୍ୟାୟ ଇଭେଣ୍ଟଭାବେ ବିବେଚିତ ହେଉଥିବା ଏହି ପ୍ରତିଯୋଗିତା ପାଇଁ ସୋମବାର ଘୋଷିତ ଭାରତୀୟ ମହିଳା ଦଳରେ ଓଡ଼ିଶାର ଝିଲ୍ଲୀ ଦଳବେହେରା ଓ ସ୍ନେହା ସୋରେନ ସ୍ଥାନ ପାଇଛନ୍ତି। ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ଜିତିଥିବା ଝିଲ୍ଲୀ ୪୫ କେଜି ଓ ସ୍ନେହା ୫୫ କେଜି ବିଭାଗରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ମହିଳା ଦଳରେ ସ୍ଥାନ ପାଇଥିବା ଅନ୍ୟ ଭାରୋତ୍ତୋଳିକାମାନେ ହେଲେ ପୂର୍ବତନ ଚାମ୍ପିୟନ ମୀରାବାଇ ଚାନୁ(୪୯ କେଜି) ଓ ରାଖି ହାଲଦାର(୬୪ କେଜି)। ପୁରୁଷ ବିଭାଗରେ ରାଜ୍ୟଗୋଷ୍ଠୀ ଚାମ୍ପିୟନଶିପ୍ ଗୋଲ୍ଡ ମେଡାଲିଷ୍ଟ ଅଜୟ ସିଂ(୮୧ କେଜି), ଜାତୀୟ ☞ପୃଷ୍ଠା-୪



ଝିଲ୍ଲୀ

**ଆଜିର ସମ୍ପାଦକୀୟ**

ବାତିଲ ଶୁଭଙ୍କର

**ଆଜିର ମନ୍ତବ୍ୟ**

"ଜୀବନବ୍ୟାପୀ କ୍ୟାରିଅର କରିବାକୁ ମୁଁ କଂଗ୍ରେସରେ ଯୋଗଦେଇ ନ ଥିଲି।

-ଶଶୀ ଥରୁର୍, ବରିଷ୍ଠ କଂଗ୍ରେସ ନେତା

**କିଛି ତଥ୍ୟ**

ଚଳିତ ବର୍ଷ ଏପ୍ରିଲ-ଜୁଲାଇ ସମୟ ମଧ୍ୟରେ ଦେଶରୁ ଚାଉଳ ରପ୍ତାନି ୨୬.୫% ହ୍ରାସ ଘଟି ୩.୧୪ ନିୟୁତ ଟନ୍ ରହିଛି।

- କୃଷି ଏବଂ ପ୍ରକ୍ରିୟାକୃତ ଖାଦ୍ୟ ସାମଗ୍ରୀ ରପ୍ତାନି ଉନ୍ନତୀକରଣ କର୍ତ୍ତୃପକ୍ଷ


କଳିଙ୍ଗ ଷ୍ଟାଡିୟମରେ ଅଲିମ୍ପିକ୍ କ୍ୱାଲିଫାୟର୍ସ ହକି

........୧୫........






NATIONAL EGG CO-ORDINATION COMMITTEE | 09.09.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 57 | 102 | 112 |
| CTC | 57 | 102 | 112 |
| DKL | 57 | 102 | 112 |
| BDK | 58 | 103 | 113 |
| BLS | 59 | 105 | 115 |
| ANG | 57 | 102 | 112 |
| BHM | 54 | 98 | 108 |

*Conditions Apply

Eggs Retail Price- 42/-Dozen

Issued in the Interest of Consumers


**ଅଟୋ ସେକ୍ଟରରେ ମାନ୍ଦାବସ୍ଥା ଜାରି**

# ଅଗଷ୍ଟରେ ସର୍ବାଧିକ ଗାଡ଼ି ବିକ୍ରି ହ୍ରାସ

ନୂଆଦିଲ୍ଲୀ,୯।୯

ଅଟୋ ସେକ୍ଟରରେ ମାନ୍ଦାବସ୍ଥା ମାଡ଼ କମ୍ପାନୀଗୁଡ଼ିକର ଆର୍ଥିକ ସ୍ଥିତିକୁ ତଳିତଳାନ୍ତ କଲାଣି। କ୍ରମାଗତ ଦଶମ ମାସ ହେଲା ଗାଡ଼ି ବିକ୍ରି ହ୍ରାସ ପାଇ ଚାଲିଛି। ଗାଡ଼ି ନିର୍ମାଣକାରୀ ସଂଗଠନ ସିଆମ ପକ୍ଷରୁ ପ୍ରଦତ୍ତ ତଥ୍ୟ ଅନୁଯାୟୀ, ଅଗଷ୍ଟରେ ପାସେଞ୍ଜର ଗାଡ଼ି ବିକ୍ରି ଗତବର୍ଷର ଏହି ଅବଧି ତୁଳନାରେ ଅତ୍ୟନ୍ତ କମ୍ ରହିଛି। ପ୍ରାୟ ସମସ୍ତ କମ୍ପାନୀର ଗାଡ଼ି(ଦୁଇ, ତିନି ଓ ୪ ଚକିଆ) ବିକ୍ରି ସର୍ବାଧିକ ହ୍ରାସ ପାଇଛି। ସିଆମ ତଥ୍ୟ ଅନୁଯାୟୀ, ଅଗଷ୍ଟରେ ପାସେଞ୍ଜର ଗାଡ଼ି ବିକ୍ରି ଗତବର୍ଷ ଅପେକ୍ଷା ୩୧.୫୭ ପ୍ରତିଶତ ହ୍ରାସ ପାଇ ୧,୯୬,୫୨୪ ରହିଛି। ଗତବର୍ଷ ଏହି ସମୟରେ ୨,୮୭, ୧୯୮ ଗାଡ଼ି ବିକ୍ରି ହୋଇଥିଲା। ଗାଡ଼ି ବିକ୍ରିର ଏହା ଦୀର୍ଘ ୨୧ ବର୍ଷର ସର୍ବନିମ୍ନ ସ୍ତର। ୧୯୯୭-୯୮ପରେ ଗାଡ଼ି ବିକ୍ରି ଅଗଷ୍ଟ ମାସରେ ସର୍ବନିମ୍ନ ସ୍ତର ଛୁଇଁଛି। ☞ପୃଷ୍ଠା-୪

## ୧୮ ଦିନ କାମ ବନ୍ଦ କଲା ଅଶୋକ ଲେଲାଣ୍ଡ

ଅଟୋ ସେକ୍ଟରରେ ଦେଖାଦେଇଥିବା ମାନ୍ଦାବସ୍ଥା ଯୋଗୁ ଚିନ୍ତିତ କମ୍ପାନୀଗୁଡ଼ିକ କାର୍ଯ୍ୟ ସମୟ ହ୍ରାସ କରିବା ଭଳି ଉପାୟ ଆପଣାଇବା ଆରମ୍ଭ କଲେଣି। ମାରୁତି ତା'ର ଗୁରୁଗ୍ରାମ ଓ ମାନେସର ସ୍ଥିତ ଦୁଇଟି ପ୍ଲାଣ୍ଟରେ କାମ ବନ୍ଦ କରିବାକୁ ନିଷ୍ପତ୍ତି ନେବା ପରେ ଏବେ ହିନ୍ଦୁଜା ଗ୍ରୁପ୍ କମ୍ପାନୀ ଅଶୋକ ଲେଲ୍ୟାଣ୍ଡ ଚଳିତ ମାସରେ ନିଜର ସମସ୍ତ କାରଖାନାରେ ୫ରୁ ୧୮ ଦିନ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ କରିବାକୁ ଯାଉଛି। ଚାହିଦା ହ୍ରାସ ପାଉଥିବାରୁ କାମ ବନ୍ଦ କରିବାକୁ କମ୍ପାନୀ ବାଧ୍ୟ ହୋଇଛି ବୋଲି ଏକ ବିବୃତି ଜାରି କରି କୁହାଯାଇଛି। ପ୍ରାପ୍ତ ସୂଚନା ଅନୁଯାୟୀ, କମ୍ପାନୀର ପନ୍ତନଗର କାରଖାନାରେ ସର୍ବାଧିକ ୧୮ ଦିନ କାମ ବନ୍ଦ ରହିବ। ଏହାଛଡ଼ା ଅଲ୍‌ୱରରେ ୧୦ ଦିନ, ଭଣ୍ଡାରାରେ ୧୦ ଦିନ, ଏନ୍ନୋରରେ ୧୬ ଦିନ ଏବଂ ହୋସୁର୍ କାରଖାନାରେ ୫ ଦିନ କାର୍ଯ୍ୟବନ୍ଦ ରଖିବାକୁ କମ୍ପାନୀ ନିଷ୍ପତ୍ତି ନେଇଛି। ସୂଚନାଥାଉ କି, ଦେଶର ଅଟୋ ସେକ୍ଟରରେ ଦେଖାଦେଇଥିବା ମାନ୍ଦାବସ୍ଥା ଅତ୍ୟନ୍ତ ଗୁରୁତର ହୋଇଛି। ଦେଶର ସର୍ବବୃହତ ଗାଡ଼ି ନିର୍ମାତା ମାରୁତି ଇତିମଧ୍ୟରେ ପ୍ରାୟ ୩ ହଜାର ଅସ୍ଥାୟୀ କର୍ମଚାରୀଙ୍କୁ ଛଟେଇ କରିସାରିଲାଣି। ଅନ୍ୟମାନେ ମଧ୍ୟ ସମାନ ପଦକ୍ଷେପ ନେଉଛନ୍ତି। କାରଖାନାରେ କାମ ବନ୍ଦ କରିବା ପୂର୍ବରୁ ଅଶୋକ ଲେଲ୍ୟାଣ୍ଡ ଚାକିରି ଛାଡ଼ିବା ଲାଗି କର୍ମଚାରୀଙ୍କୁ ପ୍ରସ୍ତାବ ଦେଇଥିଲା। କମ୍ପାନୀ ପକ୍ଷରୁ ସେମାନଙ୍କୁ ସ୍ୱେଚ୍ଛାକୃତ ଅବସର ଯୋଜନା(ଭିଆର୍‌ଏସ୍) ଏବଂ କର୍ମଚାରୀ ପୃଥକ ହେବା ଯୋଜନା(ଇଏସ୍‌ଏସ୍) ଆପଣାଇବାକୁ ପ୍ରସ୍ତାବ ଦିଆଯାଇଛି। ସୂଚନାଥାଉ କି, ଅଶୋକ ଲେଲ୍ୟାଣ୍ଡ ମୁଖ୍ୟତଃ କମର୍ସିଆଲ ଗାଡ଼ି ନିର୍ମାଣ କରିଥାଏ। ଅଗଷ୍ଟରେ କମ୍ପାନୀ ୯୨୩୧ ଗାଡ଼ି ବିକ୍ରି କରିପାରିଥିଲା, ଯାହା କି ପୂର୍ବବର୍ଷ ତୁଳନାରେ ୪୭% କମ୍। ଗତବର୍ଷ ଏହି ସମୟରେ କମ୍ପାନୀ ୧୭,୩୮୬ ଗାଡ଼ି ବିକ୍ରି କରିଥିଲା। କମ୍ପାନୀ ପକ୍ଷରୁ ଏକ ବୟାନ ଜାରି କରି କୁହାଯାଇଛି ଯେ, ମଧ୍ୟମ ଏବଂ ଭାରି ବାଣିଜ୍ୟିକ ଗାଡି ବିକ୍ରି ଚଳିତ ମାସରେ ହ୍ରାସ ପାଇ ୫୩୪୯ ରହିଛି।






"ମ୍ୟାଲେରିଆ ନିରାକରଣକୁ କେନ୍ଦ୍ର ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି।
- ହର୍ଷବର୍ଦ୍ଧନ, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ



■ ଭାରତୀୟ ସେନାର ଦୃଢ଼ କାର୍ଯ୍ୟାନୁଷ୍ଠାନ

# ପିଓକେରେ ଆତଙ୍କବାଦୀ ଲଞ୍ଚପ୍ୟାଡ୍ ଧ୍ୱଂସ

ନୂଆଦିଲ୍ଲୀ, ୯।୯



ଭାରତୀୟ ସେନା କାର୍ଯ୍ୟାନୁଷ୍ଠାନରେ ପିଓକେରେ ଥିବା ପାକ୍ ସେନାର ଏକ ଶିବିର ଓ ଆତଙ୍କବାଦୀଙ୍କ ଲଞ୍ଚପ୍ୟାଡ୍ ଧ୍ୱଂସ ହୋଇଛି। ଆତଙ୍କବାଦୀଙ୍କୁ ଭାରତରେ ଅନୁପ୍ରବେଶ ଲାଗି ପାକିସ୍ତାନ ସେନା ପକ୍ଷରୁ ସୁରକ୍ଷା ଓ ପ୍ରୋତ୍ସାହନ ଦିଆଯାଉଥିଲା। ପିଓକେର ଲୀପା ଉପତ୍ୟକାରେ ଥିବା ପାକିସ୍ତାନର ଗୁପ୍ତ ଆଡ୍ଡା ଉପରେ ସୋମବାର ଭାରତୀୟ ସେନା କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ପାକିସ୍ତାନ ସେନା ଶିବିରକୁ ଲାଗିକରି ଏହି ଲଞ୍ଚପ୍ୟାଡ୍‌ଟି ଥିଲା। ପାକ୍ ସେନା ସହାୟତାରେ ଆତଙ୍କବାଦୀମାନେ ଏହିଠାରୁ ସୀମାନ୍ତ ଗ୍ରାମଗୁଡ଼ିକରେ ଆକ୍ରମଣ ଜାରି ରଖିଥିଲେ। ଗୁଳିଗୋଳା ବର୍ଷଣ ଓ ମୋର୍ଟାର ଆକ୍ରମଣ କରି ସେଠାରେ ଆତଙ୍କ ସୃଷ୍ଟି କରୁଥିଲେ।

ପିଓକେରେ ଜମାତ୍-ଇ-ଇସ୍‌ଲାମି ଓ ଅନ୍ୟ ଆତଙ୍କବାଦୀମାନେ କ୍ୟାମ୍ପକରି ଜେହାଦୀଙ୍କୁ ପ୍ରଶିକ୍ଷଣ ଦେଉଥିବା ଜଣାପଡ଼ିଛି। ଏଥିସହ ରାୱଲକୋଟର ତାର୍‌ନୁଟି ଓ ପୋଥିବାଲାରେ ଆତଙ୍କବାଦୀଙ୍କୁ ପ୍ରଶିକ୍ଷଣ ଦିଆଯାଉଛି। ପାକ୍ ସେନା ସହାୟତାରେ ଜୈଶ୍-ଇ-ତୋଇବା, ହିଜ୍‌ବୁଲ ମୁଜାହିଦ୍ଦିନ, ଲଶ୍କର-ଇ-ତୋଇବା ଆତଙ୍କବାଦୀ ସଙ୍ଗଠନ ଏଠାରେ ସକ୍ରିୟ ରହିଛନ୍ତି। ନିୟନ୍ତ୍ରଣରେଖା ପାର୍‌ହୋଇ ଏମାନେ ଭାରତରେ ପଶିବାକୁ ଉଦ୍ୟମ ଜାରି ରଖିଛନ୍ତି। ଗୋଇନ୍ଦା ରିପୋର୍ଟ ମୁତାବକ ପାକ୍ ସେନା ଓ ଆଇଏସ୍‌ଆଇ ପିଓକେରେ ଆତଙ୍କବାଦୀ ଶିବିର ସଂଖ୍ୟା ବୃଦ୍ଧି କରିବା ସହ ଏହାର କାର୍ଯ୍ୟକଳାପ ବଢାଇବାରେ ଲାଗିଛନ୍ତି। ପିଓକେରେ ପ୍ରାୟ ୧୮ ଆତଙ୍କବାଦୀ ଶିବିର ଓ ଲଞ୍ଚପ୍ୟାଡ୍ କାର୍ଯ୍ୟକ୍ଷମ ରହିଛି। ନିୟନ୍ତ୍ରଣରେଖା ଡ଼େଇଁ ଏମାନେ ଭାରତ ଭିତରକୁ ପ୍ରବେଶ କରିବା ଅପେକ୍ଷାରେ ରହିଛନ୍ତି। ଜମ୍ମୁ-କଶ୍ମୀରରେ ମୁତୟନ ହୋଇଥିବା ଭାରତୀୟ ସେନା ଶିବିର ଓ ବିଭିନ୍ନ ଧର୍ମପୀଠକୁ ଟାର୍ଗେଟ କରିବା ଲାଗି ପାକ୍‌ସେନା ପକ୍ଷରୁ ସେମାନଙ୍କୁ ନିର୍ଦ୍ଦେଶ ରହିଛି। ୩୭୦ ଧାରା ଉଚ୍ଛେଦ ହେବା ପରେ ପାକିସ୍ତାନର ଅଭିଯୋଗକୁ ଅନ୍ତର୍ଜାତୀୟ ସମୁଦାୟ କୋଣଠେସା କରିବା ପରେ କଶ୍ମୀରରେ ରକ୍ତ ନଦୀ ବୁହାଇବା ଲାଗି ଆତଙ୍କବାଦୀମାନେ ପ୍ରୟାସ କରୁଥିବା ଜଣାପଡ଼ିଛି। ଭାରତର ଜବାବୀ କାର୍ଯ୍ୟାନୁଷ୍ଠାନ ପାକିସ୍ତାନର ଅସଲ ମୁଖା ଖୋଲିଦେଇଛି।

## ସେନା ଶିବିରରେ ଆକ୍ରମଣ ଲାଗି ଲଶ୍କରର ଯୋଜନା


ନୂଆଦିଲ୍ଲୀ, ୯।୯

ଜମ୍ମୁ-କଶ୍ମୀରର ସେନା କ୍ୟାମ୍ପ ଉପରେ ଆକ୍ରମଣ ଲାଗି ପାକିସ୍ତାନ ସମର୍ଥିତ ଆତଙ୍କବାଦୀ ସଙ୍ଗଠନ ଲଶ୍କର-ଇ-ତୋଇବା ଯୋଜନା କରୁଛି। ସାମ୍ବା ଜିଲାର ବାରି ବ୍ରାହ୍ମଣ କ୍ୟାମ୍ପ, ଜମ୍ମୁର ସୁଞ୍ଜୱାନ୍ ଓ କାଲୁଚକ୍ ସେନା ଶିବିର ଉପରେ ଆକ୍ରମଣ କରାଯିବାର ଆଶଙ୍କା ରହିଛି। ୪ ଲଶ୍କର-ଇ-ତୋଇବା ଆତଙ୍କବାଦୀ ଭାରତ ଭିତରକୁ ପଶି ଆସିଥିବାବେଳେ ସେନାରେ ଏଥିଲାଗି ପ୍ରସ୍ତୁତି ଚଳାଇଥିବା ଗୋଇନ୍ଦା ରିପୋର୍ଟରୁ ଜଣାପଡ଼ିଛି। ସେହିଭଳି ସୋପିଆନ୍ ଅଞ୍ଚଳ ଦେଇ ଅଧିକ ଆତଙ୍କବାଦୀ ଭାରତ ଭିତରକୁ ପଶିବାର ଆଶଙ୍କା ରହିଥିବା ମଧ ଦର୍ଶାଯାଇଛି। ନିୟନ୍ତ୍ରଣରେଖା ନିକଟରେ ଶତାଧିକ ଆତଙ୍କବାଦୀ ଅନୁପ୍ରବେଶ ଅପେକ୍ଷାରେ ରହିଥିବାବେଳେ ଭାରତ ଲାଗି ଏହା ଚିନ୍ତାର କାରଣ ପାଲଟିଛି। ଏଥିସହ ଆଇଏସ୍‌ଆଇ ପକ୍ଷରୁ ଆତଙ୍କବାଦୀଙ୍କୁ ବିଭିନ୍ନ ଧର୍ମପୀଠ ଉପରେ ଆକ୍ରମଣ କରିବାକୁ ମଧ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି। କଶ୍ମୀରରେ ହିଂସାକାଣ୍ଡ ଭିଆଇବା ଓ ସେଠାକାର ଲୋକଙ୍କ ମନରେ ଧର୍ମକୁ ନେଇ ବିଷ ମଞ୍ଜି ବୁଣିବା ପାକିସ୍ତାନର ଉଦ୍ଦେଶ୍ୟ। ୩୭୦ ଧାରା ଉଚ୍ଛେଦ ପରେ ସ୍ଥିତି ସମ୍ଭାଳିବା ଲାଗି ଜମ୍ମୁ-କଶ୍ମୀରକୁ ଅଧିକ ଫୋର୍ସ ପଠାଯାଇଥିବାବେଳେ ଆତଙ୍କବାଦୀମାନେ ଆଇଏସ୍‌ଆଇର ପ୍ରରୋଚନାରେ ସେନା ଶିବିର ଓ ବିଭିନ୍ନ ଧାର୍ମିକ ସ୍ଥଳକୁ ଟାର୍ଗେଟ କରିପାରନ୍ତି। ଏଥିପାଇଁ ବିଭିନ୍ନ ସ୍ଥାନରେ ସୁରକ୍ଷା ବୃଦ୍ଧି ସହ ସତର୍କ ରହିବା ଲାଗି ପରାମର୍ଶ ଦିଆଯାଇଛି।

## ବ୍ୟାଟ୍‌'ର ଅନୁପ୍ରବେଶ ଉଦ୍ୟମକୁ ପଣ୍ଡ କରିଥିଲା ଭାରତୀୟ ସେନା

ଜମ୍ମୁ, ୯।୯

ଭିଡିଓ ଜାରିହେଲା



୩୭୦ ଧାରା ଉଚ୍ଛେଦ ପରେ ହତୋତ୍ସାହିତ ହୋଇପଡ଼ିଥିବା ପାକିସ୍ତାନର ଗୋଟିଏ ପରେ ଗୋଟିଏ ହୀନ ଚକ୍ରାନ୍ତ ପଦାକୁ ଆସୁଛି। ଗତ ଅଗଷ୍ଟ ମାସ ପ୍ରଥମ ସପ୍ତାହରେ ପାକିସ୍ତାନର ବ୍ୟାଟ୍ (ବର୍ଡର ଆକ୍ସନ୍ ଟିମ୍) ସ୍କ୍ୱାଡ୍ ଜମ୍ମୁ-କଶ୍ମୀରର କୁପ୍‌ୱାଡ଼ା ଜିଲାର କେରନ୍ ସେକ୍ଟରରେ ଅନୁପ୍ରବେଶ ଲାଗି ପ୍ରୟାସ କରିଥିବାବେଳେ ଭାରତୀୟ ସେନା ଜବାବୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଏନେଇ ସୋମବାର ଭିଡିଓ ଜାରି କରାଯାଇଛି। ଭିଡିଓରେ ପାକ୍ ସେନା ଓ ଆତଙ୍କବାଦୀଙ୍କ ମୃତଦେହ ଓ ବ୍ୟାପକ ଅସ୍ତ୍ରଶସ୍ତ୍ର ଦେଖିବାକୁ ମିଳିଛି। ପିଓକେରେ ୧୨ରୁ ଅଧିକ ଆତଙ୍କବାଦୀ ଶିବିର ପାକ୍ ପ୍ରୋତ୍ସାହନରେ ଚାଲିଥିବା ଖବର ମିଳିବା ପରେ ସେନା ସଜାଗ୍ ହୋଇପଡ଼ିଥିଲା। କଶ୍ମୀରକୁ ନେଇ ପାକ୍ ପ୍ରଧାନମନ୍ତ୍ରୀଙ୍କ ମନ୍ତବ୍ୟ ଓ ଭାରତ ବିରୋଧୀ ହୀନ ଚକ୍ରାନ୍ତକୁ ଆଖିଆଗରେ ରଖି ସମ୍ଭାବ୍ୟ ଆତଙ୍କବାଦୀ ଆକ୍ରମଣ ପୂର୍ବରୁ ସତର୍କତା ଅବଲମ୍ବନ କରାଯାଇଥିଲା। ବ୍ୟାଟ ଅନୁପ୍ରବେଶ ଉଦ୍ୟମ ବେଳେ ଭାରତୀୟ ସେନା ଏହାର ଦୃଢ଼ ଜବାବ୍‌ଦେଇଥିଲା ବୋଲି କୁହାଯାଇଛି।

## ଆଝାରଙ୍କୁ ମୁକ୍ତ କଲା ପାକ୍

ନୂଆଦିଲ୍ଲୀ, ୯।୯

କଶ୍ମୀରରେ ଅସ୍ଥିରତା ସୃଷ୍ଟି ଦାୟିତ୍ୱ

ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା ଲାଗିରହିଥିବାବେଳେ ଇସ୍‌ଲାମାବାଦ ଗୋପନରେ ଜୈଶ୍-ଇ-ମହମ୍ମଦ(ଜେଇଏମ୍) ମୁଖ୍ୟ ମାସୁଦ ଆଝାରଙ୍କୁ ହାଜତରୁ ମୁକ୍ତ କରିଦେଇଛି। କଶ୍ମୀରରେ ଆତଙ୍କବାଦୀ କାର୍ଯ୍ୟ ଚଳାଇ ଅସ୍ଥିରତା ସୃଷ୍ଟି



କରିବାକୁ ତାଙ୍କୁ ମୁକ୍ତ କରାଯାଇଥିବା ଜଣାପଡିଛି। ଜେଇଏମ୍‌ର ଅଣ୍ଡରୱାଟର ଶାଖା ଭାରତରେ ଆକ୍ରମଣ କରିବା ପାଇଁ ତାଲିମ ନେଉଥିବା ସମ୍ପର୍କରେ ଗୋଇନ୍ଦା ବିଭାଗ ନୌସେନାକୁ ସତର୍କ କରାଇଥିଲା। ସମୁଦ୍ର ପଥରେ ଯେପରି ଆତଙ୍କବାଦୀ ଭାରତରେ ପ୍ରବେଶ କରି ନ ପାରନ୍ତି ସେଥିପାଇଁ ନୌସେନା ମୁଖ୍ୟ ଆଡମିରାଲ କରମବୀର ସିଂ ତଟସୁରକ୍ଷା ଦାୟିତ୍ୱରେ ଥିବା ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ୨୦୧୯ ମେ ମାସରେ ଆଝାରଙ୍କୁ ଆତଙ୍କବାଦୀ ଘୋଷଣା କରିଥିଲା ଜାତିସଂଘ। ଭାରତରେ ବିଭିନ୍ନ ଆତଙ୍କବାଦୀ ଆକ୍ରମଣ ସହ ସେ ଜଡିତ।

## ଦକ୍ଷିଣ ଭାରତରେ ଆତଙ୍କବାଦୀ ଆକ୍ରମଣ ଆଶଙ୍କା

ନୂଆଦିଲ୍ଲୀ, ୯।୯

ଗୋଇନ୍ଦା ସୂଚନା ପରେ ସେନା ସତର୍କ

ଦକ୍ଷିଣ ଭାରତରେ ସମ୍ଭାବ୍ୟ ଆତଙ୍କବାଦୀ ଆକ୍ରମଣକୁ ଦୃଷ୍ଟିରେ ରଖି ସେନା ପକ୍ଷରୁ ସତର୍କତା ଅବଲମ୍ବନ କରାଯିବା ସହ ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଇଛି। କେତେକ ପାକିସ୍ତାନ ସମର୍ଥିତ ଆତଙ୍କବାଦୀ ଦକ୍ଷିଣ ଭାରତରେ ପଶି ଆକ୍ରମଣ କରିପାରନ୍ତି ବୋଲି ଗୋଇନ୍ଦା ବିଭାଗ ପକ୍ଷରୁ ସୋମବାର ସେନାକୁ ସୂଚନା ଦିଆଯାଇଥିଲା। ଗୁଜରାଟ ଉପକୂଳର ସାର୍ କ୍ରିକ୍ ଅଞ୍ଚଳରୁ କେତେକ ପରିତ୍ୟକ୍ତ ବୋଟ୍ ମିଳିବା ପରେ ଏଭଳି ସନ୍ଦେହ ସୃଷ୍ଟି ହୋଇଥିବା ଜଣାପଡ଼ିଛି। ଦକ୍ଷିଣ ଭାରତର ଉପକୂଳ ଅଞ୍ଚଳ ସୁରକ୍ଷା ବୃଦ୍ଧି ଉପରେ ଗୁରୁତ୍ୱ ଦେବା ଲାଗି ପରାମର୍ଶ ଦିଆଯାଇଛି। ସମ୍ଭାବ୍ୟ ବିପଦକୁ ଆଖି ଆଗରେ ରଖି ପଦକ୍ଷେପ ଗ୍ରହଣ କରାଯାଇଥିବା ସଦର୍ନ କମାଣ୍ଡର ଜେନେରାଲ ଅଫିସର୍ କମାଣ୍ଡିଂ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଏସ୍.କେ. ସାଇନା ପ୍ରକାଶ କରିଛନ୍ତି। ଦକ୍ଷିଣ ଭାରତ ସହ ଭାରତ-ପାକ୍ ସୀମାରେ ସେନା ସଜାଗ୍ ରହିଥିବା ସେ ପ୍ରକାଶ କରିଛନ୍ତି।

## କମଲନାଥଙ୍କ ଅଡୁଆ ବଢ଼ିଲା

ନୂଆଦିଲ୍ଲୀ, ୯।୯(ଆଇଏଏନ୍‌ଏସ୍)

୧୯୮୪ ଦଙ୍ଗା ମାମଲାର ପୁନଃତଦନ୍ତ ହେବ



୧୯୮୪ ଶିଖ୍ ବିରୋଧୀ ଦଙ୍ଗା ମାମଲା ଫାଇଲ ପୁଣି ଥରେ ଖୋଲିବା ପ୍ରସ୍ତାବକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ମଞ୍ଜୁରୀ ଦେବା ପରେ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଳନାଥଙ୍କ ଅଡୁଆ ବଢ଼ିଯାଇଛି। କମଳନାଥଙ୍କ ବିରୋଧରେ ମାମଲା ଚାଲିବ ବୋଲି ଦିଲ୍ଲୀର ଶିରୋମଣି ଅକାଳୀ ଦଳ ବିଧାୟକ ମନିନ୍ଦର ସିଂ ସିର୍ସା ସୂଚନା ଦେଇଛନ୍ତି। କମଳନାଥଙ୍କ ବିରୋଧରେ ମାମଲାର ଫାଇଲ ପୁଣିଥରେ ଖୋଲୁଥିବାରୁ ଅକାଳୀ ଦଳର ଏହା ବଡ଼ ବିଜୟ ବୋଲି ସେ କହିଛନ୍ତି।

ଦିଲ୍ଲୀ ଶିଖ୍ ଗୁରୁଦ୍ୱାରା ପରିଚାଳନା କମିଟି ଅଧ୍ୟକ୍ଷ ଥିବା ସିର୍ସା କହିଛନ୍ତି, କମଳନାଥଙ୍କ ବିରୋଧରେ ଥିବା ଅଭିଯୋଗର ତଦନ୍ତ ଏସ୍‌ଆଇଟି କରିବ। କମଳନାଥ ଶିଖ୍‌ମାନଙ୍କୁ ହତ୍ୟା କରିଥିବା ଘଟଣାରେ ଯେଉଁମାନେ ପ୍ରତ୍ୟକ୍ଷଦର୍ଶୀ ସେମାନେ ନିର୍ଭୟରେ ଆସି ସାକ୍ଷ୍ୟ ଦେବା ପାଇଁ ସିର୍ସା ଟୁଇଟ୍ କରି ଅନୁରୋଧ କରିଛନ୍ତି। କମଳନାଥ ଖୁବ୍‌ଶୀଘ୍ର ଗିରଫ ହେବେ ଓ ସଜ୍ଜନ କୁମାର ଦଶା ଭୋଗିବେ ବୋଲି ଅକାଳୀ ନେତା କହିଛନ୍ତି।

ଶିଖ୍ ବିରୋଧୀ ଦଙ୍ଗା ମାମଲାରେ ଦୋଷୀସାବ୍ୟସ୍ତ ବରିଷ୍ଠ କଂଗ୍ରେସ ନେତା ସଜ୍ଜନ କୁମାର ଆଜୀବନ ଜେଲ୍‌ଦଣ୍ଡ ଭୋଗୁଛନ୍ତି। ୧୯୮୪ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ତାଙ୍କ ଶିଖ୍ ଅଙ୍ଗରକ୍ଷୀ ହତ୍ୟା କରିବା ପରେ ଦିଲ୍ଲୀ ସମେତ ବିଭିନ୍ନ ସ୍ଥାନରେ ଶିଖ୍ ବିରୋଧୀ ଦଙ୍ଗା ସୃଷ୍ଟି ହୋଇଥିଲା। ଶିଖ୍‌ମାନଙ୍କୁ ନ୍ୟାୟ ଦେବାକୁ ହେଲେ କମଳନାଥଙ୍କୁ ଇସ୍ତଫା ଦେବା ପାଇଁ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ କୁହନ୍ତୁ ବୋଲି ଅକାଳୀ ନେତା ଅନୁରୋଧ କରିଛନ୍ତି।

ଅନ୍ୟପକ୍ଷରେ ମଧ୍ୟପ୍ରଦେଶ କଂଗ୍ରେସରେ ଅନ୍ତର୍ଦ୍ୱନ୍ଦ୍ୱକୁ ନେଇ ଦଳ ଅଧ୍ୟକ୍ଷା ଉଭୟ କମଳନାଥ ଓ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ ଦିଲ୍ଲୀ ଡାକିଛନ୍ତି। ମଙ୍ଗଳବାର ଓ ବୁଧବାର ସେମାନଙ୍କ ସହ ସୋନିଆ ପୃଥକ୍ ଭାବେ ଆଲୋଚନା କରିବେ।

## ଭାଜପାକୁ ଫେରିଲେ କଲ୍ୟାଣ ସିଂ

ଲକ୍ଷ୍ନୌ, ୯।୯ (ପି.ଟି.)

ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ କଲ୍ୟାଣ ସିଂ ସୋମବାର ପୁଣି ଭାଜପାରେ ଯୋଗ ଦେଇଛନ୍ତି। ରାଜସ୍ଥାନର ରାଜ୍ୟପାଳ ଭାବେ



କାର୍ଯ୍ୟକାଳ ଶେଷ ହେବା ପରେ ସେ ୟୁପି ଭାଜପା ମୁଖ୍ୟ ସ୍ୱତନ୍ତ୍ର ଦେବ ସିଂଙ୍କ ଉପସ୍ଥିତିରେ ଦଳର ପ୍ରାଥମିକ ସଦସ୍ୟ ପଦ ଗ୍ରହଣ କରିଛନ୍ତି। ତାଙ୍କ ପୁଅ ରାଜବୀର ସିଂ ଏବେ ଏମ୍‌ପି ଓ ନାତି ସନ୍ଦୀପ ସିଂ ଉତ୍ତରପ୍ରଦେଶରେ ମନ୍ତ୍ରୀ ଅଛନ୍ତି। ସାମ୍ବିଧାନିକ ପଦ ଛାଡ଼ିବା ପରେ ଏବେ ବାବ୍ରୀ ମସ୍‌ଜିଦ୍ ମାମଲାରେ ସେ ଛନ୍ଦି ହେବାର ଆଶଙ୍କା ପ୍ରକାଶ ପାଇଛି। ସେ ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ଥିବାବେଳେ ୧୯୯୨ରେ ବାବ୍ରୀ ମସ୍‌ଜିଦ୍ ଭଙ୍ଗାଯାଇଥିଲା।

## ଦିନକ ପାଇଁ ପୋଲିସ କମିଶନର ହେଲେ ୫ ଶିଶୁ




ବେଙ୍ଗାଲୁରୁ, ୯।୯

ବିଭିନ୍ନ ଦୁରାରୋଗ୍ୟରେ ପୀଡ଼ିତ ୫ ଜଣ ଶିଶୁଙ୍କୁ ସୋମବାର ବେଙ୍ଗାଲୁରୁ ପୋଲିସ ଦିନକ ପାଇଁ ପୋଲିସ କମିଶନର ପଦବୀରେ ଅବସ୍ଥାପିତ କରି ସେମାନଙ୍କ ଅଭିଳାଷ ପୂରଣ କରିଛି। ଏଥିସହିତ ପୋଲିସର ଏକ ଭିନ୍ନ ଛବି ସାମନାକୁ ଆସିଛି। ପିଲାମାନଙ୍କୁ ପୋଲିସ କମିଶନର ପୋଷାକ ଦିଆଯିବା ସହ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। କମିଶନର ସେମାନଙ୍କୁ ବେଙ୍ଗାଲୁରୁ ସହରର ପୋଲିସର ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଦୁରାରୋଗ୍ୟ ବ୍ୟାଧିରୁ ସେମାନଙ୍କୁ ମାନସିକ ସ୍ତରରେ ମୁକ୍ତ କରିବା ଲାଗି ଏହା ଏକ ପ୍ରୟାସ ଥିଲା। ଏଥିପାଇଁ ମେକ୍ ଏ ୱିଶ୍ ଫାଉଣ୍ଡେଶନର ଅନୁରୋଧକୁ ବେଙ୍ଗାଲୁରୁ ପୋଲିସ କମିଶନର ଭାସ୍କର ରାଓ ତୁରନ୍ତ ଗ୍ରହଣ କରିନେଇଥିଲେ।

୪ ପୁଅ ଓ ଜଣେ ଝିଅ ପୋଲିସ ପୋଷାକରେ କମିଶନରଙ୍କ ଅଫିସରେ ପହଞ୍ଚିବା ପରେ ସେମାନଙ୍କୁ ଗାର୍ଡ ଅଫ ଅନର ପ୍ରଦାନ ସହ ଅଫିସରେ ବୁଲାଯାଇଥିଲା ଓ କମିଶନରଙ୍କ ଚୌକିରେ ବସିବା ସୁଯୋଗ ଦିଆଯାଇଥିଲା। ସେମାନେ କେତେକ ନକଲି କାଗଜପତ୍ରରେ ସ୍ୱାକ୍ଷର ମଧ କରିଥିଲେ। ପିଲାମାନଙ୍କୁ ଡଗ୍ ସ୍କ୍ୱାଡ ସହ ପରିଚିତ କରାଯାଇଥିଲା, ଯାହାକୁ ସେମାନେ ଉପଭୋଗ କରିଥିଲେ। ଫଟୋ ସେସନ ପାଇଁ ସେମାନଙ୍କୁ ନକଲି ପିସ୍ତଲ ଓ ହ୍ୟାଣ୍ଡକପ୍ ଦିଆଯାଇଥିଲା। ମେକ୍ ଏ ୱିଶ୍ ଫାଉଣ୍ଡେଶନ୍‌ର ଏହା ଏକ ବଡ଼ ପ୍ରୟାସ ବୋଲି କମିଶନର ରାଓ କହିଛନ୍ତି।

## ମାଗ୍‌ସେସେ ପୁରସ୍କାର ପାଇଲେ ରବୀଶ କୁମାର



ମାନିଲା, ୯।୯ (ପି.ଟି.)

ଏନ୍‌ଡିଟିଭି ଇଣ୍ଡିଆର ବରିଷ୍ଠ କାର୍ଯ୍ୟ ନିର୍ବାହୀ ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ରବୀଶ କୁମାର (୪୪)ଙ୍କୁ ସୋମବାର ଫିଲିପାଇନ୍ସର ରାଜଧାନୀ ମାନିଲାରେ ୨୦୧୯ର ସମ୍ମାନଜନକ ରାମୋନ୍ ମାଗ୍‌ସେସେ ପୁରସ୍କାର ପ୍ରଦାନ କରାଯାଇଛି। ଭାରତର ଜଣେ ସୁଦକ୍ଷ ଟିଭି ସାମ୍ବାଦିକ ଭାବେ ସେ ବେଶ୍ ଜଣାଶୁଣା। ବିହାରର ଜିତ୍‌ୱାରପୁର ଗ୍ରାମରେ ଜନ୍ମଗ୍ରହଣ କରିଥିବା ରବୀଶ କୁମାର ୧୯୯୬ରେ ଏନ୍‌ଡିଟିଭିରେ ପ୍ରଥମେ ରିପୋର୍ଟର ଭାବେ ଯୋଗ ଦେଇଥିଲେ।

## ଆଦିବାସୀ ପିଲାଙ୍କ ପାଇଁ ଖୋଲିବ ୪୬୨ ଏକଲବ୍ୟ ସ୍କୁଲ

ରାଞ୍ଚି, ୯।୯(ଆଇଏଏନ୍‌ଏସ୍)

ଦେଶର ଆଦିବାସୀ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୨ ତାରିଖରେ ଏକଲବ୍ୟ ସ୍କୁଲ ଶୁଭାରମ୍ଭ କରିବେ। କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଅର୍ଜୁନ ମୁଣ୍ଡା ସୋମବାର ଏହି ସୂଚନା ଦେଇଛନ୍ତି। ନବୋଦୟ ସ୍କୁଲ ଭଳି ୪୬୨ଟି ଏକଲବ୍ୟ ଆବାସିକ ବିଦ୍ୟାଳୟ ସ୍ଥାପନ ଲାଗି କେନ୍ଦ୍ର ସରକାର ମଞ୍ଜୁରୀ ଦେଇଛନ୍ତି। ଏଥିରେ ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଆଦିବାସୀ ପିଲା ପଢ଼ିବା ସୁଯୋଗ ପାଇବେ। ଏଥିପାଇଁ ୧୦ ହଜାର କୋଟି ଟଙ୍କା ବ୍ୟୟ ହେବ। ଆଗାମୀ ୨ ବର୍ଷରେ ଏହିସବୁ ସ୍କୁଲ ଓଡ଼ିଶା, ଝାଡ଼ଖଣ୍ଡ, ଉତ୍ତରପୂର୍ବାଞ୍ଚଳ ଓ ଅନ୍ୟାନ୍ୟ ରାଜ୍ୟରେ ଖୋଲିବ ବୋଲି ଏକ ଖବରଦାତା ସମ୍ମିଳନୀରେ ମୁଣ୍ଡା କହିଛନ୍ତି। ପ୍ରତି ସ୍କୁଲ୍‌ରେ ୪୫୦ ପିଲା ପାଠ ପଢ଼ିବାର ବ୍ୟବସ୍ଥା ରହିବ।

ଓଡିଶାରେ ୯୨ଟି ଆଦିବାସୀ ବହୁଳ ବ୍ଲକ୍‌ରେ ପିଲାମାନଙ୍କୁ ଉନ୍ନତ ମାନର ଶିକ୍ଷା ପ୍ରଦାନ ଲାଗି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ସ୍ଥାପନ ପାଇଁ କେନ୍ଦ୍ର ସରକାର ପୂର୍ବରୁ ନିଷ୍ପତ୍ତି ନେଇଥିଲେ।

## ଜାତିସଂଘରେ ଉଦ୍‌ବୋଧନ ଦେବେ ମୋଦି

ଜାତିସଂଘ, ୯।୯(ପି.ଟି.)

ଇମ୍ରାନଙ୍କ ସହ ହୋଇପାରେ ସାକ୍ଷାତ୍



ଜାତିସଂଘ ସାଧାରଣ ପରିଷଦ (ୟୁଏନ୍‌ଜିଏ)ର ବାର୍ଷିକ ଉଚ୍ଚସ୍ତରୀୟ ଅଧିବେଶନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେପ୍ଟେମ୍ବର ୨୭ ତାରିଖ ସକାଳେ ଉଦ୍‌ବୋଧନ ଦେବେ। ଏଥିସହ ପାଖାପାଖି ସପ୍ତାହେ ବ୍ୟାପୀ ନ୍ୟୁୟର୍କ ରହଣି କାଳରେ ସେ ଅନେକ ଦ୍ୱିପାକ୍ଷିକ ଓ ବହୁପାକ୍ଷିକ ପ୍ରସଙ୍ଗରେ ବିଭିନ୍ନ ନେତାଙ୍କ ସହ ଆଲୋଚନା କରିବେ। ୨୦୧୪ରେ ମୋଦି ପ୍ରଥମେ ଜାତିସଂଘ ସାଧାରଣ ପରିଷଦରେ ବିଶ୍ୱ ନେତାମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ୨୭ ତାରିଖରେ ମୋଦିଙ୍କ ପରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ୟୁଏନ୍‌ଜିଏରେ ଉଦ୍‌ବୋଧନ ଦେବା କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ମୋଦି ଓ ଇମ୍ରାନ୍‌ଙ୍କ ମଧ୍ୟରେ ସାକ୍ଷାତ ହୋଇପାରେ ବୋଲି କୁହାଯାଉଛି।

ଅଧିବେଶନ ବକ୍ତା ତାଲିକାରେ ୧୧୨ ରାଷ୍ଟ୍ରମୁଖ୍ୟ, ୪୮ ଜଣ ସରକାରୀ ମୁଖ୍ୟ ଏବଂ ୩୦ରୁ ଊର୍ଦ୍ଧ୍ୱ ବହିର୍ବ୍ୟାପାର ମନ୍ତ୍ରୀ ରହିଛନ୍ତି। ଅଧିବେଶନ ୨୪ରୁ ଆରମ୍ଭ ହୋଇ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ଦିନ ବ୍ରାଜିଲ ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଉଦ୍‌ବୋଧନ ଦେବେ। ନ୍ୟୁୟର୍କ ରହଣି କାଳରେ ମୋଦିଙ୍କୁ ବିଲ୍ ଓ ମିଲିଣ୍ଡା ଗେଟ୍ସ ଫାଉଣ୍ଡେଶନ୍ ପକ୍ଷରୁ ସମ୍ମାନିତ କରାଯିବ। ୨୦୧୪ ଅକ୍ଟୋବର ୨ରେ ମୋଦି ଆରମ୍ଭ କରିଥିବା ସ୍ୱଚ୍ଛ ଭାରତ ଅଭିଯାନ ପାଇଁ ତାଙ୍କୁ ଏହି ସମ୍ମାନ ମିଳିବାକୁ ଯାଉଛି। ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ସେପ୍ଟେମ୍ବର ୨୪ରେ ଜାତିସଂଘ ମୁଖ୍ୟାଳୟସ୍ଥିତ ଆର୍ଥିକ ସାମାଜିକ ପରିଷଦ ଚାମ୍ବରରେ ମୋଦି 'ନେତୃତ୍ୱ ପ୍ରସଙ୍ଗ: ସମସାମୟିକ ବିଶ୍ୱରେ ଗାନ୍ଧୀଙ୍କ ପ୍ରାସଙ୍ଗିକତା' ଉପରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରିବେ। ୨୫ରେ ବ୍ଲୁମ୍‌ବର୍ଗ ଗ୍ଲୋବାଲ ବିଜନେସ୍ ଫୋରମ୍‌ରେ ସେ ମୁଖ୍ୟବକ୍ତା ଭାବେ ଯୋଗଦେବେ। ନ୍ୟୁୟର୍କ ଗସ୍ତ କାଳରେ ପ୍ରଧାନମନ୍ତ୍ରୀ ଗାନ୍ଧୀ ଶାନ୍ତି ଉଦ୍ୟାନ ଉଦ୍‌ଘାଟନ କରିବେ।

### [ଇତିହାସର ଆଇନାରେ]
### ସେପ୍ଟେମ୍ବର ୧୦ର ପ୍ରମୁଖ ଘଟଣା

୧୯୭୬ ସେପ୍ଟେମ୍ବର ୧୦ରେ ଇଣ୍ଡିଆନ ଏୟାରଲାଇନ୍ସର ଏକ ବିମାନକୁ ଅପହରଣ କରି ପାକିସ୍ତାନର ଲାହୋର ନିଆଯାଇଥିଲା। ଏହି ବୋଇଂ ୭୩୭ ବିମାନରେ ୭୭ ଜଣ ଯାତ୍ରୀ ଓ ୬ କର୍ମଚାରୀ ଥିଲେ। ଜଣେ ଯାତ୍ରୀ ବିମାନକୁ ଲାହୋର ନେବା ପାଇଁ ପାଇଲଟଙ୍କୁ ବାଧ କରିଥିଲେ। ସେତେବେଳେ ପାକିସ୍ତାନ ସହ ଭାରତର ଭଲ ସମ୍ପର୍କ ଥିଲା। ବିମାନର ନିରାପଦ ଅବତରଣ ପାଇଁ ଭାରତ ଇସ୍‌ଲାମାବାଦକୁ ଅନୁରୋଧ କରିଥିଲା।


୨୦୦୭ ସେପ୍ଟେମ୍ବର ୧୦ରେ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ସରିଫ ସ୍ୱଦେଶ ଫେରିଥିଲେ। ୧୯୯୯ରେ ତତ୍କାଳୀନ ସେନା ମୁଖ୍ୟ ପରଭେଜ ମୁସାରଫଙ୍କ ନେତୃତ୍ୱରେ ବିଦ୍ରୋହ ପରେ ନୱାଜ ୭ ବର୍ଷ ନିର୍ବାସନରେ ଥିଲେ। ୨୦୦୮ ନିର୍ବାଚନ ପୂର୍ବରୁ ସେ ଫେରିଥିଲେ ହେଁ ଇସ୍‌ଲାମାବାଦ ବିମାନ ବନ୍ଦରରେ ପହଞ୍ଚିବା କ୍ଷଣି ଗିରଫ ହୋଇଥିଲେ।

## ନେକ୍ସଟ ଏ କମେଡିରେ ମୃଣାଳ

**ମୁମ୍ବାଇ:** ଉମେଶ ଶୁକ୍ଳା ନିର୍ଦ୍ଦେଶିତ 'ନେକ୍ସଟ ଏ କମେଡି'ରେ ଅଭିନେତ୍ରୀ ମୃଣାଳ ଠାକୁରଙ୍କୁ ଦେଖିବାକୁ ମିଳିବ। ମରାଠି ଓ ହିନ୍ଦୀ ଫିଲ୍ମରେ ନିଜର କମାଲ୍ ଦେଖାଇ ସାରିଥିବା ମୃଣାଳ କମେଡି ଫିଲ୍ମ ନେଇ ବେଶ୍ ଉତ୍ସାହିତ ଥିବା କହିଛନ୍ତି। ଏଥିରେ ତାଙ୍କ ସହ ରହିଛନ୍ତି ବରିଷ୍ଠ ସିନେ କଳାକାର ପରେଶ ରାୱଲ, ଅଭିମନ୍ୟୁ ଦଶାନି, ଆର୍ଶାଦ ୱାର୍‌ସି ପ୍ରମୁଖ। ଫ୍ୟାମିଲି ଏଣ୍ଟରଟେନ୍‌ମେଣ୍ଟରେ ଭରି ରହିଛି ଏହି ଫିଲ୍ମ। ସୀମା ପହୱା, ଦିବ୍ୟା ଭଟ୍ଟ ପ୍ରମୁଖ ମଧ ଏଥିରେ ଅଛନ୍ତି। ଘରୋଇ ଦର୍ଶକଙ୍କ ଲାଗି ନିର୍ମାଣ କରାଯାଇଥିବା ଏହି ଫିଲ୍ମରେ ଅନେକ ମେସେଜ୍ ରହିଥିବା ଶୁକ୍ଳା କହିଛନ୍ତି।

'ଓ ମାଇଁ ଗଡ୍' ଓ '୧୦୨ ନଟ୍ ଆଉଟ୍' ଭଳି ଫିଲ୍ମ ଦେଇଥିବା ଶୁକ୍ଳା ଫିଲ୍ମଟିର ସଫଳତା ନେଇ ବେଶ୍ ଆଶାବାଦୀ ଥିବା କହିଛନ୍ତି। ପ୍ରଥମେ ନ୍ୟୁଜିଲାଣ୍ଡ ଓ ପରେ ପଞ୍ଜାବରେ ସୁଟିଂ ଶେଷହେବ।






# ଭାରତ-ୟୁଏଇ ମିଶି ଅନେକ ମାଇଲଖୁଣ୍ଟ ପୂରଣ କରିଛନ୍ତି: ଧର୍ମେନ୍ଦ୍ର

**ଭୁବନେଶ୍ୱର, ୯।୯ (ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ୟୁଏଇ ରାଷ୍ଟ୍ରପତି ଏଚ୍‌ଇ ଶିଖ୍ ଖଲିଫା ବିନ୍ ଜାୟଦ୍ ଅଲ୍ ନାହ୍ୟାନଙ୍କ ନେତୃତ୍ୱରେ ତୈଳ ଓ ଗ୍ୟାସ୍ କ୍ଷେତ୍ରରେ ଭାରତ ଏବଂ ୟୁଏଇ ମିଶି ଅନେକ ଐତିହାସିକ ମାଇଲଖୁଣ୍ଟକୁ ପୂରଣ କରିଛନ୍ତି । ଉଭୟେ ଏହି ବନ୍ଧୁତ୍ୱକୁ ଆଗକୁ ନେବାସହ ପରସ୍ପର ସହଯୋଗୀ ହୋଇ ଉକ୍ତ କାର୍ଯ୍ୟକୁ ପ୍ରାଥମିକତା ଦେଇ କାମ କରୁଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ପାଞ୍ଚଦିନିଆ ବିଦେଶ ଗସ୍ତରେ ଥିବା ଧର୍ମେନ୍ଦ୍ର ସୋମବାର ୟୁଏଇ ପ୍ରମୁଖ ତୈଳ ଓ ଗ୍ୟାସ୍ ଏବଂ ପେଟ୍ରୋଲିୟମ କମ୍ପାନୀର ମୁଖ୍ୟଙ୍କୁ ସାକ୍ଷାତ କରିବା ସହ ସେଠାକାର ଇସ୍ପାତ ଶିଳ୍ପର ଅଧିକାରୀମାନଙ୍କ ସହ ବୈଠକ କରିବାପରେ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି । ୟୁଏଇ ପ୍ରମୁଖ ତୈଳ ଓ ଗ୍ୟାସ ଏବଂ ପେଟ୍ରୋଲିୟମ କମ୍ପାନୀର ମୁଖ୍ୟଙ୍କୁ ସାକ୍ଷାତ କରିବା ଅବସରରେ ଉଭୟଙ୍କ ମଧ୍ୟରେ ଉର୍ଜା କ୍ଷେତ୍ରରେ ଭାରତ ଏବଂ ୟୁଏଇ ମଧ୍ୟରେ ଦ୍ୱିପାକ୍ଷିକ ବ୍ୟବସାୟିକ ସହଯୋଗ ଏବଂ ପୁଞ୍ଜି ନିବେଶ ଉପରେ ଗୁରୁତ୍ୱ ଦିଆଯାଇଛି । ଏହାବ୍ୟତୀତ ଦୁଇ ଦେଶ ମଧ୍ୟରେ ତୈଳ ଓ ଗ୍ୟାସ କ୍ଷେତ୍ରରେ ପୁଞ୍ଜି ନିବେଶ କରିବା ସହ ୟୁଏଇରେ ଭାରତ ନିଜର ଉପସ୍ଥିତିକୁ ଅଧିକ ଦୃଢ କରିବା ପାଇଁ ଆଲୋଚନା ହୋଇଛି । ଏହି ଅବସରରେ ଦୁବାଇଠାରେ ୟୁଏଇ ଇସ୍ପାତ ଶିଳ୍ପର ପ୍ରତିନିଧି ଏବଂ ଧର୍ମେନ୍ଦ୍ରଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଇସ୍ପାତ କ୍ଷେତ୍ରରେ ଭାରତ ଓ ୟୁଏଇ ମଧ୍ୟରେ ବ୍ୟବସାୟିକ କ୍ଷମତାକୁ ସଫଳ କରିବା ଦିଗରେ ଚର୍ଚ୍ଚା ହୋଇଛି। ଭାରତରେ ଇସ୍ପାତ କ୍ଷେତ୍ରରେ ପୁଞ୍ଜି ନିବେଶ କରିବା ପାଇଁ ୟୁଏଇ ପ୍ରତିନିଧିମାନଙ୍କୁ ନିମନ୍ତ୍ରଣ କରିଛନ୍ତି।

# ମଠ ମାନଚିତ୍ରରୁ ହଜିଗଲା ବଡ଼ ଆଖଡ଼ା

**ପୁରୀ ଅଫିସ,୯।୯**

ଶ୍ରୀକ୍ଷେତ୍ରର ମଠ ମାନଚିତ୍ରରୁ ହଜିଗଲା ବଡ଼ ଆଖଡା ମଠ। ଶ୍ରୀମନ୍ଦିରର ସୁରକ୍ଷା ଓ ପୁରୀର ବିକାଶ ପାଇଁ ଚାଲିଥିବା ଉଚ୍ଛେଦ ଅଭିଯାନରେ ଲଙ୍ଗୁଳି ଓ ଏମାର ମଠ ପରେ ଧରାଶାୟୀ ହୋଇଛି ବଡ଼ ଆଖଡା ମଠ। ଠାକୁରଙ୍କ ବିଜେସ୍ଥଳୀ ଓ ମହନ୍ତଙ୍କ ଆସ୍ଥାନକୁ ବାଦ୍ ଦିଆଯାଇ ପ୍ରାୟ ୮୫ ବଖରା ଘରକୁ ମାଟିରେ ମିଶାଇ ଦିଆଯାଇଛି। ମଠ ଭଙ୍ଗା କାର୍ଯ୍ୟ ଚାଲିଥିବାରୁ ମହନ୍ତ ହରିନାରାୟଣ ଦାସ ସାମୟିକ ଭାବେ ନୀଳାଚଳ ଭକ୍ତ ନିବାସରେ ରହୁଥିବାବେଳେ ମଠର ବିଦ୍ୟାର୍ଥୀ ଏବଂ ଅନ୍ତେବାସୀଙ୍କ ରହଣି ଲାଗି ଜିଲା ପ୍ରଶାସନ ବ୍ୟବସ୍ଥା କରିଛି। ମଙ୍ଗଳବାର ସାନଛତା ମଠ ଭଙ୍ଗାଯାଇପାରେ। ତେବେ ଏ ନେଇ ପ୍ରଶାସନ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଇ ନ ଥିଲେ ମଧ୍ୟ ଏହି ମଠରୁ ଜିନିଷପତ୍ର ଖାଲି କରାଯାଇଛି। ଅନ୍ୟପକ୍ଷରେ ପ୍ରଶାସନର ଏଭଳି ଆଭିମୁଖ୍ୟ ଦେଖି ୭୫ ମିଟର ମଧ୍ୟରେ ରହୁଥିବା ଅନ୍ୟ ମଠର ମହନ୍ତମାନେ ଚିନ୍ତିତ ହୋଇପଡ଼ିଛନ୍ତି। କାହାର ପାଳି କେବେ ପଡୁଛି ତାହାକୁ ନେଇ ସେମାନେ ଦିନ ଗଣୁଛନ୍ତି।

ବଡ଼ ଆଖଡ଼ା ମଠ ଉଚ୍ଛେଦ କାର୍ଯ୍ୟ ରବିବାରଠାରୁ ଆରମ୍ଭ ହୋଇଥିଲା। ପ୍ରଥମ ଦିନରେ ୭୫ ବଖରାରୁ ଊର୍ଦ୍ଧ୍ୱ ଭଙ୍ଗାଯାଇଥିଲା। ତେବେ ସନ୍ଧ୍ୟା ହୋଇଯିବାରୁ ଉଚ୍ଛେଦ ବନ୍ଦ ରହିଥିଲା। ସୋମବାର ସକାଳୁ ପୁଣି ଅଭିଯାନ ଆରମ୍ଭ ହୋଇଥିଲା। ଦ୍ୱିତୀୟ ଦିନରେ ପ୍ରାୟ ୧୨ ବଖରାରୁ ଊର୍ଦ୍ଧ୍ୱ ଘର ସହିତ ଅଧାଭଙ୍ଗା ଅବସ୍ଥାରେ ଥିବା ପିଲର ଏବଂ ଅନ୍ୟାନ୍ୟ ନିର୍ମାଣକୁ ଭାଙ୍ଗିଦିଆଯାଇଛି। ଏହାପରେ ସେହି ସ୍ଥାନରୁ ଅଳିଆ ସଫା କରାଯାଉଛି।

ବଡ଼ ଆଖଡା ମଠରେ ୨ଟି ମନ୍ଦିରକୁ ସୁରକ୍ଷିତ ରଖାଯାଇଛି। ଗୋଟିକରେ ଶ୍ରୀହନୁମାନ ଏବଂ ଅନ୍ୟ ମନ୍ଦିରରେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରା ପୂଜା ପାଉଛନ୍ତି। ଗାଦିଘରେ ମଠର ପ୍ରତିଷ୍ଠାତା ଶ୍ରୀରାମାନନ୍ଦାଚାର୍ଯ୍ୟଙ୍କ ଏକ ପିତଳ ବିଗ୍ରହ ଉପାସିତ ହେଉଛନ୍ତି। ତେଣୁ ଏହି ବିଜେସ୍ଥଳୀ ସହିତ ମହନ୍ତ ରହୁଥିବା ଆବାସସ୍ଥଳୀକୁ ପ୍ରଶାସନ ଭାଙ୍ଗି ନାହିଁ। କିନ୍ତୁ ଉଚ୍ଛେଦ କାର୍ଯ୍ୟ ଜାରି ରହିଥିବାରୁ ମହନ୍ତ ଏବେ ନୀଳାଚଳ ଭକ୍ତ ନିବାସରେ ରହୁଛନ୍ତି। ବିଦ୍ୟାର୍ଥୀ ଓ ମଠ ଅନ୍ତେବାସୀଙ୍କ ପାଇଁ ବାଗେଡ଼ିଆ ଧର୍ମଶାଳାରେ ରହିବାର ବ୍ୟବସ୍ଥା କରିଛି ପ୍ରଶାସନ। ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ କହିଛନ୍ତି, ରବିବାର ବଡ଼ଆଖଡା ମଠ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଥିଲା। ବାକି ରହିଯାଇଥିବା କେତେକ ନିର୍ମାଣକୁ ସୋମବାର ଭଙ୍ଗାଯାଇଛି। ମଠ ବିଜେସ୍ଥଳୀ, ଗାଦିଘରକୁ ସୁରକ୍ଷିତ ରଖାଯାଇଥିବା ବେଳେ ବ୍ୟବସାୟିକ କୋଠାଗୁଡ଼ିକୁ ଉଚ୍ଛେଦ କରାଯାଇଛି। ମଠ ଭିତରେ ସୁନ୍ଦର ମନ୍ଦିର ଥିଲେ ମଧ୍ୟ ପୂର୍ବରୁ ଭକ୍ତମାନେ ଏହାକୁ ଦେଖିପାରୁ ନ ଥିଲେ। କିନ୍ତୁ ଏବେ ଉଚ୍ଛେଦ ପରେ ଶ୍ରଦ୍ଧାଳୁମାନେ ମଠ ଠାକୁରଙ୍କୁ ମଧ୍ୟ ଦର୍ଶନ କରିପାରିବେ। ୭୫ ମିଟର ବାହାରେ ମଠର ଯେଉଁ ନିର୍ମାଣ ଉଚ୍ଛେଦ କରାଯାଇଛି ତାହା ତିଆରି କରାଯିବ।

ଅପରପକ୍ଷେ ୭୫ ମିଟର ମଧ୍ୟରେ ଥିବା ଅନ୍ୟ ମଠର ମହନ୍ତମାନେ ଚିନ୍ତାରେ ଅଛନ୍ତି। ପ୍ରଶାସନ ପକ୍ଷରୁ ସିଂହଦ୍ୱାର ସମ୍ମୁଖ ରାଧାବଲ୍ଲଭ ମଠ ମାପଚୁପ କରାଯାଇଥିବାରୁ ମହନ୍ତ ସଂଶୟ ଭିତରେ ରହିଛନ୍ତି। ଏହି ମଠର କିଛି ଅଂଶ ସୁରକ୍ଷିତ ଜୋନରେ ରହିଛି।


ବଡ଼ ଆଖଡ଼ା ମଠ ଭଙ୍ଗାଯିବା ପରେ ଦୂରରୁ ସ୍ପଷ୍ଟ ଭାବେ ଶ୍ରୀମନ୍ଦିର ଦେଖାଯାଉଛି।

- ରହିଲା ଠାକୁରଙ୍କ ବିଜେସ୍ଥଳୀ, ମହନ୍ତଙ୍କ ବାସସ୍ଥାନ
- ଭଙ୍ଗାଗଲା ୮୫ ବଖରାରୁ ଊର୍ଦ୍ଧ୍ୱ ଘର
- ୭୫ ମିଟର ମଧ୍ୟରେ ଥିବା ମଠ ମହନ୍ତ ଚିନ୍ତିତ
- ଆଜି ହୋଇପାରେ ସାନଛତା ମଠ ଉଚ୍ଛେଦ

## ସଂକ୍ଷେପରେ

### ଝରଣା ଘାଟିରେ ପାହାଡ଼ ଧସିଲା

**୫ଘଣ୍ଟା ଗାଡ଼ିମୋଟର ଚଳାଚଳ ବନ୍ଦ**



**ପାରଳାଖେମୁଣ୍ଡି, ୯।୯ (ସ୍ୱ.ପ୍ର.):** ଗଜପତି ଜିଲାର ନୂଆଗଡ ବ୍ଲକ କେରଡାଙ୍ଗଠାରୁ ନୂଆଗଡ ମଧ୍ୟରେ ଥିବା ଝରଣା ଘାଟି ରାସ୍ତାରେ ପାହଡ ଧସେଇବା ଯୋଗୁ ସୋମବାର ୫ଘଣ୍ଟା ଧରି ନୂଆଗଡରୁ କେରଡାଙ୍ଗ ଗାଡିମୋଟର ଚଳାଚଳ ବନ୍ଦ ରହିଥିଲା । ଗତ କିଛି ଦିନ ଧରି ଲଗାଣ ବର୍ଷା ଯୋଗୁ ମାଟି ପଥର ରାସ୍ତା ଉପରକୁ ଖସି ଆସୁଥିବାର ଦେଖିବାକୁ ମିଳୁଛି । ତେବେ ସୋମବାର ସକାଳୁ ସକାଳୁ ଝରଣା ଘାଟି ରାସ୍ତାରେ ମାଟି ପଥର ଧସିଥିଲା। ମାଟି ଏବଂ ବଡବଡ ପଥର ସବୁ ରାସ୍ତା ଉପରକୁ ଚାଲି ଆସିଥିଲା । ଫଳରେ ଏହି ରାସ୍ତ ଦେଇ କେରଡାଙ୍ଗ, ମାଣିକପୁର, ଭାଲିଆ ସାହି, ରଙ୍ଗମୁଣ୍ଡା, କମଳାପୁର, ପାଳପୁର ଗ୍ରାମକୁ ଗାଡିମୋଟର ଚଳାଚଳ ବନ୍ଦ ରହିଥିଲା । ଉପରୋକ୍ତ ଗ୍ରାମର ଲୋକେ ନୂଆଗଡକୁ ଆସିବାକୁ ହେଲେ ଏହା ହେଉଛି ଏକମାତ୍ର ରାସ୍ତା । ଘାଟିରେ ପାହାଡ ଧସିଥିବା ଖବର ପାଇ ଅଞ୍ଚଳବାସୀ ମିଳିତ ଭାବେ ଗାଡି ମୋଟର ଯିବାଭଳି ରାସ୍ତା ସଫେଇ କରିଥିଲେ। ଦୀର୍ଘ ୫ ଘଣ୍ଟା ପରେ ଉକ୍ତ ରାସ୍ତାରେ ଗାଡିମୋଟର ଚଳାଚଳ ସ୍ୱାଭାବିକ ହୋଇଥିଲା।

### ବଢୁଛି ବାଲିମେଳା ଡ୍ୟାମ ଜଳସ୍ତର

**ଚିତ୍ରକୋଣ୍ଡା,୯।୯(ଡି.ଏନ.ଏ.):** ମାଲକାନଗିରି ଜିଲା ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ଚିତ୍ରକୋଣ୍ଡା-ବାଲିମେଳା ଡ୍ୟାମରେ ଜଳସ୍ତର ବଢ଼ିବାରେ ଲାଗିଛି। କିଛିଦିନ ହେଲା ମାଛକୁଣ୍ଡ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇବାରୁ ୫ଟି ଗେଟ୍ ଖୋଲାଯାଇ ପାଣି ଛଡାଯାଇଥିଲା। ଏହି ଜଳ ଏବେ ବାଲିମେଳା ଡ୍ୟାମରେ ପଶୁଥିବାରୁ ଡ୍ୟାମର ଜଳସ୍ତର ବଢିବାରେ ଲାଗିଛି। ଗତ ୭ତାରିଖ ଅପରାହ୍ଣ ସୁଦ୍ଧା ବାଲିମେଳା ଡ୍ୟାମର ଜଳସ୍ତର ୧୪୯୯.୦୯ ଫୁଟ ଥିବାବେଳେ, ୮ ତାରିଖ ଅପରାହ୍ଣ ସୁଦ୍ଧା ୧୫୦୦.୦୪ ଫୁଟ ହୋଇଥିଲା। ୯ ତାରିଖ ସୋମବାର ସକାଳେ ଜଳସ୍ତର ୧୫୦୧.୦୭ ଥିବା ବେଳେ ମଧ୍ୟାହ୍ନରେ ବୃଦ୍ଧି ପାଇ ୧୫୦୨.୧୦ ହୋଇଥିଲା। ଏବେ ଜଳଭଣ୍ଡାରର ଜଳପତ୍ତନ ୧୫୦୨.୪୦ ରହିଛି। ସୂଚନାଯୋଗ୍ୟ ଯେ, ବାଲିମେଳା ଡ୍ୟାମର ଜଳଧାରଣ କ୍ଷମତା ୧୫୧୪ ଫୁଟ ରହିଛି। ବର୍ତ୍ତମାନ ପର୍ଯ୍ୟନ୍ତ କେବଳ ସୁଇସ ଗେଟକୁ ଛାଡିଦେଲେ ଅନ୍ୟ କୌଣସି ଗେଟ୍ ବାଲିମେଳା ଡ୍ୟାମ ପ୍ରକଳ୍ପ ପକ୍ଷରୁ ଖୋଲାଯାଇନାହିଁ।

## ନୂଆ ମୋଟରଯାନ ଆଇନ ଲାଗୁ ପ୍ରସଙ୍ଗ

# ୩ମାସ କୋହଳ ହେଲା ନିୟମ

**ଭୁବନେଶ୍ୱର, ୯।୯(ବ୍ୟୁରୋ)**



- ଆବଶ୍ୟକ କାଗଜପତ୍ର ପ୍ରସ୍ତୁତ କରିବାକୁ ମିଳିଲା ସମୟ
- ଲୋକଙ୍କୁ ହଇରାଣ ନ କରିବାକୁ ପୋଲିସ, ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ
- ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ପରାମର୍ଶ

ରାଜ୍ୟରେ ଗତ ୧ତାରିଖରୁ ନୂଆ ମୋଟର ଯାନ ଆଇନକୁ କଡ଼ାକଡ଼ି ପାଳନ କରାଯିବାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ତେବେ ଏହି ଅସନ୍ତୋଷକୁ ପ୍ରସମିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୂଆ ମୋଟର ଯାନ ଆଇନ ବ୍ୟବସ୍ଥାକୁ ୩ମାସ ପର୍ଯ୍ୟନ୍ତ କୋହଳ କରିବାକୁ ସୋମବାର ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୟ ମଧ୍ୟରେ ଯାନବାହନଗୁଡ଼ିକର ଆବଶ୍ୟକ କାଗଜପତ୍ର ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ସଂଶୋଧିତ ମୋଟର ଯାନକୁ କଡ଼ାକଡ଼ି ଲାଗୁ ନ କରି ଲୋକମାନଙ୍କୁ ସଚେତନ କରିବାକୁ ମୁଖ୍ୟମନ୍ତ୍ରୀ ଏନଫୋର୍ସମେଣ୍ଟ ଏଜେନ୍ସି ପୋଲିସ ଓ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଗାଡ଼ି କାଗଜ ପ୍ରସ୍ତୁତ କରିବା ପାଇଁ ଅଧିକ କାଉଣ୍ଟର ଖୋଲିବା ସହ ବିଭିନ୍ନ ସର୍ବସାଧାରଣ ଅନୁଷ୍ଠାନଗୁଡିକରେ କ୍ୟାମ୍ପ ଖୋଲି ଲୋକମାନଙ୍କୁ ପର୍ଯ୍ୟାପ୍ତ ସେବା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୟ ମଧ୍ୟରେ ଲୋକମାନଙ୍କୁ ସଚେତନ କରିବା ସକାଶେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ କରିବାକୁ ମୁଖ୍ୟମନ୍ତ୍ରୀ ପରିବହନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଜୀବନକୁ ବିପଦରେ ପକାଇବା ଭଳି ଗାଡି ନ ଚଳାଇବା ସହିତ ଟ୍ରାଫିକ ନିୟମକୁ ପାଳନ କରିବାକୁ ଯାନବାହନ ଚାଳକଙ୍କୁ ନିବେଦନ କରିଛନ୍ତି।

ରାଜ୍ୟରେ ସେପ୍ଟେମ୍ବର ୧ ତାରିଖରୁ ସଂଶୋଧିତ ମୋଟର ଯାନ ଆଇନ କଡ଼ାକଡ଼ି ଲାଗୁ କରାଯାଇଛି। ଗାଡିର ଆନୁଷଙ୍ଗିକ କାଗଜପତ୍ର ଓ ଡ୍ରାଇଭିଂ ଲାଇସେନ୍ସ ନ ଥିଲେ ବହୁ ଜରିମାନା ଦେବାକୁ ପଡୁଛି। ଏପରିକି ୫୦ ହଜାର ଟଙ୍କାଯାଏ ମଧ୍ୟ ଜରିମାନା ଆଦାୟ କରାଯାଉଛି। ଏଭଳି ଜୋରଦାର ଧରପଗଡ଼ ସାଙ୍ଗକୁ ଅତ୍ୟଧିକ ଜରିମାନା ଲୋକମାନଙ୍କୁ ଅତିଷ୍ଠ କରିପକାଇଛି। ଏପରି କି ଅନେକଙ୍କ ମଧ୍ୟରେ କୋକୁଆ ଭୟ ଖେଳାଇ ଦେଇଛି। ବିନା କାଗଜ ପତ୍ରରେ ଚାଲୁଥିବା ଅନେକ ଯାନବାହାନକୁ ଲୋକମାନେ ଭୟରେ ବାହାର କରୁ ନ ଥିବା ଦେଖିବାକୁ ମିଳୁଛି। । ପ୍ରଦୂଷଣ ଓ ବୀମା ନ ଥିବା ଯାନବାହନ ମାଲିକ ସକାଳ ପାଇବା ମାତ୍ରେ ଲମ୍ବାଧାଡିରେ ଛିଡା ହେଉଛନ୍ତି। ଏହାକୁ ନେଇ ଜନଅସନ୍ତୋଷ ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ଏପରି କି ଗତ ଶନିବାର ଭୁବନେଶ୍ୱର ରାଜମହଲ ଛକରେ ଜନତା ଓ ପୋଲିସ ମଧ୍ୟରେ ଧସ୍ତାଧସ୍ତି ମଧ୍ୟ ଦେଖିବାକୁ ମିଳିଛି। ଏହାକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି।

## ଶ୍ରୀମନ୍ଦିରରେ ପାର୍ଶ୍ୱ ପରିବର୍ତ୍ତନ ଏକାଦଶୀ

# କଡ଼ ଲେଉଟାଇଲେ ଶୟନ ଠାକୁର

**ପୁରୀ ଅଫିସ, ୯।୯**

ଶ୍ରୀମନ୍ଦିରରେ ସୋମବାର ପାର୍ଶ୍ୱ ପରିବର୍ତ୍ତନ ଏକାଦଶୀ ନୀତି ଅନୁଷ୍ଠିତ ହୋଇଛି। କଡ଼ ଲେଉଟାଇଛନ୍ତି ଶୟନ ଠାକୁର। ମଙ୍ଗଳବାର ମହାପ୍ରଭୁଙ୍କ ବାମନ ବେଶ ଏବଂ ଶ୍ରୀନଅରରେ ସୁନିଆଁ ନୀତି ଅନୁଷ୍ଠିତ ହେବ। ସୋମବାର ସନ୍ଧ୍ୟା ଆଳତି ବଢିବା ପରେ ଏକାଦଶୀ ବେଢାକୁ ମଦନମୋହନ ବିଜେ କରିଥିଲେ। ଶ୍ରୀଅଙ୍ଗରେ ଚନ୍ଦନ ଲାଗି ହେବା ପରେ ପୂଜାପଣ୍ଡା ଶ୍ରୀଜଗନ୍ନାଥଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ କାଢି ମଦନମୋହନଙ୍କୁ ପ୍ରଦାନ କରିଥିଲେ। ଏହାପରେ ମଦନ ମୋହନ ପାଲିଙ୍କିରେ ବଡଦେଉଳ ବେଢାରେ ବୁଲିଥିଲେ। ଜୟ ବିଜୟ ଦ୍ୱାରରେ ଏକାଦଶୀ ବନ୍ଦାପନା ପରେ ମଦନମୋହନ ଦକ୍ଷିଣୀଘରକୁ ବିଜେ ହୋଇଥିଲେ। ବଲ୍ଲଭ ବଡ଼ସିଂହାର ଭୋଗ ପରେ ପାର୍ଶ୍ୱ ପରିବର୍ତ୍ତନ ନିମନ୍ତେ ଖଟଶେଯ ଘର ଉପରେ ନିଶୁଣି ପକାଯାଇ ଥିଲା। ମୁଦିରସ୍ତ ଏହା ଉପରକୁ ଯାଇ ଦୁଆର ମୁଦ ଭାଙ୍ଗି ଶୟନ ଠାକୁରଙ୍କ ପେଡ଼ାକୁ ଖୋଲିଥିଲେ। ମୁଦିରସ୍ତ ଶୁକ୍ଳ ଫୁଲ ତିନି ଆଞ୍ଜୁଳା ସମର୍ପଣ କଲା ପରେ ଶୟନ ଠାକୁର କଡ଼ ଲେଉଟାଇଥିଲେ। ପୂର୍ବରୁ ଶୟନ କାଳରେ ଠାକୁରଙ୍କ ମୁଖ ଦକ୍ଷିଣ ଦିଗକୁ ଥିବାବେଳେ ପରିବର୍ତ୍ତନ କାଳରେ ମୁଖ ଉତ୍ତର ଦିଗକୁ କରାଯାଇଥିଲା। ମୁଦିରସ୍ତ ବନ୍ଦାପନା କଲା ପରେ ପେଡା ବନ୍ଦ କରି ଦୁଆର ମୁଦ ଦେଇ ତଳକୁ ଓହ୍ଲାଇଥିଲେ। ବଲ୍ଲଭ ବଡ଼ ସିଂହାର ଭୋଗରେ ଠାକୁରଙ୍କ ଲାଗି ହୋଇଥିବା ୬ମୂର୍ତ୍ତି ଅଳଙ୍କାର ଓଲାଗି କରାଯାଇଥିଲା। ଏହାପରେ ଖଟଶେଯ ବିଜେ କରାଇ ମହାପ୍ରଭୁଙ୍କ ପହୁଡ଼ ନୀତି ସମ୍ପନ୍ନ ହୋଇଥିଲା। ସୂଚନାଯୋଗ୍ୟ, ଏହି ପାର୍ଶ୍ୱ ପରିବର୍ତ୍ତନ ଏକାଦଶୀ ମହାପ୍ରଭୁଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରୁ ଅନ୍ୟତମ।

# ୨ ମାଓବାଦୀ ଗିରଫ

**ମାଲକାନଗିରି, ୯।୯ (ସ୍ୱ.ପ୍ର.)**




ସୋମବାର ଆନ୍ଧ୍ର ପ୍ରଦେଶର ବିଶାଖାପାଟଣା ଜିଲା ଆନଭାରମ ପୋଲିସ ୨ଜଣ ମାଓବାଦୀ ମିଲିସିୟାଙ୍କୁ ଗିରଫ କରିଛି। ସେମାନେ ହେଲେ କୋରା ସିଦ୍ଧୁରୁ ଓ ବନ୍ତଲା ବେଂଜି ବାବୁ। ଏହି ଦୁଇ ମାଓବାଦୀ ଆନ୍ଧ୍ର ଓଡିଶା-ବର୍ଡର ଜୋନାଲ କମିଟି ସଦସ୍ୟ ବୋଲି ଜଣାପଡିଛି। ଉଭୟଙ୍କ ଘର ମାଲକାନଗିରି ଜିଲା ସ୍ୱାଭିମାନ ଅଞ୍ଚଳର ରାଲେଗାଡ଼ା ଗ୍ରାମରେ।

## ଜଗା ସୁସ୍ଥ, ପୂର୍ବପରି ରହିଛି କାଳିଆ ଅବସ୍ଥା

# କିଛି ମାସ ଚିକିତ୍ସା ପରେ ଜଗା ସ୍କୁଲ ଯିବ

**କଟକ ଅଫିସ, ୯।୯:** କନ୍ଧମାଳ ଜିଲାର ଯୋଡ଼ାମୁଣ୍ଡ ଶିଶୁ ଜଗା-କାଳିଆ ଶନିବାର କଟକ ଏସ୍‌ସିବି ମେଡିକାଲରେ ପହଞ୍ଚିବା ପରେ ଚିକିତ୍ସା ଆରମ୍ଭ ହୋଇଯାଇଛି। ୧୪ ଜଣିଆ ଡାକ୍ତରୀ ଟିମ୍ ଉଭୟଙ୍କ ଖାଇବା, ଶୋଇବା ସହ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରୁଛନ୍ତି। ଏସ୍‌ସିବିରେ ପହଞ୍ଚିବା ପରଠାରୁ ଜଗା ସୁସ୍ଥ ଥିବାବେଳେ କାଳିଆର ମାନସିକ ସ୍ଥିତିରେ ସୁଧାର ଆସୁନାହିଁ। ତାକୁ ସୁସ୍ଥ କରିବା ପାଇଁ ଡାକ୍ତରୀ ଟିମ୍ ଲାଗି ପଡ଼ିଛନ୍ତି। ଅନ୍ୟପକ୍ଷରେ ଜଗା ପାଠ ପଢିବା ପାଇଁ ସମର୍ଥ ବୋଲି ଡାକ୍ତରୀ ଟିମ୍ ମତ ଦେଇଛନ୍ତି। ଏହି ଟିମ୍‌ରେ ୨ ଜଣ ଏମ୍‌ସ ଡାକ୍ତର ଅଛନ୍ତି। କାଳିଆର ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଟିମ୍‌ର ଚିନ୍ତା ବଢିବାରେ ଲାଗିଛି। କାଳିଆ ଯେପରି ସଂକ୍ରମଣ ରୋଗରେ ଆକ୍ରାନ୍ତ ନ ହୁଏ ସେ ନେଇ ବିଭିନ୍ନ ପ୍ରକାର ପରୀକ୍ଷା ନିରୀକ୍ଷା ଚାଲିଛି। ଏ ନେଇ ଏସ୍‌ସିବି ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ସିବିକେ ମହାନ୍ତି କହିଛନ୍ତି, ଜଗା ସୁସ୍ଥ ଥିବାବେଳେ ପାଠ ପଢିବା ପାଇଁ ବିଶେଷଜ୍ଞମାନେ ମତ ଦେଇଛନ୍ତି। କାଳିଆର ଅବସ୍ଥା ପୂର୍ବପରି ରହିଛି। ଆମ ପକ୍ଷରୁ ମଧ୍ୟ ଜଗା ପଢିବାକୁ ମତ ରଖାଯାଇଛି। ଏବେ ତାଙ୍କ ମା'ବାପାଙ୍କ ଉପରେ ପାଠପଢା ନିର୍ଭର କରେ। ଜଗା-କାଳିଆଙ୍କ ଚିକିତ୍ସା ଦାୟିତ୍ୱରେ ଥିବା ଡା. ସୁଧାଂଶୁ ମିଶ୍ର କହିଛନ୍ତି, କାଳିଆଙ୍କୁ ମଝିରେ ମଝିରେ ଜ୍ୱର ଆସୁଛି। ଆଜି ଦିନରେ ଥରେ ଜ୍ୱର ହୋଇଥିଲା। କିନ୍ତୁ ତାହା ଭଲ ହୋଇଯାଇଛି। ଆଗାମୀ ଦିନରେ ପୁନର୍ବାର ଯେପରି ଜ୍ୱର ନ ହୁଏ ସେ ଦିଗରେ ଦୃଷ୍ଟି ଦିଆଯାଉଛି। କାଳିଆର ପେଟ ବାଟେ ତରଳ ଖାଦ୍ୟ ଖାଇବାକୁ ଦିଆଯାଉଛି। ଏବେ ସେ ସୁସ୍ଥ ଅଛନ୍ତି। ତେବେ ସେ ସମ୍ପୂର୍ଣ୍ଣ ସୁସ୍ଥ ହେବା ପାଇଁ ଆମ ଟିମ୍ ଦିନରାତି ଚେଷ୍ଟା ଚଳାଇଛନ୍ତି। ଜଗାକୁ ଆମିଷ, ନିରାମିଷ ଖାଦ୍ୟ ଦିଆଯାଉଛି।

## କେନ୍ଦ୍ର ଦ୍ୱିତୀୟ ପାଳି ସରକାରର ୧୦୦ଦିନ ପୂରଣ

# ଓଡ଼ିଶା ଆସି ରିପୋର୍ଟ କାର୍ଡ ଦେଲେ କେନ୍ଦ୍ରମନ୍ତ୍ରୀ

**ଭୁବନେଶ୍ୱର,୯।୯(ବ୍ୟୁରୋ)**



ଖବରଦାତା ସମ୍ମିଳନୀରେ ଜାହାଜ ଚଳାଚଳ (ସ୍ୱାଧୀନ ଦାୟିତ୍ୱ) ରାଷ୍ଟ୍ରମନ୍ତ୍ରୀ ମନସୁଖ ମାଣ୍ଡଭିୟା

କେନ୍ଦ୍ରରେ ଭାଜପାର ଦ୍ୱିତୀୟ ପାଳି ସରକାରର ୧୦୦ ଦିନ ପୂରଣ ହୋଇଛି। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପତ୍ର ସୂଚନା କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଜାହାଜ ଚଳାଚଳ (ସ୍ୱାଧୀନ ଦାୟିତ୍ୱ) ରାଷ୍ଟ୍ରମନ୍ତ୍ରୀ ମନସୁଖ ମାଣ୍ଡଭିୟା ୧୦୦ ଦିନର ସଫଳତା ଏବଂ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ସମ୍ପର୍କିତ ରିପୋର୍ଟ କାର୍ଡ ପ୍ରଦାନ କରିଛନ୍ତି। ଏହି ଅବସରରେ ଓଡିଶାକୁ ଗତ ୧୦୦ଦିନ ମଧ୍ୟରେ ଦିଆଯାଇଥିବା ଅନୁଦାନ ସମ୍ପର୍କରେ ସୂଚନା ଦେଇଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଆୟୁଷ୍ମାନ ଭାରତ ଯୋଜନା ଏବଂ ବାତ୍ୟା ପ୍ରଭାବିତ ଅଞ୍ଚଳର ଭିତ୍ତିଭୂମି ସୁଦୃଢ କରିବା ଦିଗରେ ପଦକ୍ଷେପ ନେବା ପାଇଁ ପରାମର୍ଶ ଦେଇଛନ୍ତି। ଅପରପକ୍ଷରେ ବିରୋଧୀ କିନ୍ତୁ ଓଲଟା କେନ୍ଦ୍ର ଉପରେ ବର୍ଷିଛନ୍ତି।

ମନ୍ତ୍ରୀ ମାଣ୍ଡଭିୟା ସରକାରଙ୍କ ୧୦୦ ଦିନର ଦୃଢ଼ ପଦକ୍ଷେପ ଏବଂ ନିଷ୍ପତ୍ତି ସମ୍ବନ୍ଧୀୟ ଉଲ୍ଲେଖ ରହିଥିବା ଏକ ପୁସ୍ତକ 'ଜନ ସଂଯୋଗ'ର ଉନ୍ମୋଚନ କରିଛନ୍ତି। ସେ କହିଛନ୍ତି ଯେ, ଏହି ସମୟ ମଧ୍ୟରେ ଓଡ଼ିଶା ପାଇଁ କେନ୍ଦ୍ର ସରକାର ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ''ଫନୀ ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଓଡ଼ିଶାକୁ ସର୍ବାଧିକ ସହାୟତା ସ୍ୱରୂପ ୪,୬୭୮.୨୨ କୋଟି ଟଙ୍କାର ମଞ୍ଜୁରି ପ୍ରଦାନ କରାଯାଇଛି। ଫନୀ ଓଡ଼ିଶାକୁ ଛୁଇଁବା ପୂର୍ବରୁ ୩୪୦ କୋଟି ଟଙ୍କାର ଅଗ୍ରୀମ ସହାୟତା ପ୍ରଦାନ କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଗସ୍ତରେ ଆସି ବାତ୍ୟା ବିଧ୍ୱସିତ ଅଞ୍ଚଳ ପରିଦର୍ଶନ କରିବା ପରେ ତୁରନ୍ତ ୧୦୦୦ କୋଟି ଟଙ୍କାର ସହାୟତା ପ୍ରଦାନ କରିଥିଲେ। ଏହାପରେ ୩୩୩୮.୨୨ କୋଟି ଟଙ୍କାର ଅତିରିକ୍ତ ସହାୟତା ପ୍ରଦାନ କରାଯାଇଥିଲା।'' କମ୍ପେନ୍‌ସେଟୋରି ଆଫୋରେଷ୍ଟେସନ ଫଣ୍ଡ ମ୍ୟାନେଜମେଣ୍ଟ ଆଣ୍ଡ ପ୍ଲାନିଂ ଅଥୋରିଟି (କାମ୍ପା ଅନୁଦାନ) ଅନ୍ତର୍ଗତ ଓଡ଼ିଶାକୁ ୫୯୩୩.୯୮ କୋଟି ଟଙ୍କାର ଅନୁଦାନ ରାଶି ପ୍ରଦାନ କରାଯାଇଛି। କେନ୍ଦ୍ର ବଜେଟ ୨୦୧୯-୨୦ରେ ଓଡ଼ିଶା ପାଇଁ ରେଳବାଇ କ୍ଷେତ୍ରରେ ୫୯୯୩ କୋଟି ଟଙ୍କା ପ୍ରଦାନ କରାଯାଇଛି। ନଦୀ ଜଳପଥର ବିକାଶ ଲାଗି ମହାନଦୀକୁ ଚିହ୍ନଟ କରାଯାଇଥିବା ବେଳେ ବ୍ରାହ୍ମଣୀ ପାଇଁ ମଧ୍ୟ ଡିପିଆର ପ୍ରସ୍ତୁତ ଚାଲିଛି ବୋଲି ସେ କହିଛନ୍ତି। ଗତ ପାର୍ଲାମେଣ୍ଟ ଅଧିବେଶନରେ ୩୦ଟି ବିଲ୍ ପାରିତ ହୋଇଥିବା ବେଳେ ୫୮ଟି ପୁରୁଣା ଆଇନର ବିଲୋପ କରାଯାଇଛି। ସେହିପରି ଦେଶର ପ୍ରତ୍ୟେକ କୃଷକଙ୍କ ବ୍ୟାଙ୍କ ଖାତାରେ ୬ ହଜାର ଟଙ୍କା ଲେଖାଏ ଜମା କରିବା ଲାଗି ନିଷ୍ପତ୍ତି ନିଆଯାଇଛି। କାର୍ଯ୍ୟରୁ ଅବସର ନେଇଥିବା ପ୍ରତ୍ୟେକ କୃଷକଙ୍କ ଲାଗି ମାସିକ ୩ ହଜାର ଟଙ୍କା ପେନ୍‌ସନ ପ୍ରଦାନ କରାଯିବାର ନିଷ୍ପତ୍ତି ନିଆଯାଇଛି। ସରକାର ମଧ୍ୟ ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକ ଏବଂ ଛୋଟ ବ୍ୟବସାୟୀଙ୍କ ଲାଗି ପେନ୍‌ସନ ସୁବିଧା କରିଛନ୍ତି। ଶସ୍ତାରେ ଔଷଧ ପ୍ରଦାନ କରିବା ଲାଗି ଦେଶବ୍ୟାପୀ ୫,୫୦୦ ଜନ ଔଷଧୀ କେନ୍ଦ୍ର ଖୋଲାଯାଇଛି। ଖୁବଶୀଘ୍ର ଆଉ ୩ ଶହ ନୂତନ କେନ୍ଦ୍ର ଖୋଲାଯିବା ଲାଗି ବ୍ୟବସ୍ଥା କରାଯାଉଛି ବୋଲି ସେ କହିଛନ୍ତି। ଅର୍ଥନୈତିକ ମନ୍ଥରତା ସମ୍ବନ୍ଧୀୟ ଏକ ପ୍ରଶ୍ନର ଉତ୍ତର ଦେଇ ମାଣ୍ଡଭିୟା କହିଛନ୍ତି, ଏହା କ୍ଷଣସ୍ଥାୟ, ବର୍ତ୍ତମାନ ସମଗ୍ର ବିଶ୍ୱରେ ଅର୍ଥନୈତିକ ଅସ୍ଥିରତା ଜାରି ରହିଛି। ମାତ୍ର ଭାରତ ଉପରେ ଏହାର ପ୍ରଭାବ ଖୁବ୍ କମ୍ ପଡିଛି, ଚଳିତବର୍ଷ ଶେଷ ବେଳକୁ ଭାରତୀୟ ଅର୍ଥନୀତିରେ ସୁଧାର ଆସିବ।

### କଂଗ୍ରେସ, ବିଜେଡି କଲେ ସମାଲୋଚନା

କଂଗ୍ରେସ ବରିଷ୍ଠ ନେତା ଶରତ ରାଉତ କହିଛନ୍ତି, ଶହେ ଦିନର ସଫଳତା ସମ୍ପର୍କରେ ବଖାଣିବାର ନୈତିକ ଅଧିକାର ଭାଜପାର ନାହିଁ। ସେମାନେ ଯେଉଁସବୁ ଜନବିରୋଧୀ କାର୍ଯ୍ୟ ସବୁ କରୁଛନ୍ତି ତା'ର ପରିଣାମ ସାଧାରଣ ଲୋକଙ୍କୁ ଭୋଗିବାକୁ ପଡୁଛି । ବିଜେଡି ବିଧାୟକ ପ୍ରତାପ ଦେବ କହିଛନ୍ତି, ଓଡିଶାରୁ ଆହୁରି ୩ଟି ମନ୍ତ୍ରୀ ଦିଆଗଲେ ମଧ୍ୟ ରାଜ୍ୟର ବିକାଶ ହୋଇପାରିବନାହିଁ। ଓଡିଶା ପାଇଁ ବର୍ତ୍ତମାନ ସୁଦ୍ଧା କୌଣସି କାର୍ଯ୍ୟକ୍ରମ ସେମାନେ ହାତକୁ ନେଇ ନାହାନ୍ତି। ଦେଶର ଅର୍ଥନୈତିକ ଅଭିବୃଦ୍ଧି ମୋଦିଙ୍କ ସଫଳତା ବୋଲି ସେ କହିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................


ସ୍ୱୟଂ
ପରିବାରବର୍ଗ


ପ୍ରଲିପ୍ତା
ପରିବାରବର୍ଗ


ଅଭିନୀତ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଚାଷୀ ପଞ୍ଜୀକରଣ ଦେଖିବେ ୧୬ ଅଧିକାରୀ

**ଭୁବନେଶ୍ୱର,୯।୯(ବ୍ୟୁରୋ)**

ଧାନ ପଞ୍ଜୀକରଣ କିଭଳି ଚାଲିଛି, ଚାଷୀମାନେ ହଇରାଣ ହରକତ ହେଉଛନ୍ତି କି, ପଞ୍ଜୀକରଣ ତାଲିକାର ଅଗ୍ରଗତି, ତ୍ରୁଟି ଆଦି କାର୍ଯ୍ୟର ତଦାରଖ କରିବାକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଏବଂ ସମବାୟ ବିଭାଗର ୧୬ ଜଣ ଅଧିକାରୀଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ସେହି ଅଧିକାରୀମାନେ ୩୦ଟି ଜିଲାରେ ଚାଷୀ ପଞ୍ଜୀକରଣ କାର୍ଯ୍ୟକୁ ତଦାରଖ କରିବେ। ଏହି ଅଧିକାରୀମାନେ ସେପ୍ଟେମ୍ବର ୧୦ରୁ ୧୨ ତାରିଖ ମଧ୍ୟରେ ଉଦ୍ଦିଷ୍ଟ ଜିଲାର ପ୍ରାଥମିକ ସମବାୟ ସମିତି, ଲ୍ୟାମ୍ପସ୍, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ପାଣି ପଞ୍ଚାୟତରେ ହେଉଥିବା ଚାଷୀ ପଞ୍ଜୀକରଣ କାର୍ଯ୍ୟର ତଦାରଖ କରିବେ। ପଞ୍ଜୀକରଣ ସମୟରେ ଚାଷୀ ଦେଇଥିବା ଜମିଜମା ସଂକ୍ରାନ୍ତୀୟ ତଥ୍ୟ ଓ ପଟ୍ଟାଗୁଡ଼ିକର ଯାଞ୍ଚ କରିବେ। ପଞ୍ଜୀକୃତ ଚାଷୀଙ୍କର ତାଲିକା ପଞ୍ଚାୟତ, ସମବାୟ ସମିତି ଓ ଧାନ ସଂଗ୍ରହ କେନ୍ଦ୍ରଗୁଡ଼ିକରେ ପ୍ରଦର୍ଶନ କରାଯାଇଛି କି ନାହିଁ ସେସବୁର ତନଖି କରିବେ। ଅଗଷ୍ଟ ୩୧ ତାରିଖ ସୁଦ୍ଧା ଚାଷୀ ପଞ୍ଜୀକରଣ ନେଇ ଏକ ତାଲିକା ପ୍ରକାଶ କରାଯାଇଛି। ସେଥିରେ ଯଦି ଚାଷୀଙ୍କର କିଛି ସମସ୍ୟା ରହିଛି ତେବେ ତାହାକୁ ଠିକ୍ ଢଙ୍ଗରେ କାର୍ଯ୍ୟକାରୀ କରାଯାଉଛି କି ନାହିଁ। ଅଧିକାରୀମାନେ ଜିଲା ଗସ୍ତ ଶେଷ କରି ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବେ।

**ଚଳିତ ବର୍ଷ ନୂଆ ତାଳିକା**

- ୧୦ରୁ ୧୨ତାରିଖ ମଧ୍ୟରେ ବୁଲିବେ ୩୦ ଜିଲା
- ୯ ଲକ୍ଷ ୫୦ ହଜାର ଚାଷୀ ପଞ୍ଜୀକୃତ

ଚଳିତ ବର୍ଷ ଏ ପର୍ଯ୍ୟନ୍ତ ୯ ଲକ୍ଷ ୫୦ ହଜାର ଚାଷୀ ଧାନ ବିକ୍ରି କରିବାକୁ ପଞ୍ଜୀକରଣ କରିଛନ୍ତି। ତେବେ ଚଳିତ ବର୍ଷ ନୂତନ ଚାଷୀ ତାଲିକା ପ୍ରସ୍ତୁତ କରାଯାଉଛି। ବିଗତ ବର୍ଷ ଗୁଡ଼ିକରେ ସମବାୟ ସଂସ୍ଥାଗୁଡ଼ିକ ପୂର୍ବରୁ ପଞ୍ଜୀକୃତ ହୋଇଥିବା ଚାଷୀ ତାଲିକାକୁ ଧାନ ସଂଗ୍ରହରେ ସାମିଲ କରୁଥିଲେ। ଏଥିଯୋଗୁ ଚାଷୀ ପଞ୍ଜୀକରଣରେ ବହୁ ଜାଲିଆତି ହେଉଥିବା ନେଇ ଅଭିଯୋଗ ହେଉଥିଲା। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ନବୀକରଣ ପ୍ରକ୍ରିୟାକୁ ବାତିଲ କରି ନୂତନ ତାଲିକା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କ୍ଷୁଦ୍ର ଓ ଭାଗଚାଷୀ ଯେପରି ସେମାନଙ୍କ ଧାନ ବିକ୍ରି କରି ପାରିବେ ସେନେଇ ସମସ୍ତ ସହାୟତା ଯୋଗାଇ ଦେବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

■ ଟ୍ରେନ୍‌କୁ ପଥରମାଡ଼

# ଦୁଇବର୍ଷରେ ୨୮ଥର

**ଭୁବନେଶ୍ୱର, ୯।୯(ବ୍ୟୁରୋ)**

ଟ୍ରେନ୍ ଉପରକୁ ବିଭିନ୍ନ ସମୟରେ ପଥର ମାଡ଼ ହେଉଛି। ଏଥିଯୋଗୁ ଟ୍ରେନ୍ କ୍ଷତିଗ୍ରସ୍ତ ହେଉଥିବାବେଳେ ଯାତ୍ରୀ ଆହତ ହେଉଛନ୍ତି। ଗତ ଦୁଇବର୍ଷ ମଧ୍ୟରେ ପୂର୍ବତଟ ରେଳପଥରେ ଟ୍ରେନ୍ ଉପରକୁ ପ୍ରାୟ ୨୮ଥର ପଥର ମାଡ଼ ହୋଇଥିବା ଜଣାପଡ଼ିଛି। ଅଧିକାଂଶ ଘଟଣାରେ ଛୋଟପିଲା ଓ ଆଉ କିଛି ଘଟଣାରେ ଲୁଟେରା ବା ଅସାମାଜିକ ଲୋକେ ସମ୍ପୃକ୍ତ ଥିବା ଜଣାପଡ଼ିଛି। ଏହାକୁ ନେଇ ଏବେ ଚିନ୍ତା ବଢ଼ିଥିବାବେଳେ ରୋକିବାକୁ ବିକଳ୍ପ ପନ୍ଥା ଆପଣାଇଛି ରେଳପଥ ସୁରକ୍ଷା ବଳ (ଆର୍‌ପିଏଫ୍)। ବିଗତ ଦିନରେ ଯେଉଁ ସ୍ଥାନଗୁଡ଼ିକରେ ପଥର ମାଡ଼ ହୋଇଛି ସେଠାରେ ସଚେତନତା କାର୍ଯ୍ୟକ୍ରମ ଓ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯାଇଛି। ବିଶେଷକରି ବସ୍ତି ଅଞ୍ଚଳରେ ଏଭଳି ଘଟଣା ସର୍ବାଧିକ ଘଟିଥିବାରୁ ସେସବୁ ଅଞ୍ଚଳରେ ଆର୍‌ପିଏଫ୍ ପକ୍ଷରୁ ଚକୋଲେଟ, ବିସ୍କୁଟ ଆଦି ବଣ୍ଟନ କରାଯାଇ ସଚେତନତା ସୃଷ୍ଟି କରାଯାଉଛି। ତଥାପି ପଥରମାଡ଼ ବନ୍ଦ ହେଉ ନ ଥିବାରୁ ନୂଆ ସଚେତନତା ବାର୍ତ୍ତା 'ଟ୍ରେନ୍‌କୁ ଫୋପାଡୁଥିବା ପଥର ଆପଣଙ୍କ ସମ୍ପର୍କୀୟଙ୍କୁ ମଧ୍ୟ ଆହତ କରିପାରେ' ଜାରି କରାଯାଇଛି। ଏହା ପଥର ଫିଙ୍ଗୁଥିବା ଛୋଟ ପିଲା ହେଉ ଅବା ବ୍ୟକ୍ତି ବିଶେଷଙ୍କ ମନ ଓ ହୃଦୟଙ୍କୁ ନିଶ୍ଚିତ ଆନ୍ଦୋଳିତ କରିବା ସହ ସଚେତନ କରିବ ବୋଲି କୁହାଯାଇଛି।

ରେଳପଥରୁ ମିଳିଥିବା ସୂଚନାନୁସାରେ, ଗତବର୍ଷ ଭୁବନେଶ୍ୱରରେ ୬ଥର, କଟକରେ ୨ ଓ ସମ୍ବଲପୁରରେ ୨ଥର ଟ୍ରେନ୍‌କୁ ପଥର ମାଡ଼ ହୋଇଛି। ଚଳିତ ବର୍ଷ ପୂର୍ବତଟ ରେଳପଥରେ ଏଭଳି ୧୮ ମାମଲା ରିପୋର୍ଟ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ଷ୍ଟେଶନରେ ସୁରକ୍ଷାକୁ କଡ଼ାକଡ଼ି କରାଯିବା ସହ ସୁରକ୍ଷା ବଳ ଏହା ଉପରେ ସ୍ୱତନ୍ତ୍ର ନଜର ରଖିଛି। ପଥର ଫିଙ୍ଗା ନେଇ କୌଣସି ସୂଚନା କିମ୍ବା ଅଭିଯୋଗ ଥିଲେ ହେଲ୍‌ପ୍‌ଲାଇନ ନମ୍ବର ୧୮୨କୁ ଫୋନ କରିବା ଲାଗି ପୂର୍ବତଟ ରେଳପଥ ପକ୍ଷରୁ ସାଧାରଣ ଲୋକଙ୍କୁ ନିବେଦନ କରାଯାଇଛି।

■ ଘରୋଇ କଲେଜ ଛାତ୍ରଙ୍କ ଅସ୍ୱାଭାବିକ ମୃତ୍ୟୁ

# ହତ୍ୟା ଅଭିଯୋଗ ଆଣିଲେ ବାପା

ବଡ଼ମ୍ବା,୯।୯(ଡି.ଏନ.ଏ.): କଟକ ଜିଲା ବଡ଼ମ୍ବା ବ୍ଲକ ଅଧୀନ ବିଧାରପୁରଠାରେ ଥିବା ଏକ ଘରୋଇ କଲେଜ ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରଙ୍କ ରବିବାର ରାତିରେ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ମୃତ ଛାତ୍ର ହେଲେ ସୂର୍ଯ୍ୟକାନ୍ତ ସାମଲ(୧୭)। କଲେଜ କର୍ତ୍ତୃପକ୍ଷ ଏହାକୁ ଆତ୍ମହତ୍ୟା ବୋଲି କହୁଥିବାବେଳେ ମୃତ ଛାତ୍ରଙ୍କ ବାପା ସୋମବାର ମାଣିଆବନ୍ଧ ଫାଣ୍ଡିରେ ହତ୍ୟା ଅଭିଯୋଗ କରିଛନ୍ତି। ପୋଲିସ ଏକ ହତ୍ୟା ମାମଲା ନଂ-୧୮୩/୧୯ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଏଥିସହିତ ଘଟଣାସ୍ଥଳରୁ ଏକ ସୁଇସାଇଡାଲ୍ ନୋଟ୍ ଜବତ କରିଛି।

ସୂଚନା ଅନୁସାରେ, ଢେଙ୍କାନାଳ ଜିଲା ବାଲିମୀ ଥାନା ଅଧୀନ ଗାରିଲୋ ଗ୍ରାମର ତାପସ ସାମଲଙ୍କ ପୁଅ ସୂର୍ଯ୍ୟକାନ୍ତ ଚଳିତ ବର୍ଷ ଏଠାରେ ନାମ ଲେଖାଇଥିଲେ। ୨ ମାସ ହେବ ସେ କଲେଜ ହଷ୍ଟେଲରେ ରହୁଥିଲେ। ସବୁକିଛି ଠିକ୍‌ଠାକ୍ ଥିବାବେଳେ ରବିବାର ରାତିରେ ଛାତ୍ରଙ୍କ ମୃତ୍ୟୁ ହୋଇଥିବା କଲେଜ କର୍ତ୍ତୃପକ୍ଷ ତାଙ୍କ ଘର ଲୋକଙ୍କୁ ଜଣାଇଥିଲେ। ଏହାପରେ ଛାତ୍ରଙ୍କ ପରିବାର ଲୋକେ ପହଞ୍ଚି ଘଟଣା ସମ୍ପର୍କରେ ବୁଝିବା ପରେ ଫାଣ୍ଡିରେ ଅଭିଯୋଗ କରିଥିଲେ। ବଡ଼ମ୍ବା ଥାନା ଓ ମାଣିଆବନ୍ଧ ଫାଣ୍ଡି ଅଧିକାରୀ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ କରାଇ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏ ସମ୍ପର୍କରେ କଲେଜ କର୍ତ୍ତୃପକ୍ଷ କହିଛନ୍ତି, ଛାତ୍ର ଜଣଙ୍କ ତାଙ୍କ ରୁମ୍‌ରେ ଏକ ପଙ୍ଖାରେ ଝୁଲି ଆତ୍ମହତ୍ୟା କରିଛନ୍ତି। ଥାନା ଅଧିକାରୀ ଜ୍ଞାନରଞ୍ଜନ ମିଶ୍ରଙ୍କୁ ପଚାରିବାରେ ସେ କହିଥିଲେ, ପ୍ରାଥମିକ ପର୍ଯ୍ୟାୟରେ ଛାତ୍ରଙ୍କ ମୃତ୍ୟୁ ସମ୍ପର୍କରେ କିଛି ଜଣା ପଡ଼ିନାହିଁ। ତାଙ୍କ ବାପାଙ୍କ ଅଭିଯୋଗ କ୍ରମେ ଏକ ହତ୍ୟା ମାମଲା ରୁଜୁ କରାଯାଇଛି। ପୋଲିସର ତଦନ୍ତ ଓ ବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ।

## ବିକ୍ରମ ଭାଙ୍ଗିନି...

ତେବେ ବର୍ତ୍ତମାନ ସ୍ଥିତିରେ ସଂଯୋଗ ସ୍ଥାପନ କରିବା ବହୁତ କଷ୍ଟକର ବୋଲି ଅନ୍ୟ ଜଣେ ଇସ୍ରୋ ଅଧିକାରୀ କହିଛନ୍ତି। ଯଦି ବିକ୍ରମ ସୂକ୍ଷ୍ମ ଅବତରଣ କରିଥାନ୍ତା ଓ ସବୁ ସିଷ୍ଟମ୍ କାର୍ଯ୍ୟକ୍ଷମ ଥାଆନ୍ତା ତେବେ ଯୋଗାଯୋଗ ପୁନଃ ସ୍ଥାପନ ହୋଇପାରନ୍ତା ବୋଲି ସେ କହିଛନ୍ତି। ତେବେ ଏହା ପୁନଃ କାର୍ଯ୍ୟକ୍ଷମ ହେବା ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ଅନ୍ୟ ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ସବୁଠୁ ବଡ଼ କଥା ହେଉଛି ବିକ୍ରମର ଆଣ୍ଟିନା ଭୂମି ଆଡ଼କୁ କିମ୍ବା ଅର୍ବିଟର ଆଡ଼କୁ ରହିବା ଆବଶ୍ୟକ। ଏବେ ଆଣ୍ଟିନାକୁ ସଜାଡ଼ିବା ସମ୍ଭବ ନୁହେଁ। ଲ୍ୟାଣ୍ଡର ଶକ୍ତି ଉତ୍ପାଦନ କରିପାରୁଛି, କାରଣ ଏହାର ଚାରିପଟେ ସୋଲାର ପ୍ୟାନେଲ ସହିତ ଭିତରେ ବ୍ୟାଟେରି ରହିଛି। ବିକ୍ରମରେ ତିନୋଟି ପେ୍ଲାଡ ଯଥା ରେଡିଓ ଆନାଟୋମି ଅଫ ମୁନ୍ ବାଉଣ୍ଡ ହାଇପରସେନ୍‌ସିଟିଭ୍ ଆୟନୋସ୍ଫିୟର ଆଣ୍ଡ ଆଟମୋସ୍ଫିୟର (ରମ୍ଭା), ଚନ୍ଦ୍ରର ସର୍ଫେସ୍ ଥର୍ମୋ-ଫିଜିକାଲ ଏକ୍ସପେରିମେଣ୍ଟ (ଚାଷ୍ଟ) ଏବଂ ଇନ୍‌ଷ୍ଟ୍ରୁମେଣ୍ଟ ଫର ଲୁନାର ସିସ୍‌ମିକ୍ ଆକ୍ଟିଭିଟି (ଆଇଏଲ୍‌ଏସ୍‌ଏ) ରହିଛି।

## ଭାରତୀୟ ଦଳରେ...

ଚାମ୍ପିୟନ ଅଚିନ୍ତ ଶେଉଲି(୭୩) ଓ ଜେରେମି ଲାଲରିନୁଙ୍ଗା ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଭାରତୀୟ ଦଳରେ ସ୍ଥାନ ପାଇଥିବା ୭ ଜଣଯାକ ପ୍ରତିଯୋଗୀ ଏବେ ଥାଇଲାଣ୍ଡରେ ଟ୍ରେନିଂ ନେଉଛନ୍ତି।

ମୟୂରଭଞ୍ଜର ସ୍ନେହା ଚଳିତବର୍ଷ ଜାନୁୟାରୀ ୧୦ରେ ପୁଣେରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ୪୯ କେଜି କାଟେଗୋରିର ୨୧ ବର୍ଷରୁ କମ୍ ବାଳିକା ବର୍ଗରେ ସ୍ୱର୍ଣ୍ଣ ପଦକ ଜିତି ଚର୍ଚ୍ଚାକୁ ଆସିଥିଲେ। ୨୦୧୮ରେ ବିଶାଖାପଟନମରେ ଅନୁଷ୍ଠିତ ଜାତୀୟ ସବ୍‌ଜୁନିୟର ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ୩ ରୌପ୍ୟ ଏବଂ ନୂଆଦିଲ୍ଲୀରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ସ୍କୁଲ ଗେମ୍ସରେ ରୌପ୍ୟ ପଦକ ପାଇଥିଲେ। ୨୦୧୮ ଏପ୍ରିଲ ୨୦ରୁ ୩୦ ପର୍ଯ୍ୟନ୍ତ ଉଜବେକିସ୍ତାନରେ ଅନୁଷ୍ଠିତ ଏସିଆନ ଜୁନିୟର ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ସେ ବ୍ରୋଞ୍ଜ ପଦକ ଲାଭ କରିଥିଲେ। ୨୦୧୭ରେ ଗୋଲ୍ଡକୋଷ୍ଟରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ର ମହିଳା ୪୮ କେଜିରେ ସେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ଖୋର୍ଦ୍ଧାର ଝିଲ୍ଲୀ ରାଜ୍ୟ ଏବଂ ଜାତୀୟ ସ୍ତରରେ ଅନେକ ସଫଳତାପରେ ଅନ୍ତର୍ଜାତୀୟ ସ୍ତରରେ ପ୍ରଭାବୀ ପ୍ରଦର୍ଶନ ପାଇଁ ଭାରତୀୟ ଦଳର ନିୟମିତ ସଦସ୍ୟ ପାଲଟି ଯାଇଛନ୍ତି। ଅନ୍ତର୍ଜାତୀୟ ଇଭେଣ୍ଟ ମଧ୍ୟରେ ସେ ୨୦୧୬ ମାଲେସିଆ ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନରେ ରୌପ୍ୟ, ୨୦୧୭ରେ ଅଷ୍ଟ୍ରେଲିଆର ଗୋଲ୍ଡକୋଷ୍ଟରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନରେ ୨ ସ୍ୱର୍ଣ୍ଣ, ୨୦୧୮ରେ ଉଜ୍‌ବେକିସ୍ତାନରେ ଅନୁଷ୍ଠିତ ଏସିଆନ ଜୁନିୟର ଭାରୋତ୍ତୋଳନରେ ରୌପ୍ୟ, ସେହିବର୍ଷ ଉଜବେକିସ୍ତାନରେ ଅନୁଷ୍ଠିତ ବିଶ୍ୱ ଜୁନିୟର ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ଏବଂ ୨୦୧୯ ଏପ୍ରିଲରେ ଚାଇନାରେ ଅନୁଷ୍ଠିତ ଏସିଆନ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ର ୪୫ କେଜି ବର୍ଗରେ ରୌପ୍ୟ ପଦକ ହାସଲ କରିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ଅଗଷ୍ଟରେ...

ସେହିପରି ବାଇକ ବିକ୍ରି ୩ ବର୍ଷର ସର୍ବନିମ୍ନ ସ୍ତର ଛୁଇଁସାରିଲାଣି। ସିଆମ ପକ୍ଷରୁ ସୋମବାର ଦିଆଯାଇଥିବା ତଥ୍ୟରେ କୁହାଯାଇଛି ଯେ,ଅଗଷ୍ଟରେ ଘରୋଇ ବଜାରରେ କାର୍ ବିକ୍ରି ୪୧.୦୯ ପ୍ରତିଶତ ହ୍ରାସ ପାଇ ୧,୧୫,୯୫୭ ରହିଛି, ଯାହା କି ବର୍ଷକ ପୂର୍ବରୁ ଏହି ସମୟରେ ୧,୯୬,୮୪୭ ଥିଲା। ଏହିଅବଧିରେ ଦୁଇଚକିଆ ଯାନ ବିକ୍ରି ୨୨.୨୪% କମିଛି ଏବଂ ୧୫,୧୪,୧୯୬ ଗାଡ଼ି ବିକ୍ରି ହୋଇଛି। ବର୍ଷକ ପୂର୍ବରୁ ଏହି ମାସରେ ଦେଶରେ ୧୯,୪୭,୩୦୪ ଦୁଇଚକିଆ ଗାଡ଼ି ବିକ୍ରି ହୋଇଥିଲା। ତନ୍ମଧ୍ୟରୁ କେବଳ ମୋଟର ସାଇକେଲ ବିକ୍ରି ୨୨.୩୩% ହ୍ରାସ ପାଇ ୯,୩୭,୪୮୬ ରହିଛି। ବର୍ଷକ ପୂର୍ବରୁ ୨୦୧୮ ଅଗଷ୍ଟରେ ୧୨,୦୭,୦୦୫ ବାଇକ ବିକ୍ରି ହୋଇଥିଲା। ପ୍ରାପ୍ତ ସୂଚନାନୁଯାୟୀ, ଅଗଷ୍ଟରେ କମର୍ସିଆଲ ଗାଡ଼ି ବିକ୍ରି ୩୮.୭୧ ପ୍ରତିଶତ ହ୍ରାସ ପାଇ ୫୧,୮୯୭ ରହିଛି। ଏଣୁ ସମସ୍ତ ପ୍ରକାର ଗାଡ଼ି ବିକ୍ରିକୁ ହିସାବକୁ ନେଲେ ଅଗଷ୍ଟରେ ମୋଟ ଗାଡ଼ି ବିକ୍ରି ୨୩.୫୫% ହ୍ରାସ ପାଇ ୧୮,୨୧,୪୯୦ ରହିଛି। ପୂର୍ବ ବର୍ଷ ଏହି ସମୟରେ ୨୩,୮୨,୪୫୬ ଗାଡ଼ି ବିକ୍ରି ହୋଇଥିଲା। ସେହିପରି ଭାରି ଯାନ ବିକ୍ରି ୫୪.୩% କମି ୧୫,୫୭୩ରେ ପହଞ୍ଚିଛି। ଅନୁରୂପ ଭାବେ ହାଲୁକା ବାଣିଜ୍ୟିକ ଯାନ ବିକ୍ରି ଗତବର୍ଷ ଅପେକ୍ଷା ୨୮% ହ୍ରାସ ପାଇ ୩୬,୩୨୪ରେ ପହଞ୍ଚିଛି।

## ଫୁଲୁଛି...

ଆଶଙ୍କା ନାହିଁ ବୋଲି ଜଳ ସମ୍ପଦ ବିଭାଗ ପକ୍ଷରୁ କୁହାଯାଇଛି।

ରାଜ୍ୟରେ ମୌସୁମୀ ବର୍ଷା ସ୍ୱାଭାବିକ ରହିଛି। ଜୁନ ପହିଲାରୁ ସେପ୍ଟେମ୍ବର ୯ ତାରିଖ ସୁଦ୍ଧା ରାଜ୍ୟରେ ୧୦୦୮ ମିଲିମିଟର ବର୍ଷା ହେବାକୁ ଥିବା ବେଳେ ହୋଇଛି ୧୦୫୬.୬ ମିଲିମିଟର। ଅର୍ଥାତ ସ୍ୱାଭାବିକଠାରୁ ୫ ମିଲିମିଟର ଅଧିକ ବର୍ଷା ହୋଇଛି। କୋରାପୁଟ ଜିଲାରେ ସ୍ୱାଭାବିକଠାରୁ ୪୪ ପ୍ରତିଶତ ଅଧିକ ବର୍ଷା ହୋଇଥିବା ବେଳେ ମାଲକାନଗିରି ୨୧, କଳାହାଣ୍ଡି ୧୮, କନ୍ଧମାଳ ୧୭, ପୁରୀ ୨୦, ରାୟଗଡ଼ା ୧୪, ସୁବର୍ଣ୍ଣପୁର ୧୯, ନବରଙ୍ଗପୁର ୧୧, ବରଗଡ଼ ୧୫, ବୌଦ୍ଧ ୧୮ ଏବଂ ବଲାଙ୍ଗୀର ଜିଲାରେ ୧୮ ମିଲିମିଟର ଅଧିକ ବର୍ଷା ରେକର୍ଡ କରାଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, କଟକ, ବାଲେଶ୍ୱର, କେନ୍ଦ୍ରାପଡ଼ା, ଭଦ୍ରକ, ଯାଜପୁର, ଜଗତସିଂହପୁର, ଖୋର୍ଦ୍ଧା, ନୟାଗଡ଼ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ମଧ୍ୟମ ଧରଣର ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି। ଗତ ୪୮ ଘଣ୍ଟା ମଧ୍ୟରେ ଭୁବନେଶ୍ୱରରେ ୩୮ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଅନୁଗୋଳ ୩୪, ସୁନ୍ଦରଗଡ଼ ୧୧, ବାଲେଶ୍ୱର ୪.୪, ତାଳଚେରରେ ୬୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ବିଭିନ୍ନ ପ୍ରକାର ଘଟଣା ପ୍ରବାହଜନିତ ମାନସିକ ଅସ୍ଥିରତା କାରଣରୁ ଲାଗି ରହିବ। ଅ-ନାମାକ୍ଷର ବ୍ୟକ୍ତି ପରୋକ୍ଷଭାବେ ଶତ୍ରୁତା କରୁଥିବା ଲୋକ ବିଷୟରେ ବନ୍ଧୁଙ୍କ ସହ ଆଲୋଚନା ଜାରି ରଖିଲେ ଉପକୃତ ହୋଇପାରିବେ। କୌଣସି ବନ୍ଧୁ ସ୍ୱତଃପ୍ରବୃତ୍ତ ଭାବରେ ସାହାଯ୍ୟ କରିବାକୁ ଆଗେଇ ଆସିବା ସମ୍ଭାବନା ରହିଛି।

**ବୃଷ** ରାଜନୈତିକ କ୍ଷେତ୍ରରେ ଅସଫଳ କାମଗୁଡ଼ିକର ସମୀକ୍ଷା କରିପାରନ୍ତି। ବ-ନାମାକ୍ଷର ବ୍ୟକ୍ତିମାନେ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରିବେ। ଆଗାମୀ କାଲିର ମାଙ୍ଗଳିକ କାର୍ଯ୍ୟ ସକାଶେ ପ୍ରସ୍ତୁତିପର୍ବ ଜୋର୍‌ଦାର କରିପାରନ୍ତି। କୌଣସି ଆତ୍ମୀୟଙ୍କ ଅସହଯୋଗ ଓ ପରୋକ୍ଷ ସମାଲୋଚନାରେ କ୍ଷୁବ୍ଧ ହୋଇପାରନ୍ତି।

**ମିଥୁନ** ବନ୍ଧୁଙ୍କ ପରାମର୍ଶାନୁଯାୟୀ କିଛି ନୂତନ କାମ ଆରମ୍ଭ କରିବା ସକାଶେ ଚେଷ୍ଟା କରିପାରନ୍ତି। ପାରିବାରିକ କ୍ଷେତ୍ରରେ କୌଣସି ସମସ୍ୟାକୁ ସହଜରେ ସମାଧାନ କରିବାରେ ସଫଳ ହେବେ। ଘ-ନାମାକ୍ଷର ବ୍ୟକ୍ତି ସାଙ୍ଗଠନିକ ସ୍ତରରେ ନେତୃତ୍ୱ ନେଇ କିମ୍ବା ପ୍ରଶାସନିକ ସ୍ତରରେ ଦକ୍ଷତାଭିତ୍ତିକ ପ୍ରଶଂସନୀୟ କାମ କରିବେ।

**କର୍କଟ** ପ୍ରତ୍ୟେକ ସ୍ତରରେ ସମସ୍ତ ପ୍ରକାର ସୁବିଧା ଥିଲେ ମଧ୍ୟ କେତେକ କାମ ଅଧୁରା ରହିଯିବା ଆଶଙ୍କା ଦେଖାଦେବ। ବ୍ୟବସାୟ,ପରିବହନ ,କ୍ରୀଡ଼ା ଓ ଚଳଚ୍ଚିତ୍ରରେ, ସଭାସମିତିରେ ସମସ୍ୟା ସମାଧାନ ହେବ। ପୁଷ୍ୟା ନକ୍ଷତ୍ରର ବୃଦ୍ଧ ପିତାମାତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବାରୁ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ।

**ସିଂହ** ଯେତେ ପ୍ରକାର ସୁବିଧା ସୁଯୋଗ ସୃଷ୍ଟି କଲେ ମଧ୍ୟ ପାରିବାରିକ ସ୍ଥିରତା ହଠାତ୍ ଆସି ନ ପାରେ। ମ-ନାମାକ୍ଷର ବ୍ୟକ୍ତିମାନେ ସତର୍କରେ ନ ଚଳିଲେ ବିବାଦ ଘେରରେ ପଡ଼ିପାରନ୍ତି। ବୁଦ୍ଧିଜୀବୀମାନଙ୍କ ଦ୍ୱାରା ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ହଠାତ୍ କୌଣସି କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ହୁଅନ୍ତୁ ନାହିଁ।

**କନ୍ୟା** ଆଜି ଆପଣ ଆତ୍ମୀୟସ୍ୱଜନ କିମ୍ବା ପାଖ ପଡ଼ୋଶୀଙ୍କ ଠାରୁ ସହଯୋଗ ଲାଭକରି କାମଟିକୁ ପୂରା କରିପାରିବେ। ପ-ନାମାକ୍ଷର ବ୍ୟକ୍ତିଙ୍କ ଜମିଜମା, ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ରକରି ସାମାନ୍ୟ ଝଗଡ଼ା ସୃଷ୍ଟି ହୋଇପାରେ। ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧି ପାଇପାରେ।

**ତୁଳା** ଏଣୁତେଣୁ ଗୁଡ଼ାଏ କଥା ମନରେ ସ୍ଥାନ ଦେବା କାରଣରୁ କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ। ପିଲାଙ୍କ ଆଚରଣରେ ପରିବର୍ତ୍ତନ ଆସିପାରେ,ଏଣୁ ମନଟା ସାମୟିକ ଭାବରେ ଗୋଳମାଳିଆ ରହିବ। ସ୍ୱାତୀ ନକ୍ଷତ୍ରର ପରିବାରରେ ସୁଖଶାନ୍ତି ସାଙ୍ଗକୁ ସ୍ଥଗିତ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ।

**ବିଛା** ଅନ୍ତର୍ନିହିତ ଉଦ୍ଦେଶ୍ୟକୁ ଗୋପନ ରଖି ମନ ବୁଝିଲା ଭଳି କଥା କହି ବନ୍ଧୁମାନଙ୍କୁ ଆପଣେଇ ନେବାରେ ସମର୍ଥ ହେବେ। ନ-ନାମାକ୍ଷର ବ୍ୟକ୍ତିମାନେ ମନୋରଞ୍ଜନ, ବନ୍ଧୁ ମିଳନ, ଆଲୋଚନା, ସମିତି କିମ୍ବା ଯାତ୍ରା ପାଇଁ ଆଗ୍ରହୀ ହୋଇପାରନ୍ତି। କର୍ମକ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନରେ ଟେନ୍‌ସନ ବଢ଼ିପାରେ।

**ଧନୁ** ଯୋଜନାକୁ କାର୍ଯ୍ୟକାରୀ କରିବା ବିଷୟରେ ବନ୍ଧୁଙ୍କ ସହ ଖୋଲାଖୋଲି ଆଲୋଚନା କରିବା ଭଲ ହେବ। ମୂଳା ନକ୍ଷତ୍ରର ବିବାଦୀୟ ଘଟଣା ସକାଶେ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି, ସେଥିରେ କିଛି ହେବ ନାହିଁ। ଯାତ୍ରା ସମୟରେ କଥା ଦେଇଥିବା ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇ ପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ଭାବିଚିନ୍ତି କାମ କରିବା ଭଲ ହେବ।

**ମକର** ଅଭାବ ଲାଗି ରହିଥିଲେ ମଧ୍ୟ ଧାରକରଜ କରି କାମ ତୁଲାଇନେବାକୁ ବାଧ୍ୟ ହୋଇପାରନ୍ତି। କାଳେ ଦେବାକୁ ପଡ଼ିବ, ଏହି ବିଷୟ ମନରେ ଚିନ୍ତାକରି ସମ୍ପର୍କୀୟମାନେ ପାଖ ମାଡ଼ିବେ ନାହିଁ। ଶ୍ରବଣା ନକ୍ଷତ୍ର ପରିବାର ଓ ପରିବହନ ତଥା ବ୍ୟବସାୟିକ ଦିଗରୁ ଲାଭବାନ୍ ହେବେ। ଯାନବାହନରେ ସତର୍କ ରୁହନ୍ତୁ, ଅନ୍ୟଥା ସମସ୍ୟା ଆସିପାରେ।

**କୁମ୍ଭ** ପାରିବାରିକ କ୍ଷେତ୍ରରେ କାହାର ଛୋଟ କଥାକୁ ଧରି ବସିବା ଠିକ୍ ହେବନାହିଁ। ଆଜିର ବନ୍ଧୁମିଳନ ପ୍ରକୃଷ୍ଟ ସମୟ କହିଲେ ଅତ୍ୟୁକ୍ତି ହେବନାହିଁ। ବ୍ୟବସାୟ, କଚେରି ମାମଲା, ପରିବହନ ଦିଗରୁ ଲାଭବାନ୍ ହେବେ। ଶ-ନାମାକ୍ଷର ବ୍ୟକ୍ତିମାନେ କର୍ମକ୍ଷେତ୍ର କିମ୍ବା ଆନୁଷ୍ଠାନିକ କାମରେ ଦୃଢ଼ ପଦକ୍ଷେପ ଗ୍ରହଣ କରି କାମ ହାସଲ କରିବେ।

**ମୀନ** ଆକସ୍ମିକ କୌଣସି ବ୍ୟକ୍ତିଙ୍କ ଉପସ୍ଥିତି ଆପଣଙ୍କ ସକାଶେ କିଛି ଅସୁବିଧା ସୃଷ୍ଟି ହୋଇପାରେ। ବହୁଦିନରୁ ରହିଯାଇଥିବା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ରେବତୀ ନକ୍ଷତ୍ରର ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବ୍ୟବସାୟରେ ଲାଭ ମିଳିବ, ମାତ୍ର ପରିସ୍ଥିତିବଶତଃ ଅନ୍ୟ ବାଟରେ ବ୍ୟୟ ହୋଇଯିବା ସୂଚନା ରହିଛି।

ଆଜି ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ମଙ୍ଗଳବାର, ସୁନିଆଁ, ପୁରୀ ଗଜପତି ମହାରାଜା ଶ୍ରୀଦିବ୍ୟସିଂହ ଦେବଙ୍କ ନୂତନ ଅଙ୍କ ଆରମ୍ଭ, ଶ୍ରୀମନ୍ଦିରରେ ବାମନ ଜନ୍ମ, ଶକ୍ରଧ୍ୱଜୋତ୍ଥାପନ, ଇନ୍ଦ୍ରଧ୍ୱଜ ପୂଜା, ଗରୁଡ଼ ପାର୍ଶ୍ୱ ପରିବର୍ତ୍ତନ, ୧୪୨୭ ସାଲ ପ୍ରବେଶ, ମହରମ ପର୍ବ, ସେପ୍ଟେମ୍ବର ୧୦ ତାରିଖ, ବିଶ୍ୱ ଆତ୍ମହତ୍ୟା ନିରୋଧୀ ଦିବସ, ରାଶିନକ୍ଷତ୍ର-ଦିବା ଘ୦୧।୪ମି.ଗତେ ଶ୍ରବଣା/ମକର ରାଶିର ଘାତବାର। ସକାଳ ଘ୦୬।୫୫ମି. ଗତେ ଘ୦୮।୩୨ମି. ମଧ୍ୟେ, ଘ୦୩।୧୦ମି. ଗତେ ଘ୦୪।୪୭ମି. ମଧ୍ୟେ ଅମୃତବେଳା। ସକାଳ ଘ୦୬।୫୫ମି. ମଧ୍ୟେ ଘ୦୧୦।୧୧ମି. ଗତେ ଘ୦୧।୫୦ମି. ମଧ୍ୟେ ମାହେନ୍ଦ୍ରବେଳା।


# classifieds Everyday 0674-2580101, 2549302

**real estate**

**SALE**

4BHK duplex with Gated community at Balianta (Land-1400 construction 2200 @ 55,00,000/- and 2600 @ 65,00,000/) Contact Mplanets: 9938219397, 9861022055. D-14207

କଟକ-ଗୋପାଳପୁର ଧାକୁଲେଇପିଠରୁ 3k.m sqft.250/-, ବାଳକାଟି ବଜାରରୁ 2k.m sqft. 550/- ନଖରା DPS ପାଖରେ 750/- ରେ ଘରବାରି ପ୍ଲଟ ମିଳୁଅଛି। 9348020724, 7978939440. D-66769

2 lacs deposit ଦେଇ Bank loan ମାଧ୍ୟମରେ Bhubaneswarରେ plot କିଣନ୍ତୁ। Registration/ possession ନେଇ ଘର କରନ୍ତୁ। Mob: 8917412076. D-14282

7,50,000/- ଟଙ୍କା ଦେଇ 1500sqft. ଜାଗାର ମାଲିକ ହୁଅନ୍ତୁ, ଭୁବନେଶ୍ୱର ନୂଆ ରେଲୱେଷ୍ଟେସନ ପାଖରେ। 9040628648. D-66775

Bhubaneswar-Khurda NH Pitapalli Chhakରେ 30', 60' Road, Electric, boundaryଥାଇ plot 6,00,000/-ରେ କିଣନ୍ତୁ। Contact: 9777614605, 6371719107. D-14253

ଭୁବନେଶ୍ୱର ଉତ୍ତରା KEC କଲେଜ ପାଖରେ ଘରବାରି ପାଚେରି ପ୍ଲଟ ବିକ୍ରିହେବ। 9178660666. D-14262

ଭୁବନେଶ୍ୱର Gudiapokhari ଏବଂ KEC ଠାରେ ଅଗ୍ରୀମ Boundarywall, 30ft road ଏବଂ ବାସୋପଯୋଗୀ plot ଦିଆଯାଉଅଛି Sqft 650/- 7008045582, 9692003948. D-14283

**PURCHASE**

Land requires on basis of Outright/ Sharing/ Marketing. 9937816565, 9937568585. D-14284

**ACCOMMODATION**

Wanted 1000-1200sqft. space for office Jaydev Vihar, Nayapalli, Acharya Vihar, Baragada Canal Road, Gautam Nagar, Ratha Road. Call: 9938720683, 9853483658. D-67384

**packers & movers**

Shivam logistic packers movers. Household/ car relocation countrywide. 9777044177, 9338461133. D-14206

**healthcare**

Fully refreshed / relaxed body massage by expert therapist, Shastri Nagar. 7377984773. D-67368

Rejuvenate and ayurvedic full body massage by smart therapist. 9114402304. D-67367

Ayurvedic herbal body massage trend therapist. Mob: 8018246332. D-66956

Herbal full body massage by smart / expert therapist. Contact: 8338067247. D-67379

Summer special mesmerizing offer expert therapeutic refreshing massage appointment. 9668374480. D-67380

Experience full body massage with us (expert). Call: 7377048581, 06742597822. D-67382

Full body herbal massage with refreshment expert therapist. 7381239385, 06742540855. D-67381

Refresh your mind and soul with best therapy at Orchid Salon/Spa. 9937287222. D-66958

**business**

ମାସକୁ ୧୦,୦୦୦ରୁ ୩୦,୦୦୦ କମାନ୍ତୁ, ନିଜଘରେ ବ୍ୟବସାୟ କରି। Training free. Mob: 9777434078. D-14214

ନିଜର ଖାଲି ଜମିରେ Jio ଟାୱାର ଲଗାଇ ମାସକୁ ୪୦,୦୦୦ ଟଙ୍କା କମାନ୍ତୁ। Contact: 6205369267. D-14117

**astrology**

ପ୍ରେମିକ, ପ୍ରେମିକା, ସ୍ୱାମୀ, ସ୍ତ୍ରୀ ଦୌଡ଼ିଆସିବେ। ବାବା ଅର୍ଜୁନ ବଙ୍ଗାଳୀ ତୋଫାନୀ ସମାଧାନ, ୫ଘଣ୍ଟାରେ ପ୍ରେମବିବାହ, ଗୃହକ୍ଳେଶ, ସଉତୁଣୀଶତ୍ରୁ, ପ୍ରେମରେ ଧୋକା, ମହାବଶୀକରଣ, ମୁଠକରଣୀ, ଚାକିରି। 9012986372, 7536805797. D-14166

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

By virtue of an affidavit before Notary, Puri on 24.08.2007, I Sarita Parija has changed my surname from Parija to Parida. Henceforth, I will be known as Sarita Parida instead of Sarita Parija for all purpose. Sarita Parida, W/o Sushil Chandra Parida, At: Baghasahi, P/o: Sriramchandrapur, P.S.- Satyabadi, Dist: Puri. D-67604

**ନିରୁଦ୍ଦିଷ୍ଟ**



ନାମ: ବବିତା ବେହେରା
ବୟସ: ୨୭
ଉଚ୍ଚତା: ୫ଫୁଟ ୩ଇଞ୍ଚ
ବର୍ଣ୍ଣ: ଶ୍ୟାମଳ ଭାଷା: ହିନ୍ଦୀ
ଯିବାବେଳେ ଧଳା ଶାଢ଼ି ପିନ୍ଧିଥିଲେ, ଚଳିତ ମାସ ୩ ତାରିଖରୁ ନିଖୋଜ ଅଛନ୍ତି। କେହି ସନ୍ଧାନ ପାଇଲେ ନିମ୍ନ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ। 9572188004, 9937083634
ଧ-୧୪୨୮୫

Your Classified Advertisement published in Dharitri will be listed free in Dharitri Online Edition: www.dharitri.com



## ଜିଲ୍ଲା ଚିଠି ବରଗଡ଼

# ରାସ୍ତା ନିର୍ମାଣରେ ତ୍ରୁଟି

ଓଡ଼ିଶାର ସଡ଼କ ଦୁର୍ଘଟଣା ଯେ କେବଳ ଗାଡ଼ି ଚାଳକଙ୍କ ପାଇଁ ହୋଇଥାଏ, ତାହା ନୁହେଁ। ଏଥିରେ ଗାଁ ରାସ୍ତାଠାରୁ ଆରମ୍ଭ କରି ରାଜ୍ୟ ରାଜପଥ, ଜାତୀୟ ରାଜପଥର ମଧ୍ୟ ସହଭାଗିତା ରହିଛି। ଯଦି ପଥ ଠିକ୍ ନୁହେଁ, ତେବେ ଯେତେ ସତର୍କତାର ସହିତ ଚାଳକ ଗାଡ଼ି ଚଳାଇଲେ ମଧ୍ୟ ଦୁର୍ଘଟଣା ଘଟିବା ସ୍ୱାଭାବିକ। ଏହାକୁ କେହି ବି ଏଡ଼ାଇ ଦେଇ ପାରିବେ ନାହିଁ। ବରଗଡ଼ ଜିଲ୍ଲା ସୋହେଲାଠାରୁ ସମ୍ବଲପୁର ଜିଲ୍ଲା ଅଇଁଠାପାଲି ପର୍ଯ୍ୟନ୍ତ ଚାରିଥାକିଆ(ଫୋରଲେନ୍) ରାଜପଥ କଥା ଏଠାରେ ଉଦାହରଣ ଭାବେ ନିଆଯାଇପାରେ। ଫୋରଲେନ୍ ହେବା ସତ୍ତ୍ୱେ ୮୮ କି.ମି. ଦୀର୍ଘ ଏହି ରାସ୍ତାରେ ଦୁର୍ଘଟଣା ଥମିବାର ନାଁ ନେଉନି। ସଡ଼କ ଦୁର୍ଘଟଣା ଏଠାରେ ନିତିଦିନିଆ ଘଟଣା ପାଲଟିଛି। ଲୋକେ ମୃତାହତ ହେଉଛନ୍ତି। ବେପରୁଆ ଭାବେ ଗାଡ଼ି ଚାଳନା ଏହାର ଏକ କାରଣ ହୋଇଥିବାବେଳେ ଫୋରଲେନ ରାସ୍ତା ନିର୍ମାଣରେ କେତେକ ସ୍ଥାନରେ ରହିଥିବା ତ୍ରୁଟି ମଧ୍ୟ ସେଥିପାଇଁ ଦାୟୀ ବୋଲି ଅଭିଯୋଗ ହୋଇଛି। ଫୋରଲେନ୍ ରାସ୍ତା ନିର୍ମାଣରେ ଅସନ୍ତୋଷ ପ୍ରକାଶ କରି ସ୍ଥାନୀୟ ଲୋକେ ଆନ୍ଦୋଳନକୁ ଓହ୍ଲାଇଥିଲେ। ବିଗତଦିନରେ ଖୋଦ୍ ଜାତୀୟ ରାଜପଥ ପ୍ରାଧିକରଣ ସଂସ୍ଥା (ଏନଏଚଏଆଇ) ଅଧିକାରୀଙ୍କ ସମେତ ଖଡ଼ଗପୁର ଆଇଟିଆଇର ବିଶେଷଜ୍ଞ ଟିମ୍ ଏଠାକୁ ଆସି ବିଭିନ୍ନ ସ୍ଥାନରେ ରହିଥିବା ତ୍ରୁଟି ଚିହ୍ନଟ କରିଥିଲେ। ଏଥିସହିତ ସେଥିରେ ସୁଧାର ଆଣିବାକୁ ପରାମର୍ଶ ଦେଇଥିଲେ। ମାତ୍ର ବର୍ଷ ପରେ ବର୍ଷ ବିତିଯାଉଛି, ହେଲେ ସେଥିରେ କିଛି ବି ସୁଧାର ଆସି ନାହିଁ। ଅନ୍ୟପକ୍ଷେ ଆଇନ ଅନୁଯାୟୀ ସ୍ପିଡ୍ ବ୍ରେକର୍ ପାଇଁ ରାଜପଥ ଉପରେ ହମ୍ପସ୍ ନିର୍ମାଣ କରାଯାଉନି। ହେଲେ ବିଭିନ୍ନ ସ୍ଥାନରେ ହମ୍ପ୍‌ସ ନିର୍ମାଣ କରାଯାଉଛି। ଯାହା କେବଳ ଦୁର୍ଘଟଣାର ବାହକ ସାଜି ନାହିଁ, ପ୍ରଦୂଷଣଠାରୁ ଆରମ୍ଭ କରି ଗାଡ଼ି ପ୍ରତି କ୍ଷତି ପହଞ୍ଚାଇବାରେ ସହାୟକ ହୋଇଛି। କଥା ଏତିକିରେ ସରି ନାହିଁ, ନୂତନ ମୋଟରଯାନ ଆଇନ ଅନୁଯାୟୀ, ପୋଲିସ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶରେ ଯେଉଁ ଟୋଲଗେଟ୍‌ଗୁଡ଼ିକରେ ଯାଞ୍ଚ ଚାଲିଛି, ସେଥିମଧ୍ୟରୁ ୫ଟି ଟୋଲଗେଟ୍ ବହୁ ପୂର୍ବରୁ ଅବୈଧ ଘୋଷିତ ହୋଇସାରିଛି। ବରଗଡ଼ର ବରାହଗୋଡ଼ା ସମେତ ପିପିଲି, ଚଣ୍ଡିଖୋଲ ନିକଟ ଶେରଗଡ଼, ମଙ୍ଗୁଳି, ପାଣିକୋଇଲି ଟୋଲଗେଟ୍ ପୌରାଞ୍ଚଳର ୧୦କିମି ଦୂରରେ ରହିଛି। ଏହି ଟୋଲଗେଟ୍ ୨ଟି ଟୋଲପ୍ଲାଜାର ୬୦କିମି ଦୂରତା ମଧ୍ୟରେ ରହିଛି। ଫଳରେ ୨୦୧୬ ମସିହାରୁ ଏଭଳି ଟୋଲଗେଟ୍ ଅବୈଧ ବୋଲି ବହୁପୂର୍ବରୁ ଘୋଷିତ ହୋଇସାରିଛି। ଉଭୟ ରାଜ୍ୟ, କେନ୍ଦ୍ର ସରକାର ଏ କଥାକୁ ସ୍ୱୀକାର ମଧ୍ୟ କରି ସାରିଛନ୍ତି। ଏପରି ସେହି ଟୋଲପ୍ଲାଜାକୁ ନିର୍ଦ୍ଧାରିତ ଦୂରତ୍ୱକୁ ସ୍ଥାନାନ୍ତର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ମାତ୍ର ଏପର୍ଯ୍ୟନ୍ତ ସେହି ଟୋଲଗେଟ୍‌ଗୁଡ଼ିକ ସ୍ଥାନାନ୍ତର ହୋଇପାରିନାହିଁ। ପୂର୍ବ ନିର୍ଦ୍ଦେଶକୁ ବେଖାତିର କରିଥିବା ଟୋଲଗେଟ୍ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ବି ହୋଇନାହିଁ। ନୂଆ ମୋଟରଯାନ ଆଇନ ଅନୁସାରେ ଏବେ ସେହି ଅବୈଧ ଘୋଷିତ ଟୋଲଗେଟ୍‌ରେ ପୋଲିସ, ପରିବହନ ବିଭାଗ ଛପି ରହି ଯାଞ୍ଚ ଚଳାଉଛନ୍ତି। ଏଭଳି ଦୋଷ, ଦୁର୍ବଳତାକୁ ଲୁଚାଇବା ପାଇଁ ଲୋକଙ୍କ ଚାପରେ ଏବେ ରାଜ୍ୟ ସରକାର ମୋଟରଯାନ ଆଇନକୁ କୋହଳ କରିଥିବା ମନେ ହେଉଛି।

– ପ୍ରେମାନନ୍ଦ ଖମାରୀ

# ଭାରତରେ ମହିଳାଙ୍କ ଆତ୍ମହତ୍ୟା ଅଧିକ

ବିଶ୍ୱ ଆତ୍ମହତ୍ୟା ନିରୋଧୀ ଦିବସ ପ୍ରତିବର୍ଷ ସେପ୍ଟେମ୍ବର ୧୦ରେ ସାରା ବିଶ୍ୱରେ ୨୦୦୩ରୁ ପାଳନ କରାଯାଉଛି। ଆନ୍ତର୍ଜାତିକ ଆତ୍ମହତ୍ୟା ନିରୋଧୀ ସଂଗଠନ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏବଂ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ସଂଘର ମିଳିତ ସହଯୋଗରେ ଏହି ଦିବସ ପାଳନ କରାଯାଉଛି। ବିଶ୍ୱରେ ଆତ୍ମହତ୍ୟା ରୋକିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତିବଦ୍ଧତା ଆଣିବା ଓ ପଦକ୍ଷେପ ନେବାକୁ ଆହ୍ୱାନ ଦେଇଥାଏ ଏହି ଦିବସ। ୨୦୦୩ରେ ବିଶ୍ୱ ଆତ୍ମହତ୍ୟା ନିରୋଧୀ ଦିବସର ସ୍ଲୋଗାନ ଥିଲା–'ଆତ୍ମହତ୍ୟାକୁ ରୋକାଯାଇପାରିବ'। ସେବେଠାରୁ ୨୦୧୧ ସୁଦ୍ଧା ୪୦ଟି ଦେଶରେ ଆତ୍ମହତ୍ୟା ରୋକିବା ଉପରେ ସଚେତନତା ସୃଷ୍ଟି କରାଯାଇପାରିଥିଲା। ଆତ୍ମହତ୍ୟା ଘଟଣା କ୍ରମଶଃ ବୃଦ୍ଧିପାଇଛି, କିନ୍ତୁ ୩୮ଟି ଦେଶ ଏଯାବତ ଆତ୍ମହତ୍ୟା ରୋକିବା ପାଇଁ ଜାତୀୟସ୍ତରରେ ଯୋଜନା କରିଛନ୍ତି।୨୦୧୯ରେ ବିଶ୍ୱ ଆତ୍ମହତ୍ୟା ନିରୋଧୀ ଦିବସର ସ୍ଲୋଗାନ୍ ରହିଛି 'ଆତ୍ମହତ୍ୟା ରୋକିବା ଲାଗି ମିଳିମିଶି କାମ କରିବା'।




ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ରିପୋର୍ଟରୁ ଜଣାପଡେ ଯେ, ବିଶ୍ୱରେ ୨୦୦୮, ୨୦୧୨ ଓ ୨୦୧୫ ରେ ପୁରୁଷଙ୍କ ତୁଳନାରେ ମହିଳାମାନେ ବେଶି ଆତ୍ମହତ୍ୟା କରିଥିଲେ। ଭାରତରେ ୧୯୯୦ରେ ଆତ୍ମହତ୍ୟା ୨୦.୩ ପ୍ରତିଶତ ରହିଥିଲା ଯାହା ୨୦୧୬ରେ ପହଞ୍ଚିଥିଲା ୩୬.୬ ପ୍ରତିଶତରେ। ସେହିପରି ପୁରୁଷଙ୍କ ଆତ୍ମହତ୍ୟା ପ୍ରତିଶତ ୧୮.୭ ରହିଥିବାବେଳେ ତାହା ୨୦୧୬ରେ ପହଞ୍ଚିଥିଲା ୨୪.୩ ପ୍ରତିଶତରେ। ପୁରୁଷଙ୍କ ତୁଳନାରେ ଭାରତରେ ମହିଳାମାନେ ବେଶି ଆତ୍ମହତ୍ୟା କରୁଛନ୍ତି। ଆତ୍ମହତ୍ୟା କରିବାର ବିଭିନ୍ନ କାରଣ ରହିଛି। ଏକ ଆକଳନରୁ ଜଣାଯାଏ, ବିଶ୍ୱରେ ବର୍ଷକୁ ୧୦ ଲକ୍ଷ ଲୋକ ଆତ୍ମହତ୍ୟା କରୁଛନ୍ତି। ଏହା ବିଶ୍ୱରେ ମୋଟ୍‌ରେ ହେଉଥିବା ମୃତ୍ୟୁର ୧.୪ ପ୍ରତିଶତ। ପ୍ରତି ୪୦ ସେକେଣ୍ଡରେ ଜଣେ କିମ୍ବା ଦିନକୁ ୩,୦୦୦ ଜଣ ଆତ୍ମହତ୍ୟା କରୁଛନ୍ତି। ୨୦୦୪ରେ ରହିଥିବା ଏହି ସଂଖ୍ୟା ୨୦୨୦ରେ ୧୫ ଲକ୍ଷରେ ପହଞ୍ଚିବ ବୋଲି ଆକଳନ କରାଯାଇଛି। ସାରା ବିଶ୍ୱରେ ମହିଳାଙ୍କ ଆତ୍ମହତ୍ୟା ହାର ବେଶି । ପୁରୁଷଙ୍କ ଅପେକ୍ଷା ୨–୩ ଗୁଣ ଅଧିକ ଆତ୍ମହତ୍ୟା ଉଦ୍ୟମ କରୁଛନ୍ତି ମହିଳାମାନେ । ବିଶ୍ୱରେ ଯେତିକି ଲୋକ ଯୁଦ୍ଧ ଓ ହତ୍ୟା ଯୋଗୁ ମୃତ୍ୟୁର ଶିକାର ହେଉଛନ୍ତି ତା'ଠାରୁ ଅଧିକ ମୃତ୍ୟୁ ହେଉଛି ଆତ୍ମହତ୍ୟା କାରଣରୁ। ଆତ୍ମହତ୍ୟା କରିବାକୁ ୧୫ରୁ ୨୪ ବର୍ଷ ବୟସ ମଧ୍ୟରେ କିଶୋର ଓ ଯୁବକମାନେ ଅଧିକ ଉଦ୍ୟମ କରୁଛନ୍ତି ବୋଲି ବିଶ୍ୱସ୍ୱାସ୍ଥ୍ୟ ସଂଗଠନର ଏକ ରିପୋର୍ଟରୁ ଜଣାପଡିଛି। ବିଶ୍ୱରେ ପ୍ରତିବର୍ଷ ଆତ୍ମହତ୍ୟା କରୁଥିବା ଲୋକଙ୍କ ମଧ୍ୟରୁ ୧,୩୫, ୦୦୦(୧୭ ପ୍ରତିଶତ) ଭାରତରେ ହେଉଛି। ବିଶ୍ୱ ଜନସଂଖ୍ୟାର ୧୭.୫ ପ୍ରତିଶତ ଲୋକ ରହୁଥିବା ଦେଶରେ ବିଶ୍ୱର ମୋଟ୍ ଆତ୍ମହତ୍ୟାର ୧୭ ପ୍ରତିଶତ ହେବା ଚିନ୍ତାଜନକ। ବିଶ୍ୱରେ ଯେତିକି ମହିଳା ଆତ୍ମହତ୍ୟା କରୁଛନ୍ତି ତା'ର ୩୭ ପ୍ରତିଶତ ହେଉଛନ୍ତି ଭାରତୀୟ ।

ଆତ୍ମହତ୍ୟା ବୃଦ୍ଧିର ମୁଖ୍ୟ କାରଣଗୁଡିକ ମଧ୍ୟରେ ଦାରଦ୍ର୍ୟ, ବେକାରି, ପ୍ରିୟଜନଙ୍କୁ ହରାଇବା, ଯୁକ୍ତିତର୍କ, ଆଇନ ତଥା କାର୍ଯ୍ୟ ସମ୍ବନ୍ଧିତ ସମସ୍ୟାରୁ ଏହା ବେଶି ହେଉଛି। ବ୍ୟକ୍ତିଗତ,ସାମାଜିକ, ଆର୍ଥିକ ତଥା ପାରିବାରିକ ସମସ୍ୟା ଆତ୍ମହତ୍ୟାର କାରଣ ପାଲଟୁଛି। ଧନୀ ଦେଶଗୁଡିକରେ ମହିଳାଙ୍କ ତୁଳନାରେ ୩ ଗୁଣ ପୁରୁଷ ଆତ୍ମହତ୍ୟା କରୁଛନ୍ତି। ନିମ୍ନ ଓ ମଧ୍ୟମ ଆୟକାରୀ ଦେଶଗୁଡିକରେ ପୁରୁଷ– ମହିଳା ଅନୁପାତ କମ୍ ରହିଛି। କିନ୍ତୁ ଆମେରିକାରେ ମହିଳାଙ୍କ ତୁଳନାରେ ୪ ଗୁଣ ପୁରୁଷ ଆତ୍ମହତ୍ୟା କରନ୍ତି ବୋଲି ୨୦୧୬ର କରାଯାଇଥିବା ଏକ ସର୍ଭେରୁ ଜଣାପଡିଛି। ୨୦୧୮ରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ରିପୋର୍ଟରେ କୁହାଯାଇଛି, ୧୫–୩୯ ବର୍ଷ ବୟସରେ ସାରା ବିଶ୍ୱରେ ଅଧିକ ଆତ୍ମହତ୍ୟା କରୁଛନ୍ତି।

ସାମାଜିକ ଓ ଧାର୍ମିକ ପ୍ରତିବନ୍ଧକ ଆତ୍ମହତ୍ୟାର କାରଣ ହେଉଛି। ବହୁ ଦେଶରେ ଆତ୍ମହତ୍ୟା ଉଦ୍ୟମକୁ ଅପରାଧ ଭାବେ ଗ୍ରହଣ କରାଯାଇଛି। କିନ୍ତୁ ଯିଏ ଏହି ଉଦ୍ୟମ କରୁଛନ୍ତି ଏହାର ମୂଳ କାରଣ କ'ଣ ତାହା ଜାଣି ଆଲୋଚନା ପରିସରକୁ ପ୍ରାୟ ଆଣିବାର ଉଦ୍ୟମ କରାଯାଉନାହିଁ। ଏହାକୁ ପରିବାର ପକ୍ଷରୁ ଏକ କଳଙ୍କ ବୋଲି ବିଚାର କରି ଚାପିଦିଆଯାଉଛି। ଯେଉଁମାନେ ଆଇନ ପରିସରକୁ ଆସୁଛନ୍ତି ତାହା ବି ଫାଇଲ ତଳେ ରହିଯାଉଛି। ଆତ୍ମହତ୍ୟା ଉଦ୍ୟମ କରୁଥିବା ବ୍ୟକ୍ତି ସେମାନଙ୍କ ସମସ୍ୟାର ସମାଧାନ କରିବାକୁ ସାହାଯ୍ୟ ନେବାକୁ ଚାହୁଁ ନ ଥିବାରୁ ସେମାନେ ଯେଉଁ ସାହାଯ୍ୟ ପାଇବା କଥା ତାହା ପାଇପାରୁନାହାନ୍ତି। ଏଣୁ ଆତ୍ମହତ୍ୟା ନିରୋଧୀ ଅଭିଯାନ ବ୍ୟାପକ ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ। ଏହା ସଚେତନତା ଅଭାବରୁ ହିଁ ହେଉଛି। ଏଥିପାଇଁ ଆତ୍ମହତ୍ୟାର କାରଣଗୁଡିକୁ ଠାବ କରାଯାଇଥିଲେ ବି ଏହା ପ୍ରତି ସଚେତନତା ସୃଷ୍ଟି କରିବା ପଥରେ ଥିବା ସାମାଜିକ ପ୍ରତିବନ୍ଧକକୁ ଦୂର କରିବା ଲାଗି ଖୋଲା ଆଲୋଚନାର ଆବଶ୍ୟକତା ରହିଛି।

ଶାରୀରିକ ତଥା ମାନସିକ ସମସ୍ୟା ଯଥା ବିଷାଦ ଆତ୍ମହତ୍ୟାର ଏକ ବଡ଼ କାରଣ ଭାବେ ସାରା ବିଶ୍ୱରେ ଉଭା ହୋଇଛି। ବିଶ୍ୱରେ ୩୦୦ ମିଲିୟନ ଲୋକ ବିଷାଦଗ୍ରସ୍ତ। ଭାରତରେ ମୋଟ ଜନସଂଖ୍ୟାର ୧୩.୭ ପ୍ରତିଶତ ମାନସିକ ସମସ୍ୟାରେ ରହିଛନ୍ତି। ୩୫ ବର୍ଷ ବୟସରୁ କମ୍ ଯୁବକଙ୍କ ମଧ୍ୟରେ ଏହା ବେଶି ଦେଖାଯାଉଛି। ବିଷାଦ ଓ ଅନ୍ୟ କାରଣ ପାଇଁ ଯୋଗୁ ଭାରତରେ ୧୫ରୁ୨୯ ବର୍ଷ ବୟସ ମଧ୍ୟରେ ବିଶ୍ୱରେ ଅଧିକ ଆତ୍ମହତ୍ୟା କରୁଛନ୍ତି। କୃଷକ ଆତ୍ମହତ୍ୟା ବି ଏକ ଉଦ୍‌ବେଗଜନକ ସ୍ଥିତିରେ ରହିଛି। ଏହା କେଉଁ କାରଣରୁ ବୃଦ୍ଧିପାଉଛି ଓ କିଭଳି ରୋକାଯାଇପାରିବ ତାହା ଉପରେ ଅନୁଧ୍ୟାନ କରାଯିବା ଆବଶ୍ୟକ। ଜଣେ ଆତ୍ମହତ୍ୟା କରିବା ପୂର୍ବରୁ ତା ବ୍ୟବହାରକୁ ଜାଣି ତା'ର ପ୍ରତିକାର କ'ଣ କରାଯିବା ଦରକାର ତା'ଉପରେ ବ୍ୟାପକ ଭାବେ ଲୋକମାନଙ୍କୁ ସଚେତନ କରିବା ସହ ଏହାର ବିପଜ୍ଜନକ କାରଣକୁ ଲକ୍ଷ୍ୟ କରି ସୁରକ୍ଷା ଦିଗ ପ୍ରତି ସଚେତନ କରାଯିବା ଆବଶ୍ୟକ। ଏ ସବୁ ଦୃଷ୍ଟିରୁ ବିଶ୍ୱ ଆତ୍ମହତ୍ୟା ନିରୋଧୀ ଦିବସ ପାଳନ ଗୁରୁତ୍ୱପୂର୍ଣ୍ଣ ମନେହୁଏ।

# ୫ ହଜାର ଟଙ୍କା ପାଇଁ ହତ୍ୟା, ଅଭିଯୁକ୍ତ ଗିରଫ

ସଜନାଗଡ଼, ୯।୯(ଡି.ଏନ.ଏ.)

ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ଜାମୁଡ଼ିହା ପଞ୍ଚାୟତ ବାଘମରା ଗ୍ରାମରେ ୫ ହଜାର ଟଙ୍କା ପାଇଁ ଏକ ହତ୍ୟାକାଣ୍ଡ ଘଟିଛି। ପୋଲିସ ମୃତଦେହକୁ ଜବତ କରି ଛାନଭିନ କରିବା ପରେ ହତ୍ୟାକାଣ୍ଡର କାରଣ ପଦାକୁ ଆସିଛି। ବାବୁରାମ ସିଂ (୪୦) ନାମକ ଜଣେ ଯୁବକଙ୍କୁ ପିଟି ହତ୍ୟା କରିବା ଅଭିଯୋଗରେ ପୋଲିସ ଅଭିଯୁକ୍ତ ଚୁନୁ ସିଂ(୩୦)ଙ୍କୁ ଗିରଫ କରିଛି।

ପୋଲିସ ସୂଚନା ଅନୁଯାୟୀ, ବାଘମରା ଗ୍ରାମର ଜଣେ ମହିଳା ଏକ ଆପରାଧିକ ମାମଲାରେ ଗିରଫ ହୋଇ ଏବେ ବିଚାରାଧୀନ କଏଦୀ ଭାବେ ଦିନ କାଟୁଛନ୍ତି। ସେ ଜେଲ ପରିସରରେ କାମଧନ୍ଦା କରି ତାଙ୍କ ପୁଅ ବାବୁରାମ ସିଂ (୪୦) ପାଖକୁ ୫ହଜାର ଟଙ୍କା ପଠାଇଥିଲେ। ଜଣେ ସମ୍ପର୍କୀୟ ଚୁନୁ ସିଂ ଏହି ଟଙ୍କା ଆଣିଥିଲେ। ବାବୁରାମଙ୍କୁ ସେ ଟଙ୍କା ନ ଦେବାରୁ ଏନେଇ ଗତ ୫ତାରିଖରେ ପାଟିତୁଣ୍ଡ ହୋଇ ଗଣ୍ଡଗୋଳ ଘଟିଥିଲା। ଚୁନୁ ଉତ୍ତ୍ୟକ୍ତ ହୋଇ ବାବୁରାମଙ୍କୁ ମାରପିଟ୍ କରିବା ସହ ଏକ ଶିଳପୁଆ ଆଣି ତାଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ଘଟଣାସ୍ଥଳରେ ବାବୁରାମ ରକ୍ତାକ୍ତ ହୋଇ ଚେତା ହରାଇ ବସିଥିଲେ। ଏହାପରେ ଚୁନୁ ତାଙ୍କୁ ନେଇ ଗାଁର ଭାଗବତ ଟୁଙ୍ଗି ଘରେ ଛାଡି ଚାଲିଯାଇଥିଲେ। ପରଦିନ ସକାଳେ ଗାଁ ଲୋକେ ଭାଗବତ ଟୁଙ୍ଗି ଘରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ବାବୁରାମ ପଡ଼ିଥିବା ଦେଖି ତାଙ୍କ


ଗିରଫ ଅଭିଯୁକ୍ତ ଚୁନୁ ସିଂ।

ପରିବାର ଲୋକଙ୍କୁ ଖବର ଦେଇଥିଲେ। ବାବୁରାମଙ୍କ ଉପରେ ପାଣି ଛିଞ୍ଚିଯିବାରୁ ତାଙ୍କ ଚେତା ଫେରିଥିଲା। ସେ ସମସ୍ତ ଘଟଣା ଗ୍ରାମବାସୀଙ୍କ ସମ୍ମୁଖରେ କହିଥିଲେ। ପରେ ଗ୍ରାମବାସୀ ଓ ପରିବାର ଲୋକେ ତାଙ୍କୁ ନୀଳଗିରି ଡାକ୍ତରଖାନାକୁ ନେଇଯାଇଥିଲେ। ଅଭିଯୁକ୍ତ ଚୁନୁ ତାଙ୍କର ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରିବେ ବୋଲି କହିଥିଲେ। ନୀଳଗିରି ଡାକ୍ତରଖାନାରେ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟଚିକିତ୍ସାଳୟକୁ ସ୍ଥାନାନ୍ତର କରିବାକୁ ପରାମର୍ଶ ଦେଇଥିଲେ। କିନ୍ତୁ ଚୁନୁ ଓ ଅନ୍ୟମାନେ ବାବୁରାମଙ୍କୁ ବାଲେଶ୍ୱର ନ ନେଇ ଗାଁକୁ ଆଣି ଜଣେ ପଡ଼ୋଶୀଙ୍କ ଘରେ ରଖିଥିଲେ। ପୁନଶ୍ଚ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଗତ ୮ ତାରିଖରେ ନୀଳଗିରି ମେଡ଼ିକାଲକୁ ଆଣି ଚିକିତ୍ସା କରାଇ ସେମାନେ ଗାଁକୁ ନେଇଯାଇଥିଲେ। ପଡୋଶୀଙ୍କ ଘରେ ଥିବା ବେଳେ ୮ ତାରିଖ ରାତିରେ ବାବୁରାମଙ୍କ ମୃତ୍ୟୁ ଘଟିଥିଲା। ସୋମବାର ସକାଳେ ମୃତ୍ୟୁ ଖବର ଜଣାପଡିବା ପରେ ନୀଳଗିରି ପୋଲିସ ଆସି ପହଞ୍ଚିଥିଲା। ମୃତକଙ୍କ ସାନଭାଇ ବିଦେଶୀ ସିଂ ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏ ନେଇ ଏକ ମାମଲା (ନଂ. ୨୧୩/୧୯) ରୁଜୁ କରିଛି। ଏହାସହ ମୃତଦେହକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଗିରଫ ଚୁନୁଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯିବ ବୋଲି ନୀଳଗିରି ଆଇଆଇସି ନଳିତା ମୋଦି ପ୍ରକାଶ କରିଛନ୍ତି।

# ବରିଷ୍ଠ ସାମ୍ବାଦିକ ଦିଲ୍ଲୀପ ଶତପଥୀଙ୍କ ବିୟୋଗରେ ନବୀନ, ଧର୍ମେନ୍ଦ୍ରଙ୍କ ଶୋକ

ଭୁବନେଶ୍ୱର, ୯।୯(ବ୍ୟୁରୋ): ବରିଷ୍ଠ ସାମ୍ବାଦିକ ଦିଲ୍ଲୀପ ଶତପଥୀଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୋକବ୍ୟକ୍ତ କରିଛନ୍ତି। ଦିଲ୍ଲୀପ ଜଣେ ଅଭିଜ୍ଞ ଓ ନୀତି ଆଦର୍ଶ ସଂପନ୍ନ ବ୍ୟକ୍ତି ଥିଲେ। ତାଙ୍କର ଦେହାନ୍ତ ଓଡ଼ିଶା ସାମ୍ବାଦିକତା ପାଇଁ ବିରାଟ କ୍ଷତି। ଏହି ବାର୍ତ୍ତା ସହ ମୁଖ୍ୟମନ୍ତ୍ରୀ ଶୋକସନ୍ତପ୍ତ ପରିବାର ବର୍ଗକୁ ସାନ୍ତ୍ୱନା ଜଣାଇଛନ୍ତି। ଅର୍ଥନୈତିକ ସାମ୍ବାଦିକତା ଓ ରାଜନୈତିକ ବିଶ୍ଲେଷଣ କ୍ଷେତ୍ରରେ ଦିଲ୍ଲୀପ ଶତପଥୀ ଏକ ସ୍ୱତନ୍ତ୍ର ସ୍ଥାନ ତିଆରି କରିଥିଲେ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସ୍ୱର୍ଗତଃ ଶତପଥୀଙ୍କ ଦେହାନ୍ତରେ ସେ ମର୍ମାହତ ଓ ପରିବାର ବର୍ଗଙ୍କୁ ସାନ୍ତ୍ୱନା ଜଣାଇବା ସହ ଅମର ଆତ୍ମାର ସଦଗତି କାମନା କରୁଛନ୍ତି ବୋଲି ଶ୍ରୀ ପ୍ରଧାନ ଟ୍ୱିଟ କରି ଜଣାଇଛନ୍ତି।

**୯ମ ଜନ୍ମଦିନ ଶୁଭେଚ୍ଛା**



ଅଭିନୀତ ମେହେର
ଲାଉମୁଣ୍ଡା, ବିଜେପୁର, ଜିଲ୍ଲା–ବରଗଡ଼
ଆଜି ତୋର ନବମ ଜନ୍ମବାର୍ଷିକୀ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ପ୍ରାର୍ଥନା କରୁଛୁ ଯେ, ତୋର ଚଲାପଥ କୁସୁମିତ ହେଉ।
ଶୁଭେଚ୍ଛା ସହ
ବାପା: ହୀରାଚାନ୍ଦ ମେହେର, ମାଆ: ଲୋକେଶ୍ୱରୀ ମେହେର, ମାମୁ, ମାଇଁ, ଅଜା, ଆଇ ଓ ସମସ୍ତ ପରିବାରବର୍ଗ
ଧ–୧୪୨୮୬

**JAWAHAR NAVODAYA VIDYALAYA, SARANG**
DIST: DHENKANAL(ODISHA), Ph : 06768-267135
Email: jnvdhenkanal@gmail.com, Website: www.jnvdhenkanal.org
APPOINTMENT OF ODIA TEACHERS ON CONTRACT BASIS FOR JNVs OF PATNA REGION
Applications are invited to TGT(Odia) for the session 2019-20 in different JNVs of Patna region (Bihar, Jharkhand, West Bengal only)Purely on contract. The last date of submission of application forms is 10 A.M. of dt. 16.09.2019. For detail information visit our Vidyalaya website-**www.jnvdhenkanal.org.** The Candidate must be passed out graduation with 50% marks in aggregate and 50 % marks in odia language as elected subject with B.Ed. The criteria for selection will be purely on merit basis on educational qualification, CCA activities and experience. There will be no interview. The tentative merit list will be uploaded in the website of this Vidyalaya. The applicants will have to produce original documents for verification personally on dt- 16.09.2019 at 12.15 A.N. onwards. The final merit list will be intimated to the Deputy Commissioner, NVS, RO, Patna through Deputy Commissioner, NVS, RO, Bhopal for issue of posting order in different JNVs of Patna region.
PRINCIPAL, JNV, SARANG

ସେହି ଜିନିଷ ସେହି କାମ, ଏବେ କିନ୍ତୁ ନୂଆ ନାମ
ଯାଦୁ, ପାଣିକଛା ଓ ଗୋଡ଼ଫଟା ପାଇଁ ବିଶେଷ ଫଳପ୍ରଦ
ହାଇପାୱାର
ସ୍କେବିରାଜ୍®
ମଲମ ଓ ଲୋଶନ
(ପ୍ରତ୍ୟେକ ଔଷଧ ଦୋକାନରେ ମିଳେ)
SCABIRAJ LOTION
ନକଲି ପ୍ରତି ସାବଧାନ !
DIBYA SAI PHARMACY, CUTTACK-11, PH.-6372898038

**CLASSIFIED DISPLAY**

ଏମିତ ପାଠ ପଢନ୍ତୁ ଯେଉଁ ପାଠ ଆପଣଙ୍କୁ ରୋଜଗାରକ୍ଷମ କରିପାରିବ
Bhava Institute Of Medical Science & Research
ରେ ଖୋଲିଛି ସମ୍ପୂର୍ଣ୍ଣ ରୋଜଗାରକ୍ଷମ ପାଠ୍ୟକ୍ରମ
DIPLOMA PROGRAMME
- GNM (Nursing)
- ANM (Nursing)
- DMRT (X-Ray)
- DMLT (Pathology)
ELIGIBILITY : +2 PASS
CERTIFICATE PROGRAMME
- MEDICAL LAB TECH.
- X-RAY TECH
- O.T TECH
- WARD TECH
- DIALYSIS TECH
ELIGIBILITY : MATRIC PASS
ପାରା ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୨୯ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15,
Phone : 0674 - 2553122, 9040009727, 8456845313 (M)

LEARN CCTV ପ୍ରଶିକ୍ଷଣ କେନ୍ଦ୍ର
Become a CCTV Engineer
Start your own Business in Low Investment
INSTALLATION & NETWORKING
CCTV Training Centre. Become a CCTV Engineer in Just 25 days
- CCTV, Biometric & EPABX Marketing, Installation & Technical Training.
- Onsite Practice
- Internship
- 100% Job Placement
- Class Detailing
- 100% Practical Training
- Hostel Facility available
ଅଳ୍ପ ପାଠୁଆ ବି ଯୋଗ୍ୟ ଇଞ୍ଜିନିୟର ହୋଇପାରିବେ ।
SECURE TECHNICAL INSTITUTE Patia Square Bhubaneswar
7064320000, 9583171111

MORE SPACE • SAME PRICE
CLASSIFIED DISPLAY
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
5% GST Applicable

ଶ୍ରବଣ ସମସ୍ୟା?
Free Hearing Check-up Camp (Going on at all Audizone Centres)
- Exchange Offer
- EMI Facility
- Attractive Discount
ଶ୍ରବଣ ଯନ୍ତ୍ର DIGITAL HEARING AID
signia Life sounds brilliant. SIEMENS
Signia GmbH is a Trademark Licensee of Siemens AG
Audizone Speech & Hearing Clinic
BHUBANESWAR: Baramunda 9777806331 | Saheed Nagar 6371045707 | Jaydev Vihar 6372287878
CUTTACK: Link Road 7381770531
KORAPUT: In front of S.L.N Medical 6372307123

**ମନେ ପଡ଼ନ୍ତି**

**ପଞ୍ଚମ ଶ୍ରାଦ୍ଧବାର୍ଷିକ**



ସ୍ୱର୍ଗତ ବାଞ୍ଛାନିଧି ପଣ୍ଡା
ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ଡ଼ାଲଙ୍ଗ, ତୁଡ଼ିଗଡ଼ିଆ, ବାଲେଶ୍ୱର
ତିରୋଧାନ: ୧୦।୦୯।୨୦୧୪
ପରମପୂଜ୍ୟ ବାପା ! ଆଜକୁ ପାଞ୍ଚବର୍ଷ ହେଲା ଆପଣ ଆମକୁ ଛାଡ଼ି ଚାଲିଗଲେଣି। ଆପଣଙ୍କ ଅନୁପସ୍ଥିତି ଆମ ସମସ୍ତଙ୍କୁ କେତେ ଯେ ଦୁଃଖ ଦେଉଛି ସେକଥା କେବଳ ଅନୁଭବୀହିଁ ଅନୁଭବ କରିପାରିବ। ଆପଣ ଓ ନନାଙ୍କର ଚାଲିଯିବାପରେ ଆମେ ସମସ୍ତେ ଦୁଃଖରେ ମ୍ରିୟମାଣ ହୋଇ ରହିଛୁ। ପ୍ରଭୁଙ୍କ ପାଦପଦ୍ମରେ ଏତିକି ମାଗୁଣି ଆପଣ ଦୁହେଁ ଯେଉଁଠି ବି ଥାଆନ୍ତୁ ଖୁସିରେ ଥାଆନ୍ତୁ ଓ ଆପଣଙ୍କ ଆଶିଷ ଆମ ସମସ୍ତଙ୍କ ଉପରେ ସଦା ରହିଥାଉ।
ଶୋକସନ୍ତପ୍ତ:
ଆପଣଙ୍କ ଆଦରର ରୁକ୍ମିଣୀ, ଝିଅ, ଜ୍ୱାଇଁ ଓ ନାତି ନାତୁଣୀମାନେ।
ଧ–୧୪୨୮୧

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ରୋଜି
୰ସ୍ମିତା ତରାଇ(ନରେନ୍ଦ୍ର)
ସ୍ୱାମୀ: ଶ୍ରୀମାନ ପୁଷ୍କର ତରାଇ(ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ)
ଧରାବତରଣ: ୨୦।୦୫।୧୯୬୭ | ସ୍ୱର୍ଗାରୋହଣ: ୧୦।୦୯।୨୦୧୮
ଏକ ବର୍ଷ ହେଲା ଗଲିଗଲ ତୁମେ, ଆମ ସଭିଙ୍କୁ ପର କରି ! ଅନେକ ଅନେକ ସୁଖର ସ୍ମୃତି ଦେଇଗଲ ଭରି, ଯେଉଁଠାରେ କି ଦୁଃଖର ନ ଥିଲା ଭାରି !! ମନରେ ସ୍ନେହ, ପ୍ରେମ, ଶ୍ରଦ୍ଧା, ପରୋପକାର ଦେଇଥିଲ ଭରି, ତୁମରି ସ୍ମୃତିରେ ପ୍ରତିଟି ମୁହୂର୍ତ୍ତ ଯାଉଥିବ ସରି !!!ଲାଗୁନି ତୁମେ ନାହଁ ବୋଲି, ସବୁଠି ତୁମର ମୁହଁ। ବିଧିର ବିଧାନ ମାନିବାକୁ ହେବ, ସ୍ମୃତିରେ ତୁମ ସ୍ନେହ !!! ପ୍ରତିଟି ମୁହୂର୍ତ୍ତରେ ତୁମର ସ୍ମୃତିରେ ଲୁହ ସିନା ଝରାଇବୁ ଏ ଜୀବନରେ ତୁମର ପରଶ ଆଉକି ପାଇପାରିବୁ... ହେ ଆତ୍ମନ ଯେଉଁଠି ଥାଅ ଭଲରେ ଥାଅ ଏତିକି ପ୍ରଭୁ ସାଇନାଥଙ୍କ ପାଖରେ କରଯୋଡି ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ ସମସ୍ତ ତରାଇ ପରିବାରର ସଦସ୍ୟ
ବଗଡିଆ, କୁଜଙ୍ଗ, ପାରାଦୀପ
ଧ–୬୭୦୬୧

ବ୍ରାହ୍ମଣୀରେ ଡଙ୍ଗା ବୁଡ଼ି ୪ ନିଖୋଜ ଘଟଣା

# ଜଣଙ୍କ ମୃତଦେହ ଉଦ୍ଧାର

ପରଜଙ୍ଗ, ୯।୯ (ଡି.ଏନ.ଏ.): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ତହସିଲ ରୋଡ୍ ପଞ୍ଚାୟତ କୁନ୍ଦନଦେଇପୁର ଗ୍ରାମ ନିକଟ ବ୍ରାହ୍ମଣୀ ନଦୀରେ ଶନିବାର ଡଙ୍ଗାବୁଡ଼ି ଘଟଣାରେ ଜଣଙ୍କ ମୃତଦେହ ସୋମବାର ଉଦ୍ଧାର କରାଯାଇଛି। ସେ ହେଲେ କୁନ୍ଦନଦେଇପୁରର ପ୍ରଫୁଲ୍ଲ ଆଚାର୍ଯ୍ୟଙ୍କ ପୁଅ ବିଶ୍ୱଜିତ। ସକାଳେ ସାଆନ୍ଦା ଫାଣ୍ଡି ପାଣିଗେଙ୍ଗୁଟିଆ ଗ୍ରାମ ବ୍ରାହ୍ମଣୀ ନଦୀର ଶକ୍ତିପଦା ପଠା ନିକଟ କାଉଁସ ଗଛଗୁଡିକରେ ମୃତଦେହ ଲାଖିଥିଲା। ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ଫାଣ୍ଡି ଅଧିକାରୀ ସୁରେଶ ଚନ୍ଦ୍ର ମହାପାତ୍ର ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ପରିବାର ଲୋକେ ମୃତଦେହ ଚିହ୍ନଟ କରିଥିଲେ। ବିଡିଓ ବସନ୍ତ ମଲ୍ଲିକ, ତହସିଲଦାର ଜୟନ୍ତ କୁମାର ଜୟସିଂଙ୍କ ସମେତ ଅନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା। ସାନଭାଇ ବିଭୂତିଙ୍କ ଅଭିଯୋଗ କ୍ରମେ ପରଜଙ୍ଗ ଥାନାରେ ନଂ. ୩୦/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତଦେହ ପହଞ୍ଚିବା ପରେ ଗ୍ରାମରେ ଶୋକାକୁଳ ପରିବେଶ ଖେଳିଯାଇଥିଲା। ବିଶ୍ୱଜିତଙ୍କ ସ୍ତ୍ରୀ ଇପ୍ସିତା ଚେତାଶୂନ୍ୟ ହୋଇ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ତାଳଚେର ମଣ୍ଡାପାଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବିଶ୍ୱଜିତ ମାତ୍ର ୪ ମାସ ତଳେ ମେ ୧୭ରେ ମୁଣ୍ଡେଇଲୋ ଗ୍ରାମରେ ବିବାହ କରିଥିଲେ। ଜିଲ୍ଲା ରେଡକ୍ରସ ତରଫରୁ ମୃତକଙ୍କ ପରିବାରକୁ ୧୦ ହଜାର ଟଙ୍କା ଓ ହରିଶ୍ଚନ୍ଦ୍ର ଯୋଜନାରେ ସ୍ଥାନୀୟ ସରପଞ୍ଚ ୨ ହଜାର ଟଙ୍କା ପ୍ରଦାନ କରିଛନ୍ତି। ଅନ୍ୟପକ୍ଷରେ ଘଟଣାକୁ ଦୁଇ ଦିନ ବିତିଯାଇଥିଲେ ମଧ୍ୟ ନିଖୋଜ ଥିବା ଅନ୍ୟ ୩ ଜଣଙ୍କ ପତ୍ତା ମିଳିପାରିନାହିଁ। ଓଡ୍ରାଫ ଟିମ,ଏନଡିଆରଏଫ, ଅଗ୍ନିଶମ ସେବା କର୍ମଚାରୀ ମିଳିତ ଭାବେ ତଲାସି ଅଭିଯାନ ଚଳାଇଛନ୍ତି।

ନିଜର କୌଣସି ବ୍ୟକ୍ତିଗତ ଅଭିରୁଚି ନ ରଖି– ତୁମର ସମସ୍ତ ବ୍ୟକ୍ତିଗତ ଆକର୍ଷଣ ଓ ଭଲ ଲାଗିବାରୁ ମୁକ୍ତ ହୋଇ, କେବଳ ମାତ୍ର ସତ୍ୟ ଉପରେ ନିର୍ଭର କରି ତୁମେ ଯାହାକିଛି କରିପାର – କାରଣ ସତ୍ୟ ହିଁ ପଥପ୍ରଦର୍ଶକ। –ଶ୍ରୀମା

# ବାତିଲ ଶୁଭଙ୍କର

ଆଫଗାନିସ୍ତାନରେ ସ୍ଥିତି ଜାହିର କରିଥିବା ଆତଙ୍କବାଦୀ ସଙ୍ଗଠନ ତାଲିବାନ ସହ ଶାନ୍ତି ଚୁକ୍ତି କରିବା ଲାଗି ଆମେରିକା ବର୍ଷେ ହେବ ଚଳାଇ ଆସୁଥିବା ଉଦ୍ୟମ ବାତିଲ ହୋଇଛି। ୫ ସେପ୍ଟେମ୍ବର ୨୦୧୯ରେ କାବୁଲରେ ତାଲିବାନ ଆକ୍ରମଣରେ ଆଫଗାନିସ୍ତାନରେ ମୁତୟନ ହୋଇଥିବା ଆମେରିକା ସେନାର ଜଣେ ସୈନ୍ୟଙ୍କ ସମେତ ୧୨ ଜଣଙ୍କ ପ୍ରାଣହାନି ଘଟିବା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଶାନ୍ତି ଆଲୋଚନାକୁ ରଦ୍ଦ କରିଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୱାଶିଂଟନ ନିକଟ କ୍ୟାମ୍ପ ଡାଭିଡ୍‌ରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ୍ ଓ ତାଲିବାନ ନେତାଙ୍କ ମଧ୍ୟରେ ଶାନ୍ତି କଥାବାର୍ତ୍ତା ହେବାର ଥିଲା। ତେବେ ଆଫଗାନିସ୍ତାନ ସରକାରଙ୍କ ପରାମର୍ଶ ନ ନେଇ ସିଧାସଳଖ ତାଲିବାନ ନେତାଙ୍କ ସହ ଯୋଗାଯୋଗ ସ୍ଥାପନ କରାଯାଉଥିବାରୁ ଟ୍ରମ୍ପ୍‌ଙ୍କ ନିଷ୍ପତ୍ତି ଉପରେ ବିଶେଷଜ୍ଞମାନେ ପ୍ରଶ୍ନ ଉଠାଉଥିଲେ। ଏଭଳି ସ୍ଥଳେ ଆମେରିକାର ସୈନ୍ୟଙ୍କୁ ହତ୍ୟା କରିଥିବା ତାଲିବାନ ସ୍ୱୀକାର କରିବା ପରେ ଏହି ଆତଙ୍କବାଦୀ ସଙ୍ଗଠନର ଶାନ୍ତି ପ୍ରତି ବିମୁଖଭାବ ଥିବା ଜଣାପଡ଼ିଯାଉଛି। ଖୋଦ୍ ଟ୍ରମ୍ପ୍ ମଧ୍ୟ ବୁଝିଯାଇଛନ୍ତି ଯେ ତାଲିବାନ କାହାର ନୁହେଁ। ଏଠାରେ ମନେପକାଇ ଦିଆଯାଇପାରେ ଯେ, ଆଫଗାନିସ୍ତାନରେ ସୋଭିଏଟ୍ ୟୁନିୟନର ଉପସ୍ଥିତିକୁ ପ୍ରତିହତ କରିବା ଲାଗି ଆମେରିକା ତାଲିବାନ ଭଳି ଦୁଷ୍ଟ ଶକ୍ତିକୁ ସୃଷ୍ଟି କରିଥିଲା। ସେତେବେଳେ ପାକିସ୍ତାନ ସମର୍ଥିତ ତାଲିବାନ ଉଗ୍ରପନ୍ଥୀମାନେ ଆମେରିକାର ବଳ ପାଇ ଆଫଗାନିସ୍ତାନରେ ବଳୀୟାନ ହୋଇଯାଇଥିଲେ। ଦେଶ ଶାସନକୁ ନିଜ ହାତକୁ ନେବା ଲାଗି ଆଫଗାନିସ୍ତାନରେ ଏହି ଆତଙ୍କବାଦୀ ସଙ୍ଗଠନ ନରସଂହାର ରଚିଥିଲା। ଏପରି କି ଚଳିତ ଶତାବ୍ଦୀର ପ୍ରାରମ୍ଭରେ ସେଠାରେ ସମାନ୍ତରାଳ ଶାସନ ଚାଲିଥିଲା। ସେହି ସମୟରେ ଅନ୍ୟ ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଙ୍ଗଠନ ଅଲ–କାଏଦା ଆଫଗାନିସ୍ତାନରେ ମୁଖ୍ୟ ଘାଟି ସ୍ଥାପନ କରିଥିଲା। ଆତଙ୍କବାଦକୁ ରୋକିବା ଲାଗି ଆମେରିକା ଯେତେବେଳେ ସେଠାରେ ଜୋରଦାର ଉଦ୍ୟମ କଲା, ସେତେବେଳେ ଅଲ୍–କାଏଦା ପ୍ରତିଶୋଧ ପରାୟଣ ହୋଇପଡ଼ିଥିଲା। ୧୧ ସେପ୍ଟେମ୍ବର ୨୦୦୧ରେ ଏହି ସଙ୍ଗଠନ ଆମେରିକାର ବିଶ୍ୱ ବାଣିଜ୍ୟ କେନ୍ଦ୍ର (ଡବ୍ଲ୍ୟୁଟିସି) ଉପରେ ଆକ୍ରମଣ କରି ବିଶ୍ୱକୁ ଥରାଇ ଦେଇଥିଲା। ଏହା ପରେ ଆମେରିକା ସେଠାରେ ନିଜ ସୈନ୍ୟ ସଂଖ୍ୟା ବଢ଼ାଇ ଚାଲିଲା। ୨୦୦୯ ଶେଷ ଆଡ଼କୁ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ବାରାକ୍ ଓବାମା ୩୦,୦୦୦ ସୈନ୍ୟ ଆଫଗାନିସ୍ତାନକୁ ପ୍ରେରଣ କରିବା ଲାଗି ଘୋଷଣା କରିଥିଲେ। ୨୦୧୧ ଜୁଲାଇ ବେଳକୁ ସୈନ୍ୟ ପ୍ରତ୍ୟାହାର ଲାଗି ନିଷ୍ପତ୍ତି ନିଆଯାଇଥିଲା। ଇତିମଧ୍ୟରେ ସେଠାରୁ ବହୁ ସୈନ୍ୟଙ୍କୁ ଅପସାରଣ କରାଯାଇସାରିଲାଣି। ଏବେ ମଧ୍ୟ ୧୪,୦୦୦ ସୈନ୍ୟ ଅଛନ୍ତି। ତନ୍ମଧ୍ୟରୁ ୫,୦୦୦ରୁ ଊର୍ଦ୍ଧ୍ୱ ସୈନ୍ୟଙ୍କୁ ପ୍ରତ୍ୟାହାର ଲାଗି ଟ୍ରମ୍ପ୍ ଚିନ୍ତା କଲା ବେଳକୁ ତାଲିବାନ ଆକ୍ରମଣ ଘଟିଲା।

ତାଲିବାନ ସହ ଆମେରିକାର ଶାନ୍ତି ଆଲୋଚନା ରଦ୍ଦ ହେବା ପରେ ଏହା ଭାରତ ପାଇଁ ଲାଭଦାୟକ ହେବ ବୋଲି କୁହାଗଲାଣି। ଆଜିର ପରିସ୍ଥିତି ଦେଖିଲେ କଶ୍ମୀର ପ୍ରସଙ୍ଗକୁ ନେଇ ପାକିସ୍ତାନ ଓ ଭାରତ ମଧ୍ୟରେ ସମ୍ପର୍କ ବିଗିଡ଼ି ଯାଇଛି। ନିକଟରେ ଭାରତର ରାଷ୍ଟ୍ରପତିଙ୍କ ବିଦେଶ ଗସ୍ତ ବେଳେ ତାଙ୍କ ବିମାନ ପାକିସ୍ତାନ ଉପରେ ଉଡ଼ିପାରିବ ନାହିଁ ବୋଲି ଇସ୍‌ଲାମାବାଦ ମନା କରିଦେଇଛି। ଏହି ସନ୍ଧିକ୍ଷଣରେ ବାହାର ରାଷ୍ଟ୍ର ସହ ବାଣିଜ୍ୟିକ କାରବାର ଲାଗି ଭାରତ ପାଇଁ ଆଫଗାନିସ୍ତାନ ଅନ୍ୟତମ ପ୍ରମୁଖ ମାଧ୍ୟମ ପାଲଟିଛି। ସେହିପରି ଇରାନ୍‌ର ଛାବାହର ବନ୍ଦରକୁ ଭାରତ ବିକଶିତ କରିଥିବାରୁ ସେହି ବାଟ ଦେଇ ବାଣିଜ୍ୟିକ କାରବାର ନୂଆଦିଲ୍ଲୀ ପାଇଁ ସୁଗମ ହେଉଛି। ଆଫଗାନିସ୍ତାନରେ ତାଲିବାନଙ୍କୁ ପ୍ରତିହତ କରିବା ସକାଶେ ଆମେରିକା ସୈନ୍ୟ ପ୍ରମୁଖ ଭୂମିକା ନିଭାଉଛନ୍ତି। ଆମେରିକା ସେଠାରୁ ଅବଶିଷ୍ଟ ସୈନ୍ୟ ପ୍ରତ୍ୟାହାର କରିବ ନାହିଁ ବୋଲି ନିଷ୍ପତ୍ତି ନେବା ପରେ ନୂଆଦିଲ୍ଲୀ ଆଶ୍ୱସ୍ତ ହୋଇଥାଇପାରେ। ବିଶ୍ୱ ମାନଚିତ୍ରରେ ଭାରତକୁ ଦେଖିଲେ ପୂର୍ବ, ଉତ୍ତର ଓ ପଶ୍ଚିମ ପଟରେ ଇସ୍‌ଲାମୀୟ ଦେଶଗୁଡ଼ିକ ଭାରତକୁ ଘେରି ରହିଛନ୍ତି। ପୂର୍ବରୁ ଜଣା ଯେ, ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍)ର ଲକ୍ଷ୍ୟ ଥିଲା ଭାରତକୁ ମଧ୍ୟ ମୁସଲମାନ ଦେଶରେ ପରିଣତ କରିବ। ଅନ୍ୟପକ୍ଷରେ ଦେଖିଲେ ଗତ ନିର୍ବାଚନ ସମୟରେ ଟ୍ରମ୍ପ୍ ଦେଶବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ, କ୍ଷମତାକୁ ଆସିଲେ ଆଫଗାନିସ୍ତାନରୁ ସୈନ୍ୟ ପ୍ରତ୍ୟାହାର କରିବେ। କାରଣ ସେଠାରେ ମୁତୟନ ହୋଇଥିବା ସୈନ୍ୟ ଯୋଗୁ ଆମେରିକା ରାଜକୋଷକୁ ପର୍ଯ୍ୟାପ୍ତ ଅର୍ଥ ବ୍ୟୟ କରିବାକୁ ପଡୁଛି। ଏହା ସତ୍ତ୍ୱେ ଗଲ୍ଫ ଦେଶ ଉପରେ ପ୍ରଭାବ ବିସ୍ତାର କରିଆସିଥିବା ଆମେରିକା ପାଇଁ ଆଫଗାନିସ୍ତାନରେ ସୈନ୍ୟ ମୁତୟନର ଆବଶ୍ୟକତା ରହିଛି। ଏ କଥା ଜାଣି ମଧ୍ୟ ଟ୍ରମ୍ପ୍ ନିଜ ଜିଦ୍ ଯୋଗୁ ସୈନ୍ୟ ପ୍ରତ୍ୟାହାର କରିବାକୁ ଇଚ୍ଛା ପ୍ରକାଶ କରିଥିଲେ। ବର୍ତ୍ତମାନ ଶାନ୍ତି ଆଲୋଚନା ରଦ୍ଦ ହୋଇଥିବାରୁ ଆଫଗାନିସ୍ତାନ ସରକାର ପାଇଁ ଫଳପ୍ରଦ ହେବ। ଅନ୍ୟପକ୍ଷରେ ଟ୍ରମ୍ପ୍ ଓ ତାଲିବାନ ନେତାଙ୍କ ମଧ୍ୟରେ ଗୁପ୍ତ ବୈଠକ ବାତିଲ ହୋଇଥିବାରୁ ପାକିସ୍ତାନ ସବୁଠାରୁ କ୍ଷତିଗ୍ରସ୍ତ ହୋଇପାରେ। କାରଣ ତାଲିବାନର ଭୟ ଦେଖାଇ ଆମେରିକାର ନିକଟବର୍ତ୍ତୀ ହେବାକୁ ପାକିସ୍ତାନ ଆଶା ବାନ୍ଧିଥିଲା। ଏହି ପରିପ୍ରେକ୍ଷୀରେ ଟ୍ରମ୍ପ୍ ନିର୍ବାଚନକୁ ଆଖି ଆଗରେ ରଖି ସୈନ୍ୟ ପ୍ରତ୍ୟାହାର ନିମନ୍ତେ ତାଲିବାନ ସହ ଆଲୋଚନା କରିଥିଲା। ଏହା ତାଙ୍କୁ ଆମେରିକୀୟ ଭୋଟରଙ୍କ ପାଖରେ ଲୋକପ୍ରିୟ କରିଥାଆନ୍ତା। କିନ୍ତୁ ତଲିବାନ ଆକ୍ରମଣ ଯୋଗୁ ଆମେରିକୀୟ ସୈନ୍ୟ ନିହତ ହେବାରୁ ତାଙ୍କ ଆତଙ୍କବାଦ ବିରୋଧୀ ଆଭିମୁଖ୍ୟ ପ୍ରଶ୍ନବାଚୀରେ ଆସିଗଲା। ହୁଏତ ନିଜକୁ ଦୁର୍ବଳ ଦେଖାଇବା ଅଧିକ କ୍ଷତିକାରକ ହୋଇପାରେ ବୋଲି ଚିନ୍ତା କରି ଟ୍ରମ୍ପ୍ ନିଷ୍ପତ୍ତି ବଦଳାଇ ଦେଲେ। ଫଳରେ ତାଲିବାନ ସହ ଆଲୋଚନା ଭାଙ୍ଗିଲା ଏବଂ ଭାରତୀୟ ବ୍ୟବସ୍ଥା ଆଉ କିଛି ଦିନ ଆଶ୍ୱସ୍ତ ରହିପାରିବ।

# କଶ୍ମୀରଃ ପାକିସ୍ତାନର ଦାବି ଓ ଧମକ

ବିପିନ ବିହାରୀ ମିଶ୍ର

କଶ୍ମୀର ବିଷୟରେ ପାକିସ୍ତାନ ବାରମ୍ବାର ଅନେକ ପ୍ରଶ୍ନ ଉଠାଉଛି। ଦାବି କରୁଛି ଓ ଯୁଦ୍ଧର ଧମକ ଦେଉଛି। ପ୍ରଧାନମନ୍ତ୍ରୀ ଇମ୍ରାନ ଖାଁ ଯିଏ କି ଜଣେ ଭଲ କ୍ରିକେଟ ଖେଳାଳି ଥିଲେ କିନ୍ତୁ ଛାତ୍ର ହିସାବରେ ଇଂଲଣ୍ଡର ଏକ ବିଶ୍ୱବିଦ୍ୟାଳୟଠାରୁ ସହପାଠୀଙ୍କ ଦ୍ୱାରା 'ବୋକା ଇମ୍ରାନ' ଆଖ୍ୟା ପାଇଥିଲେ, ସେ ପାର୍ଲାମେଣ୍ଟରେ ପାକିସ୍ତାନ–ଭାରତ ସମ୍ପର୍କରେ ଲମ୍ବା ଭାଷଣ ଦେଇଥିଲେ। କହୁ କହୁ କହିଲେ ଯେ, ପଡ଼ୋଶୀ ରାଜ୍ୟ ମଧ୍ୟରେ କାହିଁକି ସୁସମ୍ପର୍କ ସ୍ଥାପିତ ହୋଇପାରିବନି? ଉଦାହରଣ ଦେଇ କହିଲେ, ଏଇ ଦେଖନ୍ତୁ ଜର୍ମାନୀ ଓ ଜାପାନ କଥା– ଏ ଦୁଇଟି ଦେଶ ପଡ଼ୋଶୀ। ଦ୍ୱିତୀୟ ମହାଯୁଦ୍ଧ ସମୟରେ ସେମାନେ ପରସ୍ପର ବିରୋଧରେ ଲଢ଼ିଥିଲେ। କିନ୍ତୁ ଏବେ ସେମାନଙ୍କ ମଧ୍ୟରେ ବେଶ୍ ଭଲ ବନ୍ଧୁତା ଅଛି। ଜର୍ମାନୀ ଓ ଜାପାନ ଶବ୍ଦ ବାରମ୍ବାର ଉଚ୍ଚାରଣ କରୁଥିବାରୁ କେହି କହିପାରିବେ ନାହିଁ ଯେ ପାଟିରୁ କଥା ଖସିଗଲା। ତାଙ୍କ ଦେଶର ହିନା ରବାନୀ ଯିଏ ଜଣେ ପୂର୍ବତନ ବୈଦେଶିକ ମନ୍ତ୍ରୀ, ସେ ପାକିସ୍ତାନ ପାର୍ଲାମେଣ୍ଟରେ ଇମ୍ରାନଙ୍କର ଇତିହାସ ଓ ଭୂଗୋଳ ଜ୍ଞାନ କେତେ ଦୁର୍ବଳ ତାହାକୁ ନେଇ ଆକ୍ଷେପ କରିଥିଲେ। ସେ କହିଲେ, ଜର୍ମାନୀ ହେଉଛି ୟୁରୋପରେ, ଜାପାନ ହେଉଛି ଏସିଆରେ। ପୁଣି ୨ୟ ମହାଯୁଦ୍ଧ ସମୟରେ ସେମାନେ କାନ୍ଧକୁ କାନ୍ଧ ମିଶାଇ ଇଂଲଣ୍ଡ ଓ ଆମେରିକା ବିରୋଧରେ ଲଢେଇ କରୁଥିଲେ। ଏଇ ପରିପ୍ରେକ୍ଷୀରେ ତାଙ୍କର ମନ୍ତବ୍ୟ କେତେ ହାସ୍ୟାସ୍ପଦ ଓ ଲଜ୍ଜାଜନକ ତାହା ଅନୁମାନ କରନ୍ତୁ। ସାରା ବିଶ୍ୱରେ ଆମେ ଲୋକହସା ହେଉଛୁ। ସେ ଏବଂ ତାଙ୍କର ରେଳମନ୍ତ୍ରୀ ବାରମ୍ବାର ଯୁଦ୍ଧ ଘୋଷଣା କରୁଛନ୍ତି। ରେଳମନ୍ତ୍ରୀ ଅନେକଦିନ ପୂର୍ବରୁ କହିଥିଲେ ଯେ, ଭାରତ–ପାକିସ୍ତାନ ଯୁଦ୍ଧ ହେଲେ ଆଉ ଭାରତର ମନ୍ଦିରରେ ଘଣ୍ଟି ବାଜିବ ନାହିଁ। ସେମାନଙ୍କ ସାଙ୍ଗକୁ କେତେକ କ୍ରିକେଟ ଖେଳାଳି ଅଣ୍ଟା ଭିଡି ବାହାରିଛନ୍ତି। ଜାଭେଦ ମିଆଁଦାଦ ଭଲ ବ୍ୟାଟିଂ କରୁଥିଲେ ଏବଂ ସେ କହିଛନ୍ତି ଭାରତୀୟଗୁଡା ଭୀରୁ। ବାସ୍ତବରେ ଭୀରୁ ବଦଳରେ ସେ ଏକ ଅତ୍ୟନ୍ତ ଅଶ୍ଳୀଳ ଶବ୍ଦ ବ୍ୟବହାର କରିଥିଲେ, ଯାହା କେବଳ ତାଙ୍କ ମୁହଁରେ ଶୋଭାପାଏ। କାରଣ ସେ ହେଉଛନ୍ତି କୁଖ୍ୟାତ ଅନ୍ତର୍ଜାତୀୟ ଅପରାଧୀ ଦାଉଦ ଇବ୍ରାହିମ୍‌ଙ୍କ ସମୁଦି। ତେବେ ମୂଳ କଥା ଉପରକୁ ଆସିବା।

ପାକିସ୍ତାନ ସରକାର ଉଠାଇଥିବା କେତେକ ପ୍ରଶ୍ନ:
୧– କଶ୍ମୀର ପାକିସ୍ତାନର ଓ ଭାରତ ତାକୁ ଛଡ଼େଇ ନେଇଛି। ଏହାର ଉତ୍ତର ହେଉଛି ଯେ, ପାକିସ୍ତାନର ଜନ୍ମ ହେଲା ୧୪ ଅଗଷ୍ଟ ୧୯୪୭ରେ। ସେତେବେଳେ କଶ୍ମୀର ଥିଲା ଏକ ଦେଶୀୟ ସ୍ୱୟଂଚାଳିତ ରାଜ୍ୟ। ସୀମା ନିର୍ଦ୍ଧାରଣ କମିଟିର ଅଧ୍ୟକ୍ଷ ରାଡକ୍ଲିଫ ଯେତେବେଳେ ସୀମା ଗାର କାଟିଲେ ସେଥିରେ ସେ କଶ୍ମୀରକୁ ପାକିସ୍ତାନ ଅନ୍ତର୍ଭୁକ୍ତ କରିନାହାନ୍ତି। ଆଇନ ଦୃଷ୍ଟିରୁ ନ ହେଲେ ମଧ୍ୟ ଭୌଗୋଳିକ ଦୃଷ୍ଟିରୁ କଶ୍ମୀର ଭାରତର ନ ଥିଲା କିମ୍ବା ପାକିସ୍ତାନର ନ ଥିଲା।

୨– ଯେହେତୁ ଏହା ମୁସଲମାନ ବହୁଳ ତେଣୁ ଏହା ପାକିସ୍ତାନରେ ମିଶିବା କଥା। ଭାରତ ଏହାକୁ ଆକ୍ରମଣ କରି ଜବରଦସ୍ତ ମାଡିବସିଛି। ଏହାର ଉତ୍ତର ହେଉଛି ଯେ, ସ୍ୱାଧୀନତା ପୂର୍ବରୁ ଇଂରେଜ ସରକାର ଏକ ଆଇନ କଲେ ଯାହାକୁ କଂଗ୍ରେସ ଓ ମୁସଲିମ ଲିଗ୍ ଗ୍ରହଣ କଲା। ସେତେବେଳେ ଭାରତରେ ମୋଗଲବନ୍ଦୀ ଓ ଦେଶୀୟ ରାଜ୍ୟ ଦୁଇପ୍ରକାର ଅଞ୍ଚଳ ଥିଲା। ମୋଗଲବନ୍ଦୀ ସିଧାସଳଖ ଇଂରେଜ ସରକାର ଅଧୀନରେ ଥିଲେ, ଯାହାକୁ ଶାସନ କରୁଥିଲେ ଗଭର୍ନର ଓ ଗଭର୍ନର ଜେନେରାଲ ଇତ୍ୟାଦି। ଦେଶୀୟ ରାଜ୍ୟ (ହାଇଦ୍ରାବାଦ, କଶ୍ମୀର, ମହୀଶୂର ଏବଂ ଓଡ଼ିଶାର ମୟୂରଭଞ୍ଜ ଓ କେନ୍ଦୁଝର ଇତ୍ୟାଦି) ରାଜା ମହାରାଜାଙ୍କ ଅଧୀନରେ ଥିଲା। ଇଂରେଜ ସରକାର ପଲିଟିକାଲ ଏଜେଣ୍ଟ ଓ ରେସିଡେଣ୍ଟଙ୍କ ମାଧ୍ୟମରେ ସେମାନଙ୍କ ଉପରେ ସୀମିତ ଅଧିକାର ଜାହିର କରୁଥିଲେ। ୧୯୪୭ର ସ୍ୱାଧୀନତା ଆଇନ (ଇଂରେଜ ସରକାର ପ୍ରଣୀତ) ଅନୁସାରେ ମୋଗଲବନ୍ଦୀ ସ୍ଥାନ ଧର୍ମବହୁଳତାକୁ ଦୃଷ୍ଟିରେ ରଖି ଭାଗ କରାଯିବ। କିନ୍ତୁ ଦେଶୀୟ ରାଜ୍ୟଗୁଡ଼ିକର ରାଜାମାନେ ମିଶ୍ରଣ ବିଷୟରେ ନିଷ୍ପତ୍ତି ନେବେ। ସର୍ଦ୍ଦାର ପଟେଲ ପ୍ରାଣପଣେ ଚେଷ୍ଟାକରି ୫୬୫ ଦେଶୀୟ ରାଜା ମହାରାଜାଙ୍କ ମଧ୍ୟରୁ ୫୬୨ଙ୍କୁ ପ୍ରବର୍ତ୍ତେଇ ଭାରତ ସଙ୍ଗେ ମିଶ୍ରଣ କରିଦେଲେ। ବାକି ରହିଲା ହାଇଦ୍ରାବାଦ, ଜୁନାଗଡ ଓ କଶ୍ମୀର। ପରେ ସର୍ବସାଧାରଣଙ୍କ ଇଚ୍ଛା ଏବଂ ହାଇଦ୍ରାବାଦ ଓ ଜୁନାଗଡରେ (ଉଭୟ ହିନ୍ଦୁବହୁଳ) ନୃଶଂସ ଅତ୍ୟାଚାର ଓ ହତ୍ୟାର ଖବର ପାଇ ଏବଂ ସେମାନଙ୍କ ଅସ୍ଥାୟୀ ସରକାରଙ୍କ ଇଚ୍ଛାକୁ ସମ୍ମାନ ଦେଇ ବଳ ପ୍ରୟୋଗ କରି ଏ ଦୁଇ ରାଜ୍ୟକୁ ଦଖଲ କରାଗଲା।

୩– ଭାରତ ଆକ୍ରମଣ କରି କଶ୍ମୀରକୁ ମାଡି ବସିଲା। ଏହାର ଉତ୍ତରରେ ଅନେକବାର କୁହାଯାଇଛି ଯେ, ବିଶ୍ୱଯୁଦ୍ଧ ପରେ ସୈନ୍ୟବାହିନୀରୁ ଛଟେଇ ହୋଇଥିବା ହଜାର ହଜାର ପାହାଡିଆ ଲୋକଙ୍କୁ ପାକିସ୍ତାନ ମେଜର ଜେନେରାଲ ଆକବର ଖାଁଙ୍କ ମାଧ୍ୟମରେ ଅସ୍ତ୍ରଶସ୍ତ୍ର ଯୋଗାଇଲା ଏବଂ ପାକିସ୍ତାନର ଉତ୍ତରପଶ୍ଚିମ ପ୍ରଦେଶର ବ୍ରିଟିଶ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ଏଇମାନଙ୍କୁ ଟ୍ରକ୍, ପେଟ୍ରୋଲ, ଖାଦ୍ୟଦ୍ରବ୍ୟ ଇତ୍ୟାଦି ଯୋଗେଇ ଦେଲେ ଓ ଇସାରା ଦିଆଗଲା ଯେ ଯିଏ ଯାହା ଲୁଟତରାଜ କରିବ ସେଇଟା ତା'ର ବ୍ୟକ୍ତିଗତ ସମ୍ପତ୍ତି ହେବ। ତେଣୁ ପାକିସ୍ତାନୀ (ପାକିସ୍ତାନ ନୁହେଁ) କଶ୍ମୀର ଆକ୍ରମଣ କଲେ ଓ ଶ୍ରୀନଗର ଆଡକୁ ଆଗେଇ ୧୨ ମାଇଲ ଦୂରରେ ରହିଲେ। ଭୟଭୀତ ହୋଇ ବା ଅନନ୍ୟୋପାୟ ହୋଇ ମହାରାଜା ହରି ସିଂ ଭାରତର ସାମରିକ ସାହାଯ୍ୟ ଭିକ୍ଷା କଲେ କିନ୍ତୁ ଭାରତ କହିଲା ଯେ ଯଦି କଶ୍ମୀର ଭାରତରେ ମିଶିବ ତେବେ ଆମେ କଶ୍ମୀରକୁ ରକ୍ଷା କରିବୁ। ଅକ୍ଟୋବର ୨୬, ୧୯୪୭ରେ ମହାରାଜା ହରି ସିଂ ଭାରତ ସଙ୍ଗେ ମିଶ୍ରଣ ଚୁକ୍ତିରେ ଦସ୍ତଖତ କଲେ ଓ ୨୭ ଅକ୍ଟୋବରରେ ଗଭର୍ନର ଜେନେରାଲ ମାଉଣ୍ଟ ବ୍ୟାଟେନ ତାହାକୁ ଗ୍ରହଣ କଲେ। ସଙ୍ଗେ ସଙ୍ଗେ ସୈନ୍ୟ ପଠାଗଲା ଓ କଶ୍ମୀରର ଦୁଇତୃତୀୟାଂଶ ହାସଲ କଲା ପରେ ପଣ୍ଡିତ ନେହେରୁ ଜାତିସଂଘକୁ ଗଲେ ପାକିସ୍ତାନ ବିରୋଧରେ ଅଭିଯୋଗ କରିବା ପାଇଁ। ସର୍ଦ୍ଦାର ପଟେଲଙ୍କୁ ନ ପଚାରି ଏଭଳି ଭୁଲ୍ ସେ କାହିଁକି କଲେ ତାହା ସ୍ୱତନ୍ତ୍ର ଭାବେ ଆଲୋଚନା କରାଯାଇପାରେ। ସେ ବିଷୟରେ ପାକିସ୍ତାନ ବାରମ୍ବାର କହୁଛି ଯେ କଶ୍ମୀରରେ ଗଣଭୋଟ ହେଉ ବୋଲି ନିରାପତ୍ତା ପରିଷଦ ନିର୍ଦ୍ଦେଶ ଦେଇଛି। ଏହା ଆଂଶିକ ଭାବେ ସତ୍ୟ କିନ୍ତୁ ଗଣଭୋଟ କିଭଳି ହେବ ଓ କେଉଁ ପରିସ୍ଥିତିରେ ହେବ ଏବଂ କାହିଁକି ଭାରତ ରାଜି ହେଉନାହିଁ ସେ ବିଷୟରେ ସମସ୍ତେ ଅବଗତ ହେବା ଉଚିତ। ପ୍ରଥମ କଥା ହେଲା ୨୭ ଅକ୍ଟୋବର ୧୯୪୭ରେ ମାଉଣ୍ଟ ବ୍ୟାଟେନ ମିଶ୍ରଣ ଚୁକ୍ତିରେ ସ୍ୱାକ୍ଷର କରିବା ମାତ୍ରେ କଶ୍ମୀର ଭାରତର ଅଂଶ ହୋଇଗଲା। ତେଣୁ ଗଣଭୋଟ କରିବାର ପ୍ରଶ୍ନ ଉଠୁ ନାହିଁ, ଯଦିବା ନେହେରୁ ନିଜ ଆଡୁ ପ୍ରସ୍ତାବ ଦେଇଥିଲେ। ୧୩ ଅଗଷ୍ଟ ୧୯୪୮ରେ ନିରାପତ୍ତା ପରିଷଦ ଯେଉଁ ପ୍ରସ୍ତାବ ଦେଲା ତା'ର ଅଂଶ ୨(କ) ପାରା–୧ର ଶେଷ ଧାଡ଼ିରେ ଲେଖାଯାଇଛି ଯେ, ପାକିସ୍ତାନ କଶ୍ମୀରରୁ ତା'ର ସମସ୍ତ ସୈନ୍ୟ ଫେରେଇ ନେବ ବୋଲି ରାଜିହେଲା। ପାରା–୨ରେ ଲେଖାଗଲା ଯେ, ପାକିସ୍ତାନ ଯୁଦ୍ଧ ଉଦ୍ଦେଶ୍ୟରେ ପଶିଥିବା ପାହାଡ଼ି ସଶସ୍ତ୍ର ବାହିନୀ ଓ ଅନ୍ୟାନ୍ୟ ପାକିସ୍ତାନୀଙ୍କୁ ଫେରେଇନେବା ପାଇଁ ପାରୁପର୍ଯ୍ୟନ୍ତ ଚେଷ୍ଟା କରିବ। ନିରାପତ୍ତା ପରିଷଦର ପ୍ରସ୍ତାବ (ଖ)ରେ ଲେଖାଯାଇଛି କି ଯେତେବେଳେ କମିଶନ ସନ୍ତୁଷ୍ଟ ହେବ ଯେ ପାକିସ୍ତାନ ତା'ର ସମସ୍ତ ସୈନ୍ୟ, ବେସାମରିକ ଅଧିକାରୀ, ନାଗରିକଙ୍କୁ ଫେରେଇ ନେଇଛି ତା' ପରେ ନିରାପତ୍ତା ପରିଷଦ ଭାରତକୁ କହିବ ତା'ର ଅଧିକାଂଶ ସୈନ୍ୟଙ୍କୁ ଫେରେଇନେବ ଓ ଭାରତ ଏଥିରେ ରାଜି ହେଲା। ଏହାର ଅର୍ଥ ହେଲା ଯେ ତଥାକଥିତ ଆଜାଦ କଶ୍ମୀରକୁ ପାକିସ୍ତାନ ସମ୍ପୂର୍ଣ୍ଣ ଭାବେ ଖାଲି କରିବ ଓ ଭାରତ କିଛି ସୈନ୍ୟଙ୍କୁ ରଖିବ। ତୃତୀୟ ଭାଗରେ ଲେଖାଗଲା ଯେ ଏହାପରେ ଜମ୍ମୁ–କଶ୍ମୀର ଅଧିବାସୀଙ୍କ ଇଚ୍ଛା ଅନୁସାରେ କଶ୍ମୀରର ଭବିଷ୍ୟତ ନିର୍ଦ୍ଧାରଣ ହେବ। ଏହାପରେ ଜାତିସଂଘର କମିଶନ ଜାନୁୟାରୀ ୫, ୧୯୪୯ରେ ପ୍ରସ୍ତାବ ଦେଲେ ଯେ ନିରାପତ୍ତା ପରିଷଦର ୧୯୪୮ ଅଗଷ୍ଟ ୧୩ର ପ୍ରସ୍ତାବକୁ ଉଭୟ ଦେଶ ପାଳନ କଲା ପରେ ଗଣଭୋଟ ପ୍ରକ୍ରିୟା ଆରମ୍ଭ ହେବ। ଏ ବିଷୟରେ ଅନେକ ପ୍ରକ୍ରିୟା ଲେଖାଯାଇଛି ଯାହା ଅନ୍ୟତ୍ର ଆଲୋଚନା କରାଯାଇପାରେ। କିନ୍ତୁ ମୂଳ କଥା ହେଲା ପାକିସ୍ତାନ ତଥାକଥିତ ଆଜାଦ କଶ୍ମୀରରୁ ସୈନ୍ୟ ଫେରେଇବା ପରିବର୍ତ୍ତେ ସୈନ୍ୟ ଠୁଳ କରୁଛି ଓ ୧୯୮୯ ମସିହାଠାରୁ ସନ୍ତ୍ରାସବାଦ ଶିବିର ଖୋଲି ସେମାନଙ୍କୁ କଶ୍ମୀରକୁ ପଠାଉଛି। ବିଭିନ୍ନ ସମୟରେ ଜାତିସଂଘ ଆଲୋଚନାରେ ଆମର ବିଭାଗବିହୀନ ମନ୍ତ୍ରୀ ଓ ପରେ ରକ୍ଷାମନ୍ତ୍ରୀ ଭି.ପି. କ୍ରିଷ୍ଣା ମେନନ ଓ ତାଙ୍କ ପରେ ସ୍ୱତନ୍ତ୍ର ପ୍ରତିନିଧି ମହମ୍ମଦ କରିମ ଚଗଲା ବାରମ୍ବାର ଯୁକ୍ତି କରିଛନ୍ତି ଯେ ୧୩ ଅଗଷ୍ଟ ୧୯୪୮ରେ ନିରାପତ୍ତା ପରିଷଦ ଦ୍ୱାରା ନିଆଯାଇଥିବା ନିର୍ଦ୍ଦେଶକୁ ପାକିସ୍ତାନ ପାଳନ ନ କରି ଚାହୁଁଛି ଭାରତ ଏହି ନିର୍ଦ୍ଦେଶ ପାଳନ କରୁ। ନିରାପତ୍ତା ପରିଷଦ କହିଥିଲା ଯେ ଏଭଳି କୌଣସି ଅବସ୍ଥା ସୃଷ୍ଟି କରାଯିବା ଉଚିତ ନୁହେଁ ଯାହା ଅନ୍ୟ ଦେଶର ସ୍ୱାଧୀନତା ଓ ଅଖଣ୍ଡତା ପ୍ରତି ବିପଦ ସୃଷ୍ଟି କରିବ। ପାକିସ୍ତାନର ଏ ଚୁକ୍ତି ୧୯୬୫ରେ ଭାଙ୍ଗିଗଲା। ୧୯୫୮ରେ ଯେତେବେଳେ ସେନାପତି ଆୟୁବ ଖାଁ ଶାସନ ଦଖଲ କଲେ ସେ ଭାରତ ବିରୋଧରେ ଯୁଦ୍ଧ ହୁଙ୍କାର ଦେଇଥିଲେ। ପ୍ରତ୍ୟକ୍ଷ ଯୁଦ୍ଧରେ ହାରିଯିବାରୁ ବର୍ତ୍ତମାନ ପରୋକ୍ଷ ଯୁଦ୍ଧ (ସନ୍ତ୍ରାସବାଦ) କରାଯାଉଛି। କିନ୍ତୁ ଆମ ସରକାର ବିଶେଷତଃ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଚେଷ୍ଟା ଫଳରେ ପାକିସ୍ତାନ ଏକଘରିଆ ହୋଇଛି ଓ ଆଣବିକ ଯୁଦ୍ଧର ଧମକ ଦେଉଛି। ଏ ଧମକର ଉତ୍ତର ପ୍ରାୟ କୋଡିଏ ବର୍ଷ ତଳେ ପ୍ରଧାନମନ୍ତ୍ରୀ ବାଜପେୟୀ ଦେଇଥିଲେ। ଜଣେ ପାକିସ୍ତାନୀ ସାମ୍ବାଦିକ ପଚାରିଲେ ପାକିସ୍ତାନ ଯଦି ଦିଲ୍ଲୀ, ବମ୍ବେ ଇତ୍ୟାଦି ସହରରେ ପରମାଣୁ ବୋମା ପକାଏ ଭାରତର କେତେ କ୍ଷତି ହେବ ଜାଣିପାରୁଛନ୍ତି ତ? ମୁରୁକିହସା ଦେଇ ବାଜପେୟୀ କହିଲେ, ହଁ ଜାଣିପାରୁଛି କିନ୍ତୁ ଏଥିରେ ଆନନ୍ଦିତ ହେବା ପାଇଁ ଜଣେ ବି ପାକିସ୍ତାନୀ ବଞ୍ଚିବେ ନାହିଁ।

ମୋ–୯୦୪୦୪୧୨୩୭୮

# ଅମାନବୀୟ ପରମ୍ପରା

ଦ୍ୟୁତୀ ଚନ୍ଦ୍ର ସାହୁ

ହେମଗିରିରୁ ଝାରସୁଗୁଡ଼ା ଫେରୁଥାଉ। ବନ୍ଧୁ ଶିବାଶିଷ ହଠାତ୍ ଏକ ନିଛାଟିଆ ସ୍ଥାନରେ ଗାଡ଼ିର ବ୍ରେକ୍ କଷିଲେ। ମୋବାଇଲ ଚାଟିଂରୁ ନଜର ହଟାଇ ଦେଖିଲି ବିଶ୍ରାମାଗାର ସାମ୍ନାରେ ଜଣେ ଝିଅ ଏକାକୀ ଠିଆହୋଇ କାନ୍ଦୁଛି। ବନ୍ଧୁ ଗାଡ଼ିରୁ ଓହ୍ଲାଇ ତା' ନିକଟକୁ ଗଲେ। ପଛେ ପଛେ ମୁଁ। ପୂର୍ବରୁ ପରିଚିତ ସେଇ ଝିଅକୁ କାନ୍ଦିବାର କାରଣ ପଚାରିଲେ ସେ। ତା'ପରେ ସେ ଯାହା କହିଲା ମୁଁ ହତଚକିତ ହୋଇଗଲି। ଝିଅଟି କାଳେ ଉଦୁଲିଆରେ ଭିନ୍ନ ଜାତିର ପୁଅ ସହ ଚାଲିଯାଇଥିଲା। ଆଉ ତା'ର ବାପା ମରିବା ଖବର ଶୁଣି ନିଜ ଗାଁକୁ ଯାଇଥିଲା। କିନ୍ତୁ ଜାତି ଭାଇ 'ବିସର' କରିଦେଇଥିବାରୁ ତାକୁ ଘର ଭିତରକୁ ପୂରେଇ ଦେଲେନି କି ବାପାକୁ ଟିକେ ଛୁଇଁ ମୁଣ୍ଡିଆ ମାରିବାର ସୁଯୋଗ ଦେଲେନି। ଗାଁ ଭାଇଙ୍କ ନିକଟରେ ବହୁ କାକୁତିମିନତି ହେଲା। ତଥାପି ତାକୁ ସୁଯୋଗ ଦିଆଗଲାନି। ଶେଷରେ ନିରାଶ ହୋଇ ତାକୁ ଫେରିବାକୁ ପଡ଼ିଲା। ତାକୁ ସାନ୍ତ୍ୱନା ଦେଇ ପୁଣି ଗାଡ଼ିକୁ ଫେରିବା ପରେ କାହାଣୀକୁ ଟିକେ ଖୋଲି କହିଲେ ବନ୍ଧୁ।

ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲାର କିଛି ସମ୍ପ୍ରଦାୟରେ ଏବେ ବି ଅନେକ ରୂଢ଼ିବାଦୀ ପରମ୍ପରା ଚାଲୁରହିଛି। ସମାଜ ବହୁ ଆଗେଇଛି। ବହୁ ପ୍ରଥା ଓ ପରମ୍ପରା ବଦଳିଛି। କିନ୍ତୁ ଯୁଗ ସହ ତାଳ ଦେଇ ସମାଜରେ ବସା ବାନ୍ଧିଥିବା କିଛି ଅଲୋଡ଼ା ପରମ୍ପରା ଚାଲୁରହିଛି। ଜାତିର ଶୃଙ୍ଖଳା ନାମରେ ଅମାନବୀୟ ପ୍ରଥା ଚାଲୁଛି। ସେହି କ୍ରମରେ 'ବିସର' ହେଉଛି କାଳେ ଏମିତି ଏକ ହୃଦୟଥରା ପରମ୍ପରା। ଗଣ୍ଡ, ଭୂୟାଁ, ଗୌର, ସଉରା ଭଳି କେତେକ ସମ୍ପ୍ରଦାୟରେ ବଢ଼ିଲା ପୁଅ କି ଝିଅ ଯଦି ଭଲ ପାଇ ଅନ୍ୟ ଜାତିର ପୁଅ କିମ୍ବା ଝିଅ ସହ ଉଦଲିଆ ବିହା ହୋଇଗଲା ତ କଥା ସରିଲା। ତା'ର ପରିଣାମ ସେଇ ପୁଅ ଝିଅ ତ ଭୋଗିବେ, ତା' ସହିତ ସେମାନଙ୍କ ପରିବାରକୁ ବି ଭୋଗିବାକୁ ପଡ଼ିବ। ସେଇ ପରିବାରକୁ ପ୍ରଥମେ ସମାଜ ବାଛନ୍ଦ କରିବ। ଜାତିରୁ ଅଛୁଆଁ ହୋଇଯିବେ ସେମାନେ। ପରିବାର ଲୋକ 'ବିସର' ଜରିଆରେ ଗାଁ ଭାଇଙ୍କୁ ଭୋଜିଭାତରେ ଆପ୍ୟାୟିତ କଲେ ଯାଇ ମୁକ୍ତି। ଜାତିର ପୂଜକ ଜରିଆରେ ପୂଜାପାଠ ସହ ଆମିଷ ଛୁଆଁରେ ସମ୍ପନ୍ନ ହୁଏ ପ୍ରାୟଶ୍ଚିତ୍ତ। ମୃତ ଲୋକଙ୍କ ପାଇଁ ଯାହାସବୁ ପାଳନ କରାଯାଏ ସେସବୁ ପ୍ରଥା ବଞ୍ଚିଥିବା ଲୋକଟି ପାଇଁ ମଧ୍ୟ କରାଯାଏ। କହିବାକୁ ଗଲେ ସେଇ ସନ୍ତାନକୁ ସମାଜରୁ ମୃତ ଘୋଷଣା କରାଯାଏ। ମୃତ୍ୟୁଲୋକରେ ମିଶେଇ ଦିଆଯାଏ।

'ବିସର' ପରେ ପରିବାର ସମାଜରେ ମିଶିଯାଏ ଅଥଚ ଘରୁ ଗୋଡ଼ ବାହାର କରିଥିବା ସନ୍ତାନ ପାଇଁ ସବୁଦିନ ଲାଗି ଘରବାହୁଡ଼ା ବାଟ ବନ୍ଦ ହୋଇଯାଏ। କୌଣସି ପରିସ୍ଥିତିରେ ସେ ଆଉ ଫେରିପାରେନା। ନିଜ ଆପଣାର ଲୋକଠାରୁ ଘର ବାହାରେ ରହି ଇତର ଲୋକ ପରି ବ୍ୟବହାର ପାଏ ସେ ସବୁକାଳେ। ଏବେ ବି ଅନେକ ଜାତି ଭିତରେ ବହୁ ପ୍ରଥା ରହିଛି ଯାହା ମାନବିକତାକୁ ହତ୍ୟା କରୁଛି। ବ୍ୟକ୍ତିଗତ ସ୍ୱାଧୀନତା ନିକଟରେ ଜାତିର ସ୍ୱେଚ୍ଛାଚାରିତା ଭାରି ପଡୁଛି। ନିଆଁ ପାଣିର ଡର, ଜାତି ଭାଇଙ୍କ ସହଯୋଗ ଓ ସମର୍ଥନ ହରାଇବାର ଭୟ ଜାତିବାଦକୁ ଅଧିକ ପ୍ରଶ୍ରୟ ଦେଉଥିବା ପରିତାପର ବିଷୟ। ଏଇକ୍ରମରେ ଆଉ ଏକ ତଥ୍ୟ ଯୋଡ଼ିଲେ ବନ୍ଧୁ। ଯଦି କୌଣସି କାରଣବଶତଃ ମାଳୀ ସମ୍ପ୍ରଦାୟର ଲୋକ ଅନୁସୂଚିତ ଜାତିର ଲୋକଙ୍କଠାରୁ ମାଡ଼ ଖାଇଲା ତ ଜାଣ ତା' ମୁଣ୍ଡରେ ବିବିପଦ ଛିଡିଲା। ମାଡ଼ ସହ ଜାତି ଭାଇର ନିର୍ଯାତନାକୁ ବି ବିଚରା ଲୋକଟିକୁ ସହିବାକୁ ହୁଏ। ସେଇ ମୁହୂର୍ତ୍ତରୁ ଉକ୍ତ ବ୍ୟକ୍ତି ଜାତିରୁ ଅଲଗା ଗଣାହେବ। ପାରମ୍ପରିକ ପ୍ରଥାରେ ପୂଜାପାଠ ସହ ଭୋଜିଭାତରେ ଆପ୍ୟାୟିତ ନ କଲା ଯାଏ ସେ ଜାତିରୁ ପୃଥକ୍ ରହିବାକୁ ବାଧ୍ୟ।

ଅବଶ୍ୟ ଆଜିକାଲି କେତେକ ସ୍ଥାନରେ ଜାତିପ୍ରଥା ଓ ପରମ୍ପରାକୁ ଅଣଦେଖା କରି କିଛି ପରିବାର ସାଦରେ ନିଜ ସନ୍ତାନଙ୍କ ପସନ୍ଦକୁ ସ୍ୱୀକୃତି ଦେଉଛନ୍ତି। ଜାତିବାଦକୁ ନେଇ ଭୋଟ ରାଜନୀତି ଜୋର ଚାଲିଥିବାବେଳେ ଏଭଳି ଅମାନବୀୟ ପରମ୍ପରା ବିରୋଧରେ ନେତାମାନେ ନୀରବ ରହିବା ଯେମିତି ଲାଗୁଛି ଆଉ ଏକ ରାଜନୀତି। ଜାତି ନାମରେ କିଛି ମୁଣ୍ଡିଆଳ ଚଳାଇଥିବା କୋଉ ଅମଳର ଏଭଳି ପରମ୍ପରା ମାନବିକ ଅଧିକାରକୁ ଉଲ୍ଲଂଘନ କରୁଛି ସତ, ହେଲେ ସଚେତନତା ଅଭାବରୁ ଅନେକ ପୁଅଝିଅଙ୍କ ଆଖିରୁ ଲୁହ ଶୁଖୁନି। ବଞ୍ଚି ଥାଉ ଥାଉ ଶବ ପାଲଟିଯାଉଛନ୍ତି ସେମାନେ। ଜାତି ପାଇଁ ଏଇ ଜିଅନ୍ତା ଶବମାନେ ଜୀବନତମାମ ଅକଥନୀୟ ଦୁଃଖ ଓ ଯାତନାରେ ଶତୁଛନ୍ତି ନିଜ ଭିତରେ। ବିପଦ ଆପଦରେ, ଭଲମନ୍ଦରେ କାନ୍ଧକୁ କାନ୍ଧ ମିଳେଇ ଜାତିଭାଇ ଠିଆ ହେବାର ଦୁର୍ବାର ଆଶା ଓ ସମ୍ଭାବନାରେ ଅଧିକ ସମ୍ବେଦନଶୀଳ ହୋଇ ଆମ ଦ୍ୱାରା ଗଠିତ ତଥାକଥିତ ଜାତି ଶେଷରେ ପ୍ରଥା ନାମରେ ନିଜ ଜାତିର ଲୋକଙ୍କ ପ୍ରତି କେମିତି ନିର୍ଦ୍ଦୟ ହୋଇପାରୁଛି, ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ତେବେ ଗୋଟିଏ ଆଶ୍ୱାସନାର ବିଷୟ ଯେ, ଜାତିର ନିୟମକୁ ଭାଙ୍ଗୁଥିବା ଝିଅପୁଅଙ୍କର ଜିଇ ଥାଉ ଥାଉ ଶୁଦ୍ଧିକ୍ରିୟା କରାଯାଉ ପଛେ ସେମାନଙ୍କୁ ଅନର କିଲିଂର ସାମ୍ନା କରିବାକୁ ପଡୁନି, ଯାହା ଅନ୍ୟ କେତେକ ରାଜ୍ୟରେ ଘଟୁଛି।

ମୋ– ୯୫୫୬୨୮୭୭୭୫

## ଏଇ ଭାରତରେ

ନୂଆ ମୋଟର ଯାନ ଆଇନ ଲାଗୁ ହେବା ପରେ ସାରା ଦେଶରେ ଟ୍ରାଫିକ ନିୟମକୁ କଡ଼ାକଡି କରାଯାଇ ଜରିମାନା ଆଦାୟ କରାଯାଉଛି। ମାତ୍ର ଟ୍ରାଫିକ ନିୟମ ଉପରେ ଗୁରୁଗ୍ରାମର ଜ୍ୟାକବ୍‌ପୁରା ନିବାସୀ ଧର୍ମବୀର ହିନ୍ଦୁସ୍ଥାନୀ ତାଙ୍କ ପୁଅ ଓ ଝିଅଙ୍କ ସହ ସଚେତନତା ଆଣିବାରେ ଯେଭଳି ଚେଷ୍ଟା କରିଆସୁଛନ୍ତି ତାହା ପ୍ରଶଂସନୀୟ। ଧର୍ମବୀର ଜଣେ ଓକିଲ। ଗୁରୁଗ୍ରାମର ବିଭିନ୍ନ ଛକରେ ସେ ବ୍ୟାନର୍ ଧରି ଠିଆହୋଇ ଦୀର୍ଘ ୮ ବର୍ଷ ହେବ ଲୋକଙ୍କୁ ଟ୍ରାଫିକ ନିୟମ ବିଷୟରେ ସଚେତନ କରିଆସୁଛନ୍ତି। ପ୍ରଥମେ ସେ ଏକାକୀ ଏହି କାର୍ଯ୍ୟ କରୁଥିଲେ, ଏବେ ୮ ବର୍ଷର ପୁଅ ପାର୍ଥ ଓ ୧୦ ବର୍ଷର ଝିଅ ଭାବିକା ସ୍କୁଲରୁ ଛୁଟି ହୋଇ ଆସିବା ପରେ ପିତାଙ୍କ ସହ ଟ୍ରାଫିକ ନିୟମ ଉପରେ ସଚେତନ କରିବା ଲାଗି ବହାରିଯାଉଛନ୍ତି। ପିତା, ପୁତ୍ର ଓ ଝିଅ ସହରର ଅଲଗା ଅଲଗା ସ୍ଥାନକୁ ଯାଇ ଏହି କାର୍ଯ୍ୟ କରୁଛନ୍ତି। ଧର୍ମବୀରଙ୍କୁ ସୋନା ଚୌକ, ଆକାଶପୁରୀ ଚୌକ ଓ ପୁରୁଣା ଗୁରୁଗ୍ରାମର ରାସ୍ତାରେ ଦେଖିବାକୁ ମିଳେ। ଛୁଟିଦିନରେ ଝିଅ–ପୁଅଙ୍କୁ ସାଙ୍ଗରେ ନେଇ ଧର୍ମବୀର ବାହାରିଯାଆନ୍ତି ରାସ୍ତାରେ ଥିବା ଖାଲଖମା ଭର୍ତ୍ତି କରିବାକୁ। ନିଜ ସମ୍ବଳ ମଧ୍ୟରେ ସେ ଏହା କରୁଛନ୍ତି। ଧର୍ମବୀର ଯାହା ରୋଜଗାର କରନ୍ତି ସେଥିରୁ କିଛି ଅଂଶ ରାସ୍ତା ମରାମତିରେ ବ୍ୟୟ କରିଥାନ୍ତି। ଏହି କାର୍ଯ୍ୟକୁ ଦେଖି ଡିଷ୍ଟ୍ରିକ୍ଟ ଲିଗାଲ ସର୍ଭିସ ଅଥରିଟି ବା ଜିଲା ଆଇନ ସେବା ପ୍ରାଧିକରଣ ଧର୍ମବୀରଙ୍କୁ ତାଙ୍କର ବ୍ରାଣ୍ଡ୍ ଆମ୍ବାସାଡର ଭାବେ ନିଯୁକ୍ତ କରିଛନ୍ତି। ସଡ଼କ ସୁରକ୍ଷା କାର୍ଯ୍ୟକ୍ରମରେ ବି ତାଙ୍କୁ ସାମିଲ କରାଯାଇଛି। ଏହା ବ୍ୟତୀତ ତିନି ମାସରେ ୩୦ଟି ସ୍କୁଲ ଓ କଲେଜକୁ ଯାଇ ସ୍ୱଚ୍ଛତା ଏବଂ ଟ୍ରାଫିକ ନିୟମ ପ୍ରତି ସଚେତନ କରୁଛନ୍ତି। ଏହି କାର୍ଯ୍ୟ ଲାଗି ତାଙ୍କୁ ସ୍ୱାଧୀନତା ଦିବସରେ ସମ୍ମାନିତ ମଧ୍ୟ କରାଯାଇଛି।

## ଚିରନ୍ତନୀ

ଉଦ୍‌ବେଳିତ କରେ ତାହା ! ତେସନ ନାରୀର ଅନ୍ତସ୍ଥଳେ
ଦେହ ମନ ଅବୟବେ ସୃଜନ ବ୍ୟଥାର ରକ୍ତଗଳେ।
ଯେଉଁ କାଳୁ ଆଦି ନାରୀ ଲଭିଛି ଜନମ,
ଏ ବ୍ୟଥାରେ ବ୍ୟଥିଛି ମରମ। (ସୃଜନ ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | | | E | | | B | 4 | | 6 | | 0 | | | |
| | | | | 7 | | 3 | | 5 | | 9 | | | C | 4 |
| D | 9 | | | | | | | | | C | 2 | 0 | | |
| | | | D | 5 | | | | | 3 | 4 | E | 8 | | 9 |
| | 3 | 2 | | 6 | | 8 | | | | B | | 7 | | |
| A | | | | 0 | | | | 6 | | | | E | | |
| 5 | | | | C | | | | | | E | | B | | 1 |
| | 4 | 7 | | A | | 5 | 1 | | D | 0 | | | | |
| 9 | | | | | | | 2 | | | | | | | |
| | 8 | | 9 | | E | 7 | B | | 1 | | | A | | D |
| | | C | | B | 8 | 1 | | A | | | | | | 7 |
| | | 5 | 0 | | 2 | | | | C | 1 | 4 | | | |
| | | | | | 5 | 9 | D | | | | 8 | 2 | | |
| | | | C | D | | 2 | | E | A | | 6 | | 8 | |
| | | | 6 | | 7 | | | | | 5 | | 9 | | A |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 6 | 4 | 5 | A | 9 | B | 7 | 3 | 8 | D | 1 | 2 | C | E |
| 7 | 8 | D | 4 | 1 | C | 9 | E | 2 | 6 | B | 5 | A | 3 | 0 |
| 5 | B | 1 | D | E | 6 | 8 | C | A | 0 | 3 | 2 | 9 | 7 | 4 |
| C | E | 9 | 3 | 2 | B | 1 | 6 | 0 | 4 | 7 | A | 8 | 5 | D |
| 2 | 3 | A | 7 | 0 | 8 | 5 | D | 4 | E | C | 9 | 6 | 1 | B |
| B | 2 | E | 1 | D | 3 | 7 | A | 9 | 5 | 6 | 4 | 0 | 8 | C |
| D | 0 | C | 8 | 4 | 7 | E | 2 | B | 1 | A | 3 | 5 | 6 | 9 |
| 3 | 5 | 6 | B | C | E | 0 | 8 | 1 | 2 | 9 | 7 | D | 4 | A |
| 9 | 1 | 8 | A | 6 | 0 | C | 4 | 5 | D | E | B | 3 | 2 | 7 |
| 4 | A | 7 | 9 | 5 | 2 | 6 | 3 | D | C | 8 | 0 | E | B | 1 |
| 6 | 4 | 0 | 2 | 7 | 5 | 3 | 9 | E | B | 1 | D | C | A | 8 |
| A | C | B | 6 | 8 | 4 | D | 5 | 7 | 9 | 2 | E | 1 | 0 | 3 |
| 8 | D | 2 | E | B | A | 4 | 1 | 6 | 3 | 0 | C | 7 | 9 | 5 |
| E | 9 | 5 | C | 3 | 1 | A | 0 | 8 | 7 | 4 | 6 | B | D | 2 |
| 1 | 7 | 3 | 0 | 9 | D | 2 | B | C | A | 5 | 8 | 4 | E | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅଯୋଗ୍ୟଙ୍କୁ ବାଦ୍ ଦିଆଯାଉ

ମହାଶୟ,

କଟକ ଜିଲାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ତାଲିକା ପ୍ରସ୍ତୁତିରେ ଯୋଗ୍ୟ ବ୍ୟକ୍ତିଙ୍କୁ ଅଣଦେଖା କରାଯିବା ଆଦୌ ଗ୍ରହଣୀୟ ନୁହେଁ। କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା ପ୍ରଚଳନ କଲେ ମଧ୍ୟ ପ୍ରକୃତ ହିତାଧିକାରୀ ଚୟନରେ ବ୍ୟାପକ ଚଞ୍ଚକତା କରାଯାଉଛି। ତଦନ୍ତ କରି ଅଯୋଗ୍ୟ ହିତାଧିକାରୀମାନଙ୍କୁ ବାଦ୍ ଦିଆଯାଉ।

ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

### ଲୁଟୁଛି ସାହାରା

ମୁଁ ସାହାରା କ୍ରେଡିଟ କୋ–ଅପରେଟିଭ ସୋସାଇଟି ଲିମିଟେଡରେ ସ୍ଥାୟୀ ଜମା ସାର୍ଟିଫିକେଟ ନଂ.୩୫୧୦୦୧୦୧୧୮୨୬ ଓ ୩୫୧୦୦୧୦୧୧୮୨୭ରେ ୨୫,୦୦୦ ଟଙ୍କା ଲେଖାଏ ମୋଟ ୫୦,୦୦୦ ଟଙ୍କା ଜମା ରଖିଥିଲି। ୮ ବର୍ଷ ପରେ ମୋର ସ୍ଥାୟୀ ଜମା ସାର୍ଟିଫିକେଟର ଅବଧି ପୂର୍ଣ୍ଣ ହୋଇଥିଲେ ମଧ୍ୟ ଏବଂ ଗତ ଫେବୃୟାରୀ ମାସରୁ ମୁଁ ଆବଶ୍ୟକ ସବୁ କାଗଜପତ୍ର ଦାଖଲ କରିସାରିଥିଲେ ମଧ୍ୟ ମୋତେ ସଂପୃକ୍ତ ସଂସ୍ଥାର ମ୍ୟାନେଜର ଚିତ୍ତରଞ୍ଜନ ଗଡନାୟକ (ମୋ–୯୮୬୧୦୦୮୧୩୬) ଟଙ୍କା ଦେଉନାହାନ୍ତି ଓ ତାକୁ ପୁନଃନିବେଶ କରିବାକୁ କହୁଛନ୍ତି। ମୁଁ ଜଣେ ୯୦ ବର୍ଷର ବୃଦ୍ଧ। ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ। ଚିକିତ୍ସା ପାଇଁ ମୋର ଟଙ୍କା ଦରକାର। ଆଉ କେତେ ଦିନ ବଞ୍ଚିବି ଯେ ପୁନଃନିବେଶ କରିବି। କୋର୍ଟଙ୍କ ଆଶ୍ରୟ ନେବା ଛଡ଼ା ମୋ ପାଖରେ ଆଉ ଉପାୟ ନାହିଁ। ପାଠକମାନେ ଏ ଲୁଟେରା ଠକସଂସ୍ଥା ପ୍ରତି ସଚେତନ ରୁହନ୍ତୁ।

ସୁଖେନ୍ଦୁ ମୋହନ ଦାସ, ମୋ–୯୪୩୭୫୪୪୯୩୯, ପ୍ଲଟ–୭୫୨, ସାରଦା ମଠ, ଲିଙ୍ଗରାଜ ଟେମ୍ପଲ ରୋଡ, ଓଲ୍ଡ ଟାଉନ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଦେଶପ୍ରେମର ଗାଥା ଶୁଣାଉଛି ଚଷାଖଣ୍ଡ

## ‘ବଳିଷ୍ଠ ଭାରତ ଗଠନ ଥିଲା ବାଘାଯତୀନଙ୍କ ଆଦର୍ଶ’

**ବାଲେଶ୍ୱର ଅଫିସ, ୯।୯**

ବାଲେଶ୍ୱର ଜିଲା ରେମୁଣା ବ୍ଲକ ରକ୍ତତୀର୍ଥ ଚଷାଖଣ୍ଡ ସବୁଦିନ ଦେଶପ୍ରେମର ଗାଥା ଶୁଣାଉଛି। କ୍ରାନ୍ତିବୀର ବାଘାଯତୀନ ଏହି ସ୍ଥାନରେ ବ୍ରିଟିଶ ଫୌଜଙ୍କ ସହ ଶେଷ ଲଢେଇ କରି ଗୁଳିରେ ଆହତ ହୋଇ ପରେ ପ୍ରାଣ ହରାଇଥିଲେ। ତାଙ୍କ ତ୍ୟାଗ, ଦେଶଭକ୍ତି ଓ ସଂଘର୍ଷମୟ ଜୀବନ ଯୁବପିଢି ପାଇଁ ଯୁଗେ ଯୁଗେ ପ୍ରେରଣା ହୋଇରହିବ। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେଲେ ବଳିଷ୍ଠ ଭାରତ ଗଠନ ସମ୍ଭବ ହେବ ବୋଲି ସୋମବାର ଚଷାଖଣ୍ଡସ୍ଥିତ ଦେଶୁଆଁପୋଖରୀ ଠାରେ ଆୟୋଜିତ ବାଘାଯତୀନଙ୍କ ୧୦୪ତମ ବଳିଦାନ ଦିବସରେ ଅତିଥି ଓ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି।

ଦୁଇଦିନ ବ୍ୟାପୀ ପାଳନ ହେବାକୁ ଥିବା ଶହୀଦ ସ୍ମୃତି ସମାରୋହର ପ୍ରଥମ ଦିବସରେ ବାଲେଶ୍ୱରର ଅତିରିକ୍ତ ଜିଲାପାଳ ସମ୍ବିତ ନାୟକ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ତାଙ୍କ ଅଧ୍ୟକ୍ଷତାରେ ଏକ ସ୍ମୃତିସଭା ଆୟୋଜିତ ହୋଇଥିଲା। ପରିଷଦର ସଭାପତି ତଥା ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଅତିଥି ଭାବେ ଯୋଗଦେଇ ଶହୀଦ ବାଘାଯତୀନଙ୍କ ଜୀବନୀ ଉପରେ ଆଲୋକପାତ କରି ଶହୀଦ ପୀଠର ଉନ୍ନତି ଏବଂ ରକ୍ଷଣାବେକ୍ଷଣ ପ୍ରତି ଗୁରୁତ୍ୱାରୋପ କରିଥିଲେ। ୨୫ଟି ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରଙ୍କ ଉପସ୍ଥିତି ଓ ସେମାନଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା ପରିବେଶକୁ ଭାବପୂର୍ଣ୍ଣ ଓ ଉତ୍ସବମୁଖର କରିଥିଲା। ପଶ୍ଚିମବଙ୍ଗ ଚଟ୍ଟଗ୍ରାମରୁ ଆସୁଥିବା ଶୋଭାଯାତ୍ରା ଦଳ ମଙ୍ଗଳବାର ଏଠାରେ ପହଞ୍ଚିବା କାର୍ଯ୍ୟକ୍ରମ ରହିଛି।

ବଳିଦାନ ଦିବସ ସ୍ମୃତିସଭାରେ ଆଇନ୍‌ଜୀବୀ ମନୋଜ ନାୟକ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ପରିଷଦର ସମ୍ପାଦକ ସର୍ବେଶ୍ୱର ମହାନ୍ତି ପରିଷଦ ତଥା ସ୍ମୃତିପୀଠର ସମସ୍ୟା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପରିଷଦର କାର୍ଯ୍ୟକାରୀ ସଭାପତି ଗୋପୀନାଥ ସେନାପତି ମଞ୍ଚ ସଞ୍ଚାଳନରେ ସହଯୋଗ କରିଥିଲେ। ଅଖିଳ ଭାରତୀୟ ସ୍ୱତନ୍ତ୍ର ସେନାନୀ ପରିବାର କଲ୍ୟାଣ ପରିଷଦର ସଭାପତି ନିତ୍ୟାନନ୍ଦ ଶର୍ମା ମୁଖ୍ୟବକ୍ତା ଭାବେ ଯୋଗଦେଇ ଭାରତବର୍ଷ ସ୍ୱାଧୀନତା ସଂଗ୍ରାମ ଇତିହାସର ଗାଥା, ଗୌରବକୁ ବଳିଷ୍ଠ କରିଥିବା ବାଘାଯତୀନଙ୍କ ଆଦର୍ଶ ଅନୁକରଣୀୟ ବୋଲି କହିଥିଲେ। ଚଟ୍ଟଗ୍ରାମ ସ୍ମୃତି ପରିଷଦର ସଭାପତି ସରୋଜ ଚୌଧୁରୀ ଅନ୍ୟତମ ଅତିଥି ଭାବେ ଯୋଗଦେଇ ବାଘାଯତୀନ ଓ ତାଙ୍କ ଅନ୍ୟ ଚାରିଜଣ ସହଯୋଗୀଙ୍କ ବୀରତ୍ୱର କାହାଣୀ ଅବତାରଣା କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଚଷାଖଣ୍ଡ ଶହୀଦପୀଠରେ ଏହି ଶହୀଦମାନଙ୍କର ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ କରିବା ଲାଗି ସେ ସହଯୋଗର ହାତ ବଢ଼ାଇବେ ବୋଲି କହିଥିଲେ। ବାଲେଶ୍ୱର ସଦର ତହସିଲଦାର ପଞ୍ଚାନନ ପାତ୍ର, ରେମୁଣା ତହସିଲଦାର ସଞ୍ଜୟ ରାଉତ, ପୂର୍ବତନ ବିଧାୟକ ଅରୁଣ ଦେ, ପ୍ରଦୀପ୍ତ ପଣ୍ଡା ଓ ସୁଦର୍ଶନ ଯେନା ପ୍ରମୁଖ ସ୍ୱାଧୀନତା ସଂଗ୍ରାମୀମାନଙ୍କ ସ୍ମୃତିଚାରଣ କରିବା ସହିତ ସ୍ମୃତିପୀଠର ବିକାଶ ନେଇ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦେଶାତ୍ମବୋଧକ ବକ୍ତୃତା, ପ୍ରତିଯୋଗିତା, ସଙ୍ଗୀତ, ଚିତ୍ରାଙ୍କନ, ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ କାଳିଚରଣ ଲେଙ୍କା, ଆଶୁକବି ସର୍ବେଶ୍ୱର ଦାସ, ଶିକ୍ଷାବିତ୍ ଜୟନ୍ତ ପାଣିଗ୍ରାହୀ, ବାଗ୍ମୀଦେବୀ ଭଟ୍ଟାଚାର୍ଯ୍ୟ, ଅନୁରାଗ ବାସୁ, ରାଜଶ୍ରୀ ପଣ୍ଡା ବିଚାରକ ଭାବେ ଯୋଗଦେଇଥିଲେ। ପରିଷଦର ବରିଷ୍ଠ କର୍ମକର୍ତ୍ତା ଜୟନ୍ତୀ ପଣ୍ଡା, ଶ୍ରୀକାନ୍ତ ବୁଗୁଡ଼ାଇ, ସୁଦର୍ଶନ ଭୂୟାଁ, ଶ୍ରୀକାନ୍ତ ବାଗ୍, ସରୋଜ ଗୋଛାୟତ, ମାହେଶ୍ୱରୀ ମହାନ୍ତି, ସ୍ନେହଲତା ଦାସ, ସୋନାଲି ପଣ୍ଡା, ଉପେନ୍ଦ୍ର ପାଣିଗ୍ରାହୀ, ଦେବେନ୍ଦ୍ର ନାୟକ, ପ୍ରଫୁଲ୍ଲ ବେହେରା, ଅଜିତ୍ ବରାଳ ପ୍ରମୁଖ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ପରିଷଦର ଉପଦେଷ୍ଟା ଅନନ୍ତ ବିଶ୍ୱାଳ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।



ବାଘାଯତୀନଙ୍କ ୧୦୪ତମ ଶହୀଦ ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥି।

- ରକ୍ତତୀର୍ଥ ଚଷାଖଣ୍ଡରେ ୧୦୪ତମ ଶହୀଦ ଦିବସ
- ଉତ୍ସବରେ ଯୋଗଦେଲେ ୨୫ ବିଦ୍ୟାଳୟର ଛାତ୍ରୀଛାତ୍ର



ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ପ୍ରକଳ୍ପ।

## ବିଜ୍ଞାନ ମେଳାରେ ୭୧ ପ୍ରକଳ୍ପ

**ଖଇରା, ୯।୯(ଡି.ଏନ.ଏ.)**

ଭାରତୀୟ ଶିକ୍ଷାସଂସ୍ଥାନ ଦ୍ୱାରା ପରିଚାଳିତ ଜିଲାସ୍ତରୀୟ ବିଜ୍ଞାନମେଳା ରବିବାର ଖଇରା ବ୍ଲକର ଡଗରପଡ଼ା ଶିଶୁମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଜିଲା ପ୍ରମୁଖ ଦୀପ୍ତିକାନ୍ତ ପାଢ଼ୀ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଜିଲା ପ୍ରଭାରୀ ଦେବେନ୍ଦ୍ର ମହାଳିକ ପରିଦର୍ଶକ ଭାବେ ଯୋଗଦେଇ ଆଜିର ବିଜ୍ଞାନ ପ୍ରଗତିର ମୂଳଦୁଆ ବୋଲି ମତସାବ୍ୟସ୍ତ କରିଥିଲେ। ୧୨ଟି ବ୍ଲକରୁ ଆସିଥିବା ଛାତ୍ରୀଛାତ୍ରଙ୍କ ଦ୍ୱାରା ଜୁନିୟର, ସବ୍‌ଜୁନିୟର ଏବଂ ସିନିୟର ସ୍ତରରେ ମୋଟ ୭୧ ପ୍ରକଳ୍ପ ସ୍ଥାନିତ ହୋଇଥିଲା। ଏଥିମଧ୍ୟରୁ ଅନନ୍ତ ପ୍ରସାଦ ମାଝି, ଆରୋପ ହୋତା, ଅନୁରାଗ ପଣ୍ଡା, ସୁଶ୍ରୀ ସଙ୍ଗୀତା ଦଳେଇ, ପ୍ରତ୍ୟାକ୍ଷୀ ପଣ୍ଡା, ଆଦିତ୍ୟ ଖୁଣ୍ଟିଆ, ସନ୍ଦୀପ ଚରଣ ଜେନା, ମଧୁସୂଦନ ଗିରି ଓ ଜାଭେଦ କାହ୍ନୀଙ୍କ ପ୍ରକଳ୍ପ ରାଜ୍ୟସ୍ତରକୁ ମନୋନୀତ ହୋଇଛି। ବିଜ୍ଞାନ ଶିକ୍ଷକ ରତିକାନ୍ତ ବେହେରା, ସତ୍ୟନାରାୟଣ ନନ୍ଦ, ରାଜେନ୍ଦ୍ର ପ୍ରସାଦ ଦାସ ଓ ତ୍ରିଲୋଚନ ବିଶ୍ୱାଳ ପ୍ରମୁଖ ବିଚାରକ ଭାବେ ପ୍ରକଳ୍ପ ମୂଲ୍ୟାୟନ କରିଥିଲେ। ବିଦ୍ୟାଳୟର ସମସ୍ତ ଗୁରୁମାଗୁରୁଜୀ ମେଳା ପରିଚାଳନାରେ ସହଯୋଗ କରିଥିଲେ।

## କୁସୁମାରେ ଚାରାରୋପଣ କାର୍ଯ୍ୟକ୍ରମ

**ଖଇରା, ୯।୯(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ବର୍ତ୍ତନା ପଞ୍ଚାୟତ ଅଧୀନ କୁସୁମା ଗ୍ରାମରେ ରବିବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖଇରା ଇଣ୍ଡେନ ଗ୍ୟାସର ବିତରକ ଅମରେଶ ମହାନ୍ତି ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଭାରତୀୟ ବାୟୁସେନାର ଅବସରପ୍ରାପ୍ତ ଅଧିକାରୀ ସତ୍ୟବ୍ରତ ନାରାୟଣ ବେହେରା, ଗ୍ରାମର ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ଓ ଛାତ୍ରୀଛାତ୍ର ଉପସ୍ଥିତ ହୋଇ ଚାରାରୋପଣ କାର୍ଯ୍ୟକ୍ରମରେ ସହାୟତା କରିଥିଲେ।

## ବିଦ୍ୟୁତ ସଂସ୍ପର୍ଶରେ ଆସି ଯୁବକଙ୍କ ମୃତ୍ୟୁ

**ବସ୍ତା, ୯।୯(ସ୍ୱ.ପ୍ର.):** ସିଂଲା ଥାନା ଅନ୍ତର୍ଗତ ସାର୍ଥା ପଞ୍ଚାୟତର ବାଂଶ୍ରୀ ଗ୍ରାମର ସୁକୁମାର ବିନ୍ଧାଣି(୪୦) ନାମକ ଯୁବକ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ପ୍ରାଣ ହରାଇଛନ୍ତି। ତାଙ୍କର ସ୍ଥାନୀୟ ବଜାରରେ ଏକ ଥ୍ରେଡିଂ ଓ ୱେଲଡିଂ ଦୋକାନ ଅଛି। ସେ ସୋମବାର ସକାଳେ ଦୋକାନକୁ ଆସୁଥିବା ବେଳେ ଓହଳି ପଡିଥିବା ଏକ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଚେତାଶୂନ୍ୟ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନେଇଯାଇଥିଲେ। ମାତ୍ର ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ।

## ଚୋରି ଯୋଜନା କରୁଥିବା ୪ ଅଟକ

**ସୋର, ୯।୯(ଡି.ଏନ.ଏ.):** ସୋର ମ୍ୟୁନିସିପାଲିଟି ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଚୋରି କରିବାକୁ ଯୋଜନା କରୁଥିବା ୪ଜଣ ଯୁବକଙ୍କ ଶନିବାର ରାତିରେ ସୋର ପୋଲିସ ଅଟକ ରଖି ପଚରାଉଚରା କରୁଛି। ସେମାନେ ସୋର ଡାକ୍ତରଖାନା ନିକଟରେ ଚୋରି ପାଇଁ ଯୋଜନା କରୁଥିଲେ। ପୋଲିସ ଖବରପାଇ ଚଢାଉ କରି କାବୁ କରିଥିଲା।

## ମେଡ଼ିକାଲରୁ ଚୋରି ଅଭିଯୋଗ

**ସୋର, ୯।୯(ଡି.ଏନ.ଏ.):** ରବିବାର ବିଳମ୍ବିତ ରାତିରେ ବାହାନଗା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ତାଲା ଭାଙ୍ଗି ଚୋରି ହୋଇଥିବା ସୋର ଥାନାରେ ଅଭିଯୋଗ ହୋଇଛି। ଚୋରମାନେ ଏହାର ତାଲା ଭାଙ୍ଗି ଭିତରେ ପଶି ବିଭିନ୍ନ ଘରେ ଲାଗିଥିବା ୪ଟି ଫ୍ୟାନ୍, ମାର୍ବଲ କାର୍ଯ୍ୟରେ ଲାଗୁଥିବା କଟର ମେଶିନ୍ ଏବଂ ଅନ୍ୟାନ୍ୟ ସରଞ୍ଜାମ ଚୋରି କରିନେଇଛନ୍ତି। ମେଡିକାଲ କର୍ମଚାରୀ ଦେବେନ୍ଦ୍ର କୁମାର ସେଠୀ ସୋର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମେଡିକାଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ବିଶ୍ୱ ସାକ୍ଷରତା, ରାଷ୍ଟ୍ର ନିର୍ମାଣ ସମ୍ମାନ କାର୍ଯ୍ୟକ୍ରମ




ବିଶ୍ୱ ସାକ୍ଷରତା ଦିବସ ପାଳନ ଅବସରରେ ରୋଟାରୀ କ୍ଲବର କର୍ମକର୍ତ୍ତା ଓ ଅନ୍ୟମାନେ।

**ବାଲେଶ୍ୱର ଅଫିସ, ୯।୯**

ବାଲେଶ୍ୱର ରୋଟାରୀ କ୍ଲବ ପକ୍ଷରୁ ସ୍ଥାନୀୟ ଉଦ୍ୟୋଗ ଭବନ ପରିସରରେ ରବିବାର ବିଶ୍ୱ ସାକ୍ଷରତା ଦିବସ ପାଳନ କରାଯାଇଛି। ଆୟୋଜିତ ସମାରୋହରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସରକାରଙ୍କ ଏହି କାର୍ଯ୍ୟକ୍ରମକୁ ସଫଳତାର ସହ ପରିଚାଳନା କରାଗଲେ ଆଗାମୀ ଦିନରେ ରାଜ୍ୟ ତଥା ଦେଶରେ ସାକ୍ଷରତା ହାର ବୃଦ୍ଧି ପାଇବ ବୋଲି ପ୍ରକାଶ କରିଥିଲେ।

ସଭାରେ କ୍ଲବ ସଭାପତି ରୋଟାରିଆନ ଡ. ମାତୃଦତ୍ତ ଦାସ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତା ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ମଧୁମିତା ଦାଶ, ଜିଲା ପ୍ରଶିକ୍ଷକ ଜୟଶ୍ରୀ ମହାନ୍ତି, ପ୍ରାକ୍ତନ ଜିଲା ଗଭର୍ନର ଦିଲୀପ ପଟ୍ଟନାୟକ, ପ୍ରାକ୍ତନ ରୋଟାରୀ ସଭାପତି ତନ୍ମୟ ମହାନ୍ତି ପ୍ରମୁଖ ରୋଟାରିଆନ ଯୋଗଦେଇ ସରକାର ସାକ୍ଷରତା ହାର ବୃଦ୍ଧି ନିମନ୍ତେ ବିଭିନ୍ନ ଯୋଜନା ମାଧ୍ୟମରେ ଶିକ୍ଷାର ମୂଲ୍ୟ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହ ଦେଶରେ କିପରି ଶିକ୍ଷାର ଅଭିବୃଦ୍ଧି ଘଟିବ ସେ ଦିଗରେ ଉଦ୍ୟମ ଜାରି ରଖିଛନ୍ତି। କିଭଳି ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ପ୍ରତି ଆକୃଷ୍ଟ ହେବେ ଓ ନିୟମିତ ବିଦ୍ୟାଳୟ ଆସିବେ ତାହା ଅନେକାଂଶରେ ବ୍ୟବସ୍ଥା କରାଯାଉଥିବା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଜିଲା ଓ ସହର ଉପକଣ୍ଠ ବିଭିନ୍ନ ବିଦ୍ୟାଳୟର ୫୨ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର, ଉପଢ଼ୌକନ ଓ ଚାରା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସାକ୍ଷରତା ଅଭିଯାନ କାର୍ଯ୍ୟକ୍ରମର ଅଧ୍ୟକ୍ଷ ଭି. ଉଦୟ କୁମାର ବିବରଣୀ ଦେଇଥିଲେ। ରୋଟାରିଆନ ଉଦୟ ରଞ୍ଜନ ଦାଶ, ସୁବ୍ରତ କର, ନିକୁଞ୍ଜ ମହାନ୍ତି, ସୁଖମୟ ଦାସ, ସପନ ମହାପାତ୍ର, ଯଶୋଦା ନନ୍ଦନ ଆସ୍, ସୌରଭ ବେହେରା. ଡ. ମନୋରଞ୍ଜନ ଦାସ, ରାମଚନ୍ଦ୍ର ଓଝା ଓ ବିକାଶ କର ପ୍ରମୁଖ କ୍ଲବର ସମସ୍ତ ସଭ୍ୟାସଭ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ବର୍ଷା ଆସରରେ କବିତାର ମୂର୍ଚ୍ଛନା

**ଖଇରା, ୯।୯(ଡି.ଏନ.ଏ.)**

ଖଇରା ସାହିତ୍ୟ ସଂସଦ ପକ୍ଷରୁ ବର୍ଷାକାଳୀନ କବିତା ଆସର ରବିବାର ଖଇରା ଶିକ୍ଷକ ସଂଘ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। କବି ମାୟାଧର ନାୟକ ଏଥିରେ ପୌରୋହିତ୍ୟ କରିଥିଲେ। ସମ୍ପାଦକ ପ୍ରଫେସର ଉମେଶ ଚନ୍ଦ୍ର ନାୟକ ପ୍ରାରମ୍ଭିକ ସୂଚନା ଓ କୈଳାସ ଚନ୍ଦ୍ର ପୃଷ୍ଟି ବେଦପାଠ କରିଥିଲେ।

ଖଇରା ଥାନାଧିକାରିଣୀ ଲୋପାମୁଦ୍ରା ନାୟକ କବିତା ଆସରକୁ ଉଦ୍‌ଘାଟନ କରିଥିଲେ। ଡ. ଶ୍ୟାମସୁନ୍ଦର ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ବ୍ରଜେନ୍ଦ୍ର ନାଥ ଗିରି ମୁଖ୍ୟଅତିଥି ଭାବେ ସାହିତ୍ୟରେ ନୂଆ ଶବ୍ଦ ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ। ଡ. ଅଭୟ କୁମାର ମହାନ୍ତି, ଲକ୍ଷ୍ମୀଧର ନାୟକ, ମହେନ୍ଦ୍ର ପ୍ରସାଦ ବାରିକ, ଦାମୋଦର ନାୟକ ପ୍ରମୁଖ ସମ୍ମାନିତ ବକ୍ତା ଭାବେ ଯୋଗ ଦେଇଥିଲେ। ମୋଟ ୩୦ଜଣ କବୟିତ୍ରୀ ଓ କବି ସ୍ୱରଚିତ କବିତାପାଠ କରିଥିଲେ। ମଧୁସୂଦନ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ। ବାର୍ଷିକ ସଂଖ୍ୟା ପାଇଁ ୩୦ତାରିଖ ସୁଦ୍ଧା ଲେଖା ପଠାଇବାକୁ ସମ୍ପାଦକ ନାୟକ ଅନୁରୋଧ କରିଥିଲେ।

## ଜଳିଗଲା ୨ ଦୋକାନ ଘର

**ବାଲେଶ୍ୱର ଅଫିସ,୯।୯**

- ଥାନାରେ ଗୃହଦାହ ଅଭିଯୋଗ
- ଅଢ଼େଇଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଅନ୍ତର୍ଗତ ବଡ଼ପାଳ ପଞ୍ଚାୟତ ଅଧୀନ ମାଲସାହି ଛକଠାରେ ଥିବା ଜଗନ୍ନାଥ ସାହୁଙ୍କ ଗ୍ରୋସେରୀ ଓ ଏହା ସଂଲଗ୍ନ ଓ କୁକୁଡ଼ା ଦୋକାନ ରବିବାର ବିଳମ୍ବିତ ରାତିରେ ନିଆଁ ଲାଗି ପୋଡି ଯାଇଛି। ଏଥିରେ ପ୍ରାୟ ଅଢ଼େଇଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ରାତିରେ ହଠାତ୍ ନିଆଁ ଲାଗିବାରୁ ଦୋକାନରେ ଶୋଇଥିବା ଜଗନ୍ନାଥଙ୍କ ପୁଅ ବାହାରକୁ ଚାଲି ଆସିବାରୁ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ସ୍ଥାନୀୟ ଲୋକେ ନିଆଁ ଲିଭାଇବା ଉଦ୍ୟମ କରି ଦମକଳ ବାହିନୀକୁ ଖବର ଦେଇଥିଲେ। ଦମକଳ ଆସି ନିଆଁକୁ ଆୟତ୍ତ କରିଥିଲା। କେହି ଦୁର୍ବୃତ୍ତ ଦୋକାନରେ ନିଆଁ ଲଗାଇ ଦେଇଥିବା ନେଇ ଦୋକାନୀ ଜଗନ୍ନାଥ ସନ୍ଦେହ ପ୍ରକାଶ କରି ରେମୁଣା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି। ଅଗ୍ନିକାଣ୍ଡ ଖବର ପାଇ ବିଜୁ ଯୁବ ଜନତା ଦଳର ଜିଲାସଭାପତି ଶୁଭେନ୍ଦୁ ଦାସ ମଙ୍ଗରାଜ ସୋମବାର ପୂର୍ବାହ୍ନରେ ଘଟଣାସ୍ଥଳରେ ପହଞ୍ଚି ପୋଲିସ୍, ଆର୍‌ଆଇ, ତହସିଲଦାର ଓ ସବ୍-କଲେକ୍ଟରଙ୍କୁ ଏ ସମ୍ବନ୍ଧରେ ଜଣାଇବା ସହ ତୁରନ୍ତ ସରକାରୀ ସାହାଯ୍ୟ ଯୋଗାଇବା ସକାଶେ ଅନୁରୋଧ କରିଛନ୍ତି। ତାଙ୍କ ସହ ପୂର୍ବତନ ଜିଲାପରିଷଦ ସଭ୍ୟ ଦିଲ୍ଲୀପ ନାୟକ, ଯୁବନେତା ଟୁଟୁ ବିଶ୍ୱାଳ, ଜଗନ୍ନାଥ ଦାସ, ଶ୍ରୀନାଥ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ‘ଗବେଷଣା, ଗଭୀର ଅଧ୍ୟୟନ ସୁଫଳ ଦିଏ’

**ବାଲେଶ୍ୱର ଅଫିସ,୯।୯**

‘ଆୟୁର ଆବେଗ’ ସମ୍ମିଳନୀ




ଆୟୁର ଆବେଗ ସମ୍ମିଳନୀରେ ସମ୍ବର୍ଦ୍ଧିତ କରାଯାଉଛି।

ବାଲେଶ୍ୱର ଏକ ଘରୋଇ ହୋଟେଲ୍ ସମ୍ମିଳନୀ କକ୍ଷରେ ବିଶିଷ୍ଟ ଚିକିତ୍ସକ ଡା. ଶୀତକଣ୍ଠ ଦାସଙ୍କ ସ୍ମୃତିରେ ରାଜ୍ୟସ୍ତରୀୟ ଆୟୁର୍ବେଦ ସ୍ନାତକୋତ୍ତର ବିଦ୍ୟାର୍ଥୀ ସେମିନାର ଓ ଚିକିତ୍ସକ ସମ୍ମିଳନୀ ‘ଆୟୁର ଆବେଗ-୨୦୧୯’ ଅନୁଷ୍ଠିତ ହୋଇଯାଇଛି। ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ମଧୁମିତା ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ସେମିନାରରେ ଅଂଶଗ୍ରହଣ କରିଥିବା ପିଜି ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇବା ସହ ଗବେଷଣା ଓ ଗଭୀର ଅଧ୍ୟୟନ ସୁଫଳ ପ୍ରଦାନ କରିଥାଏ ବୋଲି ପ୍ରକାଶ କରିଥିଲେ। ଗବେଷଣାତ୍ମକ ସନ୍ଦର୍ଭର ଉପସ୍ଥାପନା ଓ ଆୟୁର ଆବେଗର ଉଦ୍ଦେଶ୍ୟ ସମ୍ପର୍କରେ କମିଟି ଅଧ୍ୟକ୍ଷ ପ୍ରଫେସର ଶାନ୍ତନୁ ଦାସ ବକ୍ତବ୍ୟ ରଖିଥିଲେ। ଏଥିରେ କବି ପ୍ରଶାନ୍ତ ଦାସ ପୌରୋହିତ୍ୟ କରିବା ସହ ଆୟୁର୍ବେଦ ଚିକିତ୍ସାରେ ଡା. ଶୀତିକଣ୍ଠ ଦାସଙ୍କ ସ୍ମୃତି ଚୀରଦିନ ଅଲିଭା ହୋଇ ରହିବ ବୋଲି କହିଥିଲେ।

ସେମିନାରକୁ ଉଦ୍‌ଘାଟନ କରି କବିରାଜ ଅନନ୍ତପ୍ରସାଦ ତ୍ରିପାଠୀ ଶର୍ମା ଆୟୁର୍ବେଦିକ କଲେଜ ବରହମ୍ପୁରର ଅଧ୍ୟକ୍ଷ ପ୍ରଫେସର ବିପିନ ବିହାରୀ ଖୁଣ୍ଟିଆ ଗବେଷଣା ନୂତନ ରୋଗର ଚିକିତ୍ସାକୁ ସହଜ କରିଥାଏ। ୬ଟି ସନ୍ଦର୍ଭ ଉପସ୍ଥାପିତ ହୋଇଥିବା ବେଳେ ୧୦୦ରୁ ଊର୍ଦ୍ଧ୍ୱ ଚିକିତ୍ସକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ପୁରୀ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ସୁଦର୍ଶନ ବେହେରା ଯୋଗଦେଇ ଏହାକୁ ଜାତୀୟସ୍ତରରେ କରିବାକୁ ପ୍ରସ୍ତାବ ଦେଇଥିଲେ। ଏହି ଅବସରରେ ଆବେଗ ସମ୍ମାନ ପ୍ରଫେସର ରାମକୃଷ୍ଣ ପାଣିଗ୍ରାହୀ, ବୈଦ୍ୟରତ୍ନ ମାଗୁଣି ବ୍ରହ୍ମା ସମ୍ମାନ ଡା. ବଙ୍କିମ ଚନ୍ଦ୍ର ଜେନା ଓ ଡା. ପଞ୍ଚାନନ ସାହୁଆ, ଆବେଗ ସମ୍ବର୍ଦ୍ଧନା ଡା. ସ୍ୱାତୀ ଲମ୍ବା ଓ ପିଜି ଛାତ୍ର ଡା. ଇତିଶ୍ରୀ ଦାସଙ୍କୁ ପ୍ରଦାନ କରାଯାଇଥିଲା। ଏଥିରେ ଡା. ସମ୍ବିତ ଦାସ, ଡା. ହେମାଦ୍ରି ଭଞ୍ଜ, ଡା. ଗତିକୃଷ୍ଣ ପଣ୍ଡା, ଡା. ବିଭୁ ପଦ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଆଇନଜୀବୀ ଜେଠ୍‌ମାଲାନିଙ୍କ ବିୟୋଗରେ ଶୋକସଭା

**ଜଳେଶ୍ୱର, ୯।୯**

ସୁପ୍ରିମକୋର୍ଟରେ ବରିଷ୍ଠ ଆଇନଜୀବୀ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାମ ଜେଠ୍‌ମାଲାନିଙ୍କ ବିୟୋଗରେ ଏକ ଶୋକସଭା ଜଳେଶ୍ୱର ବାର୍ ଆସୋସିଏଶନ ପକ୍ଷରୁ ସୋମବାର କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆସୋସିଏଶନ ସଭାପତି କୁଞ୍ଜ ବିହାରୀ ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ। ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ତାଙ୍କ ସମ୍ମାନାର୍ଥେ ଦିନକ ପାଇଁ କୋର୍ଟ ବନ୍ଦ ରଖାଯାଇଥିଲା। ଏହି ଶୋକ ସଭାରେ ବରିଷ୍ଠ ଓକିଲ ଚିନ୍ମୟ ଦାସ, ମଳୟ ମହାନ୍ତି, ଜିତାଂଶୁ ନନ୍ଦୀ, ଅବଧୂତ ଜେନା, ଗିରିଜା ଶଙ୍କର ଦାସ, ସୁଶାନ୍ତ ଦାସ, ପୁର୍ଣ୍ଣେନ୍ଦୁ ଆଚାର୍ଯ୍ୟ, ଇଶାକ ବେଗ, ସୁନୀଲ ଜେନା, ରାଜେଶ କୁମାର ପାତ୍ର, ବିନୋଦ ଅଗ୍ରୱାଲା, ସିଦ୍ଧାର୍ଥ ଦାସ ଓ ଘନଶ୍ୟାମ ସାହୁ ପ୍ରମୁଖ ଆଇନଜୀବୀ ଯୋଗ ଦେଇଥିଲେ।



ଜଳେଶ୍ୱର ବାର୍ ଆସୋସିଏଶନର କର୍ମକର୍ତ୍ତା।

OFFICE OF THE HINJILICUT MUNICIPAL COUNCIL
HINJILICUT, (GM), PH: 06811-280025, e-mail id - hinjilicutmunicipality@gmail.com
Letter No.2141/2019 Bid Identification No.HIN-MUN-03/2019-20 Date: 07.09.2019
Bid document consisting of work, estimated cost, cost of Tender Paper, E.M.D., time of completion class of contractors and the set of terms and condition and condition of contract and other necessary documents can be seen in Govt. website i.e. www.tendersorissa.gov.in. Total number of civil works : 2 Nos., Estimated cost for civil works : Rs.59,10,125/- (per each), Date & time of availability of Bid documents in the portal : Dt.08.09.2019 of 11.00 A.M. to dt: 23.09.2019 of 6.00 P.M. for online bidding., Last date of receipt of Bid through online : dt:23.09.2019 upto 6.00 P.M., Online receipt of tender documents : dt:23.09.2019 upto 6.00 P.M., Submission of original Bid document : Dt: 25.09.2019 through Registered or Speed Post., Date of opening of BId : dt: 26.09.2019 at 11.00 A.M. Sd./- Executive Officer, Hinjilicut Municipality

ଶୁଭେଚ୍ଛା ବାର୍ତ୍ତା



ଓଡ଼ିଶାର ସବୁଠାରୁ ଲୋକପ୍ରିୟ ଦୈନିକ ଖବରକାଗଜ ‘ଧରିତ୍ରୀ’ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ସମସ୍ତ ପାଠକ, ପାଠିକା ଓ ଶୁଭେଚ୍ଛୁଙ୍କ ସମେତ କ୍ଷେଣ୍ଟତୀରା ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଆମର ହାର୍ଦ୍ଦିକ ଶୁଭେଚ୍ଛା ଜ୍ଞାପନ କରୁଛୁ। ପ୍ରଭୁ ଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ। ଏହା ହିଁ ଆମର କାମନା।



ପ୍ରେମଲତା ପ୍ରଧାନ
ସରପଞ୍ଚ, କ୍ଷେଣ୍ଟତୀରା ଗ୍ରାମପଞ୍ଚାୟତ, ବନ୍ତ

ଶଶୀଲତା ଭୂୟାଁ
ସମିତି ସଭ୍ୟା, କ୍ଷେଣ୍ଟତୀରା ଗ୍ରାମପଞ୍ଚାୟତ, ବନ୍ତ



ଧରିତ୍ରୀର ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଏହାର ଅଗଣିତ ପାଠିକା ପାଠକଙ୍କୁ ଅଭିନନ୍ଦନ।
ଡ. ସରୋଜ କୁମାର ନାୟକ
ସଭାପତି, ନାସା ଫାଉଣ୍ଡେସନ







The Odisha State Co-operative Milk Producers' Federation Limited
omfed
D-2, Sahidnagar, Bhubaneswar - 751007
Ph. No.- 0674-2540273, 2546030, 2544576, 2546121, 2540417
www.omfed.com Website:www.omfed.com, Email ID : omfed@yahoo.com
TENDER NOTICE FOR ENGAGEMENT OF SECURITY AGENCIES
Sealed Tenders are invited from registered reputed and experienced Security Agencies for deployment of Security personnel at Omfed Corporate Office and its Dairies / Units. Tender documents shall be made available at Omfed Corporate Office on payment of Rs. 6720/- (Rupees Six Thousand Seven Hundred Twenty) only (inclusive of GST) in Cash/Demand Draft in favour of OMFED payable at Bhubaneswar on any working day between 1000 hours to 1400 hours from 10.09.2019 to 21.09.2019 or can be downloaded from website : www.omfed.com. The cost of Tender Paper of Rs. 6720/- in shape of Demand Draft must be accompanied with sealed tenders which will be received upto 1400 hours on 21.09.2019 (Saturday) and shall be opened on the same day at 1500 hours at Omfed Corporate Office in the presence of interested bidders. OMFED reserves the right to cancel any or all the offers without assigning any reason thereof.
Managing Director

## ସଂକ୍ଷେପରେ

### ଦୁର୍ଘଟଣାରେ ବାଇକ ଚାଳକ ମୃତ

**ଠାକୁରମୁଣ୍ଡା,୯।୯(ଡି.ଏନ୍.ଏ.):** ଠାକୁରମୁଣ୍ଡା-ଆନନ୍ଦପୁର ରାସ୍ତାର ତରମରା ନିକଟରେ ରବିବାର ସନ୍ଧ୍ୟାରେ ଜଣେ ବାଇକ ଚାଳକ ଏକ ଯାତ୍ରୀବାହୀ ବସକୁ ଧକ୍କା ଦେଇ ଗୁରୁତର ଆହତ ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ କଟକ ବଡ଼ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଉଛନ୍ତି ସାତକୋଶିଆ ନିକଟ ଘୁଲୁଘୁଲିଆ ଗ୍ରାମର ମଣିନାଥ ମହାନ୍ତ (୨୩)। ମଣିନାଥ ବାଇକ ଯୋଗେ ଠାକୁରମୁଣ୍ଡା ଆସୁଥିବା ବେଳେ ଆନନ୍ଦପୁରରୁ ଠାକୁରମୁଣ୍ଡା ଅସୁଥିବା ଏକ ଯାତ୍ରୀବାହୀ ବସକୁ ପଛପଟୁ ଧକ୍କା ଦେଇଥିଲେ। ଠାକୁରମୁଣ୍ଡା ପୋଲିସ ଦୁର୍ଘଟଣାଗ୍ରସ୍ତ ବସ୍ ଓ ବାଇକକୁ ଜବତ କରି ଏକ ମାମଲା (ନଂ. ୩୮/୧୯) ରୁଜୁ କରି ତଦନ୍ତ ଜାରି ରଖିଛି।

### ଚିକିତ୍ସାଧୀନ ମହିଳାଙ୍କ ମୃତ୍ୟୁ

**ଠାକୁରମୁଣ୍ଡା,୯।୯(ଡି.ଏନ୍.ଏ.):** ଆନନ୍ଦପୁର ଥାନା ଅନ୍ତର୍ଗତ ମନୋହରପୁର ପଞ୍ଚାୟତ ଦେଓଝରଣ ଗ୍ରାମର ଜଣେ ନବ ବିବାହିତ ମହିଳାଙ୍କୁ ସୋମବାର ଗୁରୁତର ଅସୁସ୍ଥ ଅବସ୍ଥାରେ ଚିକିତ୍ସା ନିମନ୍ତେ ଠାକୁରମୁଣ୍ଡା ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଚିକିତ୍ସାଧିନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ହେଲେ ରେବତୀ ମହାନ୍ତ (୨୫)। ଠାକୁରମୁଣ୍ଡା ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି । ଏଥିନେଇ ଏକ ଅପମୃତ୍ୟୁ ମାମଲା (ନଂ.୧୮/୧୯) ରୁଜୁ ହୋଇଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ।

### ଭାରସାମ୍ୟ ହରାଇ ଗଛରେ ପିଟି ହେଲା କାର୍

**ବାଙ୍ଗିରିପୋଷି,୯।୯(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ଜଉମରା ପୋଲ ନିକଟରେ ରବିବାର ସକାଳେ ଏକ କାର୍ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ଏକ ଗଛରେ ପିଟି ହୋଇଯାଇଥିଲା। ଗାଡ଼ି ଚାଳକ ଓ ମାଲିକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ରାଉରକେଲାରୁ ବାରିପଦା ଅଭିମୁଖେ ଆସୁଥିବା ଏହି କାର୍ ବାଙ୍ଗିରିପୋଷି-କଳାବାଡିଆ ଏମଡିଆର ୪୫ ନମ୍ବର ରାସ୍ତାର ଜଉମରା ପୋଲ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଖବରପାଇ ବାଙ୍ଗିରିପୋଷି ଥାନା ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି କାର୍‌କୁ ଜବତ କରି ତଦନ୍ତ ଚଳାଇଛି।

### ମାଙ୍କଡ଼ କାମୁଡ଼ାରେ ୨ ଆହତ

**ବଡ଼ସାହି,୯।୯(ସ୍ୱ.ପ୍ର):** ବୈଶିଙ୍ଗା ଥାନା ଅଧୀନ ମାଣତ୍ରୀ ଗ୍ରାମରେ ମାଙ୍କଡ କାମୁଡାରେ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ସେମାନଙ୍କୁ ବାରିପଦା ପିଆରଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ଆହତ ଦ୍ୱୟ ହେଲେ ମାଣତ୍ରୀ ଗ୍ରାମର ଦେବାନନ୍ଦ ପଣ୍ଡା (୮୧) ଓ କମିଳିନୀ ବେହେରା (୫୨)। ସୋମବାର ଅପରାହ୍ନରେ ମାଙ୍କଡଟି ସେମାନଙ୍କୁ କାମୁଡି କ୍ଷତବିକ୍ଷତ କରିଥିଲା। ମାଙ୍କଡ଼ଟି ଗ୍ରାମର ଗୃହପାଳିତ ପ୍ରାଣୀ ଓ ଅନ୍ୟ ମହିଳାମାନଙ୍କୁ ମଧ ଆକ୍ରମଣ କରିଛି । ତେବେ କିଛି ଯୁବକ ମାଙ୍କଡ଼ଟିକୁ ଜାଲ ଦ୍ୱାରା କାବୁ କରିଥିଲେ। ଖବରପାଇ ଡୁକୁରା ବନବିଭାଗ କର୍ମଚାରୀମାନେ ଆସି ମାଙ୍କଡଟିକୁ ନେଇଯାଇଛନ୍ତି ।

### ବଧୂହତ୍ୟା ମାମଲାରେ ୩ ଗିରଫ

**ରାଇରଙ୍ଗପୁର,୯।୯(ଡି.ଏନ୍.ଏ.):** ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଆହାରବନ୍ଧ ଗ୍ରାମରେ ଗତ ୨ ତାରିଖରେ ଘଟିଥିବା ବଧୂ ସନ୍ଧ୍ୟାରାଣୀ ବାରିକ ହତ୍ୟା ମାମଲାରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସନ୍ଧ୍ୟାରାଣୀଙ୍କ ସ୍ୱାମୀ ଉପେନ୍ଦ୍ର, ଶାଶୁ ରଙ୍ଗଲତା ଏବଂ ଶ୍ୱଶୁର ସୁବାସ।

### ଦକ୍ଷତା ବୃଦ୍ଧି ତାଲିମ ଶିବିର

**ଯଶିପୁର,୯।୯(ଡି.ଏନ୍.ଏ.):** ଓଡ଼ିଶା କୃଷି ଓ ବୈଷୟିକ ବିଦ୍ୟାଳୟ ସହଯୋଗରେ ଯଶିପୁର କୃଷି ବିଜ୍ଞାନ କେନ୍ଦ୍ରଠାରେ ଏକ ଦକ୍ଷତା ବୃଦ୍ଧି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟମାନଙ୍କୁ ପାଳଛତୁ ଚାଷ ତାଲିମ ଦିଆଯାଇଥିଲା। ଯଶିପୁର କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଅଧିକାରୀ ଦୀପକ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ମୟୂରଭଞ୍ଜ ଜିଲା ମିଶନ ଶକ୍ତି ସଂଯୋଜିକା ସସ୍ମିତା ମହାନ୍ତି, ଆଇସିଡିଏସ୍ ବିଓ ସଞ୍ଜୁଲତା ମାଝି, ଡିଏଓ ନବକିଶୋର ସିଂ, ଯଶିପୁର ବ୍ଲକ ଏବିଡିଓ ବାବାଜୀ ନାୟକ, ଏଡିଓ ରାଧେଶ୍ୟାମ ବେହେରା, ବିପିଏମ୍ ମୋତିଲାଲ ସାହୁ ପ୍ରମୁଖ ଯୋଗଦେଇଥିଲେ।

## ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓଙ୍କ ସମାଧି ପୀଠରେ ଜେସିବି ମେଶିନ

# ମଧୁବନରେ ଖୋଳାଖୋଳି ନେଇ ଉତ୍ତେଜନା

**ବାରିପଦା ଅଫିସ,୯।୯**

ବାରିପଦା ସହର ପାର୍ଶ୍ୱ ଦେଇ ପ୍ରବାହିତ ବୁଢ଼ାବଳଙ୍ଗ ନଦୀକୂଳରେ ରହିଛି ମଧୁବନ। ସେଠାରେ ନବ ଉତ୍କଳର ନିର୍ମାତା ମୟୂରଭଞ୍ଜ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓଙ୍କ ସମାଧି ପୀଠ ଅବସ୍ଥିତ। ସୋମବାର ସକାଳେ ମଧୁବନସ୍ଥିତ ମହାରାଜାଙ୍କ ସମାଧି ସ୍ଥଳରେ ଏକ ଜେସିବି ମେଶିନ ଖୋଳାଖୋଳି କରୁଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକେ ଆସି ସେଠାରେ ଭିଡ଼ ଜମାଇଥିଲେ। ଯୁବ ସଂଗଠକ କଳିଙ୍ଗ କେଶରୀ ଜେନାଙ୍କ ନେତୃତ୍ୱରେ ଲୋକେ ଏହି ଖୋଳାଖୋଳିକୁ ବିରୋଧ କରି ସେଠାରେ ଜେସିବି ମେଶିନକୁ ହଟାଇ ଦେଇଥିଲେ। ଜେସିବି ଡ୍ରାଇଭରଙ୍କୁ ଲୋକେ ଅଟକ ରଖି ପଚରାଉଚୁରା କରିବାରୁ ସମାଧିସ୍ଥଳକୁ ଖୋଳାଖୋଳି କରିବା ପାଇଁ ତାଙ୍କୁ କୁହାଯାଇଥିବା କହିଥିଲେ। ଏନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। କିଏ ଏବଂ କାହିଁକି ଏଭଳି କାର୍ଯ୍ୟ କରିବା ପାଇଁ କହିଥିଲା ସେ ନେଇ କୌଣସି ସ୍ପଷ୍ଟ ତଥ୍ୟ ମିଳି ନାହିଁ। ଏ ସମ୍ପର୍କରେ ପୋଲିସ ଓ ପ୍ରଶାସନ ପାଖରେ କୌଣସି ସୂଚନା ନ ଥିବା ବେଳେ ରାଜ ପରିବାରର ମତାମତ ମିଳିପାରିନାହିଁ।

ଉଲ୍ଲେଖନୀୟ ଯେ, ମହାରାଜାଙ୍କ ସମାଧି ପୀଠରେ ପ୍ରତିବର୍ଷ ସହରବାସୀ ତାଙ୍କର ଜନ୍ମ ଓ ମୃତ୍ୟୁ ତିଥିରେ ପୂଜାର୍ଚ୍ଚନା କରିଥାନ୍ତି। ଅନେକ ଲୋକେ ମଧ ପ୍ରତିଦିନ ସମାଧିସ୍ଥଳ ବୁଲି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥାନ୍ତି। ରାଜ ପରିବାରର ମାଲିକାନାରେ ମଧୁବନ ରହିଥିଲେ ମଧ ସେଠାରେ ମେଶିନ ଲଗାଇ ଖୋଳାଖୋଳି କରାଯିବା ଘଟଣା ନେଇ ସହରବାସୀ ଉଦବେଗ ପ୍ରକାଶ କରିଛନ୍ତି। ମହାରାଜାଙ୍କ ସମାଧୀପୀଠରେ ଏଭଳି କୌଣସି କାର୍ଯ୍ୟକୁ ବରଦାସ୍ତ କରାଯିବ ନାହିଁ ବୋଲି ବ୍ୟକ୍ତିଙ୍କୁ ବିରୋଧ କରାଯିବ ବୋଲି ଯୁବ ସଂଗଠକ ଜେନା ଗଣମାଧମକୁ କହିଛନ୍ତି। ବଳାଙ୍ଗି ମହୋତ୍ସବ କମିଟିର ପ୍ରତିଷ୍ଠାତା ସମ୍ପାଦକ ଶରତ କୁମାର ନାୟକ ମଧ ଅନୁରୂପ ପ୍ରତିକ୍ରିୟା ପ୍ରକାଶ କରି ଯେ କୌଣସି ସ୍ୱାଭିମାନୀ ମୟୂରଭଞ୍ଜବାସୀ ଏହାକୁ ବିରୋଧ କରିବ ବୋଲି କହିଛନ୍ତି। ଅଣରାଜନୈତିକ ସଂଗଠନ ଭଞ୍ଜସେନାର ଯୁବଛାତ୍ର ସଂଯୋଜକ ରାକେଶ ବେହେରା ସମାଧୀ ପୀଠର ଉନ୍ନତି ତଥା ରକ୍ଷଣାବେକ୍ଷଣ ପାଇଁ ରାଜପରିବାର ଏବଂ ଜିଲା ପ୍ରଶାସନ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି କହିଛନ୍ତି। ୧୮୭୦ ଡିସେମ୍ବର ୧୭ ତାରିଖରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଜନ୍ମ ଗ୍ରହଣ କରିଥିଲେ। ୧୯୧୨ ଫେବୃୟାରୀ ୨୨ ତାରିଖରେ ତାଙ୍କର ଦେହବସାନ ଘଟିଥିଲା। ସେତେବେଳେ ମଧୁବନରେ ତାଙ୍କୁ ସମାଧି ଦିଆଯିବା ପର ଠାରୁ ଜିଲାବାସୀ ସେଠାରେ ପୂଜାର୍ଚ୍ଚନା କରିଆସୁଛନ୍ତି। ଏ ସମ୍ପର୍କରେ ଟାଉନଥାନା ଅଧିକାରୀ ଅଶୋକ କୁମାର ନାୟକଙ୍କୁ ପଚାରିବାରୁ କହିଛନ୍ତି, ଘଟଣା ସମ୍ପର୍କରେ ଥାନାରେ କେହି କିଛି ଅଭିଯୋଗ କରି ନାହାନ୍ତି। ପୋଲିସ ସୂଚନା ପାଇଥିଲେ ମଧ ତାହା ବ୍ୟକ୍ତିଗତ ଜାଗା ହୋଇଥିବାରୁ ସେଠାକୁ ଯାଇ ନ ଥିଲା।


ମହାରାଜାଙ୍କ ସମାଧୀ ପୀଠ ସ୍ଥଳରେ ଜେଶିବି ମେସିନ ।

# ‘ଆମ ଗାଁ, ଆମ ବିକାଶ’ ଯୋଜନାରେ ନିୟମ ଉଲ୍ଲଂଘନ

## ଜିଲାପାଳଙ୍କୁ ଏକମାସ ମଧ୍ୟରେ ନିଷ୍ପତ୍ତି ନେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**ବଡ଼ସାହି, ୯।୯(ସ୍ୱ.ପ୍ର.)**

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅଧୀନ ଭୀମିଦା ପଞ୍ଚାୟତରେ ‘ଆମ ଗାଁ, ଆମ ବିକାଶ’ ଯୋଜନାରେ ନିୟମ ଉଲ୍ଲଂଘନ କରାଯାଇଥିବାକୁ ନେଇ ହାଇକୋର୍ଟରେ ହୋଇଥିବା ଆବେଦନର ଶୁଣାଣି ହୋଇଛି। ଆବେଦନର ବିଚାର କରି ନ୍ୟାୟାଳୟ ଡବ୍ଲୁପି(ସି) ନଂ. ୧୫୬୦୭/୨୦୧୯ ତା୩୦।୮।୨୦୧୯ରିଖ କ୍ରମେ ୧ ମାସ ମଧ୍ୟରେ ନିଷ୍ପତ୍ତି ନେବାକୁ ମୟୂରଭଞ୍ଜ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ୧ ମାସ ପର୍ଯ୍ୟନ୍ତ ସମ୍ପୃକ୍ତ ଉନ୍ନୟନ କାର୍ଯ୍ୟ ବନ୍ଦ ରଖିବା ପାଇଁ ମଧ ରାୟରେ ଉଲ୍ଲେଖ ରହିଛି। ଭାରତୀୟ ସମ୍ବିଧାନର ଧାରା ୨୨୬ ଓ ୨୨୭ ଅନୁଯାୟୀ ‘ଆମ ଗାଁ, ଆମ ବିକାଶ’ ଯୋଜନାରେ କାର୍ଯ୍ୟକାରୀ ହେବାକୁ ଥିବା ପ୍ରକଳ୍ପ ପଞ୍ଚାୟତ ଗାଇଡ୍‌ଲାଇନ ଅନୁଯାୟୀ ପଲ୍ଲିସଭାରେ ଅନୁମୋଦିତ ହେବା ସହିତ ଭିଏଲଏଲଙ୍କ ଦ୍ୱାରା ସମ୍ପାଦିତ ହେବା ନିୟମ ରହିଛି। ମାତ୍ର ତାଙ୍କ ୱାର୍ଡ଼ରେ ୨ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଖେଳପଡ଼ିଆ ଉନ୍ନତୀକରଣ କାର୍ଯ୍ୟ ନିୟମାନୁଯାୟୀ କରା ନ ଯାଇ ଏକ ରାଜନୈତିକ ଦଳର ଲୋକଙ୍କ ଦ୍ୱାରା କରାଯାଉଛି ବୋଲି ଟିକାୟତପୁର ୱାର୍ଡମେମ୍ବର ବଳରାମ ମହାଳିକ ଉଚ୍ଚ ନ୍ୟାୟାଳୟରେ ଅଭିଯୋଗ କରିଥିଲେ। ପଞ୍ଚାୟତିରାଜ ସଚିବ, ନିର୍ଦ୍ଦେଶକ, ମୟୂରଭଞ୍ଜ ଜିଲାପାଳ, ପିଡ଼ି ଡ଼ିଆରଡ଼ିଏ, ଡ଼ିପିଓ, ଜିଲା ଯୋଜନା ଅଧିକାରୀ, ବଡ଼ସାହି ବିଡ଼ିଓ ଏବଂ କନିଷ୍ଠ ଯନ୍ତ୍ରୀଙ୍କୁ ସେ ପକ୍ଷଭୁକ୍ତ କରି ଏହି ଆବେଦନ କରିଥିଲେ।

## ୫ ଗାଡ଼ି ଜବତ

**ବଡସାହି,୯।୯(ସ୍ୱ.ପ୍ର.)**

ବଡ଼ସାହି ଥାନା ଅଧୀନ ହଳଦୀପଦା ସରକାରୀ ଜାଗାରୁ ମୋରମ ବୋଝେଇ କରି ଯାଉଥିବା ୩ ଡମ୍ଫର ଓ ଉତ୍ତୋଳନ କରୁଥିବା ଜେସିବିକୁ ପୋଲିସ ଜବତ କରିଛି । ବେଆଇନ ଭାବେ ଚୋରାରେ ମୋରମ ଚାଲାଣ ହେଉଥିବା ଖବରପାଇ ପୋଲିସ ଚଢାଉ କରିଥିଲା । ଆବଶ୍ୟକ କାଗଜପତ୍ର କିମ୍ବା ପରମିଟ ନ ଥିବାରୁ ସେଗୁଡିକୁ ଜବତ କରାଯାଇଛି । ରାଜସ୍ୱ ବିଭାଗକୁ ଏ ସମ୍ପର୍କରେ ଜରିମାନା ଆଦାୟ ପାଇଁ ଅବଗତ କରାଯାଇଛି ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମା’ ଚାହେଁ ପେଟକୁ**
**ମାଇପ ଚାହେଁ ଅଣ୍ଟାକୁ**
**ବେପାରୀ ଚାହେଁ କଣ୍ଟାକୁ**
**ମାଛୁଆ ଚାହେଁ ତେଣ୍ଟାକୁ**
**ଭିକାରି ଚାହେଁ ବଣ୍ଟାକୁ ।**

ପିଲାଟି ଖାଇଛି କି ନାହିଁ ମା’ ବୁଝେ । ପେଟ ଦେଖି ପିଲାର ମନ କଥା ବେଶ୍ ଭଲଭାବେ ଜାଣିପାରିଥାଏ । ସ୍ତ୍ରୀ ସ୍ୱାମୀର ରୋଜଗାରକୁ ବେଶି ପ୍ରାଧାନ୍ୟ ଦେଇଥାଏ । ଓଜନରେ କାଳେ କମ୍‌ବେଶି ହୋଇ ନ ଯିବ ସେଥିଲାଗି ବେପାରୀ ଦଣ୍ଡି ଉପରେ ଦୃଷ୍ଟି ରଖିଥାଏ । ମାଛଧରାଳି କାଳେ ମାଛ ଖସି ନ ଯିବ ସେଥିଲାଗି ତେଣ୍ଟା ଉପରେ ସତର୍କ ଦୃଷ୍ଟି ରଖିଥାଏ । ସେହିପରି ଭିକାରି ପରର ହାତ ଟେକାକୁ ସବୁବେଳେ ଚାହିଁ ବସୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ମା’ଝିଅ ଦିହେଁ ମନ୍ଦିର ଗଲେ**
**ଯେଝା କଥା ଯେଝା ମନାସିଲେ ।**

ମନ୍ଦିର ଗଲେ ସଭିଏଁ ନିଜର ଦୁଃଖ କଷ୍ଟ କଥା ଈଶ୍ୱରଙ୍କ ଆଗରେ ଜଣାଇଥାନ୍ତି। ନିଜେ କିପରି ଭଲରେ ରହିବ, ଭଲରେ ଚଳିବ ସେନେଇ ଗୁହାରି କରିଥାନ୍ତି। ଆତ୍ମୀୟଙ୍କ କଥା ଭୁଲି ନିଜର ସୁଖ ମନାସିଥାନ୍ତି। ପରୋକ୍ଷରେ ସ୍ୱାର୍ଥର ବଶ ମଣିଷ। ସବୁବେଳେ ସେ ନିଜ କଥା ବା ନିଜ ଗୁଣ କଥା ଚିନ୍ତା କରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
- ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ଶାଗୁଣାବସା ଦଳ ଚାମ୍ପିୟନ


ପୁରସ୍କାର ବିତରଣୀ ଉତ୍ସବରେ ମଞ୍ଚାସୀନ ଅତିଥି।

**କୋଷ୍ଟା,୯।୯(ଡି.ଏନ୍.ଏ.)**

ଶୁଳିଆପଦା ଓ ବାରିପଦା ବ୍ଲକ ସୀମାନ୍ତ ଡିଙ୍କିନେଞ୍ଜିଆ ଗ୍ରାମର ତ୍ରିଶକ୍ତି ଯୁବକ ସଂଘ ପକ୍ଷରୁ ୩୫ତମ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଛି। ଅବସରପ୍ରାପ୍ତ ଶିକ୍ଷକ ବିଶ୍ୱମ୍ବର ଦାସ ଏହି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏଥିରେ ମୋଟ ୨୪ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲରେ ଶାଗୁଣାବସା ଦଳ ଚାମ୍ପିୟନ ହୋଇଥିବା ବେଳେ ଜାମିରାଡିହା ଦଳ ରନର୍ସଅପ୍ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ମୟୂରଭଞ୍ଜ ଏମପି ଇଂ. ବିଶେଶ୍ୱର ଟୁଡୁ ଓ ମୁଖ୍ୟବକ୍ତା ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ ଯୋଗଦାନ କରି କୃତୀ ପ୍ରତିଯୋଗୀ ଦଳକୁ ପୁରସ୍କାର ବିତରଣ କରିଥିଲେ। ଯୁବକ ସଂଘର ସଭାପତି ପ୍ରସନ୍ନ ଦେହୁରୀ ଓ ସମ୍ପାଦକ ବାସୁଦେବ ହେମ୍ବ୍ରମ୍‌ଙ୍କ ନେତୃତ୍ୱରେ ସଂଘର ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ପରିଚାଳନା କରିଥିଲେ।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

BUSINESS

ASTROLOGY

ଫି ସେବା କୌଣସି ଫିସ୍ ନାହିଁ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୂଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, ବିବାହରେ ବାଧା
3 ଘଣ୍ଟାରେ ଘରେ ବସି ସମାଧାନ।
81 26 92 24 05

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ସଚ୍ଚାପ୍ରେମୀ ନିରାଶ କାହିଁକି ?
9899587663
8743922900

CAPITAL FINANCE
ପାର୍ବଣ ଋତୁରେ ଲୋନ ମେଳା
୨୦ ବର୍ଷରୁ କ୍ୟାପିଟାଲ ଫାଇନାସ ଦ୍ୱାରା ନିଜର ମାର୍କେଟ, ପର୍ସନାଲ, ଆଧାରକାର୍ଡ, ହୋମ୍, ମାଛଚାଷ, କୃଷି, ସମ୍ପତ୍ତି, ବ୍ୟକ୍ତିଗତ ଋଣ ମାତ୍ର ୪୮ ଘଣ୍ଟାରେ ।
୨% ସୁଧ ୪୦%ଛାଡ଼
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
8607237523

TIRUPATI FINANCE
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଦରେ ଦିଆଯାଉଛି । ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ ।
ମହିଳା ଏବଂ ସିନିୟର ସିଟିଜନଙ୍କ ପାଇଁ ବିଶେଷ ସୁବିଧା ।
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com

FINANCE
ବିଶ୍ୱାସର ପ୍ରତୀକ, ଲୋନର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ BPL ଆଧାରକାର୍ଡ ଲୋନ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
Mob: 9351833615
Address - 12, Govt. Place (East), 2nd floor, Kolkata, west Bengal- 700069

BUSINESS
ଖାଲିଥିବା ଜମି ଓ ଛାତ ଉପରେ ଭାରତର ସର୍ବଶ୍ରେଷ୍ଠ କମ୍ପାନୀ ହିନ୍ଦୁସ୍ଥାନ ଡିଜିଟାଲ କମ୍ପାନୀର ଉପକରଣ ବସାଇ ଅଗ୍ରୀମ 90,000.00/- ପାଆନ୍ତୁ ଓ ମାସକୁ ଭଡ଼ା 90,000/- ଟଙ୍କା ପାଆନ୍ତୁ । ୨ ଚାକିରି + ବାଇକ୍
Plot No - 14/271, Devaraja Mohalla, Bangalore, Karnataka 570001
9499452368

FINANCE

BASUNDHAR FINANCE
ପର୍ସନାଲ, ବିଜିନେସ୍, ମାର୍କେଟିଂ, ଗୃହ, ଶିକ୍ଷା, କୃଷି, ଗାଈ ଓ କୁକୁଡ଼ା ପାଳନ ଇତ୍ୟାଦି BASUNDHAR FINANCE ସମସ୍ତ ପ୍ରକାର LOAN ଯୋଗାଉ ଦେଉଛି
ସୁଧ = 1%
CONTACT
7683914951
9658224887
Plot No.4720, Shahnajaf Rd, Chandigarh-226002, At-Hemamura, Luhapank, Rairakhol, Sambalpur-768106

1988ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD.
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କେଟିଂ, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
H.No. 10, Mandi Road, Bathinda, Punjab

LOAN
ଟଙ୍କା ନେଇନ୍ତୁ - ଧୋକା ଦେଇନ୍ତୁ
ଆଗେ କାମ - ପରେ ଦାମ୍
ଶ୍ରୀ ରାମ ଫାଇନାନ୍ସ
ମାର୍କେଟିଂ, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ,ଆଧାର କାର୍ଡ
2% - ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8929619951, 8395859853
SCO- 106, Second Floor, Vishal Tower, Connaught Place, Delhi.

GTL Telecom Network Company
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000.00/-, ଭଡା 50,000/- ଟଙ୍କା ପାଆନ୍ତୁ । + ବାଇକ୍+ 30,0000 ଅନ୍ୟାନ ସୁବିଧା
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
9348700276
8676907143

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ ଖାନ୍‌ଙ୍କ ଖୋଲା ଘୋଷଣା
A to Z ସମସ୍ୟାର ସମାଧାନ ଘରେ ବସି
ବାବା ଆମିଲ ସୁଫି
9540938429
9903852257

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ ଲୋନ
NRC FINANCE
ଗୃହଋଣ, ମାର୍କେଟିଂ, ପର୍ସନାଲ, ବିଜନେସ, କୃଷି, ବ୍ୟବସାୟ, ସମ୍ପତ୍ତି, କୁକୁଡ଼ାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ଼
୧% ସୁଧ ୫୦% ରିହାତି
99901-64008
99901-64236
nrcfinanceonline@gmail.com
Office no. 09 11th floor statesman House plot no. 48 Connaught Place N.D 110001

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ 1988ଠାରୁ ଆପଣଙ୍କ ସେବାରେ
Dhanalaxmi Finance
Regd. No.-U6519TNI98PLC00855
ମାର୍କେଟିଂ, ପ୍ରପର୍ଟି ପର୍ସନାଲ, ପଶୁପାଳନ, ମାଛଚାଷ, ରାଶନ କାର୍ଡ, ଆଧାରକାର୍ଡ ଏବଂ ସବୁପ୍ରକାରର ଲୋନ୍ ଘରେ ବସି ପାଆନ୍ତୁ । ଦିନରେ,
2% ସୁଧ, 40% ଛାଡ଼
ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଛାଡ଼।
HELPLINE
8859690149

ଋଣ ଧମାକା
ଆଧାର କାର୍ଡରେ ଋଣ ପାଆନ୍ତୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ
ସୁଧ 1% ପର୍ଯ୍ୟନ୍ତ, 50% ପର୍ଯ୍ୟନ୍ତ ଛାଡ଼
ସମୂହ ଋଣ, ପର୍ସନାଲ, କୁକୁଡ଼ା ପାଳନ ଋଣ
Contact No.
7323867664
9065828165
New Ashok Nagar, East Delhi, Delhi

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

EDUCATION

ADMISSION OPEN
MAA TARA TARINI SCHOOL OF NURSING, Neelachal Nagar, Berhampur
ANM/ Multipurpose Health Worker (Female) Training Programme Recognised by Govt. of Odisha H&FW Dept. Affiliated by INC, New Delhi.
We also offered Course (OT Technician, DMLT X-ray Technician)
Contact No:
9437425759
8280476992
Email : maatarataranison@gmail.com

DHARITRI Career oppointment Every Wednesday and Saturday


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ପାଣିନାଳରେ ପଡ଼ି ବୃଦ୍ଧଙ୍କ ମୃତ୍ୟୁ

**ଭଣ୍ଡାରିପୋଖରୀ, ୯।୯ (ଡି.ଏନ.ଏ.):** ଭଣ୍ଡାରିପୋଖରୀ ଥାନା ଅଧୀନ ନେରଡ଼ା ପଞ୍ଚାୟତ ମିଟୁଆଣି ଗ୍ରାମର ଶ୍ୟାମସୁନ୍ଦର ବେହୁରିଆ(୮୨)ଙ୍କର ପାଣିନାଳରେ ପଡ଼ି ମୃତ୍ୟୁ ଘଟିଛି। ସେ ରବିବାର ବିଳମ୍ବିତ ରାତିରେ ଶୌଚ ପାଇଁ ଯାଇ ଘରପାଖ ନାଳରେ ପଡ଼ିଯାଇ ପ୍ରାଣ ହରାଇଥିବା କୁହାଯାଉଛି। ସୋମବାର ସକାଳେ ପାଣିନାଳରେ ଶ୍ୟାମସୁନ୍ଦରଙ୍କ ମୃତଦେହ ଭାସୁଥିବା ପରିବାର ଲୋକ ଦେଖିଥିଲେ। ଶ୍ୟାମସୁନ୍ଦରଙ୍କର ଗତ କିଛିଦିନ ହେଲା ମସ୍ତିଷ୍କ ଦୋଷ ବାହାରିଥିଲା ବୋଲି କୁହାଯାଇଛି। ଏ ନେଇ ଥାନାରେ ଅଭିଯୋଗ ହୋଇ ନ ଥିବା ଜଣାଯାଇଛି।

### ରାଜ୍ୟସ୍ତରୀୟ ପୁରସ୍କୃତ ନରେନ୍ଦ୍ରଙ୍କୁ ସମ୍ବର୍ଦ୍ଧନା

**ଧାମନଗର, ୯।୯ (ଡି.ଏନ.ଏ.):** ଧାମନଗର ବ୍ଲକ ଧୁଷୂରୀ ଆଇଜିଏମ୍ କଲେଜର ଏନଏସ୍ଏସ୍ ଅଧିକାରୀ ଅଧାପକ ନରେନ୍ଦ୍ର କୁମାର ସାହୁ ଜଣେ ଦକ୍ଷ ସଙ୍ଗଠକ ଭାବେ ଏନ୍ଏସ୍ଏସ୍ ରାଜ୍ୟ ବ୍ୟୁରୋ ପକ୍ଷରୁ ପୁରସ୍କୃତ ହୋଇଛନ୍ତି। ଗତ ୭ ତାରିଖରେ ଭୁବନେଶ୍ୱରରେ ଓଡ଼ିଶା ସିଏଚ୍ଏସ୍ଇ ପ୍ରତିଷ୍ଠା ଦିବସରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କଠାରୁ ସେ ପୁରସ୍କାର ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସୋମବାର ଆଇଜିଏମ୍ କଲେଜରେ ଅଧାପକ ସାହୁଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। କଲେଜ ଅଧକ୍ଷ ବ୍ରଜମୋହନ ନାୟକ ଅଧାପକ ସାହୁ କର୍ତ୍ତବ୍ୟନିଷ୍ଠ ଯୋଗୁ ସଫଳତା ହାସଲ କରିଥିବା ମତବ୍ୟକ୍ତ କରିଥିଲେ। କଲେଜର ସମସ୍ତ ଅଧାପିକାଅଧାପକ ଓ କର୍ମଚାରୀ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ।

### ସେବା ସପ୍ତାହ କାର୍ଯ୍ୟକ୍ରମ ପ୍ରସ୍ତୁତି

**ଭଦ୍ରକ ଅଫିସ, ୯।୯:** ଭାଜପା ପକ୍ଷରୁ ନର୍ଥ ଜୋନ୍ର କାର୍ଯ୍ୟକର୍ତ୍ତା ବୈଠକ ସାଙ୍ଗକୁ ଆଗାମୀ ଦିନରେ ହେବାକୁ ଥିବା ସେବା ସପ୍ତାହ କାର୍ଯ୍ୟକ୍ରମ ନେଇ ପ୍ରସ୍ତୁତି କରାଯାଇଛି। ଭାଗବତ କଲ୍ୟାଣ ମଣ୍ଡପରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦିଆଯାଇଛି। ଆସନ୍ତା ୧୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ପାଳନ କରାଯିବ। ଏହି ଅବସରରେ ସାରା ଭାରତରେ ସେବା ସପ୍ତାହ ଆସନ୍ତା ୧୪ରୁ ୨୦ତାରିଖ ପର୍ଯ୍ୟନ୍ତ ଭାଜପା ତରଫରୁ ମାନବ ସେବାକୁ ମାଧବ ସେବା ଭାବେ ଗ୍ରହଣ କରାଯିବ। ରୋଗୀଙ୍କୁ ଫଳ ବଣ୍ଟନ, ଦିବ୍ୟାଙ୍ଗଙ୍କୁ ସାହାଯ୍ୟ, ପ୍ରଧାନମନ୍ତ୍ରୀଙ୍କ ଜୀବନଶୈଳୀ ଓ କାର୍ଯ୍ୟଶୈଳୀ ସମ୍ପର୍କିତ ପ୍ରଦର୍ଶନୀ, ମେଗା ରକ୍ତଦାନ ଶିବିର, ବିଭିନ୍ନ ଶିକ୍ଷାନୁଷ୍ଠାନରେ ସିଙ୍ଗଲ ୟୁଜଡ୍ ପ୍ଲାଷ୍ଟିକ୍ ବର୍ଜନ ଓ ଜଳ ସଂରକ୍ଷଣ ପ୍ରସଙ୍ଗରେ ଶପଥପାଠ ଓ ମେଗା ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କୁହାଯାଇଛି। ଆସନ୍ତା ୧୪ ତାରିଖଠାରୁ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ଭୁବନେଶ୍ୱରଠାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କରିବେ ବୋଲି ସୂଚନା ଦିଆଯାଇଛି। ଧାମନଗର ବିଧାୟକ ତଥା ଭାଜପା ନେତା ବିଷ୍ଣୁଚରଣ ସେଠୀ, ଜିଲା ସଭାପତି ବଦ୍ରିନାରାୟଣ ଧଳ, ଡ. ପ୍ରଦୀପ ନାୟକ, ଅଭିମନ୍ୟୁ ସେଠୀ, ଶରତ ପଢ଼ିଆରୀ, ଅଶୋକ ପୁହାଣ, ହେମନ୍ତ ପାଢ଼ୀ ଓ ମନସ୍ମିତା ଖୁଣ୍ଟିଆ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

# ସତ ହେଲା ପିଲାଦିନର ସ୍ୱପ୍ନ

**ଆରଡ଼ି, ୯।୯ (ଡି.ଏନ.ଏ.)**



ଗଢ଼ିଥିବା ମୂର୍ତ୍ତିରେ ରଙ୍ଗ ଦେଉଛନ୍ତି ବିଜୟ।

ବାହାରକୁ ଯାଇ କାମ କରିବା ଅପେକ୍ଷା ନିଜ ଗାଁରେ ଆତ୍ମନିର୍ଭରଶୀଳ ହୋଇ ରହିବାକୁ ପିଲାଦିନେ ସ୍ୱପ୍ନ ଦେଖିଥିଲେ ବିଜୟ। ଯୁକ୍ତ ୩ ପାସ୍ କରି ଚାକିରି ପଛରେ ନ ଧାଇଁ ମୂର୍ତ୍ତି ଗଢ଼ିବା କଳାକୁ ନୂଆ ରୂପ ଦେଇ ବିଭିନ୍ନ କଳାକୃତି ପ୍ରସ୍ତୁତି ଆରମ୍ଭ କରିଥିଲେ। ମାଟି ଓ ପଥରରେ ନିର୍ମିତ ମୂର୍ତ୍ତି ବିଭିନ୍ନ ମହଲରେ ଆଦୃତି ଲାଭ କରିବାରୁ ସେ ଏହାକୁ ଜୀବିକା ଭାବେ ଗ୍ରହଣ କରି ଯୁବପିଢ଼ି ପାଇଁ ନୂଆ ଉଦାହରଣ ସୃଷ୍ଟି କରିଛନ୍ତି। ତାଙ୍କ ହାତ ତିଆରି ବିଭିନ୍ନ ମୂର୍ତ୍ତି ନିଜ ଜିଲା ଭଦ୍ରକ ସମେତ ସମ୍ବଲପୁର, ରାଉରକେଲା ଓ ବଲାଙ୍ଗୀର ଆଦି ସ୍ଥାନରେ ଆଦୃତି ଲାଭ କରିବା ପରେ ଏବେ ନାଗପୁର, ସୁରଟ, ଦିଲ୍ଲୀ ଭଳି ବିଭିନ୍ନ ସ୍ଥାନରେ ପହଞ୍ଚି ପାରୁଛି। ମୂର୍ତ୍ତି ଗଢ଼ା ଲାଗି ବିଜୟ ଦାଶ ଓରଫ ବୁଲୁ ନିଜ ଖ୍ୟାତି ବଢ଼ାଇ ଅଞ୍ଚଳ ପାଇଁ ଆଣିଛନ୍ତି ଗୌରବ।

ବିଜୟଙ୍କ ଘର ଧାମନଗର ବ୍ଲକ ବେତାଳି ଗାଁ ନିକଟସ୍ଥ ଲୋହସାହିରେ। ପାଠପଢ଼ା ପରେ ବିବାହ କରି ସେ ସଂସାର ପାତିଛନ୍ତି। ସ୍ତ୍ରୀ ଓ ୪ ଝିଅଙ୍କୁ ନେଇ ତାଙ୍କ ପରିବାର। ବଡ଼ଝିଅ ଏବେ ୧୦ମ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି। ବିଜୟ ତାଙ୍କ ଦୁଇଭାଇ ଶିଶିର ଓ ହୃଷୀକେଶଙ୍କୁ ମୂର୍ତ୍ତି ଗଢ଼ା କାର୍ଯ୍ୟରେ ଲଗାଇ ଦେଇଛନ୍ତି। କେବଳ ସେତିକି ନୁହେଁ ସ୍ଥାନୀୟ ଅଞ୍ଚଳର ଆଉ ୮ ଜଣଙ୍କ ପରିବାରକୁ ସେ ମଧ ଦାନା ଯୋଗାଇ ଦେଇଛନ୍ତି। ବିଜୟଙ୍କର ବିଶେଷ ଗୁଣ ହେଲା ଲୋକେ ତାଙ୍କୁ ଯେଉଁ ଭଳି ଫଟୋ ଦିଅନ୍ତି ତାକୁ ଦେଖି ସେହିଭଳି ମୂର୍ତ୍ତି ସେ ଗଢ଼ି ଦିଅନ୍ତି। ମାଟ୍ରିକ ପଢୁଥିବା ବେଳେ ସେ ଗଢ଼ିଥିବା ଏକ ଗଣେଶ ମୂର୍ତ୍ତିକୁ ନିକଟସ୍ଥ ଖଡ଼ିମାହାରା ସ୍କୁଲର ଜଣେ ଶିକ୍ଷକ କିଣିନେଇ ପୂଜା କରିଥିଲେ। ସେହି ମୂର୍ତ୍ତି ଏତେ ଆଦୃତ ହୋଇଥିଲା ଯେ, ପରବର୍ଷ

**ନିଆରା ପ୍ରତିଭା ବିଜୟ**

- ଗାଁରେ ତିଆରି ମୂର୍ତ୍ତି ଦିଲ୍ଲୀରେ ଆଦୃତ
- ଭାରତ ବାହାରକୁ ମୂର୍ତ୍ତି ପଠାଇବାକୁ ଇଚ୍ଛା

ଆଖପାଖ ଗାଁରୁ ମୂର୍ତ୍ତି ନେବା ପାଇଁ ତାଙ୍କ ପାଖକୁ ଅର୍ଡର ଆସିଥିଲା। ଗଣେଶ ମୂର୍ତ୍ତି ବ୍ୟତୀତ ଖୁଦୁରୁକୁଣୀ, ମଙ୍ଗଳା, ଦୁର୍ଗା, କାଳୀ ଓ ନାରାୟଣ ମୂର୍ତ୍ତି ଗଢ଼ି ସେ ନିଜ ଅଞ୍ଚଳରେ ପ୍ରସିଦ୍ଧି ଲାଭ କରିଥିଲେ। ଏବେ ତାଙ୍କ କଳାର ଯାଦୁ ଭୌଗୋଳିକ ସୀମା ସରହଦ ଟପି ଦେଶର ବିଭିନ୍ନ ସ୍ଥାନରେ ପହଞ୍ଚିପାରିଛି। କେବଳ ମାଟି ତିଆରି ମୂର୍ତ୍ତି ନୁହେଁ ସିମେଣ୍ଟ ମୂର୍ତ୍ତି ଗଢ଼ିବାରେ ସେ ତାଙ୍କ ପ୍ରତିଭା ପ୍ରଦର୍ଶନ କରିଛନ୍ତି। ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ମନ୍ଦିରରେ ମୂର୍ତ୍ତି ଗଢ଼ିଛନ୍ତି। ଆଗକୁ ବିଦେଶ ଯାଇ ସେଠାରେ ତାଙ୍କ ପ୍ରତିଭା ପ୍ରଦର୍ଶନ ଲାଗି ଲକ୍ଷ୍ୟ ରଖିଛନ୍ତି ବିଜୟ। ପିଲାଦିନର କଥା ମନେ ପକାଇ ସେ କହନ୍ତି, ୧୯୮୩ରେ ୫ମ ଶ୍ରେଣୀରେ ପାଠ ପଢୁଥିବା ବେଳେ ନିଜ ସ୍କୁଲରେ ଗଣେଶ ମୂର୍ତ୍ତି ଦେଖି ଏଭଳି ମୂର୍ତ୍ତିଟିଏ ଗଢ଼ିବାକୁ ଇଚ୍ଛା ପ୍ରକାଶ କରିଥିଲେ। ସେହିବର୍ଷ ଦୁର୍ଗାପୂଜା ଛୁଟିରେ କାଦୁଅରେ ସେ କୁକୁର, ଗାଈ, ଆମ୍ବ ଓ ଗଣେଶ ଠାକୁର ତିଆରି କରିଥିଲେ, ଯାହା ଗାଁର ଯୁବକମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। କେତେକ ଯୁବକ ତାଙ୍କ ମୂର୍ତ୍ତିକୁ ନେଇ ସ୍କୁଲ ଶିକ୍ଷକଙ୍କୁ ଦେଖାଇଥିଲେ। ଛୋଟ ପିଲାଟିର ଏଭଳି ମୂର୍ତ୍ତି ଗଠନ ପ୍ରତିଭା ଦେଖି ଶିକ୍ଷକମାନେ ଆଶ୍ଚର୍ଯ୍ୟ ହୋଇଥିଲେ। ସମସ୍ତଙ୍କ ପ୍ରେରଣା ଓ ଆଶୀର୍ବାଦକୁ ପାଥେୟ କରି ବିଜୟ ଆଉ ପଛକୁ ଫେରି ନାହାନ୍ତି। ପିଲାଦିନର ସ୍ୱପ୍ନ ତାଙ୍କର ସଫଳ ହୋଇଛି ବୋଲି ସେ କହିଛନ୍ତି।



ଜ୍ଞାନବିଜ୍ଞାନ ମେଳାରେ କୃତୀ ଛାତ୍ରୀଛାତ୍ର ।

## ଜ୍ଞାନବିଜ୍ଞାନ ମେଳା
# ପ୍ରାଦେଶିକସ୍ତରକୁ ମନୋନୀତ ୯ ଛାତ୍ରୀଛାତ୍ର

**ଧାମନଗର, ୯।୯ (ଡି.ଏନ.ଏ.)**

ଧାମନଗର ବ୍ଲକ ଅସୁରାଳି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରୁ ବିଭାଗ ଏବଂ ସମ୍ଭାଗ ସ୍ତରୀୟ ଜ୍ଞାନବିଜ୍ଞାନ ମେଳାରୁ ଉନ୍ନୀତ ହୋଇ ୯ ଛାତ୍ରୀଛାତ୍ର ପ୍ରାଦେଶିକ ସ୍ତରକୁ ମନୋନୀତ ହୋଇଛନ୍ତି। କିଶୋର ବର୍ଗରୁ ଗତି ଆଧାରିତ ନମୁନାରେ ୯ମ ଶ୍ରେଣୀ ଛାତ୍ରୀ ଅଙ୍କିତା ଭାରତୀ, ତ୍ରିକୋଣମିତିୟ ପ୍ରକଳ୍ପରେ ୯ମ ଶ୍ରେଣୀର ସଂଯୁକ୍ତା ପତି, ଗାଣିତିକ ପ୍ରତିରୂପ ନୂତନ ପ୍ରୟୋଗରେ ୯ମ ଶ୍ରେଣୀର ବିଶ୍ୱରଞ୍ଜନ ଗାହାଣ ଓ ଗଣିତ ପ୍ରୟୋଗରେ ୧୦ମ ଶ୍ରେଣୀର ଶୁଭମ ଖଟୁଆ କୃତିତ୍ୱ ହାସଲ କରିଛନ୍ତି। ସେହିପରି ବାଲ୍ ବର୍ଗରେ ବୈଦିକ ଗଣିତ ଚାର୍ଟ ପ୍ରଦର୍ଶନୀରେ ୮ମ ଶ୍ରେଣୀର ବୀରେନ୍ଦ୍ର ପଣ୍ଡା, ବିଜ୍ଞାନ ପ୍ରଶ୍ନ ମଞ୍ଚରେ ୮ମ ଶ୍ରେଣୀର ଶୁଭସ୍ମିତା ଦାସ, ପ୍ରଜ୍ଞାପରମିତା ସୁଆର, ଶୁଭମ ଶୁଭଙ୍କର ମହାନ୍ତି ଏବଂ ବିଜ୍ଞାନ ପ୍ରୟୋଗରେ ୮ମ ଶ୍ରେଣୀର ଅର୍ଚ୍ଚିତା ବିଶ୍ୱାଳ ମନୋନୀତ ହୋଇଛନ୍ତି। ଆସନ୍ତା ଅକ୍ଟୋବର ୧ ତାରିଖରେ ରାଉରକେଲାଠାରେ ଅନୁଷ୍ଠିତ ହେବାକୁ ଥିବା ପ୍ରାଦେଶିକସ୍ତରୀୟ ମେଳାରେ ସେମାନେ ଭାଗ ନେବେ। ସୋମବାର ବିଦ୍ୟାଳୟ ତରଫରୁ ସମସ୍ତଙ୍କୁ ଶୁଭେଚ୍ଛା ଜଣାଯାଇଛି।

## ପାଣି ଘେରରେ ବଗଦା ଶାସନ



ତରଡ଼ିପାଳ ଛକରୁ ବଗଦା ଶାସନ ଯାଇଥିବା ରାସ୍ତାରେ ପାଣି ଚାଲୁଛି।

**ବନ୍ତ, ୯।୯ (ଡି.ଏନ.ଏ.)**

ବନ୍ତ ବ୍ଲକ ଗଣିଜାଙ୍ଗ ପଞ୍ଚାୟତ ୧ ନଂ. ୱାର୍ଡ ବଗଦା ଶାସନ ଗ୍ରାମ କପାଳୀ ନଦୀ ପାଣି ଘେରରେ ରହିଛି। ଗତ କିଛିଦିନ ଧରି ଲଗାଣ ବର୍ଷା ଯୋଗୁ ନଦୀରେ ବନ୍ୟା ଆସି ତରଡ଼ିପାଳ ଛକରୁ ବଗଦା ଶାସନ ଗ୍ରାମକୁ ଯାଇଥିବା ରାସ୍ତାରେ ୩ ଫୁଟର ପାଣି ଚାଲିଛି। ଗ୍ରାମର ପ୍ରାୟ ୨୫ ପରିବାର ପାଣିଘେରରେ ରହିଛନ୍ତି। ପ୍ରକାଶ ଯେ, ଏହି ଗ୍ରାମ ନିକଟ ଦେଇ କପାଳୀ ନଦୀ ପ୍ରବାହିତ ହୋଇଥିବାରୁ ଅସରାଏ ବର୍ଷା ହେଲେ ପ୍ରତିବର୍ଷ ରାସ୍ତା ଉପରେ ପାଣି ଚାଲୁଛି। ଉକ୍ତ ରାସ୍ତାର ଉଚ୍ଚତା କମ୍ ଥିବାରୁ ଏପରି ପରିସ୍ଥିତି ବାରମ୍ବାର ସୃଷ୍ଟି ହେଉଛି। ନଦୀରେ ପଥରପ୍ୟାକିଂ ନିମ୍ନମାନର ଯୋଗୁ ତାହା ବନ୍ୟାଜଳରେ ଧୋଇ ହୋଇ ଏଭଳି ସମସ୍ୟା ଉପୁଜିଥିବା ଅଭିଯୋଗ ହେଉଛି। ରାସ୍ତାର ଉଚ୍ଚତା ବୃଦ୍ଧି ପାଇଁ ଦାବି କରିଆସୁଥିଲେ ମଧ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉ ନାହିଁ। ଖୁବ୍ଶୀଘ୍ର ଏହାର ପ୍ରତିକାର କରା ନ ଗଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଗ୍ରାମର ଗୋବିନ୍ଦ ପଣ୍ଡା, ନୀଳାମ୍ବର ମିଶ୍ର, ସୁକେଶ ତ୍ରିପାଠୀ, ସିଦ୍ଧେଶ୍ୱର ପାଢ଼ୀ, ମାନସ ପତି, ଅନାମ ମିଶ୍ର, ରଘୁନାଥ ତ୍ରିପାଠୀ, ରବୀନ୍ଦ୍ର ପତି ପ୍ରମୁଖ ଚେତବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଡିଓ ରେବେକା ବିଲୁଙ୍ଗଙ୍କୁ ପଚାରିବାରୁ ଘଟଣାସ୍ଥଳ ପରିଦର୍ଶନ କରି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ମୁଖ୍ୟରାସ୍ତାରେ ଜମୁଛି ନର୍ଦ୍ଦମା ପାଣି

**ଧାମନଗର, ୯।୯ (ଡି.ଏନ୍.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକକୁ ସଂଯୋଗ କରୁଥିବା ଧାମନଗର-କୋଠାର ମୁଖ୍ୟରାସ୍ତାର ଗୋଡ଼ିପୋଖରୀ ସଇଜାଫର ଛକରେ ନର୍ଦ୍ଦମା ପାଣି ନିଷ୍କାସନ ହୋଇ ନ ପାରି ଜମି ରହିଛି। ଦୀର୍ଘଦିନ ଧରି ଏହି ପାଣି ଜମି ରହୁଥିବା ବେଳେ ଏଥିପ୍ରତି କାହାର ନଜର ପଡୁ ନ ଥିବା ଅଭିଯୋଗ ହେଉଛି। ଏହାକୁ ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହାର ପ୍ରତିକାର କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

ଉଲ୍ଲେଖନୀୟ, ଏହି ରାସ୍ତାର ଉତ୍ତର ଦିଗକୁ ବିଲସାହି ଗାଁର ଫକୀରସାହି ରହିଛି। ଉକ୍ତ ଗ୍ରାମର ବର୍ଷାଜଳ ଓ ନର୍ଦ୍ଦମା ପାଣି ଗୋଡ଼ିପୋଖରୀ ସଇଜାଫର ଛକରେ ଥିବା ଏକ କଲଭର୍ଟ ଦେଇ ବିଲକୁ ବାହାରି ଯାଉଥିଲା। ଦୀର୍ଘଦିନ ହେବ ଉକ୍ତ କଲଭର୍ଟ ମୁହଁର ଦକ୍ଷିଣ ଦିଗକୁ ଜଣେ ସ୍ଥାୟୀ ବାସିନ୍ଦା ପୋତିଦେବାରୁ ତାହା ପୋତି ହୋଇପଡ଼ିଛି। ଫଳରେ ପ୍ରାୟ ୫ ବର୍ଷ ଧରି ଏଠାରେ ଜଳ ନିଷ୍କାସନ ହୋଇ ନ ପାରି ରାସ୍ତା ଉପରେ ଜମି ରହୁଛି। ଦୈନିକ ବ୍ଲକକୁ ହଜାର ହଜାର ଲୋକ ଏହି ନର୍ଦ୍ଦମା ପାଣିରେ ପଶି ଯାତାୟାତ କରୁଛନ୍ତି। ଏହି ରାସ୍ତା ଦେଇ ଯାତାୟାତ କରୁଥିବା ଜିଲା ଓ ବ୍ଲକସ୍ତରୀୟ ଅଧିକାରୀମାନଙ୍କର ମଧ ଏଥିପ୍ରତି ଦୃଷ୍ଟି ପଡୁ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହାଛଡ଼ା ଦୈନିକ ବାହାର ଜିଲାରୁ ବାବା ଆଖଣ୍ଡଳମଣିଙ୍କ ପୀଠକୁ ଆସୁଥିବା ପର୍ଯ୍ୟଟକଙ୍କୁ ନର୍ଦ୍ଦମା ପାଣିରେ ପଶି ଯିବାକୁ ପଡୁଛି। କେବଳ ବର୍ଷାଦିନେ ନୁହେଁ, ଖରାଦିନେ ମଧ ଏଠାରେ ପାଣି ଜମୁଥିବା ଏବଂ ବହୁ ସମୟରେ ବତକ ପହଁରୁଥିବା ନେଇ ସ୍ଥାନୀୟ ସୁବାସ ଚନ୍ଦ୍ର ମଲ୍ଲିକ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବାରମ୍ବାର ପିଡବ୍ଲୁଡି ବିଭାଗକୁ ଅବଗତ କରାଯାଉଥିଲେ ହେଁ କେହି ଶୁଣୁ ନ ଥିବା ଅଭିଯୋଗ ହେଉଛି। ସ୍ଥାନୀୟ ଲୋକେ ବାରମ୍ବାର ଆନ୍ଦୋଳନ ପାଇଁ ଚେତାବନୀ ଦେଉଥିବା ବୟାଙ୍ଗଡିହି ସରପଞ୍ଚ ଗୋପାଳ ବେହେରା କହିଛନ୍ତି। ବିଭାଗ ପକ୍ଷରୁ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ପ୍ରତିକାର କରାଯିବାକୁ ଦାବି ହୋଇଛି। ଏ ନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଅମ୍ବିକା ବଲ୍ଲଭ ସ୍ୱାଇଁଙ୍କୁ ଯୋଗାଯୋଗ କରିବାରୁ କହିଛନ୍ତି, ଏହି ସମସ୍ୟା ବିଷୟରେ ଅବଗତ ଅଛି। ଏଥିପାଇଁ ବ୍ୟୟ ଅଟକଳ ମଧ ହୋଇଯାଇଛି। କେବଳ ଏଗ୍ରିମେଣ୍ଟ ହୋଇଗଲେ ତୁରନ୍ତ କାର୍ଯ୍ୟ ହେବ।

**ଧାମନଗର-କୋଠାର ସଡ଼କ**

- ଅପରିଷ୍କାର ପାଣିରେ ପଶି ଯାତାୟାତ କରୁଛନ୍ତି ଲୋକେ
- ପ୍ରତିକାର ନ ହେଲେ ଆନ୍ଦୋଳନ



ଧାମନଗର-କୋଠାର ମୁଖ୍ୟରାସ୍ତାର ସଇଜାଫର ଛକରେ ନର୍ଦ୍ଦମା ପାଣି ଜମିଛି।

## ଶ୍ରୀଜଗନ୍ନାଥ ସଂସ୍କୃତି ଜ୍ଞାନ ପରୀକ୍ଷା ଦେଲେ ୧୦୦ ଛାତ୍ରୀଛାତ୍ର

**ବନ୍ତ, ୯।୯ (ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତସ୍ଥିତ ଚାରୁଚନ୍ଦ୍ର ଇଂଲିଶ ମିଡିୟମ ସ୍କୁଲରେ ରବିବାର ଶ୍ରୀଜଗନ୍ନାଥ ସଂସ୍କୃତି ଜ୍ଞାନ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ପୁରୀ ଚାରଣ କମିଟି ଆନୁକୂଲ୍ୟରେ ଆୟୋଜିତ ଏହି ପରୀକ୍ଷାରେ ବନ୍ତ ସରକାରୀ ବାଳିକା ହାଇସ୍କୁଲ, ପଧାନପଡା ପଞ୍ଚାୟତ, ମେନକାରାଣୀ, ଟିଲୋ ସରକାରୀ, ନୀଳୋକ, ଦେବତାଗଡିଆ ମା' ତାରିଣୀ ହାଇସ୍କୁଲ, ଜଗଦୀଶପୁର ଗିରିଧାରୀ ୟୁପିଏମଇ ସ୍କୁଲ ଓ ଚାରୁଚନ୍ଦ୍ର ଇଂଲିଶ ମିଡିୟମ ସ୍କୁଲର ୧୦୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ପରୀକ୍ଷା ୫୦ ମାର୍କ ଉପରେ ହୋଇଥିବା ବେଳେ ସମୟ ୧ ଘଣ୍ଟା ରହିଥିଲା। ଚାରୁଚନ୍ଦ୍ର ଇଂଲିଶ ମିଡିୟମ ସ୍କୁଲ ଅଧକ୍ଷ ଅକ୍ଷୟ କୁମାର ଜେନା ଓ ସହକାରୀ ଶିକ୍ଷକ ପ୍ରଦୀପ୍ତ କୁମାର ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ପରୀକ୍ଷାରେ ଶିକ୍ଷକ ମାନସ ରଞ୍ଜନ ସ୍ୱାଇଁ ଓ ବିଭୂତି ଭୂଷଣ ଧଳ ପ୍ରମୁଖ ସହାୟତା କରିଥିଲେ।

## ସବୁଜିମା ଲାଗି ବୃକ୍ଷରୋପଣ

**ପଦ୍ମପୁର, ୯।୯ (ଡି.ଏନ.ଏ.)**

ଭଦ୍ରକ ବ୍ଲକ ସାବରଙ୍ଗ ଡାକ୍ତରଖାନା ପରିସରରେ ସବୁଜିମା ପାଇଁ ବୃକ୍ଷରୋପଣ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ସ୍ୱାଧୀନତା ସଂଗ୍ରାମୀ ପ୍ରହ୍ଲାଦ ଚନ୍ଦ୍ର ମହାପାତ୍ର, ଜିଲା ପରିଷଦ ସଭ୍ୟା ସୁକାନ୍ତି ନାୟକ, ସରପଞ୍ଚ ରଞ୍ଜିତା ନାୟକ ଓ ସମିତିସଭ୍ୟା ରଶ୍ମିତା ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ଡାକ୍ତରଖାନା ପରିସରରେ ଶତାଧିକ ଫଳ ଗଛ ଲଗାଯାଇଥିଲା। ମେଡିକାଲ ଅଫିସର ଶର୍ମିଷ୍ଠା ଶତପଥୀ ଓ ବିଜୁ ଯୁବବାହିନୀର କର୍ମକର୍ତ୍ତା ସହାୟତା କରିଥିଲେ।

# ବିଜେଡିର କାର୍ଯ୍ୟକାରିଣୀ: ନୂତନ ସଦସ୍ୟ ସଂଗ୍ରହକୁ ଗୁରୁତ୍ୱ

**ଭଦ୍ରକ ଅଫିସ, ୯।୯**

ଭଦ୍ରକ ନୂଆ ବସ୍ଷ୍ଟାଣ୍ଡସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ଜିଲା ବିଜେଡିର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜିଲା ପର୍ଯ୍ୟବେକ୍ଷକ ତଥା ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଓ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବୈଠକରେ ଯୋଗଦେଇ ୫ଟି ନିର୍ବାଚନ ମଣ୍ଡଳୀରେ ଥିବା ଦଳୀୟ ଅନ୍ତର୍ଦ୍ୱନ୍ଦ୍ୱ ସମ୍ପର୍କରେ ସମୀକ୍ଷା କରିଥିଲେ। ଉପସ୍ଥିତ ଏମ୍ପି ଓ ୪ ବିଧାୟକଙ୍କଠାରୁ ନିଜ ନିଜ ଅଞ୍ଚଳରେ ଥିବା ବିଭିନ୍ନ ଦଳୀୟ ସମସ୍ୟା ସମ୍ପର୍କରେ ସେ ପଚାରି ବୁଝିଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାରେ ଜିଲା ସଭାପତି ଜଗନ୍ନାଥ ସ୍ୱାଇଁ ସଭାପତିତ୍ୱ କରିଥିଲେ। ଏମ୍ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ପ୍ରଫୁଲ୍ଲ ସାମଲ, ସଞ୍ଜୀବ ମଲ୍ଲିକ, ବିଷ୍ଣୁବ୍ରତ ରାଉତରାୟ, ବ୍ୟୋମକେଶ ରାୟ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ରାଜେନ୍ଦ୍ର ଦାସ, ବିଜୟ ନାୟକ, ତିହିଡି ବ୍ଲକ ଚେୟାରମ୍ୟାନ ବିଦ୍ୟୁତଲତା ନାୟକ ଓ ଜିଲା ଛାତ୍ର ସଭାପତି ତଥାଗତ ସାମଲ ପ୍ରମୁଖ ମଞ୍ଚାସୀନ ରହିଥିବା ବେଳେ ଦଳୀୟ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ ଯୁଗଳ କିଶୋର ପଟ୍ଟନାୟକ ଓ ପୂର୍ବତନ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ ଉପସ୍ଥିତ ନ ଥିବାକୁ ନେଇ ଚାପା ଗୁଞ୍ଜରଣ ସୃଷ୍ଟି ହୋଇଥିଲା। ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଘରକୁ ଘର ପହଞ୍ଚାଇ ନୂତନ ସଦସ୍ୟ ସଂଗ୍ରହ କରାଯିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଜିଲାର ବିଭିନ୍ନ କୋଣାନୁକୋଣରୁ ନିର୍ବାଚିତ ପ୍ରତିନିଧି ଓ ବହୁ ପୁରୁଖା ନେତା ଉପସ୍ଥିତ ଥିଲେ।

# ୟୁନାଇଟେଡ କ୍ଲବ ଚାମ୍ପିୟନ

**ଭଦ୍ରକ ଅଫିସ, ୯।୯**

ଆଦାନୀ ଫାଉଣ୍ଡେଶନ ପକ୍ଷରୁ ଆଖପାଖ ଅଞ୍ଚଳର ଗାଁ ଓ ସ୍କୁଲରେ ବିଭିନ୍ନ କ୍ରୀଡ଼ାଭିତ୍ତିକ ପ୍ରତିଯୋଗିତା କରି କ୍ରୀଡାବିତ୍ଙ୍କୁ ଉତ୍ସାହିତ କରାଯାଉଛି। ଜିଲା କ୍ରୀଡ଼ା ବିଭାଗ ଏବଂ ଆଦାନୀ ଫାଉଣ୍ଡେଶନର ମିଳିତ ଉଦ୍ୟମରେ ବାସୁଦେବପୁରସ୍ଥିତ ଅଟଳ ବିହାରୀ ବିଦ୍ୟାଳୟ ଖେଳପଡ଼ିଆରେ ଏକଦିବସୀୟ ଦିବାରାତ୍ର ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଚାନ୍ଦବାଲି ରୁରାଲ କ୍ଲବ, ଭଦ୍ରକ ଚରମ୍ପା ୟୁନାଇଟେଡ, ଭଣ୍ଡାରିପୋଖରୀ ବ୍ଲକ ଆଦମପୁର ସ୍ପୋର୍ଟସ ଏକାଡେମୀ, ଧାମନଗର ଭଗବତୀ, ଭଦ୍ରକ ପୁରୁଣାବଜାର ରୋଭର୍ସ, ବାସୁଦେବପୁର ଟାଉନ ଓ ଚାନ୍ଦବାଲି କ୍ଲବ ଜିଲା କ୍ରୀଡ଼ା କାର୍ଯ୍ୟାଳୟ ପକ୍ଷରୁ ମନୋନୀତ ହୋଇ ଟୁର୍ନାମେଣ୍ଟରେ ଭାଗ ନେଇଥିଲେ। ଆଦାନୀ ଗ୍ରୁପର ଉପସଭାପତି ଅମିତାଭ ବୋଷ ଟୁର୍ନାମେଣ୍ଟକୁ ଉଦ୍ଘାଟନ କରିଥିଲେ। ଜିଲା କ୍ରୀଡ଼ା ଅଧିକାରୀ ମନୋଜ କୁମାର ଦାସ, ଶାରୀରିକ ଶିକ୍ଷା ଇନ୍ସପେକ୍ଟର ଗଜେନ୍ଦ୍ର ଭାରତୀ ଓ ପୂର୍ବତନ ଶାରୀରିକ ଶିକ୍ଷା ଇନ୍ସପେକ୍ଟର ଶ୍ୟାମସୁନ୍ଦର ମହାରାଜ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶା ଫୁଟବଲ ଆସୋସିଏଶନର ଜୀବନଜ୍ୟୋତି ନାୟକ, ଜ୍ୟୋତିରଞ୍ଜନ ସ୍ୱାଇଁ, ଶିବ ଦାସ ଏବଂ ମିକୁନ ମହାନ୍ତି ପ୍ରମୁଖ ରେଫ୍ରି ଭାବେ ଦାୟିତ୍ୱ ତୁଲାଇଥିଲେ। ଗ୍ରୁପ ପର୍ଯ୍ୟାୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଚରମ୍ପା ୟୁନାଇଟେଡ କ୍ଲବ ଏବଂ ଭଣ୍ଡାରିପୋଖରୀ ଆଦମପୁର ସ୍ପୋର୍ଟ ଏକାଡେମୀ ମଧ୍ୟରେ ଫାଇନାଲ ଖେଳ ହୋଇଥିଲା। ୟୁନାଇଟେଡ କ୍ଲବ ୩-୦ ସ୍କୋରରେ ବିଜୟୀ ହୋଇଥିବା ବେଳେ ଆଦମପୁର ସ୍ପୋର୍ଟସ ଏକାଡେମୀ ରନର୍ସଅପ୍ ହୋଇଥିଲା। ପୁରସ୍କାର ବିତରଣ ସଭାରେ ଶେଖ୍ ସୁଲେମାନଙ୍କୁ ଶ୍ରେଷ୍ଠ ଖେଳାଳି ଏବଂ ମନୋଜ କୁମାର ବେହେରାଙ୍କୁ ଶ୍ରେଷ୍ଠ ଗୋଲକିପର ଭାବେ ପୁରସ୍କୃତ କରାଯାଇଥିଲା। ଉଦ୍ଯାପନୀ ଉତ୍ସବରେ ବାସୁଦେବପୁର ଟାଉନ କ୍ଲବର କାର୍ଯ୍ୟକାରୀ ସଭାପତି ସ୍ୱପ୍ନସୁନ୍ଦର ନାୟକ ବିଜୟୀ, ରନର୍ସଅପ୍, ଶ୍ରେଷ୍ଠ ଖେଳାଳି ଏବଂ ଗୋଲକିପରଙ୍କୁ ଟ୍ରଫି ଦେଇ ସମ୍ମାନିତ କରିଥିଲେ।



ଅତିଥିଙ୍କ ସହ ଖେଳାଳି।

# ମହରମ ପାଇଁ ଉତ୍ସବମୁଖର ସହର

**ଭଦ୍ରକ ଅଫିସ,୯।୯**

ମହରମ ପର୍ବ ପାଇଁ ଭାଇଚାରାର ସହର ଭଦ୍ରକ ଉତ୍ସବମୁଖର ହୋଇଉଠିଛି। ମଙ୍ଗଳବାର ଏହି ପର୍ବ ପାଳନ ହେବାକୁ ଥିବାବେଳେ ସୋମବାରଠାରୁ ବିଭିନ୍ନ ସାହିବସ୍ତିରେ ନାନା ପ୍ରସ୍ତୁତି ଜୋରଦାର ଚାଲିଛି। ଶାନ୍ତିଶୃଙ୍ଖଳାରେ ପାଳନ କରିବା ପାଇଁ ମୁସ୍ଲିମ୍ ଜମାତ ମହରମ କମିଟି ସହ ପ୍ରଶାସନ ଆଲୋଚନା କରି ଶାନ୍ତି ବୈଠକ ସାରିଛି। ମୁଖ୍ୟତଃ ପୁରୁଣାବଜାର ଅଞ୍ଚଳରେ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇ ଛକଗୁଡ଼ିକରେ ଅସ୍ଥାୟୀ କ୍ୟାମ୍ପ କରାଯାଇଛି। ଟ୍ରାଫିକ ନିୟନ୍ତ୍ରଣ ଲାଗି ସ୍ୱତନ୍ତ୍ର ପୋଲିସ ବ୍ୟବସ୍ଥା ହୋଇଛି। ବିଭିନ୍ନ ସ୍ଥାନରେ ୨୭ ପ୍ଲାଟୁନ ପୋଲିସ, ଏକ ସେକ୍ସନ ଫୋର୍ସ, ୨ ଅତିରିକ୍ତ ଏସ୍ପି, ୮ ଡିଏସ୍ପି, ୨୦ ଇନ୍ସପେକ୍ଟର, ୯୪ ଏସ୍ଆଇ ଓ ଏଏସ୍ଆଇ, ୧୮ ହାବିଲଦାର ଓ କନଷ୍ଟେବଲ, ୧୧୩ ଜଣ ହୋମଗାର୍ଡ ମୁତୟନ ଅଛନ୍ତି।



ପୁରୁଣାବଜାର ଅଞ୍ଚଳର ଏକ ବସ୍ତିରେ ପର୍ବ ଲାଗି ଆଲୋକ ସଜା।

ଚଉଦ ମହଲା ମୁସଲିମ ଜମାତ ସଭାପତି ମହମ୍ମଦ ଅବଦୁଲ ବାରି, ମହରମ କମିଟି ସଭାପତି ଶେଖ୍ ସିରାଜୁଦ୍ଦିନ, ମୁସଲିମ୍ ଜମାତ ସାଧାରଣ ସମ୍ପାଦକ ଶେଖ୍ ଏନାମ ମହମ୍ମଦ ଓ ମହରମ କମିଟି ସାଧାରଣ ସମ୍ପାଦକ ଅବଦୁଲ୍ ମୋକିତ ଖାଁଙ୍କ ନେତୃତ୍ୱରେ ମଙ୍ଗଳବାର ସନ୍ଧ୍ୟାରେ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଏଥିପାଇଁ ବିଭିନ୍ନ ସାହିବସ୍ତିରେ କାଫ୍ଲା ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

**ଝଲସୁଛି ସାହିବସ୍ତି**

ନିଜ ସାହିବସ୍ତିର କାଫ୍ଲାକୁ ଅଧିକ ସୁନ୍ଦର କରିବା ପାଇଁ ଯୁବଗୋଷ୍ଠୀ ଜୋରସୋରରେ ଲାଗିପଡ଼ିଛନ୍ତି। ଚଳିତବର୍ଷ ପ୍ରାୟ ୪୦ଟି କାଫ୍ଲା ବାହାରିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି। ମଦିନା ମଇଦାନ ଓ ନଙ୍ଗାମହଲା ମସ୍ଜିଦ୍ ପାଖ ପଡ଼ିଆରେ ରାତିରେ ଧର୍ମସଭା ଅନୁଷ୍ଠିତ ହେବ। ପୁରୁଣାବଜାର ଅଞ୍ଚଳରୁ କାଫ୍ଲା ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ମଦିନା ମଇଦାନ ଓ କେତେକ କାଫ୍ଲା ନଙ୍ଗାମହଲା ମସ୍ଜିଦ୍ ପାଖ ପଡ଼ିଆରେ ପହଞ୍ଚିବ। ମହରମ ପର୍ବ ଉପଲକ୍ଷେ ସୋମବାର ସନ୍ଧ୍ୟାରେ କେତେକ ସ୍ଥାନରେ ସ୍ୱତନ୍ତ୍ର ପୂଜାପାଠ ହୋଇଥିଲା। ମିର୍ଜାପୁରରେ ସ୍ୱତନ୍ତ୍ର ପଞ୍ଜା କାର୍ଯ୍ୟକ୍ରମ ସାଙ୍ଗକୁ ପୂଜାପାଠ କରାଯାଇଥିଲା।

ଧରିତ୍ରୀ
DHARITRI
ବାଲେଶ୍ୱର, ମଙ୍ଗଳବାର, ୧୦ ସେପ୍ଟେମ୍ବର, ୨୦୧୯



## ସଂକ୍ଷେପରେ

### ଯୁବକଙ୍କ ମୃତଦେହ ଉଦ୍ଧାର

କେନ୍ଦୁଝର, ୯।୯(ଡି.ଏନ୍.ଏ./ସ୍ୱ.ପ୍ର.)- କେନ୍ଦୁଝର ଜିଲା ହରିଚନ୍ଦନପୁର ହାଟପଡିଆରୁ ସୋମବାର ସକାଳୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତ ଯୁବକ ଜଣକ ହେଲେ ଭଅଁରପୁର ପଞ୍ଚାୟତ ମଧୁପୁର ଗ୍ରାମର ଶରତ ମୁଣ୍ଡା(୩୦)। ରବିବାର କୌଣସି କାମରେ ସେ ହରିଚନ୍ଦନପୁର ଆସିଥିଲେ। ବିଳମ୍ବ ସହ ଅସୁସ୍ଥତା କାରଣରୁ ହାଟପଡିଆରେ ବିଶ୍ରାମ ନେଉଥିବାର ଜଣାପଡିଛି। ସେଠାରେ ତାଙ୍କର ରକ୍ତ ବାନ୍ତି ହୋଇଥିଲା। ପରେ ତାଙ୍କର ହୃତଘାତରେ ପ୍ରାଣ ଚାଲି ଯାଇଥିବା ଅନୁମାନ କରାଯାଉଛି। ପରିବାର ଲୋକଙ୍କ କହିବା ଅନୁସାରେ ଗତ କିଛି ଦିନ ହେବ ତାଙ୍କ ଦେହ ଖରାପ ଥିଲା। ସୋମବାର ସକାଳ ସମୟରେ ହାଟପଡିଆରେ ଯୁବକଙ୍କ ମୃତଦେହ ଦେଖି ସ୍ଥାନୀୟ ଲୋକମାନେ ପୋଲିସକୁ ଖବର ଦେଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତ ଯୁବକଙ୍କ ପକେଟରୁ ମିଳିଥିବା ମୋବାଇଲ ଯୋଗେ ପରିବାର ଲୋକଙ୍କୁ ଜଣାଇଥିଲେ। ଏଥିସହ ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

### ଓହଳିଛି ବିଦ୍ୟୁତ ତାର

କେନ୍ଦୁଝର ୯।୯ (ସ୍ୱ.ପ୍ର.)- ତେଲକୋଇ ବ୍ଲକ ଅନ୍ତର୍ଗତ ଜଙ୍ଗଲ ପରିବେଷ୍ଟିତ ଶ୍ରୀଧରପୁର ଗ୍ରାମ ନିକଟରେ ଯାଇଥିବା ବିଦ୍ୟୁତ ତାର ଓହଳି ପଡିଥିଲେ ହେଁ ବିଦ୍ୟୁତ ବିଭାଗ କିମ୍ବା ବନ ବିଭାଗର ନଜର ପଡୁନାହିଁ। ଏହି ଓହଳି ପଡିଥିବା ତାର ଗ୍ରାମର ଭାଗବତ ଚୁଙ୍ଗୀ ଘର ଉପରେ ଯାଉଥିବା ବେଳେ ଏକ କାଠ ଦେଇ ଟେକାଯାଇଛି। ଏହି ଅଞ୍ଚଳରେ ହାତୀ ଓ ବନ୍ୟପ୍ରାଣୀ ଚଳାଚଳ କରୁଥିବାରୁ ଦୁର୍ଘଟଣା ଘଟିବା ଆଶଙ୍କା ରହୁଥିଲେ ହେଁ ଏହାକୁ ଅଣଦେଖା କରାଯାଉଛି। ଏହି ଗ୍ରାମବାସୀ ବନବିଭାଗକୁ ସୂଚନା ଦେଇଥିଲେ ହେଁ କେହି ଶୁଣୁ ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବିଦ୍ୟୁତ ଯୋଗାଣ ପାଇଁ ଯଦିଓ ପ୍ଲାଷ୍ଟିକ କଭର ତାର ଜଙ୍ଗଲାଞ୍ଚଳରେ ସୁରକ୍ଷା ଦୃଷ୍ଟି କୋଣରୁ ବିଛା ଯାଇଛି ତେବେ ଠିକ ଭାବରେ ଖୁଣ୍ଟ ପୋତାଯାଉନାହିଁ କିମ୍ବା ତାର ଟଣା ଯାଉନଥିବାରୁ ଓହଳି ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଏଣୁ ଏନେଇ ପଦକ୍ଷେପ ନିଆ ନ ଗଲେ କୌଣସି ଅଘଟଣ ଘଟିଲେ ବିଦ୍ୟୁତ ବିଭାଗ ତଥା ବନ ବିଭାଗ ଦାୟୀ ରହିବେ ବୋଲି ସ୍ଥାନୀୟ ଲୋକ ମତବ୍ୟକ୍ତ କରୁଛନ୍ତି।

### ଏଟିଏମ୍ ଉଦ୍‌ଘାଟିତ

ବଡବିଲ, ୯।୯(ସ୍ୱ.ପ୍ର.)- କେନ୍ଦୁଝର ଜିଲା ବଡବିଲସ୍ଥିତ ମୁଖ୍ୟବଜାର ରାସ୍ତା କଡରେ ଗ୍ରାହକଙ୍କ ସେବା ପାଇଁ ରବିବାର ଅପରାହ୍ନରେ ଓବିସି(ଓରିଏଣ୍ଟାଲ ବ୍ୟାଙ୍କ ଅଫ କମର୍ସ) ପକ୍ଷରୁ ନୂତନ ଏଟିଏମ୍‌ର ଶୁଭ ଉଦ୍‌ଘାଟନ ହୋଇଛି। ଓବିସି ବ୍ୟାଙ୍କର ଭୁବନେଶ୍ୱରସ୍ଥିତ ସର୍କଲ ହେଡ ତଥା ଡେପୁଟି ଜେନେରାଲ ମ୍ୟାନେଜର ତୌଫିକ ଆଲାମ ଓ ଚିଫ୍ ମ୍ୟାନେଜର ମୁକେଶ କୁମାର ଯୋଗଦେଇ ଫିତାକାଟି ଏହାର ଶୁଭ ଉଦ୍‌ଘାଟନ କରିଛନ୍ତି।

### ମଦ ଜବତ, ଅଭିଯୁକ୍ତ ଗିରଫ

ବଡବିଲ, ୯।୯(ସ୍ୱ.ପ୍ର.)- କେନ୍ଦୁଝର ଜିଲା ବଲାଣୀ ଥାନା ପୋଲିସ ସୋମବାର ଚୋରା ଦେଶୀମଦ ଉପରେ ଚଢାଉ କରିବା ବେଳେ ଚୋରି ବାଇକରେ ଦେଶୀମଦ ଚୋରା ଚାଲାଣ ବେଳେ ଚଢାଉକରି ଅଭିଯୁକ୍ତ ନିମତୁର ଅଞ୍ଚଳର ସୋମା ମୁଣ୍ଡାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଘଟଣାରେ ପୋଲିସ ଏକ ମାମଲା (ନଂ ୫୬/୨୦୧୯) ମାମଲା ରୁଜୁ କରିବା ସହ ୨୦ ଲିଟର ଦେଶୀମଦ ଓ ସେଥିରେ ବ୍ୟବହୃତ ଏକ ବାଇକକୁ ପୋଲିସ ଜବତ କରିଥିବା ପୋଲିସ ସବ ଇନ୍ସପେକ୍ଟର ଶ୍ରୀକାନ୍ତ ସାହୁ ସୂଚନା ଦେଇଛନ୍ତି।

# ଅନ୍‌ଲାଇନ ବ୍ୟବସ୍ଥା ଦେଉଛି ଦୁଃଖ

ଶଶୀଭୂଷଣ ସାହୁ
ଝୁମ୍ପୁରା, ୯।୯

- ଦୁର୍ଗମ ଇଲାକାରେ ପିଡିଏସ୍ ବଣ୍ଟନ ବାଟବଣା
- ପୁଶ୍ ମେଶିନ ଧରି ଉଚ୍ଚ ଜାଗାକୁ ଯାଉଛନ୍ତି ଅଧିକାରୀ
- ଟିପ ଚିହ୍ନ ଦେବାକୁ କାର୍ଡଧାରୀ ନୟାନ୍ତ


ଧାତିକା ପାର୍ଶ୍ୱରେ ପୁଶ୍ ମେଶିନରେ ଆଙ୍ଗୁଳି ଛାପ ଦେବା ପାଇଁ ଲୋକଙ୍କ ଭିଡ।

କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକର ଦୁର୍ଗମ ବଣପାହାଡ଼ ଘେରା ଇଲାକାରେ ଆଜି ବି ଟେଲି ଯୋଗାଯୋଗ ସୁବିଧା ଅପହଞ୍ଚ ହୋଇ ରହିଛି। ଦୁର୍ଗମ ଇଲାକାରେ ମୋବାଇଲ ଟାୱାର ନ ଥିବାରୁ ନେଟ୍‌ୱର୍କ ଆସୁ ନାହିଁ। ଲୋକେ ମୋବାଇଲ ସେବା ପାଉ ନ ଥିବାରୁ ଏଯାଏ ମୋବାଇଲ ଫୋନ ବ୍ୟବହାର କରିପାରୁ ନାହାନ୍ତି। ଭୌଗୋଳିକ ସ୍ଥିତି ଓ ଭିତ୍ତିଭୂମି ପ୍ରତି ନଜର ନ ରଖି ସରକାର ଅନ୍‌ଲାଇନ୍‌ରେ ପିଡିଏସ୍ ଯୋଗାଣ ହେବ ବୋଲି ନିୟମ କରିଥିବାରୁ ବଣପାହାଡ଼ ଘେରା ଦୁର୍ଗମ ଇଲାକାବାସୀଙ୍କ ଦୁର୍ଦ୍ଦଶାର ସୀମା ରହୁ ନାହିଁ। ଗହମ,ଚାଉଳ ଉଠାଇବା ଲାଗି ପୁଶ୍ ମେଶିନରେ ଆଙ୍ଗୁଠି ଛାପ ଦେବାକୁ ପଡ଼ିବ। କିନ୍ତୁ ନେଟ୍ ଆସୁ ନ ଥିବାରୁ ପଞ୍ଚାୟତ ଦାୟିତ୍ୱରେ ଥିବା ପିଇଓ କିମ୍ବା ଜିଆର୍‌ଏସ୍ ପୁଶ୍ ମେଶିନ ଓ ଲାପଟପ୍ ଆଦି ନେଇ ପାହାଡ ଉପର କିମ୍ବା ନେଟ୍ ଆସୁଥିବା ଜାଗାକୁ ଯାଉଛନ୍ତି। ଗାଁ ଲୋକେ ତାଙ୍କ ପଛେ ପଛେ ଯାଇ ଟିପ ଚିହ୍ନ ଦେବା ପରେ ସେଠାରୁ ଚିରକୁଟି ଧରି ଫେରୁଛନ୍ତି। ଏହାକୁ ପଞ୍ଚାୟତ ଅଫିସରେ ଦେଖାଇ ମାସିକ ପିଡିଏସ ସାମଗ୍ରୀ ଉଠାଉଛନ୍ତି।

ଝୁମ୍ପୁରା ବ୍ଲକଠାରୁ ପ୍ରାୟ ୨୦ କି.ମି. ଦୂରରେ କୁଟୁଗାଁ ପଞ୍ଚାୟତବାସୀ ଏବେ ନେଟ୍ ସମସ୍ୟା ଯୋଗୁ ଅନ୍ ଲାଇନରେ ପିଡିଏସ ସାମଗ୍ରୀ ଉଠାଣରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବ୍ଲକ ଅଫିସଠାରୁ କୁଟୁଗାଁ ଗାଁ ଯାଏ ରାସ୍ତା ସୁବିଧା ଥିଲେ ମଧ୍ୟ ଏହା ଅଧୀନ ନାଉପାଣି, ଜୟପୁର, ହାତୀଦରୀ, ସାନ ଯୋଡ଼ା ଓ ଅନ୍ୟ ବହୁ ଆଦିବାସୀ ବସ୍ତିକୁ ରାସ୍ତା ନାହିଁ। ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ଅଞ୍ଚଳବାସୀ ବିପିଏଲ କାର୍ଡ ପାଇଥିବାରୁ ସରକାରୀ ଯୋଜନାରେ କେତେକ ଗାଁକୁ ବିଜୁଳି ଯୋଗାଇ ଦିଆଯାଇଛି। କିନ୍ତୁ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ପାନୀୟ ଜଳ ଆଦି କ୍ଷେତ୍ରରେ ଏହି ଅଞ୍ଚଳ ପଛୁଆ ହୋଇ ରହିଛି। କୁଟୁଗାଁ ପଞ୍ଚାୟତରେ ମୋଟ ୧୦୨୫ ହିତାଧିକାରୀ ଅଛନ୍ତି, ଯେଉଁମାନେ ପଞ୍ଚାୟତ କାର୍ଯ୍ୟାଳୟକୁ ଆସି ୧୬୦ କୁଇଣ୍ଟାଲ ଚାଉଳ, ୩ କୁଇଣ୍ଟାଲ ୪୩କେଜି ଗହମ ଉଠାଇଥାନ୍ତି। ପଞ୍ଚାୟତରେ ଅନ୍ତ୍ୟୋଦୟ କାର୍ଡଧାରୀ ସଂଖ୍ୟା ୯୩ ଥିବାବେଳେ କେନ୍ଦ୍ରୀୟ ଯୋଜନାରେ ୮୮୧, ରାଜ୍ୟ ଖାଦ୍ୟ ନିରାପତ୍ତା କାର୍ଡ ଯୋଜନା ୪୬ଜଣ ଅଛନ୍ତି। ଏସବୁ ଗାଁ ଗଣ୍ଡାକୁ ଚାରିପଟୁ ବଣପାହାଡ଼ ଘେରି ରହିଛି। ଲୋକଙ୍କୁ ଟେଲି ସେବା ଯୋଗାଇବା ଲାଗି ଏବେ କୁଟୁଗାଁ ନିକଟରେ ଏକ ଟାୱାର ନିର୍ମାଣ କରାଯାଉଛି। ପୂର୍ବରୁ ଗାଁ ଲୋକଙ୍କୁ ଅଫ୍ ଲାଇନରେ ପିଡିଏସ ସାମଗ୍ରୀ ମିଳୁଥିଲା। ଏଭଳି ବ୍ୟବସ୍ଥା ବନ୍ଦ ହୋଇ ଏବେ ଅନ୍‌ଲାଇନ ବ୍ୟବସ୍ଥା ହୋଇଛି। ନେଟ ଆସୁ ନ ଥିବାରୁ କୁଟୁଗାଁ ପଞ୍ଚାୟତର ଜିଆର୍‌ଏସ୍ ଜଗନ୍ନାଥ ସାଣ୍ଡିଲ ୫ କି.ମି. ଦୂର ଧାତିକା ଛକ ନିକଟକୁ ଯାଇ ସେଠାରେ ପୁଶ୍ ମେଶିନରେ ଟିପଚିହ୍ନ ନେଉଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟଠାରୁ ଧାତିକା ଛକର ଦୂରତା ୫କି.ମି. ହେବ। କୁଟୁଗାଁ ପଞ୍ଚାୟତଠାରୁ ନାଉପାଣି, ଜୟପୁର, ହାତୀଦରୀ ଗ୍ରାମଗୁଡିକର ଦୂରତା ପ୍ରାୟ ୧୨କି.ମି.ରୁ ଉର୍ଦ୍ଧ୍ୱ। ଏତେ ଦୂର ଜଙ୍ଗଲ ରାସ୍ତା ପାର ହେବା ସାଙ୍ଗକୁ ହଇରାଣ ହୋଇ ପିଡିଏସ୍ ଆଣିବାକୁ ପଡୁଥିବାରୁ ହାତୀଦରୀ ଗ୍ରାମର ବାଲମା ମୁଣ୍ଡା,ପଦ୍ମା ମୁଣ୍ଡା, ସାବିତ୍ରୀ ମୁଣ୍ଡା, ବୁଦୁନୀ ମୁଣ୍ଡା, ଦସମା ମୁଣ୍ଡା ପ୍ରମୁଖ ନାଉପାଣି ଗ୍ରାମର ଚମ୍ପା ମୁଣ୍ଡା, ଲତା ମୁଣ୍ଡା, ସମାରି ମୁଣ୍ଡା ପ୍ରମୁଖ ସାନଯୋଡା ଗ୍ରାମର କାଇଁଚ ନାଏକ, ରଇବାରୀ ଦେହୁରୀ ପ୍ରମୁଖ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। କାର୍ଡଧାରୀଙ୍କ ଅଭିଯୋଗ ସମ୍ପର୍କରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମିଳା ଖମାରୀ ଏବଂ ଜିଆରଏସ ଜଗନ୍ନାଥ ସାଣ୍ଡିଲଙ୍କୁ ପଚାରିବାରୁ କହିଛନ୍ତି, ଏବେ ସବୁ କାମ ଅନ୍‌ଲାଇନରେ ହେଉଛି। ଏ ନେଇ ଉପରୁ ଯାହା ନିର୍ଦ୍ଦେଶ ଆସୁଛି, ଆମେ ପାଳନ କରୁଛୁ। କଟଟୁଗାଁଠାରୁ ୭ କି.ମି. ଦୂର ମଳଦା ପଞ୍ଚାୟତରେ ଟାୱାର ଥିବାରୁ ଏଠାକାର କେତେକ ସ୍ଥାନରେ ନେଟ୍ ଉପଲବ୍ଧ ହେଉଛି। ଏ ସମ୍ପର୍କରେ ଯୋଗାଣ ଅଧିକାରୀ ସରିତା ମିର୍ଦ୍ଧା ଏବଂ ବିଡିଓ ଜୟଶ୍ରୀ ବେଉରାଙ୍କୁ ପଚାରିବାରୁ କିପରି ପିଡିଏସ ବଣ୍ଟନ ବ୍ୟବସ୍ଥାରେ ସୁଧାର ଆସିବ ତାହା ଆମେ ଅନୁଧ୍ୟାନ କରି ଦେଖୁଛୁ ବୋଲି କହିଛନ୍ତି।

## ପାଣି ଘେରରେ ସ୍କୁଲ

କେନ୍ଦୁଝର ୯।୯(ସ୍ୱ.ପ୍ର.)

ବର୍ଷା ଯୋଗୁ କେନ୍ଦୁଝର ପୌରାଞ୍ଚଳର ୨୧ ନଂ ୱାର୍ଡରେ ଥିବା ଗମ୍ଭାରିଆ ପ୍ରାଥମିକ ବିଦ୍ୟାଳୟ ପାଣି ଘେରରେ ରହିଛି। ଛାତ୍ରୀଛାତ୍ରମାନେ ପାଣିରେ ପଶି ବିଦ୍ୟାଳୟକୁ ଯିବା ଆସିବା କରୁଥିବାରୁ ଅଭିଭାବକ ମାନେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ଫଳରେ ପିଲା ମାନେ ଥଣ୍ଡା, କାଶ, ଜ୍ୱର ଆଦିରେ ପିଡିତ ହେଉଥିବା ଅଭିଯୋଗ ହେଉଛି। ଏହି ସମସ୍ୟାକୁ ନେଇ ଶିକ୍ଷା ବିଭାଗ ଅଧିକାରୀଙ୍କୁ ଜଣାଇଥିଲେ ହେଁ କେହି ଶୁଣୁ ନ ଥିବାରୁ ଅସନ୍ତୋଷ ବଢୁଛି। ଏଠାରେ ପ୍ରକାଶ ଯେ ଏହି ବିଦ୍ୟାଳୟରେ ସାଧାରଣତଃ ଅନୁସୂଚିତ ଜାତି/ଜନଜାତିର ଛାତ୍ରୀଛାତ୍ରମାନେ ପାଠ ପଢନ୍ତି। ଏଣୁ ସେମାନଙ୍କୁ ଜାଣିଶୁଣି ଅବହେଳା କରାଯାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ଏହି ବିଦ୍ୟାଳୟରେ ପାଖାପାଖି ୭୦ ଜଣ ପିଲା ୧ମରୁ ୫ମ ଶ୍ରେଣୀରେ ପଢୁଥିବା ବେଳେ ମାତ୍ର ୨ ଜଣ ଶିକ୍ଷକରେ ପାଠପଢା ଚାଲିଛି। ସେହିପରି ୧୯୮୫ ମସିହାରେ ସ୍ଥାପିତ ଏହି ବିଦ୍ୟାଳୟରେ ପାଚେରି ନାହିଁ କିମ୍ବା ଖେଳ ପଡିଆ ନାହିଁ। ଏଣୁ ବିଦ୍ୟାଳୟ ଜମି ଜବରଦଖଲ ହୋଇ ଯାଉଥିବା ବେଳେ ଅସୁରକ୍ଷିତ ଅବସ୍ଥାରେ ରହିଛି। ସେହିପରି ବିଦ୍ୟାଳୟରେ ନଳକୂପ ଟିଏ ନ ଥିବାରୁ ପିଲା ମାନେ ପିଇବା ପାଇଁ ଓ ଶୌଚ ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିବା ସ୍ଥାନୀୟ ଲୋକ କହିଛନ୍ତି।

## ପାଣିଟାଙ୍କିରୁ ବୋହି ଚାଲିଛି ପାଣି

ଆନନ୍ଦପୁର, ୯।୯(ସ୍ୱ.ପ୍ର.)


ପାଣି ଟାଙ୍କିରୁ ବୋହୁଛି ପାଣି।

ଆନନ୍ଦପୁର ବ୍ରିଜଛକଠାରେ ରହିଛି ବ୍ରଜବନ୍ଧୁ ବିଦ୍ୟାପୀଠ। ଏହି ବିଦ୍ୟାଳୟରେ ଲାଗିଥିବା ପାଣିଟାଙ୍କିରୁ ଅନବରତ ପାଣି ବୋହି ଚାଲିଛି। କର୍ତ୍ତୃପକ୍ଷଙ୍କର ଏଥିପ୍ରତି ନିଘାନାହିଁ। ବିଦ୍ୟାଳୟ ଛୁଟି ଥିବାରୁ ଏଥିପ୍ରତି କାହାର ନଜର ନ ଥିବା କୁହାଯାଉଛି। ତେବେ ପାଣି ଆବଶ୍ୟକତା ପୂରଣ କରିବା ପାଇଁ ଛୁଟି ଦିନରେ ଟାଙ୍କିରେ ପାଣି ଭର୍ତ୍ତି କରାଯାଉଥିବାବେଳେ ବିଦ୍ୟାଳୟ କର୍ତ୍ତୃପକ୍ଷ ଏଥିପାଇଁ ଯଥେଷ୍ଟ ଯତ୍ନବାନ ହେବା ଆବଶ୍ୟକ ବୋଲି ସ୍ଥାନୀୟ ଲୋକ ମତ ଦେଇଛନ୍ତି। ପାଣି ମୁନ୍ଦାଏ ପାଇଁ କେଉଁଠି ହାହାକାର ପରିସ୍ଥିତି ସୃଷ୍ଟି ହେଉଥିବାବଳେ ଏଠାରେ ପାଣିର ସଦ୍‌ବିନିଯୋଗ କରା ନ ଯାଇ ନଷ୍ଟ କରାଯାଉଥିବାରୁ ସାଧାରଣରେ ନିନ୍ଦା କରାଯାଇଛି।

## ନୂଆ ଭିଏସ୍‌ଏସ୍ ଗଠିତ

ବଉଳା, ୯।୯(ଡି.ଏନ.ଏ.)

ହାଟଡିହୀ ବ୍ଲକ ବାଲିବରେଇ ପଞ୍ଚାୟତର ବାଘୁଆ ଗ୍ରାମରେ 'ଆମ ଜଙ୍ଗଲ ଯୋଜନା'ର କର୍ମକର୍ତ୍ତାମାନଙ୍କ ସହଯୋଗରେ ନୂଆ ଭିଏସଏସ କମିଟି ଗଠନ ହୋଇଛି। ଏହି ବୈଠକରେ ବାବାଜୀ ଚରଣ ମହାଳିକଙ୍କ ସଭାପତିତ୍ୱରେ ଆମ ଜଙ୍ଗଲ ଯୋଜନାର ଟିମ ଲିଡର ବିଜୟ କୁମାର ସାହା ଓ ଡିଓ ସନ୍ତୋଷ କୁମାର ସାହାଙ୍କ ଉପସ୍ଥିତିରେ କମିଟି ଗଠନ କରାଯାଇଥିଲା। ବାଘୁଆ ଗ୍ରାମର ବହୁ ଗ୍ରାମବାସୀ ଯୋଗଦେଇଥିବା ବେଳେ ୪ଟି ସ୍ୱୟଂ ସହାୟକ ମହିଳା ଗୋଷ୍ଠୀର ସଦସ୍ୟମାନେ ଉପସ୍ଥିତ ଥିଲେ। ସର୍ବସମ୍ମତି କ୍ରମେ ନରେନ୍ଦ୍ର ନାୟକଙ୍କୁ ସଭାପତି ଏବଂ ନରହରି ରାଉତଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଥିଲା। ଉପସଭାପତି ଭାବେ ରୀତାଞ୍ଜଳି ରାଉତ, ଟିମ୍ ଲିଡର ବିଜୟ କୁମାର ସାହା ଆମ ଜଙ୍ଗଲ ଯୋଜନାର ଉଦ୍ଦେଶ୍ୟ ଏବଂ କାର୍ଯ୍ୟକାରିତା ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ।

## ମଦ ବିରୋଧୀ ଆନ୍ଦୋଳନ ତେଜିଲା

ଯୋଡ଼ା, ୯।୯ (ଡି.ଏନ.ଏ.)


ମଦବିରୋଧୀ ଆନ୍ଦୋଳନରେ ଭାଗ ନେଇଥିବା ମହିଳାମାନେ।

କେନ୍ଦୁଝର ଜିଲା ବାମେବାରୀ ଥାନା ତଥା ଜଳହରି ପଞ୍ଚାୟତର ବିଭିନ୍ନ ଅଞ୍ଚଳରେ ଚୋରା ମଦ କାରବାର ଦିନକୁଦିନ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଜଳହରି ପଞ୍ଚାୟତରେ ଥିବା ୫୦ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀ ମିଳିତ ହୋଇ ଏକ ଗଜଲକ୍ଷ୍ମୀ ମହାସଂଘ ଗଠନ କରି ଅଞ୍ଚଳରେ ମଦମୁକ୍ତି ଅଭିଯାନ ପାଇଁ ଅଣ୍ଟା ଭିଡିଛନ୍ତି। ସାମବାର ପୂର୍ବାହ୍ନ ୧୧ଟାରେ ଜଳହରି ପଞ୍ଚାୟତ କାର୍ଯ୍ୟାଳୟଠାରେ ଶତାଧିକ ମହିଳା ସଂଗଠିତ ହୋଇ ମଦ ବିରୋଧୀ ଅଭିଯାନ ଶୋଭାଯାତ୍ରା କରିଥିଲେ। ଘରକୁ ଘର ଯାଇ ଚୋରା ମଦ ବିରୋଧୀ ଅଭିଯାନର ଉଦ୍ଦେଶ୍ୟ ସମ୍ପର୍କରେ ଲୋକଙ୍କୁ ସଚେତନ କରାଇଥିଲେ। ପୋଲିସ ମଧ ମହିଳାମାନଙ୍କ କହିବା ଅନୁଯାୟୀ ବିଭିନ୍ନ ଗଳି, ବସ୍ତିରେ ପଶି ଚଢାଉ କରିଥିଲା। ହେଲେ ମଦ ବ୍ୟବସାୟୀଙ୍କ ପାଖରୁ କୌଣସି କାରବାର ସମ୍ବନ୍ଧୀୟ ପ୍ରାମାଣିକ ତଥ୍ୟ ପାଇପାରି ନ ଥିବାରୁ କାହାକୁ ଗିରଫ କରି ନ ଥିଲା। ଗଜଲକ୍ଷ୍ମୀ ମହାସଂଘର ସଭାପତି ନାଗିନ୍ ମଞ୍ଜରୀ ମୁଣ୍ଡା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ଅଞ୍ଚଳରେ ନିଶା ଦ୍ରବ୍ୟ କାରବାରକୁ ରୋକିବା ପାଇଁ ପୂର୍ବରୁ ଏକ ସଚେତନତା ରାଲି କରାଯାଇଥିଲା। ଏହି ରାଲିରେ ଅଞ୍ଚଳର ମଦ ବ୍ୟବସାୟୀଙ୍କୁ ୧୫ ଦିନ ମଧ୍ୟରେ ନିଶା କାରବାରକୁ ବନ୍ଦ କରିବା ପାଇଁ ଚେତାବନୀ ଦେଇଥିଲେ। ଏହି ସମୟ ମଧ୍ୟରେ ମଦ କାରବାର ବନ୍ଦ ନ ହେବାରୁ ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଚମ୍ପୁଆ ଉପଜିଲାପାଳ ଓ ବଡବିଲ ଏସଡିପିଓଙ୍କୁ ଲିଖିତ ଭାବେ ଜଣାଇଥିଲେ। ତେବେ ଏହି ଅଭିଯାନ ପ୍ରତି ମାସରେ ଥରେ ପୋଲିସର ସହାୟତାରେ କରାଯିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

## ମେଧାବୃତ୍ତି ପରୀକ୍ଷାରେ ସୁଜଳଙ୍କ କୃତିତ୍ୱ


ଗଣଶିକ୍ଷା ମନ୍ତ୍ରୀ ସୁଜଳ କୁମାରଙ୍କୁ ପୁରସ୍କୃତ କରୁଛନ୍ତି।

ବଉଳା, ୯।୯(ଡି.ଏନ.ଏ.)

ହାଟଡିହୀ ବ୍ଲକ ହାଟଡିହି ହାଇସ୍କୁଲର ଦଶମ ଶ୍ରେଣୀ ଛାତ୍ର ସୁଜଳ କୁମାର ଶାସିନୀ ଓଷ୍ଟା ପକ୍ଷରୁ କରାଯାଇଥିବା ୧୮-୧୯ ବର୍ଷର ମେଧାବୃତ୍ତି ପରୀକ୍ଷାରେ ସେ କୃତକାର୍ଯ୍ୟ ହୋଇ ସମ୍ବର୍ଦ୍ଧିତ ହୋଇଛନ୍ତି। ଓଷ୍ଟା ପକ୍ଷରୁ ଗତ ୭ ତାରିଖରେ ଅନୁଷ୍ଠିତ ହୋଇଥିବା ଇନଷ୍ଟିଚ୍ୟୁଟ ଅଫ ଇଞ୍ଜିନିୟରିଂ ଭୁବନେଶ୍ୱରରେ କରାଯାଇଥିବା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ, ଓଷ୍ଟାର ରାଜ୍ୟ ସଭାପତି ବିନୋଦ ବିହାରୀ ପାଣିଗ୍ରାହୀ, ରାଜ୍ୟ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି ଓ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଛାତ୍ର ସୁଜଳ ପୁରସ୍କୃତ ହୋଇଥିଲେ। ଏହାକୁ ନେଇ ସୁଜଳର ପିତା ଶିକ୍ଷକ ଶରତ ଶାସିନୀ, ମା' ଲକ୍ଷ୍ମିପ୍ରିୟା ଶାସିନୀ ହାଟଡିହି ହାଇସ୍କୁଲରେ ପହଞ୍ଚି ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ କୃତଜ୍ଞତା ଜଣାଇଥିଲେ।

## ନାମଲେଖା ଚୟନକୁ ନେଇ କୁହୁଳୁଛି ଅସନ୍ତୋଷ

ଆନନ୍ଦପୁର,୯।୯(ସ୍ୱ.ପ୍ର.)



ଆନନ୍ଦପୁରରେ ନୂତନ ଭାବେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିଛି। ଚଳିତ ୨୦୧୯-୨୦ ଶିକ୍ଷାବର୍ଷରେ ଛାତ୍ରୀଛାତ୍ରଙ୍କ ନାମଲେଖା କାର୍ଯ୍ୟ ଶେଷ କରାଯାଇ ଶିଳାବସ୍ ଅନୁଯାୟୀ ପାଠପଢା କାର୍ଯ୍ୟ ଆରମ୍ଭ ହେବାକୁ ଯାଉଥିବାବେଳେ ସ୍ଥାନୀୟ ଅଭିଭାବକଙ୍କ ମହଲରେ ଅସନ୍ତୋଷ କୁହୁଳିବାରେ ଲାଗିଛି। କେନ୍ଦ୍ରୀୟ ସରକାରୀ ଓ ରାଜ୍ୟ ସରକାରୀ ଚାକିରିଆ କୋଟା ସିଟକୁ ବାଦ ଦେଇ ଅବଶିଷ୍ଟ ସିଟ୍ ପାଇଁ ଲଟେରି ମାଧମରେ ଶ୍ରେଣୀ ଅନୁସାରେ ଛାତ୍ରୀଛାତ୍ର ଚୟନ କରାଯାଇଥିଲା। ଲଟେରି ମାଧମରେ ହୋଇଥିବା ଚୟନ ପ୍ରକ୍ରିୟାକୁ ନେଇ ସ୍ଥାନୀୟ ଅଭିଭାବକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଆନନ୍ଦପୁର କେନ୍ଦ୍ରୀୟ ବିଦ୍ୟାଳୟ କର୍ତ୍ତୃପକ୍ଷ ଚୟନ ପ୍ରକ୍ରିୟାରେ ଚଞ୍ଚକତା କରିଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ସେହିଭଳି ଭିତିରିଆ ଭାବେ କେତେକ ପ୍ରଭାବଶାଳୀ ଅଭିଭାବକଙ୍କ ପିଲାମାନଙ୍କୁ ନାମଲେଖାଇବା ପାଇଁ ଚକ୍ରାନ୍ତ କରୁଥିବା ଆଲୋଚନା ହେଉଛି। ଆନନ୍ଦପୁରରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ହେବା ପାଇଁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବାପରେ ସ୍ଥାନୀୟ ଲୋକମାନେ ଏହାକୁ କିପରି ଶୀଘ୍ର କାର୍ଯ୍ୟକାରୀ କରାଯାଇପାରିବ ସେନେଇ ବହୁ ଉଦ୍ୟମ କରିଥିଲେ। ଚୟନ ପ୍ରକ୍ରିୟା ସଙ୍ଗଠନର ଗାଇଡଲାଇନ୍ ଅନୁଯାୟୀ ହେଉଥିବା ଆନନ୍ଦପୁର କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ଏସ.କେ. ସେଠୀ କହିଛନ୍ତି।

## ପାଣିରେ ପଡ଼ି ବୃଦ୍ଧ ମୃତ

ପାଟଣା, ୯।୯(ସ୍ୱ.ପ୍ର.)

ପାଟଣା ଥାନା ସାହରପଡା ନିକଟ ପାତ୍ର ସାହିର ବିଲ ମଝିରେ ଥିବାଏକ ଚୁଆ(ଗାଡ଼)ରେ ପଡି ଜଣେ ବୃଦ୍ଧଙ୍କର ଶନିବାର ପୂର୍ବାହ୍ନରେ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ନରସିଂହ ପାତ୍ର (୭୦)। ସୂଚନା ଅନୁଯାୟୀ ସୋମବାର ସକାଳୁ ସେ ବିଲ ମଝିରେ ଥିବା ଏକ ଚୁଆକୁ ଗାଧୋଇବା କୁ ପାଇଁ ଯାଇଥିବା ବେଳ ତାଙ୍କର ଗୋଡ଼ ଖସି ଯିବାରୁ ସେ ପାଣିରେ ବୁଡି ଯାଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ସାହାରପଡା ଫାଣ୍ଡି ପୋଲିସ ଓ ସାହାରପଡା ଅଗ୍ନିଶମ ବାହିନୀ ମୃତଦେହକୁ ଉଦ୍ଧାର କରିଥିଲେ। ଏନେଇ ପାଟଣା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

■ ତୃତୀୟ ଗ୍ରାମାଞ୍ଚଳ ଫୁଟବଲ ପ୍ରତିଯୋଗିତା

## ମାଷ୍ଟର ଇଲେଭେନ ଚାମ୍ପିୟନ

ଚମ୍ପୁଆ,୯।୯(ଡି.ଏନ.ଏ.)


ଅତିଥିଙ୍କ ଗହଣରେ ଚାମ୍ପିୟନ ଟିମ୍‌ର ଖେଳାଳି।

ଚମ୍ପୁଆ ଏନଏସି ଅନ୍ତର୍ଗତ ଗୋଧୂଳିଠାରେ ତୃତୀୟ ଗ୍ରାମାଞ୍ଚଳ ନକଆଉଟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତା ୨ଦିନ ଧରି ଅନୁଷ୍ଠିତ ହୋଇଥିଲା। ଝାଡ଼ଖଣ୍ଡ ଓ ଓଡିଶାରୁ ୧୬ ଗୋଟି ଦଳ ଏଥିରେ ଭାଗନେଇଥିଲେ। ଫାଇନାଲ ମ୍ୟାଚରେ ମାଷ୍ଟର ଇଲେଭେନ ଦଳ ନ୍ୟୁ ଷ୍ଟାର ରାମସାହି ଦଳକୁ-୧ ଗୋଲରେ ହରାଇ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନି ଉତ୍ସବରେ ମୁଖ୍ୟଅତିଥିଭାବେ ସାମାଜିକକର୍ମୀ ତଥା ପୂର୍ବତନ ଭାଜପା ଯୋଡା ନଗର ସଭାପତି ଚର୍ଚ୍ଚିଲ ମହାକୁଡ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଭାଜପା ସଂଖ୍ୟାଲଘୁ ସଭାପତି ମହତାବ ଆଲାମ, ବର୍ଷାରାଣୀ ନାଏକ ଓ ମନ ମିଶ୍ର ପ୍ରମୁଖ ଯୋଗ ଦେଇ ବିଜୟୀ ଦଳକୁ ୧୦ ହଜାର ଟଙ୍କା ଓ ଟ୍ରଫି, ରନର୍ସଅପ୍ ଦଳକୁ ୭ ହଜାର ଓ ଟ୍ରଫି ପ୍ରଦାନ କରିଥିଲେ। ଏହି ପ୍ରତିଯୋଗିତାକୁ ରେଫରି ଭାବେ ସନା ମୁଣ୍ଡା, ସୁରେଶ ନାଏକ, ସଞ୍ଜୟ ନାଏକ ପ୍ରମୁଖ ଖେଳ ପରିଚାଳନା କରିଥିବା ବେଳେ କମେଣ୍ଟେଟର ଭାବେ ଲାଲ ମୋହନ ନାଏକ ଓ ରାମଲାଲ ଗୋପ ଦାୟିତ୍ୱ ତୁଲାଇଥିଲେ। ଏହି ପ୍ରତିଯୋଗିତାକୁ କ୍ଲବ ସଭ୍ୟ ସମଲ ନାଏକ, ଜଗଦିଶ ନାଏକ, ପିଣ୍ଟୁ ନାଏକ, ପ୍ରମୁଖ ପରିଚାଳନା କରିଥିଲେ।

## ଚିଲ୍‌ଡ୍ରେନ ସ୍କୁଲ ବ୍ୟାଗ ପଲିସିକୁ ଅଣଦେଖା

ଚମ୍ପୁଆ, ୯।୯(ଡି.ଏନ.ଏ.)


ପିଲାମାନେ ଓଜନିଆ ବ୍ୟାଗ୍ ଧରି ସ୍କୁଲକୁ ଯାଉଛନ୍ତି।

ଚମ୍ପୁଆ ଓ ଯୋଡା ବ୍ଲକରେ ଚିଲଡ୍ରେନ ସ୍କୁଲ ବ୍ୟାଗ ପଲିସିକୁ ଅଣଦେଖା କରାଯାଉଥିବା ଦେଖିବାକୁ ମିଳୁଛି। ସରକାରୀ ବିଦ୍ୟାଳୟଠାରୁ ଆରମ୍ଭ କରି ବେସରକାରୀ ବିଦ୍ୟାଳୟଗୁଡ଼ିକ ଖୋଲା ଖୋଲି ଭାବେ ଏହି ନିୟମର ଉଲ୍ଲଂଘନ କରୁଥବା ବେଳେ ଏହାର ପ୍ରଭାବ ଛାତ୍ରୀଛାତ୍ରଙ୍କ ଉପରେ ପଡୁଛି। ନିୟମ ଲାଗୁହେବାର ଦୁଇମାସ ବିତିବାକୁ ବସିଥିବା ବେଳେ ସ୍କୁଲ କର୍ତ୍ତୃପକ୍ଷଙ୍କ ଉପରେ କୌଣସି ପ୍ରଭାବ ପକାଇ ନ ଥିବା ଏବଂ ଶିକ୍ଷାବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ସରକାରଙ୍କ ନିର୍ଦ୍ଦେଶନାମା ପରେ ଅଭିଭାବକ ମହଲରେ ଏହାକୁ ନେଇ ଖୁସିବ୍ୟକ୍ତ କରାଯାଇଥିଲେ ମଧ ବିଦ୍ୟାଳୟ କର୍ତ୍ତୃପକ୍ଷ ଏହାକୁ ପାଳନ କରୁ ନ ଥିବାରୁ ଅସନ୍ତୋଷ ବଢ଼ିବାରେ ଲାଗିଛି। ସୂଚନା ଅନୁସାରେ ଗତ ୮।୩।୨୦୧୯ରିଖରେ ସରକାରଙ୍କ ପକ୍ଷରୁ ବିଦ୍ୟାଳୟଗୁଡିକରେ ଛାତ୍ରୀଛାତ୍ରଙ୍କ ନିମିତ୍ତ ବ୍ୟବହାର କରାଯାଉଥିବା ସ୍କୁଲ ବ୍ୟାଗ ଗୁଡିକର ଓଜନ ଉପରେ ନିର୍ଦ୍ଦେଶ ଜାରି କରାଯାଇଥିଲା। କେଉଁ ଶ୍ରେଣୀ ପାଇଁ କେତେ ଓଜନ ରହିବ ସେବିଷୟରେ ସୂଚନା ଦିଆଯାଇ ତୁରନ୍ତ ଏହାକୁ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ କୌଣସି ଖିଲାପ କରାଗଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ରହିଛି। ମାତ୍ର ନିୟମ ନିୟମ ବାଟରେ ରହିଥିବା ବେଳେ ଚମ୍ପୁଆ ଓ ଯୋଡା ବ୍ଲକରେ ବିଦ୍ୟାଳୟଗୁଡିକ ଏହାକୁ ଖାତିର କରୁ ନ ଥିବା ଦେଖାଯାଇଛି। ପ୍ରତ୍ୟହ ଉଭୟ ବ୍ଲକରେ ଛାତ୍ରୀଛାତ୍ର ୫କେଜିରୁ ଅଧିକ ଓଜନର ବ୍ୟାଗ ଧରି ବିଦ୍ୟାଳୟଗୁଡିକୁ ଯାଉଛନ୍ତି। ଏ ସମ୍ପର୍କରେ ଯୋଡା ବ୍ଲକ ଦାୟିତ୍ୱରେ ଥିବା ଚମ୍ପୁଆ ବ୍ଲକ ଶିକ୍ଷା ଅଧିକାରୀ ଗୋବର୍ଦ୍ଧନ ନାଏକଙ୍କୁ ପଚାରିବାରୁ ବିଦ୍ୟାଳୟଗୁଡ଼ିକୁ ଛାତ୍ରୀଛାତ୍ର ବ୍ୟବହାର କରୁଥିବା ସ୍କୁଲ ବ୍ୟାଗର ଓଜନ ମଗାଯାଇଛି। ଯଦି ନିୟମରୁ ଅଧିକ ଓଜନ ବ୍ୟବହାର କରୁଥିବେ ତେବେ ସେଥିରୁ ନିବୃତ୍ତ ରହିବାକୁ କୁହାଯିବ। ନ ମାନିଲେ ବିଦ୍ୟାଳୟ ବିରୋଧରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ସରିଲା ଖୁଦୁରୁକୁଣୀ ପୂଜା

ରୂପ୍‌ସା, ୯।୯(ଡି.ଏନ.ଏ.): ବାଲେଶ୍ୱର ଜିଲା ରୂପ୍‌ସା ଥାନା ଗଡ଼ପଦା ପଞ୍ଚାୟତ ଅନ୍ତର୍ଗତ ନୀଳବାଡ଼ି ଗ୍ରାମରେ ରବିବାର ଖୁଦୁରୁକୁଣୀ ପୂଜା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଗାଁର ଯୁବତୀମାନେ ଏକମାସ ଧରି ବ୍ରତ ପାଳନ କରିଥିଲେ। ଶତାବ୍ଦୀ ଦାସ, ଦମୟନ୍ତୀ ଦାସ, କଲ୍ୟାଣୀ ପ୍ରଧାନ, ମନୋରମା ମହାନ୍ତି, ରଶ୍ମିତା ଜେନା ଓ ରଶ୍ମିତା ବାରିକଙ୍କ ତତ୍ତ୍ୱାବଧାନରେ ଶୀତଳାମଣ୍ଡପଠାରେ ଖୁଦୁରୁକୁଣୀଙ୍କ ପ୍ରତ୍ୟହ ଯଥାବିଧି ପୂଜାର୍ଚ୍ଚନା କରାଯାଇଥିଲା। ପୂଜକ ଲକ୍ଷ୍ମୀଧର ପତି ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ବ୍ରତଧାରୀମାନେ ଖୁଦୁରୁକୁଣୀ ଗୀତ ଆବୃତ୍ତି କରିଥିଲେ। ସେଠାରେ ସନ୍ଧ୍ୟା ଆଳତି କରାଯାଇ ଯଜ୍ଞରେ ଘୃତାହୁତି ଦିଆଯାଇଥିଲା। ମାନସିକ ପୂରଣ ପାଇଁ ଯୁବତୀମାନେ ଦେବୀଙ୍କଠାରେ ଭୋଗ ନୈବେଦ୍ୟ ଅର୍ପଣ କରିଥିଲେ। ଖୁଦୁରୁକୁଣୀ ପୂଜା କମିଟି ତରଫରୁ ଆୟୋଜିତ ଆନନ୍ଦବଜାରରେ ଗ୍ରାମବାସୀ ପ୍ରସାଦ ସେବନ କରିଥିଲେ।

### ସାମାଜିକ ସମୀକ୍ଷା, ଗ୍ରାମସଭା

ବାହାନଗା, ୯।୯(ଡି.ଏନ.ଏ.): ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ପଞ୍ଚାୟତରେ ସାମାଜିକ ସମୀକ୍ଷା ଓ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋପାଳପୁର ଅଞ୍ଚଳର ଅବସରପ୍ରାପ୍ତ କର୍ମଚାରୀ ମଞ୍ଚର ସମ୍ପାଦକ ଶଙ୍କର୍ଷଣ ଶିଅଳ ସଭାପତିତ୍ୱ କରିଥିଲେ। ଏଥିରେ ସରକାରଙ୍କ ବିଭିନ୍ନ ଯୋଜନା ବାବଦରେ ଲୋକଙ୍କୁ ଅବଗତ କରାଯାଇଥିଲା। ସାଧାରଣତଃ ଏମ୍‌ଜିଏନଆରଇଜିଏସ ଓ ଏନଏସଏପି(ଜାତୀୟ ସାମାଜିକ ସହାୟତା ପ୍ରୋଗାମ କାର୍ଯ୍ୟକ୍ରମ ) ଗୁଡିକର ସାମାଜିକ ସମୀକ୍ଷା କରାଯାଇଥିଲା। ପ୍ରକୃତ ହିତାଧିକାରୀମାନେ ଯଦି ଭତ୍ତା ପାଇନାହାନ୍ତି ତାହା ସଙ୍ଗେ ସଙ୍ଗେ କିପରି ପାଇବେ ସେ ବିଷୟରେ ଆଲୋଚନା କରାଯାଇଥିଲା। ପ୍ରଧାନମନ୍ତ୍ରୀ ଆବାସରେ ଯେଉଁମାନେ ଘର କରିଛନ୍ତି ସେମାନେ ଯଦି ଏମ୍‌ଜିଏନଆରଇଜିଏସ ବାବଦରେ ପାଇବାକୁ ଥିବା ଟଙ୍କା ପାଇନାହାନ୍ତି ତେବେ ଅଭିଯୋଗ କରିବା ପାଇଁ ଉପସ୍ଥିତ ହିତାଧିକାରୀମାନଙ୍କୁ କହିଥିଲେ।

■ ଉତ୍କଳ ପ୍ରଦେଶ ମାରୱାଡ଼ି ସମ୍ମେଳନର ବାର୍ଷିକ ଅଧିବେଶନ

# ଜନକଲ୍ୟାଣ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ

ବାଲେଶ୍ୱର ଅଫିସ, ୯।୯

ବାଲେଶ୍ୱର ବାଲିଆପ୍ଥିତ ମାହେଶ୍ୱରୀ ଭବନ ପରିସରରେ ଉତ୍କଳ ପ୍ରଦେଶ ମାରୱାଡ଼ି ସମ୍ମେଳନ ବାଲେଶ୍ୱର ଶାଖାର ସାଧାରଣ ପରିଷଦ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ମାରୱାଡ଼ି ସମ୍ମେଳନର ରାଜ୍ୟ ସଭାପତି ଅଶୋକ ଜାଲାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଜନକଲ୍ୟାଣ କାର୍ଯ୍ୟରେ ସଙ୍ଗଠନର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ।

ସଙ୍ଗଠନର ଜିଲା ସଭାପତି ରାଜେଶ କୁମାର ଖଣ୍ଡେଲୱାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଉପସଭାପତି ଶିବ କୁମାର ପୋଦାର, ସମ୍ପାଦକ ଧର୍ମେନ୍ଦ୍ର ପ୍ରସାଦ ମୋର, ବଲାଙ୍ଗୀର ଜିଲା ସଭାପତି ତଥା ଅଖିଳ ଭାରତୀୟ ମାରୱାଡ଼ି ସମ୍ମେଳନର ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଗୌରୀଶଙ୍କର ଅଗ୍ରୱାଲ, ବ୍ରଜରାଜନଗରର ଗୋବିନ୍ଦରାମ ଅଗ୍ରୱାଲ ପ୍ରମୁଖ ମଞ୍ଚାସୀନ ହୋଇ ବକ୍ତବ୍ୟ ଦେଇଥିଲେ। ପ୍ରକାଶ ପୋଦାର ମଞ୍ଚ ପରିଚାଳନା କରିଥିଲେ। ସଙ୍ଗଠନର ଉପଦେଷ୍ଟା ସୁଶୀଲ ରାଠୀ, ବିଷ୍ଣୁ ମୋର, ଜଗଦୀଶ ଖଣ୍ଡେଲୱାଲ, ନନ୍ଦ କିଶୋର ସରାୱଗୀ, ଦ୍ୱାରିକା ପ୍ରସାଦ ମୋର, ପରମାନନ୍ଦ ସାହା, ମୟୂର ସାହା, ଗିରିଧାରୀଲାଲ ପୋଦାର, ସୁଶୀଲ ଖୈତାନ୍ ପ୍ରମୁଖ ଯୋଗଦେଇ ସମାଜ ସଂସ୍କାର ସମ୍ପର୍କରେ କର୍ମକର୍ତ୍ତା ଓ ସଦସ୍ୟମାନଙ୍କୁ ବକ୍ତବ୍ୟରେ ପରାମର୍ଶ ଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ବ୍ୟକ୍ତିବିଶେଷ ଓ ସଙ୍ଗଠନମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମାରୱାଡ଼ି ଯୁବା ମଞ୍ଚ, ମାରୱାଡ଼ି ମହିଳା ସମିତି, ମାରୱାଡ଼ି ମହିଳା ମଣ୍ଡଳ, ମାରୱାଡ଼ି ଯୁବା ସମାଜ, ବ୍ରାହ୍ମଣ ସମାଜ, ସେବା ହିଁ ସେବା ଆଦି ସଙ୍ଗଠନ ସହିତ ହୋମଗାର୍ଡ଼ ଗୌରଗୋପାଳ ଜେନା, ସ୍ୱଚ୍ଛତା ପାଇଁ ସ୍ୱେଚ୍ଛାସେବୀ ଶେଖ ମନାନ, ସ୍ୱାସ୍ଥ୍ୟକର୍ମୀ ସରସ୍ୱତୀ ପାତ୍ର, ମାରୱାଡ଼ି ସମ୍ମେଳନର ଡା. ଅମିତ ପଟୱାରୀ, କିଷାସ ଗୋପାଳ ସାହାଦା, ସାହିଲ ଅଗ୍ରୱାଲ, ସନ୍ତୋଷ ମୋଦି, ନାରଦ ଅଗ୍ରୱାଲ, ମନୋଜ ପୋଦାର, ସୁଶୀଲ ଜାଲାନ, କ୍ରିତିକା ମୋର, ଜୟଶ୍ରୀ ଲଡ଼ନିଆ, ଦିଶା ଅଗ୍ରୱାଲ, ସ୍ୱାଥିକା ଅଗ୍ରୱାଲ ପ୍ରମୁଖଙ୍କୁ ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ମାରୱାଡ଼ି ସମାଜର ବହୁ ସଦସ୍ୟ ଏଥିରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।



ଉଲ୍ଲେଖନୀୟ ଅବଦାନ ଥିବା ବ୍ୟକ୍ତିବିଶେଷଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଉଛି।

# ଅମୃତ ବିନ୍ଦୁ, ୯୨ ୟୁନିଟ୍ ରକ୍ତ ସଂଗ୍ରହ



ଜଣେ ରକ୍ତଦାତାଙ୍କ ଗହଣରେ ଅତିଥିମାନେ।

ରୂପ୍‌ସା, ୯।୯(ଡି ଏନ ଏ)

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ରୂପ୍‌ସା ସତ୍ୟସାଇ ସେବା ସଙ୍ଗଠନ ଆନୁକୂଲ୍ୟରେ ରବିବାର ଅମୃତ ବିନ୍ଦୁ ରକ୍ତଦାନ ଶିବିର ଆୟୋଜିତ ହୋଇଛି। ଏଥିରେ ଆବାହକ ଭଗବାନ ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲଡ ବ୍ୟାଙ୍କ ଅଫିସର ଡ଼ା ମହେଶ କୁମାର ବିଶ୍ୱାଳ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ପ୍ରାକ୍ତନ ବିଇଓ ଜୟନ୍ତ କୁମାର ପାଣିଗ୍ରାହୀ, ଅଧ୍ୟାପକ ଗୌରାଙ୍ଗ ପଣ୍ଡା, ପ୍ରଧାନ ଶିକ୍ଷକ ପର୍ଶୁରାମ ବେହେରା, ପ୍ରାକ୍ତନ ଶିକ୍ଷକ ଉମେଶ ଚନ୍ଦ୍ର ନାୟକ, ଶିକ୍ଷକ ରାଜେନ୍ଦ୍ର ନାଥ ଖମାରି, ବିକାଶ ପରିଷଦର ସାଧାରଣ ସମ୍ପାଦକ ସୁଧାକର ଗିରି ପ୍ରମୁଖ ଯୋଗ ଦେଇଥିଲେ। ସିଆର୍‌ସିସି ମାୟାଧର ବେହେରା, ବିଶ୍ୱଜିତ ପଣ୍ଡା ଓ ଅଭିଷେକ ବଚନ ପ୍ରମୁଖ ରକ୍ତଦାତାଙ୍କ ନାମ ପଞ୍ଜୀକରଣ କରିଥିଲେ। ଷ୍ଟାଫ୍ ନର୍ସ ସ୍ୱାତୀ ସୁଚରିତା ରାଜ, ଟେକ୍ନିସିଆନ ବିଜୟ କୁମାର ପଟ୍ଟନାୟକ ଓ ବିନୋଦ ବିହାରୀ ଦାସ ପ୍ରମୁଖ ୯୨ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ। ପୂର୍ବତନ ଆବାହକ ପୂର୍ଣ୍ଣଚନ୍ଦ୍ର ସାହୁ, ବିଷ୍ଣୁପଦ ବେହେରା, ମନୋଜ କୁମାର ଦାସ, ବିଧାନ ରାୟ ଓ ନରେଶ କୁମାର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଙ୍ଗଠନର ସଦସ୍ୟା ଅର୍ଚ୍ଚନା ବେହେରା, ମୁଲତା ବେହେରା, ସନ୍ଧ୍ୟାରାଣୀ ନାୟକ, ସୁଲତା ସାହୁ ଓ ଗୌରୀମଣି ମିସ୍ତ୍ରି ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ଆୟୋଜିତ ହୋଇଥିଲା।

# ‘ସେବାମୂଳକ କାର୍ଯ୍ୟ ପାଇଁ ଆଗଭର ହୁଅ’




ମେଗା ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିରରେ ଜିଲାପାଳଙ୍କ ସହ ଅନ୍ୟମାନେ।

## ମେଗା ସ୍ୱାସ୍ଥ୍ୟ ଶିବିର

ବାଲେଶ୍ୱର ଅଫିସ, ୯।୯

ବାଲେଶ୍ୱର ଲାୟନ୍ସ କ୍ଲବ ଉମଙ୍ଗ ଓ ସିଂହବାହିନୀ ଯୁବ ପରିଷଦର ମିଳିତ ସହଯୋଗରେ ସୁନହଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିବା ସହ ଦୁଇ ସଙ୍ଗଠନର ପ୍ରୟାସକୁ ପ୍ରଶଂସା କରିଥିଲେ। କେବଳ ସରକାରୀ ବ୍ୟବସ୍ଥାକୁ ଅପେକ୍ଷା ନ କରି ସାମାଜିକ ଦାୟିତ୍ୱବୋଧତା ଭାବେ ଅନ୍ୟାନ୍ୟ ସଙ୍ଗଠନମାନେ ମଧ୍ୟ ଏଭଳି ସେବାମୂଳକ କାର୍ଯ୍ୟ ପାଇଁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ।

ସାମାଜିକ କର୍ମୀ ସୁବାସିନୀ ଜେନା ଅତିଥି ଭାବେ ଯୋଗଦେଇ ସ୍ୱାସ୍ଥ୍ୟସେବାକୁ ତୃଣମୂଳସ୍ତରରେ ପହଞ୍ଚାଇବା ପାଇଁ ଲାୟନ୍ସ କ୍ଲବ ଉମଙ୍ଗ ଓ ସିଂହବାହିନୀ ଯୁବ ପରିଷଦର ଉଦ୍ୟମ ବାସ୍ତବିକ୍ ପ୍ରଶଂସନୀୟ ବୋଲି କହିଥିଲେ। ଲାୟନ୍ସ କ୍ଲବ ଉମଙ୍ଗର ସଭାପତି ରଶ୍ମିତା ବିଶ୍ୱାଳ ଉପସ୍ଥିତ ରହି ଲାୟନ୍ସ କ୍ଲବ ପକ୍ଷରୁ ନିୟମିତ ବ୍ୟବଧାନରେ ଏଭଳି ସମାଜ ଗଠନ ମୂଳକ କାର୍ଯ୍ୟକ୍ରମ ଆୟୋଜିତ ହେଉଛି ବୋଲି କହିଥିଲେ। ଡା. ସୁଜାତା ସରାୱଗୀ, ଡା. ସୁଶାନ୍ତ ମହାରଣା, ଡା. ଦେବୀପୁଷ୍ପା ମହାନ୍ତି ପ୍ରମୁଖ ଚିକିତ୍ସକମାନେ ଶିବିରକୁ ଆସୁଥିବା ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଚିକିତ୍ସା ଲାଗି ପରାମର୍ଶ ଦେଇଥିଲେ। ଲାୟନ୍ସ କ୍ଲବ ଉମଙ୍ଗର ସମ୍ପାଦିକା ବନ୍ଦନା ମହାପାତ୍ରଙ୍କ ସମେତ ଦୀପ୍ତି ଦାସ, ସଂଘମିତ୍ରା ମହାନ୍ତି, ସୁମିତା ଦତ୍ତ, ଗିରିଜା ମିଶ୍ର, ସରୋଜିନୀ ଦାସ ଓ ସିଂହବାହିନୀ ଯୁବ ପରିଷଦର ଚିନ୍ମୟ ବିଶ୍ୱାଳ, ସନ୍ଦୀପ୍ତ ଦାସ, ସାହିରୁଲ ହକ୍, ସୁବ୍ରତ ଦାସ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

# ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ଶୈକ୍ଷିକ କାର୍ଯ୍ୟକ୍ରମ

ସୋର, ୯।୯(ଡି.ଏନ.ଏ.)

ସୋର ୟୁଏନ୍ କଲେଜ ପରିସରରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ନବାଗତ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଶୈକ୍ଷିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି ମୁକ୍ତ ବିଶ୍ୱବିଦ୍ୟାଳୟର ଏକ ଶିକ୍ଷାକେନ୍ଦ୍ର ଭାବେ ସୋର କଲେଜ ମାନ୍ୟତା ପାଇଥିବା ବେଳେ ଆଜିର କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଶ୍ରୀକାନ୍ତ ଜେନାଙ୍କ ପରାମର୍ଶରେ କେନ୍ଦ୍ର ସଂଯୋଜକ ପ୍ରାଧ୍ୟାପକ ଦିଲୀପ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ମୁକ୍ତ ବିଶ୍ୱବିଦ୍ୟାଳୟର ଉତ୍ତର ଓଡ଼ିଶା ରିଜିଅନ୍ ହେଡ୍ ବବେଶ କୁମାର ମହାନ୍ତି, ଶୈକ୍ଷିକ ପରାମର୍ଶଦାତା ଗୌରୀଶଙ୍କର ଘଡାଇ, ପ୍ରାଧ୍ୟାପିକା ବିଜ୍ଞାନଦର୍ଶିନୀ ମହାପାତ୍ର, ପ୍ରାଧ୍ୟାପକ ଡ. ରବୀନ୍ଦ୍ର ବିହାରୀ, ଉମାକାନ୍ତ ମଲ୍ଲିକ ପ୍ରମୁଖ ଯୋଗଦେଇ ମୁକ୍ତ ବିଶ୍ୱବିଦ୍ୟାଳୟର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନେଇ ବକ୍ତବ୍ୟ ରଖିଥିଲେ। ଶିକ୍ଷାକେନ୍ଦ୍ରର ସହ ସଂଯୋଜକ ସୂର୍ଯ୍ୟକାନ୍ତ ମିଶ୍ର ଓ ରାଧାଶ୍ୟାମ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ମୟୂରଭଞ୍ଜ

# ବିଜୟରାମଚନ୍ଦ୍ରପୁରରେ କେମ୍ବ୍ରିଜ ସ୍ମାର୍ଟ ସ୍କୁଲ୍ ଉଦ୍‌ଘାଟିତ



ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି ବିଦ୍ୟାଳୟକୁ ଉଦ୍‌ଘାଟନ କରୁଛନ୍ତି।

ବାରିପଦା ଅଫିସ, ୯।୯

ବାରିପଦା ସହର ବିଜୟରାମଚନ୍ଦ୍ରପୁରଠାରେ ଏକ ସମ୍ପୂର୍ଣ୍ଣ କମ୍ପ୍ୟୁଟରୀକରଣ ବିଦ୍ୟାଳୟ କେମ୍ବ୍ରିଜ ସ୍ମାର୍ଟ ସ୍କୁଲ୍ ଉଦ୍‌ଘାଟିତ ହୋଇଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁଦାମ ମାରାଣ୍ଡି ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ସହିତ ବାରିପଦା ସହରର ପ୍ରଥମ ସମ୍ପୂର୍ଣ୍ଣ କମ୍ପ୍ୟୁଟରୀକରଣ ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ଅଧ୍ୟୟନ ଇତିହାସରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବ ବୋଲି କହିଥିଲେ। ସେହିପରି ବିଦ୍ୟାଳୟ ପରିସରରେ ଚାରାରୋପଣ କରି ପରିବେଶକୁ ସବୁଜ ସୁନ୍ଦର କରିବାକୁ ମନ୍ତ୍ରୀ ମାରାଣ୍ଡି ପରାମର୍ଶ ଦେଇଥିଲେ। ଏହି ବିଦ୍ୟାଳୟର ସମସ୍ତ ଶ୍ରେଣୀଗୃହଗୁଡିକ ଶୀତତାପ ନିୟନ୍ତ୍ରିତ ହୋଇଛି। ବିସ୍ତୀର୍ଣ୍ଣ ଖେଳପଡିଆ,ସନ୍ତରଣ ଶିଖିବା ସହିତ କଳା, ସଙ୍ଗୀତ, ନୃତ୍ୟ ଓ ବ୍ୟକ୍ତିତ୍ୱ ବିକାଶ ନିମନ୍ତେ ସ୍ୱତନ୍ତ୍ର ପାଠ୍ୟକ୍ରମ ରହିଛି। ରାଜ୍ୟ ସରକାରଙ୍କ ନିୟମ ମୁତାବକ ଏଠାରେ ଛାତ୍ରୀଛାତ୍ରମାନଙ୍କ ବ୍ୟାଗର ଓଜନକୁ କମ୍ କରାଯାଇ ସମ୍ପୂର୍ଣ୍ଣ ଇଂଲିଶ ମାଧ୍ୟମରେ ଶିକ୍ଷାଦାନର ବ୍ୟବସ୍ଥା କରାଯାଇଛି। ବର୍ତ୍ତମାନ ଏଠାରେ ନର୍ସରୀଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ଅଧ୍ୟୟନ କରିପାରିବେ। ପରେ ଏହାକୁ ସମ୍ପ୍ରସାରଣ କରାଯାଇ ଦଶମ ଶ୍ରେଣୀ ପର୍ଯ୍ୟନ୍ତ କରାଯିବ ବୋଲି ବିଦ୍ୟାଳୟ ପରିଚାଳନା ନିର୍ଦ୍ଦେଶକ ଅସିତ କୁମାର ଗିରି ସୂଚନା ଦେଇଛନ୍ତି।

# ନୁଦଡ଼ିହାରେ ସାମାଜିକ ସମୀକ୍ଷା ବୈଠକ

କପ୍ତିପଦା,୯।୯(ଡି.ଏନ.ଏ)

କପ୍ତିପଦା ବ୍ଲକ୍ ନୁଦଡ଼ିହା ପଞ୍ଚାୟତରେ ସାମାଜିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ କାହ୍ନୁଚରଣ ସୋରେନ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କପ୍ତିପଦା ବିଡ଼ିଓ ରବୀନ୍ଦ୍ର ମଲ୍ଲିକ ଏବଂ କନିଷ୍ଠ ଯନ୍ତ୍ରୀ ସଞ୍ଜୟ କୁମାର ପଡ଼ିଆରୀ ପ୍ରମୁଖ ଯୋଗ ଦେଇଥିଲେ। ବିଶେଷ କରି ଏମ୍‌ଜିଏନ୍‌ଆରଜିଏ ଯୋଜନାରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡ଼ିକର ସମୀକ୍ଷା ସମ୍ପର୍କରେ ଭିଆର୍‌ପିମାନେ ସୂଚନା ଦେଇଥିଲେ। ଗ୍ରାମବାସୀମାନେ ଏହି ଯୋଜନାରେ ପ୍ରକଳ୍ପଗୁଡ଼ିକରେ କାର୍ଯ୍ୟକାରୀ କରିଥିବା ଶ୍ରମିକମାନଙ୍କର ଠିକ୍ ଭାବରେ ପ୍ରାପ୍ୟ ମିଳୁ ନ ଥିବାରୁ ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ବିଡ଼ିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଡ଼ିଓ ମଲ୍ଲିକ ଖୁବଶୀଘ୍ର ଏହି ସମସ୍ୟାର ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ପଞ୍ଚାୟତର ସମସ୍ତ ୱାର୍ଡ଼ସଭ୍ୟ, ଭିଆର୍‌ପି କବିତା ମଲ୍ଲିକ୍, ଭାରତୀ ସେଠୀ ପ୍ରମୁଖ ଯୋଗ ଦେଇଥିଲେ।

# ରାସ୍ତାକାମ ନିମ୍ନମାନର, ପ୍ରତିକାର ନାହିଁ

କପ୍ତିପଦା, ୯।୯(ଡି.ଏନ୍.ଏ)

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ ଅଧୀନ ମହିଁଷାସୁରୀ ଛକରୁ ପଦ୍ମପୋଖରୀ ଦୀର୍ଘ ୧୯କି.ମି. ରାସ୍ତା ନିର୍ମାଣ କାମ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର ଯୋଗୁ କେତେକ ସ୍ଥାନରେ ରାସ୍ତା ଦବି ଯାଇଥିବା ବେଳେ ଆଉ କେତେକ ସ୍ଥାନରେ କାମ ହେବାର ମାସେ ନ ଯାଉଣୁ ପିଚୁ ଉଠି ଖାଲଖମାରେ ପରିପୂର୍ଣ୍ଣ ହୋଇଛି। ବିଭାଗ ପକ୍ଷରୁ ଏହାର ଯାଞ୍ଚ କରାଯାଉ ନ ଥିବାରୁ ସ୍ଥାନୀୟ ମଝିଗଡିଆ ଓ ଗେଣ୍ଡଗଡିଆ ଗ୍ରାମବାସୀଙ୍କ ପକ୍ଷରୁ ୱାର୍ଡମେମ୍ବର ରତ୍ନାକର ରାଉତ, ନରେନ୍ଦ୍ର ଲେଙ୍କା, ଅଞ୍ଜନ କୁମାର ମହାନ୍ତି, ଶ୍ରୀକାନ୍ତ ରାଉତ, ଜୟନ୍ତ କୁମାର ଲେଙ୍କା, ଉମାକାନ୍ତ ରାଉତ ପ୍ରମୁଖ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନାହିଁ । ଏହାର ଉଚ୍ଚସ୍ତରୀୟ ତଦନ୍ତ ନ ହେଲେ ଲୋକେ ନୀରବ ହୋଇ ବସିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ଉଲ୍ଲେଖନୀୟ ଯେ, କେନ୍ଦ୍ର ସରକାରଙ୍କ ୬୦ ଓ ରାଜ୍ୟ ସରକାରଙ୍କ ୪୦ ପ୍ରତିଶତ ଅନୁଦାନରେ ଉକ୍ତ ରାସ୍ତା ନିର୍ମାଣ ଲାଗି ୬ କୋଟି ୬୯ଲକ୍ଷ ବ୍ୟୟ ଅଟକଳ କରାଯାଇଛି । ୨୦୧୬ ଡିସେମ୍ବର ୨ ତାରିଖରୁ କାମ ଆରମ୍ଭ ହୋଇ ୨୦୧୭ ସେପ୍ଟେମ୍ବର ୧ ତାରିଖ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଥିବା ସୂଚନା ଫଳକରୁ ଜଣାପଡିଛି । ଏହାମଧ୍ୟରେ ୨ ବର୍ଷ ବିତିଥିଲେ ବି ଅନେକ କାମ ହୋଇ ନ ଥିବା ଗ୍ରାମବାସୀ ଦର୍ଶାଇଛନ୍ତି । ବିଶେଷକରି ଏହି ରାସ୍ତାର ଭେଜଡିହା, ଛତ୍ରାଆମ୍ବ, ରାଇପାଳ ଓ ପଦ୍ମପୋଖରୀ ଗ୍ରାମ ନିକଟରେ ପିଚୁ ଉଠି ରାସ୍ତା ପୂର୍ବ ଅପେକ୍ଷା ଅଧିକ ଖରାପ ହୋଇପଡିଛି । ଗେଣ୍ଡାଗଡିଆ, ଆଦରପଦା, ପୁରୁଣା ପାଣି ଓ ଟୋଲଗଡିଆ ନିକଟରେ କାମ ଆଦୌ ହୋଇ ନାହିଁ । ଏଭଳି ଅଭିଯୋଗ ସମ୍ପର୍କରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ସୁକାନ୍ତ ବେହେରାଙ୍କୁ ପଚାରିବାରୁ ରାସ୍ତାକାମର ଅନୁଧ୍ୟାନ କରାଯାଇ ନିର୍ମାଣ କାମରେ କୌଣସି ଅବହେଳା ହୋଇଥିଲେ, କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି।



ଟୁଲୁଙ୍ଗବାହାଲି ନିକଟରେ ନିମ୍ନମାନର ରାସ୍ତା।

# ଦେଶ୍ କରମ୍ ପରବ: ଝୁମର, ଛଉନୃତ୍ୟ ମନ ମୋହିଲା

ଯଶିପୁର,୯।୯(ଡି.ଏନ.ଏ.)

‘ଦେଶ୍ କରମ୍ ପରବ୍ ଓଡ଼ିଶା–୨୦୧୯’ ର ଆୟୋଜନ ଯୋଗୁ ପରିବେଶ ଉତ୍ସବମୁଖର ହୋଇଉଠିଛି। ୫ମ ସନ୍ଧ୍ୟାରେ ଯାଓ୍ୱା ପରିକ୍ରମଣ ସହ ନାଚଗୀତ ପରିବେଷଣ କରାଯାଇଥିଲା। ଏଥିରେ ବହୁ ସଂଖ୍ୟାରେ ମହିଳାମାନେ ଯୋଗ ଦେଇଥିଲେ। ଶେଷରେ ଝୁମର, ଛଉନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା।

ଶନିବାର କାର୍ଯ୍ୟକାରୀ ସଭାପତି ମଙ୍ଗୁଲୁରାମ ମହାନ୍ତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ବରିଷ୍ଠ ପ୍ରବନ୍ଧକ ଏମ୍‌ଏମ୍‌ଟିସିର ଧନେଶ୍ୱର ମହାନ୍ତ ମୁଖ୍ୟବକ୍ତା ଭାବେ ଯୋଗଦେଇ କୁଡୁମୀ ସମ୍ପ୍ରଦାୟର ସଂସ୍କୃତି, ପରମ୍ପରା ଓ ରୀତିନୀତି ଉପରେ କୁଡୁମାଲି ଭାଷାରେ ଆଲୋକପାତ କରିଥିଲେ । ପ୍ରଥମ ଶ୍ରେଣୀ ଅଧିକାରୀ ଗହ୍ଳା ମହାନ୍ତ ମୁଖ୍ୟ ଅତିଥି ଏବଂ ଇଂ. ରଘୁନାଥ ମହାନ୍ତ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସଭାକାର୍ଯ୍ୟ ପରେ ପୁରୁଲିଆ ଓ ଏକତାଳୀ ଗ୍ରାମର ଛଉନୃତ୍ୟ ଓ ରଣଜିତ ମହାନ୍ତଙ୍କ ଝୁମର ନୃତ୍ୟ ପରିବେଷଣ କରାଯାଇଥିଲା। ଇଂ. ବିଦ୍ୟାଧର ମହାନ୍ତ, ରମାକାନ୍ତ ମହାନ୍ତ, ଛତ୍ରଧର ମହାନ୍ତ, ହେମାଙ୍ଗିନୀ ମହାନ୍ତ, ମାଧବୀ ମହାନ୍ତ, ଅଷ୍ଟମୀ ମହାନ୍ତ, ସତ୍ୟଭାମା ମହାନ୍ତ, ଦେବେନ୍ଦ୍ର ନାଥ ମହାନ୍ତ ପ୍ରମୁଖ ବିଭିନ୍ନ ଦିନର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରାଇରଙ୍ଗପୁର ଦେଶ କରମ ପରବ କମିଟିର ସମସ୍ତ କାର୍ଯ୍ୟକର୍ତ୍ତା ଓ ସଦସ୍ୟ ଏଥିରେ ସହଯୋଗ କରିଥିଲେ। ଆସନ୍ତା ଭାଦ୍ରବ ଏକାଦଶୀ ଦିନ କରମ ରାଜାଙ୍କ ପୂଜା କରାଯିବ ବୋଲି ସମିତି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

## ଅବହେଳିତ ବାବା କଖାରୁଆ ବୈଦ୍ୟନାଥ ପୀଠ

# ସୌନ୍ଦର୍ଯ୍ୟ ଅଛି, ବିକାଶ ନାହିଁ




■ ପର୍ଯ୍ୟଟନସ୍ଥଳୀର ମାନ୍ୟତା ମିଳିଛି, ଉନ୍ନତୀକରଣ ନାହିଁ

■ ପୀଠକୁ ଲମ୍ବିଥିବା ରାସ୍ତା ଶୋଚନୀୟ, ପାନୀୟଜଳ ସଙ୍କଟ

ବଡ଼ସାହି,୯।୯(ସ୍ୱ.ପ୍ର.)

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ମାଣତ୍ରୀଠାରେ ବହୁ ପୁରାତନ ପ୍ରସିଦ୍ଧ ଶୈବପୀଠ ବାବା କଖାରୁଆ ବୈଦ୍ୟନାଥ ମନ୍ଦିର ଅବସ୍ଥିତ। ଐତିହ୍ୟପୂର୍ଣ୍ଣ ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଆଧାତ୍ମିକ ପରିବେଶ ପାଇଁ ଏହି ପୀଠ ଶ୍ରଦ୍ଧାଳୁ ତଥା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ । ବିଶେଷକରି ମହାଶିବରାତ୍ରି ଓ କାର୍ତ୍ତିକ ପୂର୍ଣ୍ଣିମାରେ ଏଠାରେ ଲକ୍ଷାଧିକ ଭକ୍ତଙ୍କ ଭିଡ଼ ଜମିଥାଏ। ବଡସାହି, ବେତନଟୀ ଓ ବୈଁଶିଙ୍ଗାଠାରୁ ଯଥାକ୍ରମେ ୧୨ କି.ମି. ଦୂରରେ ଅବସ୍ଥିତ ଏହି ପୀଠର ସୌନ୍ଦର୍ଯ୍ୟତା ଥିବା ବେଳେ ଦୂରଦୂରାନ୍ତରୁ ଆସୁଥିବା ଭକ୍ତମାନଙ୍କ ପାଇଁ ଆବଶ୍ୟକ ସୁବିଧା ନ ଥିବାରୁ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ୨୦୦୭ରୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ମିଳିଥିଲେ ମଧ୍ୟ ଉନ୍ନତୀକରଣ ପାଇଁ ବିଭାଗ ପକ୍ଷରୁ ତ୍ୱରିତ ପଦକ୍ଷେପ ନିଆଗଲେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ଘଟନ୍ତା । ପୁରାଣବର୍ଣ୍ଣିତ ବିଭିନ୍ନ ତଥ୍ୟ ସହିତ ଜଡିତ ରାଜରାଜୁଡା ଅମଳରୁ ନିର୍ମାଣ ହୋଇଥିବା ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବ ପୀଠ ତିନିମାଣ ଜମି ଉପରେ ଅବସ୍ଥିତ। ମନ୍ଦିରକୁ ଲାଗି ରହିଛି ଗଙ୍ଗାହାର ନଦୀର ଅଂଶ ଏକ ଜଳାଶୟ(କୁଣ୍ଡି) । କଥିତ ଅଛି ଯେ, କୁଣ୍ଡି ସଂଲଗ୍ନ କଖାରୁ ଗଛମୂଳରୁ ଶିବଲିଙ୍ଗ ମିଳିଥିଲା। ୧୪୦୦ଖ୍ରୀଷ୍ଟାବ୍ଦରେ ପଶ୍ଚିମ ଦେଶର ଗଜପତି ବଂଶର ରାଜା ଏଠାରେ ମନ୍ଦିର ନିର୍ମାଣ କରିଥିଲେ । ଚର୍ତୁପାର୍ଶ୍ୱରେ ଗଡ ପରିକ୍ରମା ବେଢା ସାଙ୍ଗକୁ ଉଚ୍ଚ ନହବତ ବାଦ୍ୟ ଗୃହ ନିର୍ମାଣ ମଧ୍ୟଯୁଗୀୟ ଚିନ୍ତାଧାରାର କଳାକୃତି ଏଠାରେ ଦେଖିବାକୁ ମିଳେ । ମନ୍ଦିରର ଉଚ୍ଚତା ୬୩ ଫୁଟ ୬ଇଞ୍ଚ ଥିବା ବେଳେ ମନ୍ଦିର ମଧ୍ୟରେ ଅଷ୍ଟଦଳ ପଦ୍ମଯୁକ୍ତ ସୂର୍ଯ୍ୟ ମଣ୍ଡଳ ଓ କୋଣାର୍କ ମନ୍ଦିର ଶୈଳୀରେ ସୂର୍ଯ୍ୟନାରାୟଣଙ୍କ ବିଗ୍ରହ ବିଦ୍ୟମାନ। କଳାପାହାଡ ଆକ୍ରମଣର ଚିହ୍ନ ମନ୍ଦିରରେ ଥିବା ଭଗ୍ନ ମୂର୍ତ୍ତି ଓ ସୁରକ୍ଷା ପଦ୍ଧତିରୁ ଯେ କେହି ବାରିପାରିବ । ମନ୍ଦିରର ରକ୍ଷଣାବେକ୍ଷଣ, ପରିଚାଳନା, ପୂଜାନୀତି ଓ ପର୍ବପର୍ବାଣି ପାଇଁ ତତ୍କାଳୀନ ମୟୂରଭଞ୍ଜ ରାଜା ୧୩ ଶହ ଏକର ଜମି ଜାଗିରି ଭାବେ ଖଞ୍ଜି ୭୪ ଜଣ ସେବାୟତଙ୍କୁ ନିଯୁକ୍ତ କରିଛନ୍ତି । ୧୨ ମାସରେ ୧୩ ପର୍ବ ପାଳିତ ହେଉଥିବା ବେଳେ ଏହି ପୀଠ ଚଳଚଞ୍ଚଳ ହୋଇଉଠେ । ଶିବରାତ୍ରି ଦିନ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେଉଥିବା ବେଳେ ୧୫ଦିନ ଧରି ମେଳା ଚାଲୁ ରହେ। ବର୍ଷସାରା ଦୂରଦୂରାନ୍ତରୁ ବହୁ ପର୍ଯ୍ୟଟକ ଏହି ମନ୍ଦିରକୁ ବୁଲିବାକୁ ଆସନ୍ତି। ମନ୍ଦିରକୁ ଘେରି ରହିଥିବା ୧୫ଫୁଟ ଉଚ୍ଚତାର ବେଢା ଚାରିପଟେ ଭକ୍ତମାନେ ବୁଲି ମନ୍ଦିରର ଚତୁଃପାର୍ଶ୍ୱର ପ୍ରାକୃତିକ ପରିବେଶକୁ ମନଭରି ଉପଭୋଗ କରିଥାନ୍ତି । ପିକ୍‌ନିକ୍ ଋତୁରେ ପର୍ଯ୍ୟଟକମାନେ ଏହି ପୀଠକୁ ଆସି ଦେବ ଦର୍ଶନ କରିବା ସହ ମନ୍ଦିରକୁ ଲାଗି ରହିଥିବା ଆମ୍ବ ବଗିଚା ଓ କୁଣ୍ଡିରେ ପିକ୍‌ନିକ୍ କରି ଆନନ୍ଦିତ ହୋଇଥାନ୍ତି । ତେବେ ମାନସିକ ପୂରଣ ପାଇଁ ଦୂରରୁ ଆସୁଥିବା ଭକ୍ତ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମେଳା ପରିସରରେ ମାତ୍ର ୨ଟି ନଳକୂଅ ଥିବାରୁ ପର୍ଯ୍ୟାପ୍ତ ପରିମାଣର ପାଣି ମିଳୁ ନ ଥିବାରୁ ପାନୀୟଜଳର ସଙ୍କଟ ବଢିଥାଏ। ମାଣତ୍ରୀ ଛକ ଠାରୁ ମନ୍ଦିର ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱ ଡ୍ରେନର ବ୍ୟବସ୍ଥା ହୋଇ ନ ଥିବାରୁ ରାସ୍ତା ଉପରେ ନର୍ଦ୍ଦମା ପାଣିର ସୁଅ ଛୁଟିଥାଏ ବୋଲି ଗ୍ରାମର ସୁରେଶ ଚନ୍ଦ୍ର ପତି ପ୍ରକାଶ କହିଛନ୍ତି । ସେହିପରି ମନ୍ଦିର ପରିସରରେ ହାଇମାଷ୍ଟ ଲାଇଟର ବ୍ୟବସ୍ଥା, ଡ୍ରେନେଜ ବ୍ୟବସ୍ଥା ସହିତ ଆମ୍ବ ବଗିଚାକୁ ସ୍ୱତନ୍ତ୍ର ପାର୍କ ତିଆରି କରିବା ପାଇଁ ଜିଲାପାଳ ଦୃଷ୍ଟି ଦେବାକୁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ବାରମ୍ବାର ଅଭିଯୋଗ ହୋଇଆସୁଛି। କୁଣ୍ଡିରେ ଉଭୟ ପାର୍ଶ୍ୱକୁ ପଥର ପ୍ୟାକିଂ କରି ବୋଟିଂ ବ୍ୟବସ୍ଥା ସହିତ ଏକ ଝୁଲା ପୋଲ ନିର୍ମାଣ ହୋଇପାରିଲେ କୁଣ୍ଡିର ଅପରପାର୍ଶ୍ୱକୁ ଯିବାଆସିବା କରିବା ସହିତ ପାରିପାର୍ଶ୍ୱିକ ଶୋଭା ବୃଦ୍ଧି ପାଆନ୍ତା ବୋଲି ସିଂହଟିଆ ଗ୍ରାମର ଭକ୍ତ ସଦାନନ୍ଦ ଦଣ୍ଡପାଟ ପ୍ରକାଶ କରିଛନ୍ତି । ବଡସାହି, ବେତନଟୀ, ବୈଁଶିଙ୍ଗା ଓ ମାଣତ୍ରୀ ଛକରେ ସ୍ଥାୟୀ ସ୍ୱାଗତ ତୋରଣ ନିର୍ମାଣ କରିବା ସହିତ ମନ୍ଦିର ପରିସରରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କଲେ ଭକ୍ତଙ୍କ ଭିଡ଼ ଲାଗି ରହିବ ବୋଲି କୁହନ୍ତି, ମନ୍ଦିର ପରିଛା ପ୍ରଦୀପ କୁମାର ପଣ୍ଡା। ସେହିପରି ପୀଠର ପାରିପାର୍ଶ୍ୱିକ ଉନ୍ନତି କରିବା ସହ ସମସ୍ତ ସୁବିଧା ସୁଯୋଗର ବ୍ୟବସ୍ଥା କରାଗଲେ ବିଦେଶୀ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଯାଆନ୍ତା ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି।



ସୌନ୍ଦର୍ଯ୍ୟ

# ହୋମ୍‌ମେଡ୍ ଫେସ୍‌ୱାଶ୍

ମୁହଁ ଫ୍ରେଶ୍ ଓ ସୁନ୍ଦର ଦେଖାଯିବାକୁ ହେଲେ ମହିଳା କେତେକ'ଣ ଉପାୟ ଆପଣାଇଥାନ୍ତି। କିନ୍ତୁ ଆପଣ ଜାଣିଛନ୍ତି କି ଏହି କେମିକାଲ୍ ଫେସ୍‌ୱାଶ ବ୍ୟବହାର କରିବା ଦ୍ୱାରା ତ୍ୱଚା ଲାଗି ଏହା କ୍ଷତିକାରକ ହୋଇଥାଏ। ଏଥିପାଇଁ ଆପଣ କିଛି ଘରୋଇ ଉପଚାର ଆପଣାଇବା ଦ୍ୱାରା ଏହା ତ୍ୱଚାର କୌଣସି କ୍ଷତି କରି ନ ଥାଏ। ଜାଣନ୍ତୁ ଏ ସମ୍ପର୍କରେ....

**ଲେମ୍ବୁ ଓ ମହୁ ଫେସ୍‌ୱାଶ୍**

ମହୁ ଓ ଲେମ୍ବୁ ତ୍ୱଚା ପାଇଁ ଏକ ଆଣ୍ଟିସେପ୍ଟିକ୍ ଏବଂ ମଶ୍ଚରାଇଜର ପରି କାମ କରିଥାଏ। ଏହା ମୃତ କୋଶକୁ ଦୂର କରିଥାଏ। ଦୁଇଚାମଚ ମହୁରେ ଏକ ଚାମଚ ଲେମ୍ବୁ ରସକୁ ମିଶାଇ ମୁହଁରେ ଲଗାନ୍ତୁ। ଏହାକୁ ପ୍ରଥମେ ହାତ ପାପୁଲିରେ ରଖି ମୁହଁ ଓ ବେକରେ ଲଗାନ୍ତୁ। ଏହା ଶୁଖିଗଲା ପରେ ନଖ ଉଷୁମ ପାଣିରେ ଧୋଇ ଦିଅନ୍ତୁ।

**ଆଲୋଭେରା ଫେସ୍‌ୱାଶ**

ଏକ ପାତ୍ରରେ ଆଲୋଭେରା ଜେଲ୍ ନିଅନ୍ତୁ। ଦୁଇ ଚାମଚ (ବଡ଼) ଗୋଲାପ ଜଳ,ଦୁଇ ଚାମଚ (ବଡ଼) ବାଦାମ ତେଲ ଓ ୫-୧୦ ଟୋପା ଲାଭେଣ୍ଡର ତେଲ ସହିତ ଭିଟାମିନ୍ 'ଇ' କ୍ୟାପ୍‌ସୁଲ୍ ମିଶାଇ ଏକ ଏୟାର ଟାଇଟ୍ କଣ୍ଟେନରରେ ଭର୍ତ୍ତି କରି ରଖି ଦିଅନ୍ତୁ। ଏହାକୁ ଲଗାଇବାକୁ ହେଲେ ପ୍ରଥମେ ମୁହଁକୁ ଧୋଇ ଦିଅନ୍ତୁ । ଏହାପରେ ଏଥିରୁ ଅଳ୍ପ କିଛି ନେଇ ମୁହଁରେ ହାଲ୍‌କା ମସାଜ୍ କରନ୍ତୁ। ନଖ ଉଷୁମ ପାଣିରେ ମୁହଁକୁ ଧୋଇ ଦିଅନ୍ତୁ। ଫେସ୍‌ୱାଶ ଲଗାଇବା ପୂର୍ବରୁ କଣ୍ଟେନରକୁ ଭଲଭାବେ ହଲାଇବାକୁ ଭୁଲନ୍ତୁ ନାହିଁ।

**ନଡ଼ିଆତେଲ ଫେସ୍‌ୱାଶ**

ନିଜ ମୁହଁରେ ନଡ଼ିଆ ତେଲ କେଇବୁନ୍ଦା ଲଗାନ୍ତୁ। ଏହାକୁ ୩୦ ସେକେଣ୍ଡ ପର୍ଯ୍ୟନ୍ତ ମସାଜ୍ କରନ୍ତୁ। ମୁହଁରେ ଥିବା ପୋରସ୍‌କୁ ଖୋଲିବାକୁ ହେଲେ ଏକ ସଫା ଟାୱେଲ ନେଇ ତାକୁ ଗରମ ପାଣିରେ ବୁଡାଇ ସାରିବା ପରେ ମୁହଁକୁ ଭଲଭାବେ କଭର କରନ୍ତୁ । ୧୫-୩୦ ସେକେଣ୍ଡ ପରେ ଟାୱେଲ କାଢ଼ି ଦିଅନ୍ତୁ। ଏହା ପରେ ୱେଟ ଟିସୁ ପେପର ସାହାଯ୍ୟରେ ମୁହଁକୁ ଭଲଭାବେ ପୋଛି ଦିଅନ୍ତୁ।

**ଆପଲ ସାଇଡର ଓ ସିର୍‌କା ଫେସ୍‌ୱାଶ**

ଯଦି ଆପଣଙ୍କ ତ୍ୱଚା ସେନ୍‌ସିଟିଭ୍ ତେବେ ମୁହଁକୁ ଆପଲ ସାଇଡର ସିର୍‌କା ସହିତ ଧୋଇବାକୁ ଚେଷ୍ଟା କରନ୍ତୁ। ଆପଲ ସାଇଡର ସିର୍‌କା ଓ ପାଣି ୧:୨ ଭାଗରେ ମିଶାନ୍ତୁ। ଏହାକୁ ଭଲଭାବେ ଶେକ୍ କରି ଦିଅନ୍ତୁ। ଏବେ ଏହାକୁ ନିଜ ମୁହଁରେ ଲଗାନ୍ତୁ। କଟନ ବଲ କିମ୍ବା ନିଜ ଆଙ୍ଗୁଠି ସାହାଯ୍ୟରେ ଏହାକୁ ବ୍ୟବହାର କରନ୍ତୁ। ମୁହଁକୁ ଏବେ ଶୁଖିବାକୁ ଛାଡି ଦିଅନ୍ତୁ। ଯଦି ଆପଣଙ୍କୁ ଡ୍ରାଏ ଲାଗୁଥାଏ ତେବେ ଆପଣ ମଶ୍ଚରାଇଜର ଲଗାଇପାରିବେ।





ଡା. ଲିପ୍‌ସା ମିଶ୍ର




# ସର୍ଭିକାଲ ମ୍ୟୁକସ୍ ଓ ଅପ୍ରଜନନତା


ସର୍ଭିକାଲ ମ୍ୟୁକସ୍‌ର ପ୍ରାଥମିକ କାର୍ଯ୍ୟ ହେଉଛି ଫାଲୋପିଆନ୍ ନଳୀକୁ ଶୁକ୍ରାଣୁ ଯିବାବେଳେ ତାହାକୁ ସୁରକ୍ଷା ପ୍ରଦାନ କରିବା ଏବଂ ଭାଜିନାରେ ଥିବା ପ୍ରାକୃତିକ ଅମ୍ଳୀୟ ପରିବେଶଠାରୁ ସେମାନଙ୍କୁ ରକ୍ଷାକରିବା। ଏହା ସୁରକ୍ଷିତ ଭାବରେ ଶୁକ୍ରାଣୁକୁ ଡିମ୍ବାଣୁ ପାଖରେ ପହଞ୍ଚାଇଥାଏ, ଯାହା ଯୋଗୁ ଗର୍ଭଧାରଣ ହୋଇଥାଏ ଓ ଜଣେ ମହିଳା ଗର୍ଭଧାରଣ କରିଥାନ୍ତି। ଯଦିଓ ଏହାକୁ ମାତ୍ର ୧୫-୨୦ ପ୍ରତିଶତ ଭାବେ ଗଣନା କରାଯାଏ, ହଷ୍ଟାଇଲ ସର୍ଭିକାଲ ମ୍ୟୁକସ୍ ହେଉଛି ମହିଳାଙ୍କ ଅପ୍ରଜନନତାର କାରଣଗୁଡ଼ିକ ମଧ୍ୟରୁ ଗୋଟିଏ।

**ସର୍ଭିକାଲ ମ୍ୟୁକସ୍ ସାଧାରଣତଃ କ'ଣ କରିଥାଏ :** ଏକ ସାଧାରଣ ଚକ୍ରରେ, ସର୍ଭିକ୍ସ ଡିମ୍ବାଣୁ ସୃଷ୍ଟି ପାଇଁ ଦରକାରୀ ଜଳୀୟ ମ୍ୟୁକସ୍ ସୃଷ୍ଟି କରିଥାଏ। ସାଧାରଣତଃ ଏହି ମ୍ୟୁକସ୍ ବାହ୍ୟ ପଦାର୍ଥଗୁଡ଼ିକ ଆକ୍ରମଣରୁ ମହିଳାଙ୍କ ପ୍ରଜନନ ବ୍ୟବସ୍ଥାକୁ ସୁରକ୍ଷା ପ୍ରଦାନ କରିଥାଏ। ଡିମ୍ବାଣୁ ସୃଷ୍ଟି ସମୟରେ ମ୍ୟୁକସ୍ ଏକ ସୁରକ୍ଷିତ ମାର୍ଗରେ ପରିଣତ ହୋଇଥାଏ, ଯାହା ଦେଇ ଶୁକ୍ରାଣୁ ସୁରକ୍ଷିତ ଭାବରେ ଯାତ୍ରା କରିଥାଏ। ଏହାଛଡ଼ା ଇଷ୍ଟ୍ରୋଜେନ୍ ପ୍ରଭାବରେ ମୋଟା ଓ ଅଠାଳିଆ ମ୍ୟୁକସ୍ ପରିଷ୍କାର ଓ ତନ୍ତୁମୟ ହୋଇଯାଏ।

କିନ୍ତୁ ବେଳେବେଳେ ସର୍ଭିକାଲ ମ୍ୟୁକସ୍ ଭଲଠାରୁ ଅଧିକ କ୍ଷତି କରିଥାଏ, ତେଣୁ ଗର୍ଭଧାରଣ ସମୟରେ ଶୁକ୍ରାଣୁକୁ ସୁରକ୍ଷା ପ୍ରଦାନ କରିବା ପରିବର୍ତ୍ତେ ଏହା ପ୍ରତିକୂଳ ଓ ବିପଦପୂର୍ଣ୍ଣ ହୋଇଥାଏ। ଏହାଛଡ଼ା ବେଳେ ବେଳେ ସର୍ଭିକାଲ ମ୍ୟୁକସ୍‌ରେ ଆଣ୍ଟିସ୍ପର୍ମ ଆଣ୍ଟିବଡି ଉପସ୍ଥିତ ଥାଆନ୍ତି, ଯେଉଁ କାରଣରୁ ଶୁକ୍ରାଣୁକୁ ଏକ ବାହ୍ୟ ଆକ୍ରମକ ପାଇଁ ଇମ୍ୟୁନୋ ବ୍ୟବସ୍ଥା ଭୁଲ୍ କରିଥାଏ। ତେଣୁ ଏହା ଶୁକ୍ରାଣୁର ପ୍ରବାହକୁ ବନ୍ଦ କରିଦେଇଥାଏ ଅଥବା ଶୁକ୍ରାଣୁକୁ ଅନେକାଂଶରେ ନଷ୍ଟ କରିଦେଇଥାଏ, ଯାହା ଦ୍ୱାରା ସେମାନେ ଅଧିକ ସମୟ କାର୍ଯ୍ୟ କରିପାରନ୍ତି ନାହିଁ। ପ୍ରତିକୂଳ ସର୍ଭିକାଲ ମ୍ୟୁକସ୍ ମାଧ୍ୟମିକ ଅପ୍ରଜନନତାର କାରଣ ହୋଇପାରେ କିମ୍ବା ପୂର୍ବର ସଫଳତାର ସହିତ ଗର୍ଭଧାରଣ ପରେ ଗର୍ଭଧାରଣ କରିବାକୁ ଅକ୍ଷମତା ପ୍ରକାଶ କରିଥାଏ।

> "ଏକ ସାଧାରଣ ଚକ୍ରରେ, ସର୍ଭିକ୍ସ ଡିମ୍ବାଣୁ ସୃଷ୍ଟି ପାଇଁ ଦରକାରୀ ଜଳୀୟ ମ୍ୟୁକସ୍ ସୃଷ୍ଟି କରିଥାଏ। ସାଧାରଣତଃ ଏହି ମ୍ୟୁକସ୍ ବାହ୍ୟ ପଦାର୍ଥ ଆକ୍ରମଣରୁ ମହିଳାଙ୍କ ପ୍ରଜନନ ବ୍ୟବସ୍ଥାକୁ ସୁରକ୍ଷା ପ୍ରଦାନ କରିଥାଏ। ଡିମ୍ବାଣୁ ସୃଷ୍ଟି ସମୟରେ ମ୍ୟୁକସ୍ ଏକ ସୁରକ୍ଷିତ ମାର୍ଗରେ ପରିଣତ ହୋଇଥାଏ, ଯାହା ଦେଇ ଶୁକ୍ରାଣୁ ସୁରକ୍ଷିତ ଭାବରେ ଯାତ୍ରା କରିଥାଏ।"



## ଉଦ୍ଦେଶ୍ୟ

ପ୍ରଜନନତାର ଉଦ୍ଦେଶ୍ୟ ହେଉଛି ମ୍ୟୁକସ୍‌ର ଗୁଣବତ୍ତାକୁ ପୁନଃ ସଂରକ୍ଷିତ କରିବା, ଯାହା ଏହିପରି ହୋଇପାରେ:
- ମାସର ଉପଯୁକ୍ତ ସମୟରେ ଶୁକ୍ରାଣୁ ପରିବହନକୁ ସୁଗମ କରିବା।
- ଅମ୍ଳୀୟ ଭାଜିନାଲ ପରିବେଶ ଠାରୁ ଶୁକ୍ରାଣୁକୁ ରକ୍ଷା କରିବା।
- ସର୍ଭିକାଲ କେନାଲରେ ଶୁକ୍ରାଣୁକୁ ସଂରକ୍ଷିତ ରଖିବା ଓ ଏକ ନିର୍ଦ୍ଦିଷ୍ଟ ସମୟରେ ସ୍ଥିର ସ୍ରୋତରେ ଏହାକୁ ନିଷ୍କାସନ କରିବା।
- ଅସାଧାରଣ ଓ ଅସୁସ୍ଥ ଶୁକ୍ରାଣୁଗୁଡ଼ିକୁ ଛାଣି ବାହାର କରିବା।
- ଶ୍ୱେତ ରକ୍ତକଣିକାଠାରୁ ଶୁକ୍ରାଣୁକୁ ରକ୍ଷା କରିବା, ଯାହା ଏହାକୁ ନଷ୍ଟ କରିପାରେ।
- ଶୁକ୍ରାଣୁକୁ ପୋଷକ ଯୋଗାଇଦେବା।
- ଗର୍ଭାଶୟକୁ ବୀଜାଣୁମାନଙ୍କ ସୃଷ୍ଟିଠାରୁ ଦୂରେଇ ରଖିବା।

**ସର୍ଭିକାଲ ମ୍ୟୁକସ୍ ପ୍ରତିକୂଳ ହେବାର କାରଣ କ'ଣ**

ପ୍ରତିକୂଳ ସର୍ଭିକାଲ ମ୍ୟୁକସ୍ ପାଇଁ ଅନେକ କାରଣ ଦାୟୀ । ଏହାର ନିମ୍ନୋକ୍ତ କାରଣ ରହିଛି।

**ନିମ୍ନମାନର ଖାଦ୍ୟ:** ଏହା ପ୍ରତିକୂଳ ସର୍ଭିକାଲ ମ୍ୟୁକସ୍ ହେବାର ପ୍ରମୁଖ କାରଣଗୁଡ଼ିକ ମଧ୍ୟରୁ ଗୋଟିଏ। ଜଣେ ମହିଳାଙ୍କ ପାଇଁ ସନ୍ତୁଳିତ, ପୋଷକଯୁକ୍ତ ଖାଦ୍ୟ ଗ୍ରହଣ ଓ ଶରୀରରେ ଜଳୀୟ ଅଂଶକୁ ସନ୍ତୁଳିତ ରଖିବା ପାଇଁ ପ୍ରତିଦିନ ପ୍ରଚୁର ପାଣି ପିଇବା ଗୁରୁତ୍ୱପୂର୍ଣ୍ଣ। ଯଦି ଆପଣ ଅତ୍ୟଧିକ ଦୁଗ୍ଧଜାତ ଉତ୍ପାଦ ଖାଉଛନ୍ତି ତେବେ ଆପଣଙ୍କ ସର୍ଭିକାଲ ମ୍ୟୁକସ୍ ଅତ୍ୟଧିକ ମୋଟା ହୋଇଯିବ।

**ଚିକିତ୍ସା:** ପ୍ରତିକୂଳ ସର୍ଭିକାଲ ମ୍ୟୁକସ୍‌ର ଅନ୍ୟ ଏକ କାରଣ ହେଉଛି କେତେକ ବିଶେଷ ଗ୍ରୁପ୍‌ର ଚିକିତ୍ସା। ଉଦାହରଣ ସ୍ୱରୂପ, ଆଣ୍ଟିହିଜ୍‌ନାମିନ୍ସ ଅନେକ ମହିଳାଙ୍କ କ୍ଷେତ୍ରରେ ପ୍ରତିକୂଳ ସର୍ଭିକାଲ ମ୍ୟୁକସ୍ ସୃଷ୍ଟିର କାରଣ ହୋଇଥାଏ।

**ପ୍ରତିକୂଳ ସର୍ଭିକାଲ ମ୍ୟୁକସ୍‌କୁ କିପରି ଦୂର କରିପାରିବେ:** ପୋଷ୍ଟକୋସିଆଲ୍ ପରୀକ୍ଷା ହେଉଛି ଶୁକ୍ରାଣୁ-ମ୍ୟୁକସ୍ ମଧ୍ୟରେ ସମ୍ବନ୍ଧ ସୃଷ୍ଟି କରିବା ପାଇଁ ପ୍ରାଥମିକ ଉପକରଣ। ବିଶେଷଭାବେ ଯଦି ଅନ୍ୟାନ୍ୟ ପରୀକ୍ଷା ସାଧାରଣ ହୋଇଥାଏ ଓ ଅପ୍ରଜନନତାର ଅବିଶ୍ଳେଷଣୀୟ କାରଣକୁ ଦୃଢ଼ କରିଥାଆନ୍ତି, ତେବେ ଏହା ହେଉଛି ସର୍ଭିକାଲ ମ୍ୟୁକସ୍ ଅସୁବିଧାକୁ ଦୂର କରିବା ନିମନ୍ତେ ଏକ ପରୀକ୍ଷା। ଏହି ପରୀକ୍ଷା ଦର୍ଶାଏ ଯେ, ଯଦି ମ୍ୟୁକସ୍‌ର ରାସାୟନିକ ପଦାର୍ଥ ଶୁକ୍ରାଣୁ ବଞ୍ଚି ରହିବା ପାଇଁ ଉପଯୁକ୍ତ ଏବଂ କୌଣସି ମୃତ କିମ୍ବା ଧୀରେ ଯାଉଥିବା ଶୁକ୍ରାଣୁର ସନ୍ଧାନ ମିଳେ, ତେବେ ଏହା ମ୍ୟୁକସ୍‌ର ପ୍ରତିକୂଳତାକୁ ସୂଚାଇଥାଏ।
- ଯଦି ସର୍ଭିକ୍ସକୁ ଯାଇଥିବା ଶୁକ୍ରାଣୁ ଉତ୍ତମ ମାନର କିମ୍ବା ପରିମାଣର ହୋଇଥାଏ।
- ଯଦି ମ୍ୟୁକସ୍ ମଧ୍ୟରେ ଶୁକ୍ରାଣୁର ଗତିଶୀଳତା ବଳିଷ୍ଠ ହୋଇଥାଏ।
- ଯଦି କୌଣସି ଅଂଶୀଦାରଙ୍କଠାରେ କୌଣସି ପ୍ରକାରର ସଂକ୍ରମଣର ସୂଚନା ମିଳୁଛି ଏବଂ ଯଦି ପରୀକ୍ଷାର ଫଳ ପ୍ରତିକୂଳ ମ୍ୟୁକସ୍‌ର ଉପସ୍ଥିତିକୁ ସୂଚାଏ, ତେବେ ଗର୍ଭଧାରଣର ସଫଳତା ହାର ଇଣ୍ଟ୍ରାୟୁଟେରିନ୍ ଇନ୍‌ସେମ୍ନେସନ୍ (ଆଇୟୁଆଇ) ମାଧ୍ୟମରେ ବୃଦ୍ଧି ହୋଇପାରିବ।

**ଚିକିତ୍ସା :** ସାଧାରଣ ପ୍ରଜନନ ଲାଗି , ଶୁକ୍ରାଣୁ ସର୍ଭିକାଲ ମ୍ୟୁକସ୍ ମଧ୍ୟରେ ଦୁଇଦିନ ମୁକ୍ତ ଭାବରେ ବଞ୍ଚିରହିପାରୁଥିବା ଦରକାର। କିନ୍ତୁ ଠିକ୍ ସମୟରେ ସର୍ଭିକାଲ ମ୍ୟୁକସ୍ ଅସାଧାରଣ ଅମ୍ଳୀୟ ହୋଇଯାଏ ଏବଂ ପିଏଚ୍‌ରେ ଏହି ପରିବର୍ତ୍ତନ ଅନେକ ସମୟରେ ଶୁକ୍ରାଣୁର ବଞ୍ଚି ରହିବାକୁ କ୍ଷୀଣ କରିଥାଏ। ଯଦି ସର୍ଭିକ୍ କାରଣରୁ ହେଉଥିବା ରୋଗ ଏକମାତ୍ର କାରଣ ହୋଇଥାଏ, ତେବେ ପ୍ରଥମ ଚିକିତ୍ସା ଭାବେ ଇଣ୍ଟ୍ରାୟୁଟେରିନ୍ ଇନ୍‌ସେମ୍ନେସନ୍ (ଆଇୟୁଆଇ)କୁ ସର୍ବଦା ପ୍ରାଥମିକତା ଦିଆଯାଏ। ଚିକିତ୍ସା ସମୟରେ ମହିଳାଙ୍କ ୟୁଟେରସ୍ ମଧ୍ୟରେ ସର୍ଭିକାଲ ମ୍ୟୁକସ୍ ଉପରେ ସ୍ଥାନିତ କରାଯାଇପାରେ ଏବଂ ପ୍ରଜନନତାକୁ ବୃଦ୍ଧି କରିବା ପାଇଁ ଫାଲୋପିଆନ ନଳୀ ପାଖକୁ ଆସିଥାଏ। ଏହା ହେଉଛି ଶସ୍ତା ଓ ସମୟ ରକ୍ଷା କରୁଥିବା ଚିକିତ୍ସା ଏବଂ ଆଇୟୁଆଇର କାର୍ଯ୍ୟ ହେଉଛି ଏହା ଫାଲୋପିଆନ୍ ନଳୀରେ ପହଞ୍ଚୁଥିବା ଶୁକ୍ରାଣୁର ସଂଖ୍ୟାକୁ କ୍ରମାଗତ ଭାବେ ବୃଦ୍ଧି କରିଥାଏ। ଆଇୟୁଆଇ ଓଭୁଲେସନ୍ ସମ୍ବନ୍ଧିତ ଔଷଧ ସହିତ ସର୍ବଦା ଜଡ଼ିତ ରହିଥାଏ, ଯେପରିକି ଫଲିକିଲ୍ ତ୍ୱରାନ୍ୱିତ କରୁଥିବା ହର୍ମୋନ୍, ଯାହା ସଫଳତା ହାରକୁ ଆହୁରି ବଢ଼ାଇଥାଏ।

ଯଦି କୌଣସି କାରଣରୁ ସକାରାତ୍ମକ ଫଳାଫଳ ଦେଖାଇବା ପାଇଁ ଆଇୟୁଆଇ ଚିକିତ୍ସା ଅସଫଳ ହୁଏ, ତେବେ ଦମ୍ପତିଙ୍କୁ ଭିଟ୍ରୋ ପ୍ରଜନନ କରାଇବା ପାଇଁ ସ୍ଥିର କରାଯାଏ। ଏଥିରେ ଏକ ପରୀକ୍ଷାଗାରରେ ଶୁକ୍ରାଣୁ ସହିତ ଡିମ୍ବାଣୁକୁ ପ୍ରଜନନ କରାଯାଏ। ଏହାପରେ ଭ୍ରୂଣ ଗୁଣବତ୍ତାବିଶିଷ୍ଟ ହେବା ପରେ ଏହାକୁ ସର୍ଭିକ୍ସ ମାଧ୍ୟମରେ ଗର୍ଭାଶୟ ମଧ୍ୟରେ ସ୍ଥାନିତ କରାଯାଏ। ମ୍ୟୁକସ୍‌ର ଗୁଣବତ୍ତାକୁ ଉନ୍ନତ କରିବା ପାଇଁ ଅନ୍ୟାନ୍ୟ ଚିକିତ୍ସା ମଧ୍ୟରେ ଇଷ୍ଟ୍ରୋଜେନ ଥେରାପି ରହିପାରେ।

*-ଆଇଭିଏଫ୍ ବିଶେଷଜ୍ଞ, ଇନ୍ଦିରା ଆଇଭିଏଫ୍, ଭୁବନେଶ୍ୱର*
*ମୋ:୯୪୩୮୧୭୫୧୦୮*

ଫ୍ୟାଶନ୍

# ଡେନିମ୍ ଜ୍ୟାକେଟ୍

ଆପଣ ଜାଣିଛନ୍ତି କି କେବଳ ଶୀତଦିନ ନୁହେଁ, ବର୍ଷାଦିନରେ ବି ଡେନିମ୍ ଜ୍ୟାକେଟ୍ ପିନ୍ଧିପାରିବେ। ତା' ସହ ନିଜ ଲୁକ୍ ବଦଳାଇ ପାରିବେ ... .......

**ପ୍ଲେନ୍ ଜମ୍ପସୁଟ୍**

ପ୍ଲେନ୍ ଜମ୍ପସୁଟ୍ ଉପରେ ଡେନିମ୍ ଜ୍ୟାକେଟ୍ ଭଲ ମାନିଥାଏ। ଏହାକୁ କୌଣସି ବି ସମର ଆଉଟିଂରେ ପିନ୍ଧିପାରିବେ।

**ଓଭର ସାଇଜ ଡେନିମ୍ ଜ୍ୟାକେଟ୍**

ଓଭର ସାଇଜ ଜ୍ୟାକେଟ୍ ଆପଣ କୌଣସି ବି ଟପ୍ ସହିତ ପିନ୍ଧିପାରିବେ। ଆପଣ ଫ୍ରିଲ କିମ୍ବା ଲେୟାର୍ସ ଥିବା ଟପ୍ ଯଦି ପିନ୍ଧୁଛନ୍ତି ତେବେ ଏହି ଜ୍ୟାକେଟ୍ ଆପଣଙ୍କ ଲୁକ୍‌କୁ ଖରାପ କରି ନ ଥାଏ।



**ଡ୍ରେସ୍ ସହ ପିନ୍ଧନ୍ତୁ**

ସେ ଲମ୍ବା ଡ୍ରେସ୍ ହେଉ କି ଶର୍ଟ, ଡେନିମ୍ ଜ୍ୟାକେଟ୍ ଦୁଇଟିଯାକରେ ଭଲ ମାନିଥାଏ। କାଜୁଆଲ କିମ୍ବା ସମର ଡ୍ରେସ୍ ସହିତ ଭଲ ଦେଖାଯାଏ। ଏଥିରେ ଶର୍ଟ ଷ୍ଟାଇଲ ଥିବା ଜ୍ୟାକେଟ୍ ସୁନ୍ଦର ଲାଗିଥାଏ। ନର୍ମାଲ ଓ କ୍ରପ୍ ଦୁଇ ପ୍ରକାର ଟପ୍ ଉପରେ ଡେନିମ୍ ଜ୍ୟାକେଟ୍ ଭଲ ମାନିଥାଏ। କ୍ରପ୍ ଟପ୍ ଏବେ ଟ୍ରେଣ୍ଡରେ ଚାଲିଛି। ଏମିତିରେ ଯେତେବେଳେ କ୍ରପ୍ ଟପ୍ ଉପରେ ଜ୍ୟାକେଟ୍ ପିନ୍ଧିବାକୁ ଭାବୁଥାନ୍ତି ତାହା ସାଇଜ ଟିକେ ଲମ୍ବା ହେଲେ ଭଲ।

# ପିଲାଙ୍କ ସ୍ମରଣଶକ୍ତି କିପରି ବଢ଼ାଇବେ

କେତେଜଣ ଅଭିଭାବକଙ୍କ ଚିନ୍ତା ଥାଏ ଯେ ସେମାନଙ୍କ ପିଲା ପଢ଼ୁଥିବା ପାଠ ଏବଂ ଲେଖିଥିବା ପାଠକୁ ସହଜରେ ମନେ ରଖିପାରେନି। ସେମାନେ ଏହାର ପଛରେ ଥିବା ସତ୍ୟତାକୁ ବୁଝିପାରନ୍ତି ନାହିଁ। ପିଲା ପଢ଼ା ହୋଇଥିବା ପାଠକୁ କିପରି ସହଜରେ ମନେରଖିବ ଏଥିପାଇଁ କିଛି ସରଳ ଉପାୟ ରହିଛି। ସେ ସମ୍ପର୍କରେ ଟିପ୍ସ...

- ସବୁ ଜିନିଷ ମନେରଖିବାକୁ ହେଲେ ତାଙ୍କୁ ମନ ଭିତରେ ସେହି ଜିନିଷ ସବୁବେଳେ ଭାବିବା ଦ୍ୱାରା ତାହା ସହଜରେ ମନେରହିଥାଏ। ପିଲା ଯାହାବି ପଢ଼ୁଛି ଆପଣ ତାକୁ ଭିଜୁଆଲ ଗେମ୍ସ,ପ୍ଲେ କାର୍ଡ୍ସ ଓ କିଛି ଏମିତି ଜିନିଷର ସହାୟତା ନେଇପାରିବେ। ଏହାଦ୍ୱାରା ପିଲାକୁ ଶିଖିବା ପାଇଁ ସହଜ ହେବ।
- ପିଲାକୁ ଟିଚରଙ୍କ ସହ କିପରି ମିଶି ପଢ଼ିବାକୁ ହେବ ସେ ବିଷୟରେ ତା'ମନରେ ଧାରଣା ସୃଷ୍ଟି କରନ୍ତୁ। ଏହି କଥାକୁ ପିଲାଟିକୁ ବେଶ୍ ସରଳ ଏବଂ ଥଣ୍ଡା ମିଜାଜ୍‌ରେ ବୁଝାନ୍ତୁ। ଯେତେବେଳେ ପିଲାକୁ ପଢ଼ାଉଛନ୍ତି ଉଚ୍ଚ ସ୍ୱରରେ ଆପଣ କହିବା ସହିତ ପିଲାକୁ ମଧ୍ୟ ଉଚ୍ଚ ସ୍ୱରରେ କହିବାକୁ କୁହନ୍ତୁ।
- ପିଲାକୁ ଖାଦ୍ୟ ଖୁଆଇବା ସମୟରେ ଯେପରି ଅଳ୍ପ ଅଳ୍ପ କରି ଦିଆଯାଏ ସେମିତି ପଢ଼ାଇବା ସମୟରେ ସେହି ଉପାୟ ଅବଲମ୍ବନ କରନ୍ତୁ। କାହାଣୀ କବିତା ମାଧ୍ୟମରେ ପିଲାକୁ ପାଠ ପଢ଼ାନ୍ତୁ।
- ଲେଟରକୁ ସବୁ ଅଲଗା ଅଲଗା ରଙ୍ଗ କରି ପଢ଼ାଇବା ଦ୍ୱାରା ତାହା ପିଲାଙ୍କୁ ଆକର୍ଷିତ କରିଥାଏ ଏବଂ ପଢ଼ିବା ପାଇଁ ଆଗ୍ରହ ବଢ଼ିଥାଏ।





ଖାଦ୍ୟରୁଚି

# ସେଓ ପକୋଡା

**ଆବଶ୍ୟକ ସାମଗ୍ରୀ**

ଦୁଇଟି ସେଓ, ବେସନ ୪ ଚାମଚ, ଚାଉଳଗୁଣ୍ଡ ଦୁଇଚାମଚ,ଆବଶ୍ୟକ ତେଲ ଡିପ୍ ଫ୍ରାଏ କରିବାକୁ ,ନାଲିଲଙ୍କା ଗୁଣ୍ଡ ଏକ ଚାମଚ,ଚାର୍ଟ ମସଲା ଏକ ଚାମଚ,ବେକିଂ ସୋଡା ଅଳ୍ପ ପରିମାଣର,ଲୁଣ ସ୍ୱାଦ ଅନୁସାରେ।

**ପ୍ରସ୍ତୁତି ପ୍ରଣାଳୀ**

ପ୍ରଥମେ ସେଓକୁ ପିସ୍ ଆକାରରେ କାଟି ଦିଅନ୍ତୁ। ପୁଣି ଏକ ପାତ୍ର ନିଅନ୍ତୁ ସେଥିରେ ବେସନ,ଚାଉଳଗୁଣ୍ଡ,ନାଲି ଲଙ୍କାଗୁଣ୍ଡ,ଚାର୍ଟମସଲା ପକାଇ ଭଲଭାବେ ମିକ୍ସ କରିଦିଅନ୍ତୁ। ନା ପତଳା ଘୋଳ କରିବେ ନା ମୋଟା । ପୁଣି ଏକ ପ୍ୟାନ୍‌ରେ ତେଲ ପକାଇ ଗରମ କରନ୍ତୁ। ବଟରରେ ବେକିଂ ସୋଡା ପକାଇ ଭଲଭାବେ ଗୋଳାଇ ଦିଅନ୍ତୁ। ଯେତେବେଳେ ତେଲ ଗରମ ହୋଇଯିବ କଟାହୋଇଥିବା ସେଓକୁ ଘୋଳରେ ବୁଡ଼ାଇ ପ୍ୟାନ୍‌ରେ ପକାଇ ଡିପ୍ ଫ୍ରାଏ କରନ୍ତୁ। ଏହାକୁ ପେପର ନାପ୍‌କିନ୍‌ରେ କାଢ଼ି ଗରମ ଗରମ ପରଷନ୍ତୁ।



| Dollar | Sensex | Nifty | Gold | Silver |
|---|---|---|---|---|
| 71.71 (1) | 163.68 ↑ 37,145.45 | 56.85 ↑ 11,003.05 | ₹300 ↓ 39,225.00 | ₹1400 ↓ 48,500.00 |



" ଉନ୍ନତ ସ୍ୱାସ୍ଥ୍ୟସେବା ତଥା ପ୍ରତିଷେଧକ ବ୍ୟବସ୍ଥା ଯୋଗାଇବା ସେରମ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ଅଧିକ ଗୁରୁତ୍ୱ ଦେଉଛି। କମ୍ପାନୀର ଉତ୍ପାଦକତା ବଢ଼ାଇବା ଲକ୍ଷ୍ୟରେ ନୂଆ କାରଖାନା ପ୍ରତିଷ୍ଠା କରାଯାଇଛି।
– ଆଦାର ପୁନାୱାଲା, ସେରମ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ସିଇଓ



" ଓୟୋ ଦେଶର ଟିୟର ୨ ଓ ୩ ସହରରେ ନିଜର ଉପସ୍ଥିତି ବୃଦ୍ଧି କରିବା ସହ ଅଦ୍ୟାବଧି ୫୦୦ ସହରରେ ସେବା ଯୋଗାଉଛି।
– ଆଦିତ୍ୟ ଘୋଷ, ଓୟୋ ହୋଟେଲ୍ସ ଆଣ୍ଡ ହୋମ୍ସ ଇଣ୍ଡିଆ ସିଇଓ



## ସଂକ୍ଷେପରେ

### ଋଣ, ଏଫ୍‌ଡି ସୁଧ ହାର ହ୍ରାସ କଲା ଏସ୍‌ବିଆଇ




**ନୂଆଦିଲ୍ଲୀ,୯-୯:** ଭାରତୀୟ ଷ୍ଟେଟ ବ୍ୟାଙ୍କ(ଏସ୍‌ବିଆଇ) ସମସ୍ତ ଅବଧିର ମାର୍ଜିନାଲ କଷ୍ଟ୍ ଅଫ୍ ଲେଣ୍ଡିଂ(ଏମ୍‌ସିଏଲ୍‌ଆର୍) ସୁଧ ହ୍ରାରକୁ ୧୦ ବେସିସ୍ ପଏଣ୍ଟ ଅର୍ଥାତ୍ ୦.୧% ହ୍ରାସ କରିଛି। ନୂଆ ସୁଧ ହାର ମଙ୍ଗଳବାରଠାରୁ ଲାଗୁ ହେବ। ତେବେ ବ୍ୟାଙ୍କ ଫିକ୍ସଡ ଡିପୋଜିଟ୍ ବା ସ୍ଥାୟୀ ଜମା ଉପରେ ମଧ ସୁଧ ହାର ୦.୨୦%ରୁ ୦.୨୫% ପର୍ଯ୍ୟନ୍ତ କମାଇଛି। ଗୃହ, ଗାଡ଼ି ସମେତ ସମସ୍ତ ପ୍ରକାର ଋଣ ଉପରେ ଏମ୍‌ସିଏଲ୍‌ଆର୍ ସୁଧ ହାର ଏଣିକି ୮.୨୫ ପରିବର୍ତ୍ତେ ୮.୧୫%କୁ ହ୍ରାସ ପାଇଛି। ଏସ୍‌ବିଆଇ ଚଳିତ ଆର୍ଥିକ ବର୍ଷରେ ୫ଥରରେ ୦.୪୦% ଏମ୍‌ସିଏଲ୍‌ଆର୍ ହ୍ରାସ କରିଛି। ଭାରତୀୟ ରିଜର୍ଭ ବ୍ୟାଙ୍କ ରେପୋ ରେଟ ହ୍ରାସ କରିବା ପରେ ଏସ୍‌ବିଆଇ ସମେତ ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଆକ୍ସିସ୍ ବ୍ୟାଙ୍କ, ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସ, ଆଇଡିବିଆଇ ବ୍ୟାଙ୍କ ଏବଂ ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ମଧ ଋଣ ଉପରେ ସୁଧ ହାର କମାଇଛି।

### ଜିଏସ୍‌ଟି ରିଟର୍ନ ଦାଖଲ ଅବଧି ବୃଦ୍ଧି



**ନୂଆଦିଲ୍ଲୀ,୯-୯:** ଜିଏସ୍‌ଟି ରିଟର୍ନ ଦାଖଲ ଅବଧି ବୃଦ୍ଧି ପାଇଛି। ସେଣ୍ଟ୍ରାଲ ବୋର୍ଡ ଅଫ୍ ଇନ୍‌ଡାଇରେକ୍ଟ ଟ୍ୟାକ୍ସେସ ଆଣ୍ଡ କଷ୍ଟମ୍ସ(ସିବିଆଇସି) ପକ୍ଷରୁ ଜାରି ସୂଚନା ମୁତାବକ ଜିଏସ୍‌ଟିଆର୍-୯, ଜିଏସ୍‌ଟିଆର୍-୯ଏ ଏବଂ ଜିଏସ୍‌ଟିଆର୍-୯ସି ଫର୍ମ ଦାଖଲ କରୁଥିବା ଟିକସଦାତା ଏଣିକି ନଭେମ୍ବର ୩୦ ପର୍ଯ୍ୟନ୍ତ ଏହାକୁ ଦାଖଲ କରିବା ଲାଗି ସୁଯୋଗ ପାଇବେ ବୋଲି ସିବିଆଇସି ପକ୍ଷରୁ ଏକ ଟୁଇଟ୍ କରାଯାଇଛି। ସୂଚନାଥାଉ କି, ଆର୍ଥିକ ବର୍ଷ ୨୦୧୭-୧୮ ଲାଗି ଜିଏସ୍‌ଟି ରିଟର୍ନ ଦାଖଲ କରିବାର ଶେଷ ଅବଧି ଅଗଷ୍ଟ ୩୧ ଯାଏ ଥିଲା। ସମସ୍ତ ପଞ୍ଜୀକୃତ ବ୍ୟବସାୟୀଙ୍କୁ ଜିଏସ୍‌ଟିଆର୍-୯ ଫର୍ମ ଜରିଆରେ ନିଜର ବାର୍ଷିକ ରିଟର୍ନ ଦାଖଲ କରିବାକୁ ପଡିଥାଏ। ଏଥିରେ ଭିନ୍ନ ଭିନ୍ନ ଟିକସ ସ୍ଲାବ୍ ଅନୁସାରେ କ୍ରୟ-ବିକ୍ରୟ ତଥ୍ୟ ପ୍ରଦାନ କରିବାକୁ ପଡେ। ସମୟସୀମା ବୃଦ୍ଧି ପାଇବା କାରଣରୁ ଏଣିକି ବ୍ୟବସାୟୀଙ୍କୁ ରିଟର୍ନ ଦାଖଲ କରିବାକୁ ଯଥେଷ୍ଟ ସମୟ ମିଳିଯିବ। କାରଣ ଜିଏସ୍‌ଟିଆର୍-୯, ୯ଏ ଓ ୯ସି ଫର୍ମ ପୂରଣ କରିବାରେ ଅସୁବିଧା ହେଉଛି।

### ଏନ୍‌ବିଏଫ୍‌ସି ସମସ୍ୟା ଟଳି ନ ପାରେ

**ନୂଆଦିଲ୍ଲୀ, ୯-୯:** ବର୍ତ୍ତମାନ ନଗଦ ସମସ୍ୟା ସହ ଜୁଝୁଥିବା ଦେଶର ଅଣ ବ୍ୟାଙ୍କିଙ୍ଗ ବିତ୍ତ ପ୍ରତିଷ୍ଠାନ(ଏନ୍‌ବିଏଫ୍‌ସି) କ୍ଷେତ୍ରର ସମସ୍ୟାରେ ଶୀଘ୍ର ସମାଧାନ ଆସିବାର ସମ୍ଭାବନା ନାହିଁ। ଅର୍ଥ ବ୍ୟବସ୍ଥାରେ ମାନ୍ଦାବସ୍ଥା ଲାଗି ରହିଥିବାରୁ ଏହି ସମସ୍ୟା ନ ଟଳି ପାରେ ବୋଲି ବଜାର ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି। ମାନ୍ଦାବସ୍ଥା ଯୋଗୁ ଉକ୍ତ କ୍ଷେତ୍ରର ଅଭିବୃଦ୍ଧି ହାର ୧୫%ରୁ ଖସି ୧୦-୧୨% ରହିବ ବୋଲି ଇଣ୍ଡିଆ ରେଟିଂସ ପକ୍ଷରୁ ରିପୋର୍ଟରେ ପ୍ରକାଶ ପାଇଛି। ଏହି କ୍ଷେତ୍ର ଲାଗି ରେଟିଂକୁ ସ୍ଥିରରୁ ସକରାତ୍ମକ କରାଯାଇଛି। ବଜାରର ଯାନ ବିକ୍ରିରେ ମାନ୍ଦାବସ୍ଥା,ଗ୍ରାମୀଣ ଢାଞ୍ଚାଗତ ନିର୍ମାଣରେ ପ୍ରଭାବ ରହିଛି। ବଜାର ସ୍ଥିତି ଭଲ ନ ଥିବାରୁ ଏପରି ସ୍ଥଳେ ଏନ୍‌ବିଏଫ୍‌ସିଗୁଡ଼ିକ ସୁଚିନ୍ତିତ ଭାବେ ଯୋଜନା ସହ ଆଗକୁ ବଢ଼ିବା ନେଇ ରିପୋର୍ଟରେ ପରାମର୍ଶ ଦିଆଯାଇଛି।

### କୁଶଳୀ ହେବେ ୨୦ ହଜାର ନିର୍ମାଣ ଶ୍ରମିକ

**ନୂଆଦିଲ୍ଲୀ, ୯-୯:** ଦେଶର ୨୦ ହଜାର ନିର୍ମାଣ ଶ୍ରମିକଙ୍କୁ କୁଶଳୀ କରି ଗଢି ତୋଳିବା ଲାଗି ନ୍ୟାଶନାଲ ସ୍କିଲ ଡେଭଲପମେଣ୍ଟ କାଉନସିଲ(ଏନ୍‌ଏସ୍‌ଡିସି) ଏବଂ ରିୟଲ ଇଷ୍ଟେଟ ସଂଘ କ୍ରେଡାଇ ମିଳିତ ହୋଇ କାର୍ଯ୍ୟ କରିବେ। ନିର୍ମାଣ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକ ମାନଙ୍କର କୌଶଳ ବିକାଶ ଏବଂ ଉନ୍ନତିକରଣକୁ ଧ୍ୟାନରେ ରଖି ଏଭଳି ପଦକ୍ଷେପ ଗ୍ରହଣ କରାଯାଉଥିବା କ୍ରେଡାଇ କହିଛି। ୨୦୧୧ରୁ କ୍ରେଡାଇ କୌଶଳ ବିକାଶ କ୍ଷେତ୍ରରେ କାର୍ଯ୍ୟ କରୁଛି। ବିଭିନ୍ନ କମ୍ପାନୀଗୁଡିକର କର୍ପୋରେଟ ସାମାଜିକ ଉତ୍ତରଦାୟିତ୍ୱ କାର୍ଯ୍ୟକ୍ରମ ଅନ୍ତର୍ଗତ ଏଭଳି ପଦକ୍ଷେପ ନିଆଯାଉଛି। ଏଦିଗରେ ଏନ୍‌ଏସ୍‌ଡିସି ଏବଂ କ୍ରେଡାଇ ମିଳିତ ଭାବେ ବିଭିନ୍ନ କାର୍ଯ୍ୟପନ୍ଥା ଗ୍ରହଣ କରୁଥିବା ସୂଚନା ରହିଛି।

## ମୋଦି ସରକାରଙ୍କ ୧୦୦ ଦିନ

# ନିବେଶକଙ୍କୁ ୧୪ ଲକ୍ଷ କୋଟି କ୍ଷତି

**ନୂଆଦିଲ୍ଲୀ, ୯-୯**

କେନ୍ଦ୍ରରେ ଦ୍ୱିତୀୟ ଥର କ୍ଷମତାକୁ ଫେରିଥିବା ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାର ତା'ର ୧୦୦ ଦିନ ପୂରଣର ସଫଳତାକୁ ବଖାଣୁଛି। ତେବେ ସରକାରଙ୍କ ତ୍ରୁଟିପୂର୍ଣ୍ଣ ଆର୍ଥିକ ନୀତି କାରଣରୁ ଦେଶର ପୁଞ୍ଜିବଜାର କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି। ସରକାରଙ୍କ ଦ୍ୱିତୀୟ ପାଳିର ୧୦୦ ଦିନ ମଧ୍ୟରେ ଷ୍ଟକ୍ ମାର୍କେଟ ନିବେଶକ ୧୪ ଲକ୍ଷ କୋଟି ଟଙ୍କା କ୍ଷତି ସହିଛନ୍ତି। ନରେନ୍ଦ୍ର ମୋଦି ପୁଣି ଥରେ ପ୍ରଧାନମନ୍ତ୍ରୀ ହେବା ପରେ ପୁଞ୍ଜିବଜାରର ଆଶା ବଢ଼ିଯାଇଥିଲା। ମାତ୍ର ଚଳିତ ଆର୍ଥିକ ବର୍ଷ ଲାଗି ବଜେଟ ଉପସ୍ଥାପନ ପରେ ବଜାରରେ ଉତ୍ସାହ ଦେଖିବାକୁ ମିଳିଲା ନାହିଁ। କ୍ରମାଗତ ଶେୟାର ବିକ୍ରି ଯୋଗୁ ନିବେଶକ ବିଶାଳ କ୍ଷତି ସହିବାକୁ ବାଧ ହୋଇଛନ୍ତି। ମୋଟାମୋଟି ଭାବେ କହିବାକୁ ସରକାରଙ୍କ ଏହି ୧୦୦ ଦିନ ପୁଞ୍ଜିବଜାର ଲାଗି ନିରୁତ୍ସାହଜନକ ରହିଛି।

### ଲାଭ ଦେଇଛି ମାତ୍ର ୧୪% ଶେୟାର

ଅର୍ଥନୀତିରେ ଆସିଥିବା ମାନ୍ଦାବସ୍ଥା ଏବଂ ପୁଞ୍ଜିବଜାରର ସମସ୍ୟା ଦୂର କରିବା ଲାଗି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ କେତେକ ଘୋଷଣା କରିଥିଲେ। ମାତ୍ର ନିବେଶକମାନଙ୍କ ଉପରେ ଏହାର ସେଭଳି ପ୍ରଭାବ ପଡିଥିବା ଭଳି ମନେ ହେଉନାହିଁ। ବଜାର ବିଶେଷଜ୍ଞମାନେ କହିଛନ୍ତି, ଅର୍ଥ ବ୍ୟବସ୍ଥାରେ ଆସିଥିବା ମାନ୍ଦାବସ୍ଥା ସମୟାନୁବର୍ତ୍ତୀ ବା ଚକ୍ରୀୟ। ଏହା ଆପେ ଆପେ ଦୂର ହେବ। ଏଥିଲାଗି ସମୟ ମଧ ଲାଗିବ। ଏପରି ସମୟରେ ନିବେଶକମାନେ ବଜାର ଉପରେ ଭରଷା ରଖିବା ସହ କିଛି ସମୟ ଅପେକ୍ଷା କରିବାକୁ ହେବ। ଚଳିତବର୍ଷ ମେ ୩୦ରେ ପ୍ରଧାନମନ୍ତ୍ରୀ ମୋଦି ଶାସନ ଭାର ସମ୍ଭାଳିଥିବା ବେଳେ ଏହି ସମୟରେ ଦେଶର ପୁଞ୍ଜି ବଜାରରେ ମାତ୍ର ୧୪% ଶେୟାର ଲାଭ ଦେବାକୁ ସକ୍ଷମ ହୋଇଛି।

### ମୋଟ ବଜାର ପୁଞ୍ଜୀକରଣ ୧୪୦ ଲକ୍ଷ କୋଟି

ବମ୍ବେ ଷ୍ଟକ ଏକ୍ସଚେଞ୍ଜରେ ସକ୍ରିୟ ଥିବା ୨,୬୬୪ କମ୍ପାନୀ ମଧ୍ୟରୁ ୨୨୯୦ କମ୍ପାନୀର ମୋଟ ବଜାର ପୁଞ୍ଜୀକରଣ ମଧ୍ୟରୁ ୯୬% ପର୍ଯ୍ୟନ୍ତ କ୍ଷତି ହୋଇଛି। ୪୨୨ କମ୍ପାନୀର ଶେୟାର କାରବାର ୪୦%ରୁ ଅଧିକ ଖସିଛି। ୧୩୭୨ କମ୍ପାନୀର କାରବାର ୨୦%ରୁ ଅଧିକ କ୍ଷତି ସହିଥିବା ବେଳେ ୧୮୭୨ କମ୍ପାନୀଙ୍କ କାରବାରରେ ୧୦%ରୁ ଅଧିକ ଝଟକା ଲାଗିଛି। ଏହି ସମୟରେ ସେନସେକ୍ସ ତାଲିକାଭୁକ୍ତ କମ୍ପାନୀଗୁଡିକର ବଜାର ପୁଞ୍ଜୀକରଣ ୧୪.୧୫ ଲକ୍ଷ କୋଟି ଟଙ୍କା କମି ୧୪୦ ଲକ୍ଷ କୋଟି ଟଙ୍କା ରହିଛି।


ବିଚାର କଲେ ବିତ୍ତୀୟଧାରାକୁ ନଜରରେ ରଖି ସରକାରଙ୍କ ପକ୍ଷରୁ କେତେକ ପଦକ୍ଷେପ ଗ୍ରହଣ କରାଯାଇଛି। ତେବେ ଏହାଦ୍ୱାରା ଅର୍ଥ ବ୍ୟବସ୍ଥାର ଗତି ତ୍ୱରାନ୍ୱିତ ହେବ ନାହିଁ ବୋଲି ଯଶାନୀ ମତ ଦେଇଛନ୍ତି। ଏହି ପ୍ରସଙ୍ଗ ଉପରେ ଅନେକେ ଏବେ ଯୁକ୍ତି କରୁଥିବା ବେଳେ ଅର୍ଥ ବ୍ୟବସ୍ଥାରେ ସୁଧାର ଆଣିବା ଦିଗରେ ସରକାର ଏକ ନିର୍ଦ୍ଦିଷ୍ଟ ସ୍ତର ପର୍ଯ୍ୟନ୍ତ କାର୍ଯ୍ୟ କରିପାରିବେ। ଏପରି ସ୍ଥିତିରେ ନିବେଶକ ସଂଯମ ରକ୍ଷା କରିବାର ଆବଶ୍ୟକତାକୁ ଉପଲବ୍ଧି କରନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି।

### ଧୈର୍ଯ୍ୟ ରଖିବା ଲାଗି ନିବେଶକଙ୍କୁ ପରାମର୍ଶ

ଦେଶର ଅର୍ଥନୀତି ଏକ ଖରାପ ସମୟ ଦେଇ ଗତି କରୁଥିବା ବେଳେ ନିବେଶକମାନେ ଭୟଭୀତ ନ ହୋଇ ବଜାର ଉପରେ ଭରଷା ଓ ଧୈର୍ଯ୍ୟ ରଖିବା ଲାଗି ଏଚ୍‌ଡିଏଫ୍‌ସି ସିକ୍ୟୁରିଟିଜର ରିସର୍ଚ୍ଚ ମୁଖ୍ୟ ଦୀପକ ଯଶାନୀ କହିଛନ୍ତି। ମୋଦି ସରକାର ରାଜନୈତିକ ଏବଂ ସାମାଜିକ ପ୍ରସଙ୍ଗ ଉପରେ ଭଲ ପ୍ରଦର୍ଶନ କରିଛନ୍ତି। ଆର୍ଥିକ ସ୍ଥିତି

### ଖରାପ ସ୍ଥିତିରେ ଅର୍ଥ ବ୍ୟବସ୍ଥା

ଦେଶର ଅର୍ଥବ୍ୟବସ୍ଥା ବର୍ତ୍ତମାନ ଖରାପ ସ୍ଥିତି ଦେଇ ଗତି କରୁଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ଜିଡିପି ଅଭିବୃଦ୍ଧି ହାର ୫%କୁ ଖସିଆସିଛି। ଏହା ୬ ବର୍ଷର ସର୍ବନିମ୍ନ ସ୍ତର। ଦେଶର ପ୍ରାୟ ସବୁ ସେକ୍ଟରରେ ମାନ୍ଦାବସ୍ଥାର ପ୍ରଭାବରେ ରହିଥିବା ଦେଖିବାକୁ ମିଳିଛି।




### କାମ କଲାନି ଅର୍ଥମନ୍ତ୍ରୀଙ୍କ ଉପାୟ

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ପୁଞ୍ଜିବଜାର ଉପରେ ଆସିଥିବା ପ୍ରଭାବକୁ କମ୍ କରିବା ଲାଗି କେତେକ ଘୋଷଣା କରିଥିଲେ ମଧ ଏହା କାମ କଲା ନାହିଁ। ଫରେନ ପୋର୍ଟଫୋଲିଓ ଇନଭେଷ୍ଟର(ଏଫ୍‌ପିଆଇ) ଏବଂ ଇନ୍‌ଷ୍ଟିଚ୍ୟୁଶନାଲ ନିବେଶକଙ୍କ ଅସନ୍ତୋଷକୁ ବିଚାର କରି ବଜେଟରେ ଘୋଷଣା ହୋଇଥିବା ସରଚାର୍ଜ ପ୍ରତ୍ୟାହାର କରି ନିଆଯାଇଛି। ମାତ୍ର ଏହାର ପ୍ରଭାବ ନିବେଶକଙ୍କ ଉପରେ ପଡିବା ଭଳି ପ୍ରତୀୟମାନ ହେଉ ନାହିଁ। ସରକାର ସରଚାର୍ଜ ଲାଗୁ କରିବା ଯୋଗୁ ୧୦୦ ଦିନ ଭିତରେ ବିଦେଶୀ ନିବେଶକମାନେ ୩୧,୭୦୦ କୋଟି ଟଙ୍କାର ପୁଞ୍ଜି ପ୍ରତ୍ୟାହାର କରିନେଇଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର କଥା ଯେ, ମୋଦି ସରକାରଙ୍କ ପ୍ରତ୍ୟାବର୍ତ୍ତନ ନେଇ ନିବେଶକ ପୁଞ୍ଜିବଜାର ଉପରେ ସକାରାତ୍ମକ ଆଶା ରଖିବା ସହ ଫେବୃୟାରୀରୁ ମେ ମାସ ମଧ୍ୟରେ ୮୩,୦୦୦ କୋଟି ଟଙ୍କା ନିବେଶ କରିଥିଲେ। ଅପରପକ୍ଷରେ ମାନ୍ଦାବସ୍ଥା ଦୂରକରିବା ଲାଗି ସରକାର ଘୋଷଣା କରିଥିବା ବିଭିନ୍ନ ପଦକ୍ଷେପ ନିବେଶକଙ୍କୁ ସନ୍ତୁଷ୍ଟ କରି ନ ଥିବା ଉପରୋକ୍ତ ସ୍ଥିତିକୁ ଦେଖିଲେ ବୁଝାପଡୁଛି।

### ୮% କମିଛି ସେନସେକ୍ସ, ନିଫ୍ଟି

ବର୍ତ୍ତମାନ ସମୟ ପର୍ଯ୍ୟନ୍ତ ସେନସେକ୍ସ ଏବଂ ନିଫ୍ଟିରେ କାରବାର ୮% ହ୍ରାସ ଘଟିଛି। ଏହି ସମୟରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ଶେୟାର କାରବାର ସର୍ବାଧିକ ପ୍ରଭାବିତ ହୋଇଛି। ସେମାନଙ୍କ ଏକ ଚତୁର୍ଥାଂଶ ପୁଞ୍ଜି ହ୍ରାସ ପାଇଛି। ନିବେଶକ ଆଶଙ୍କା ଗ୍ରସ୍ତ ଥିବାବେଳେ ସେମାନଙ୍କ ପୁଞ୍ଜିକୁ ସୁରକ୍ଷିତ ଶେୟାରରେ ନିବେଶ କରୁଛନ୍ତି। ଉକ୍ତ କ୍ଷେତ୍ରରେ ନିବେଶକ ଆଇଟି ଏବଂ ଫାର୍ମା ଭଳି କ୍ଷେତ୍ରକୁ ଅଧିକ ସୁରକ୍ଷିତ ମଣୁଛନ୍ତି। ଦେଶର ଅର୍ଥ ବ୍ୟବସ୍ଥାରେ ପ୍ରମୁଖ ଯୋଗଦାନ ରଖୁଥିବା ଅଟୋମୋବାଇଲ ଏବଂ ବ୍ୟାଙ୍କିଙ୍ଗ କ୍ଷେତ୍ର ଏହି ସମୟରେ ଖରାପ ସ୍ଥିତି ଦେଇ ଗତି କରୁଥିବା ଜଣାପଡିଛି।

# ଏଭରେଡିକୁ କିଣିବ ଡ୍ୟୁରାସେଲ୍

**ନୂଆଦିଲ୍ଲୀ,୯-୯**

ଋଣରେ ବୁଡ଼ି ରହିଥିବା ଦେଶର ଶୀର୍ଷ ବ୍ୟାଟେରି କମ୍ପାନୀ ଏଭରେଡିକୁ ଆମେରିକା କମ୍ପାନୀ ଡ୍ୟୁରାସେଲ୍ କିଣିବାକୁ ଯାଉଛି। ବିଶ୍ୱର ଶୀର୍ଷ ଧନୀଙ୍କ ମଧ୍ୟରେ ପରିଗଣିତ ୱାରେନ ବଫେଙ୍କ କମ୍ପାନୀ ୱର୍କଶାୟର ହ୍ୟାଥ୍‌ୱେର ଏକ ସହଯୋଗୀ କମ୍ପାନୀ ଡ୍ୟୁରାସେଲ୍ ଇଙ୍କ୍ ବି.ଏମ୍ ଖୈତାନଙ୍କ ଫ୍ଲାଗ୍‌ସିପ୍ କମ୍ପାନୀ ଏଭରେଡି ଇଣ୍ଡଷ୍ଟ୍ରିଜ୍‌ର ବ୍ୟାଟେରୀ ଓ ଫ୍ଲାଶ୍‌ଲାଇଟ୍ ବ୍ୟବସାୟକୁ କିଣିବ। ଏହି କିଣିବା ଦୌଡରେ ଡ୍ୟୁରାସେଲ୍ ଏନର୍ଜାଇଜର ହୋଲ୍ଡିଙ୍ଗ୍‌ସକୁ ପଛରେ ପକାଇ ଦେଇଛି। ସୂଚନାଥାଉ କି, ଋଣ ବୋଝ ଯୋଗୁ ଦେଶର କେତେକ ଶୀର୍ଷ କମ୍ପାନୀ ଜେଟ୍ ଏୟାରୱେଜ୍, କିଙ୍ଗଫିଶର୍ ଏୟାରଲାଇନ୍ସ, ରିଲାଏନ୍ସ ଟେଲିକମ୍ ପ୍ରମୁଖଙ୍କ ଅଣ୍ଟା ଭାଙ୍ଗି ଗଲାଣି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଡ୍ୟୁରାସେଲ୍ ୧୬୦୦ରୁ ୧୭୦୦ କୋଟି ଟଙ୍କାରେ ଏଭରେଡିକୁ କିଣିବ। କମ୍ପାନୀର କାରଖାନା, ଯୋଗାଣ ନେଟ୍‌ୱର୍କ ଏବଂ ଏଭରେଡି ବ୍ରାଣ୍ଡକୁ ଆମେରିକା କମ୍ପାନୀ କିଣିବ। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ସମ୍ପୂର୍ଣ୍ଣ ଭାବେ ନଗଦରେ ହେବାକୁ ଥିବା ଏହି ସ୍ଲମ୍ପ ସେଲ୍ ଡିଲ୍‌କୁ ନେଇ ଆଲୋଚନା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଖୁବ୍‌ଶୀଘ୍ର ଏ ସମ୍ପର୍କରେ ଘୋଷଣା କରାଯିବ। ଏହି କିଣାବିକା ଯୋଗୁ ଏଭରେଡି ଏହାର ଋଣ ପରିଶୋଧ କରିବାକୁ ସୁଯୋଗ ପାଇବ। ସୂଚନାଥାଉ କି, ଏଭରେଡି ସହ ଉଭୟ ଡ୍ୟୁରାସେଲ୍ ଏବଂ ଏନର୍ଜାଇଜରର ଆଲୋଚନା ଚାଲିଥିଲା। ଆମେରିକ ଓ ଚାଇନା ବଜାର ପାଇଁ ଏଭରେଡି ବ୍ରାଣ୍ଡ ଅଧିକାର ଏନର୍ଜାଇଜର ନିକଟରେ ରହିଛି। ଉଲ୍ଲେଖ କରାଯାଇପାରେ ଯେ, ସ୍ଲମ୍ପ ସେଲ୍‌ରେ ବିକ୍ରି କରାଯାଉଥିବା ସମ୍ପତ୍ତିକୁ ବିଭିନ୍ନ ଅଂଶରେ ସ୍ୱତନ୍ତ୍ର ଭାବେ ମୂଲ୍ୟାଙ୍କନ କରାଯାଇ ନ ଥାଏ।




# ନିର୍ଦ୍ଦେଶକଙ୍କ ପାଇଁ ଲାଗୁ ହେଲା ଆଚାର ସଂହିତା

**ନୂଆଦିଲ୍ଲୀ,୯-୯**

ବ୍ୟାଙ୍କିଙ୍ଗ୍ ସେକ୍ଟରରେ କର୍ପୋରେଟ ଗଭର୍ନାନ୍ସରେ ଉନ୍ନତି ଆଣିବା ଲାଗି କେନ୍ଦ୍ର ସରକାର ଅଣ ଅଫିସରସ୍ତରୀୟ ନିର୍ଦ୍ଦେଶକଙ୍କ ପାଇଁ ଆଚାର ସଂହିତା ଲାଗୁ କରିଛନ୍ତି। ଅର୍ଥ ମନ୍ତ୍ରଣାଳୟ ଅଧୀନ ଆର୍ଥିକ ସେବା ବିଭାଗ ପକ୍ଷରୁ ସମସ୍ତ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଏମ୍‌ଡିଙ୍କ ନିକଟକୁ ଏ ସଂକ୍ରାନ୍ତରେ ପତ୍ର ଲେଖାଯାଇଛି। ଏଥିରେ କୁହାଯାଇଛି ଯେ, ବ୍ୟାଙ୍କ ବୋର୍ଡ ନିର୍ଦ୍ଦେଶକଙ୍କ ପେସାଦାରୀ ଏବଂ ନୈତିକ ବ୍ୟବହାରକୁ ଆଧାର କରି ତାଙ୍କର ପ୍ରଦର୍ଶନ ସମ୍ପର୍କରେ ବାର୍ଷିକ ରିପୋର୍ଟ ସରକାରଙ୍କୁ ପ୍ରଦାନ କରିବେ। ପତ୍ରରେ କୁହାଯାଇଛି ଯେ, କମ୍ପାନୀରେ କାର୍ଯ୍ୟରତ ସ୍ୱାଧୀନ ନିର୍ଦ୍ଦେଶକଙ୍କ ଲାଗି ସେବି ପକ୍ଷରୁ ଏକ ଆଚାର ସଂହିତା ପୂର୍ବରୁ ଲାଗୁ କରାଯାଇସାରିଛି। ଏହାଦ୍ୱାରା ସେମାନଙ୍କର ପ୍ରଦର୍ଶନର ମୂଲ୍ୟାଙ୍କନ ସମ୍ଭବ ହୋଇପାରୁଛି। ତେବେ ସେବିର ଉକ୍ତ ନିଷ୍ପତ୍ତି ରାଷ୍ଟ୍ରାୟତ୍ତ ବ୍ୟାଙ୍କ କ୍ଷେତ୍ରରେ ଲାଗୁ ହୋଇପାରୁନାହିଁ, କାରଣ ଏହା କମ୍ପାନୀ ଆଇନ ଅଧୀନକୁ ଆସୁନାହିଁ। ସେହିପରି ବ୍ୟାଙ୍କିଙ୍ଗ୍ କମ୍ପାନୀଜ ଆଇନରେ ମଧ ସ୍ୱାଧୀନ ନିର୍ଦ୍ଦେଶକ ଏବଂ ଅଣ କାର୍ଯ୍ୟନିର୍ବାହୀ ଅଧକ୍ଷଙ୍କ ସମେତ ଅଣ ଅଧିକାରୀସ୍ତରୀୟ ନିର୍ଦ୍ଦେଶକଙ୍କ କାର୍ଯ୍ୟଧାରା ସମ୍ପର୍କରେ ସେଭଳି ସ୍ପଷ୍ଟ କିଛି ଉଲ୍ଲେଖ କରାଯାଇନାହିଁ। ଆଚାର ସଂହିତାରେ ନିର୍ଦ୍ଦେଶକଙ୍କ ପାଇଁ କେତେକ କରଣୀୟ କାର୍ଯ୍ୟ ସମ୍ପର୍କରେ ସ୍ପଷ୍ଟ କରାଯାଇଛି। କମ୍ପାନୀ ସହ ନିଜେ କୌଣସି କାରବାରରେ ସମ୍ପୃକ୍ତ ରହିଛନ୍ତି କି ନା ସେ ସମ୍ପର୍କରେ ସମ୍ପୃକ୍ତ ନିର୍ଦ୍ଦେଶକ ବୋର୍ଡ ସହ ପ୍ରାକ୍ ଆଲୋଚନା ସାରିନେବାକୁ ହେବ ବୋଲି ଆଚାର ସଂହିତାରେ ସ୍ପଷ୍ଟ ଉଲ୍ଲେଖ କରାଯାଇଛି।


### ଧର୍ମଘଟରେ ବ୍ରିଟିଶ୍ ଏୟାରୱେଜ ପାଇଲଟ

# ୧୫୦୦ ଉଡ଼ାଣ ରଦ୍ଦ, ୭୦୪ କୋଟି କ୍ଷତି

**ନୂଆଦିଲ୍ଲୀ,୯-୯**

ବ୍ରିଟେନର ବିମାନ କମ୍ପାନୀ ବ୍ରିଟିଶ୍ ଏୟାରୱେଜର ପାଇଲଟ ସୋମବାର ଓ ମଙ୍ଗଳବାର ଧର୍ମଘଟରେ ସାମିଲ ହୋଇଛନ୍ତି। ଏୟାରଲାଇନର ୧୦୦ବର୍ଷର ଇତିହାସରେ ଏହା ସର୍ବବୃହତ ଧର୍ମଘଟ ମନେ କରାଯାଉଛି। ଏହି କାରଣରୁ କମ୍ପାନୀର ପ୍ରାୟ ୧୫୦୦ ଉଡ଼ାଣ ରଦ୍ଦ ହୋଇସାରିଛି। ବେତନ ବିବାଦକୁ କେନ୍ଦ୍ର କରି ପାଇଲଟମାନେ ଦୁଇଦିନିଆ ଧର୍ମଘଟରେ ସାମିଲ ହୋଇଛନ୍ତି। ସ୍ଥାନୀୟ ଖବରକାଗଜ 'ଦ ଟେଲିଗ୍ରାଫ୍'ର ରିପୋର୍ଟ ଅନୁସାରେ ପାଇଲଟଙ୍କ ଧର୍ମଘଟ ଯୋଗୁ ପ୍ରାୟ ୨ ଲକ୍ଷ ୮୦ ହଜାର ଲୋକ ପ୍ରଭାବିତ ହେବେ ଓ କମ୍ପାନୀ ପ୍ରାୟ ୭୦୪ କୋଟି ଟଙ୍କା ଅର୍ଥାତ୍ ୮୦ ମିଲିୟନ ପାଉଣ୍ଡ କ୍ଷତି ସହିବାକୁ ଯାଉଛି। ଧର୍ମଘଟ ଯୋଗୁ ନ୍ୟୁୟର୍କ, ଦିଲ୍ଲୀ, ହଂକଂ ଓ ଜୋହାନ୍ସବର୍ଗର ସମସ୍ତ ଉଡ଼ାଣ ପ୍ରଭାବିତ ହୋଇଛି। ଉଡ଼ାଣ ରଦ୍ଦ ହୋଇଥିବାର ସୂଚନା ପାଇଥିଲେ ଯାତ୍ରୀମାନେ ଏୟାରପୋର୍ଟ ନ ଯିବାକୁ ବ୍ରିଟିଶ ଏୟାରୱେଜ ପକ୍ଷରୁ ପରାମର୍ଶ ଦିଆଯାଇଛି। ସୂଚନାଥାଉ କି, ବ୍ରିଟିଶ ଏୟାରଲାଇନ ପାଇଲଟ ଆସୋସିଏଶନ ଅଗଷ୍ଟ ୨୩ରେ ଧର୍ମଘଟ ଡାକରା ଦେଇଥିଲା।

# ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ ପ୍ୟାକେଜିଂ ବନ୍ଦ କରିବ ଆମାଜନ




**ନୂଆଦିଲ୍ଲୀ, ୯-୯**

ଆମାଜନ ଇଣ୍ଡିଆ ପକ୍ଷରୁ ୨୦୨୦ ଜୁନ ସୁଦ୍ଧା ସିଙ୍ଗଲ ୟୁଜ ପ୍ଲାଷ୍ଟିକ ପ୍ୟାକେଜିଂ ବ୍ୟବହାର ପରିତ୍ୟାଗ କରିବାର ଘୋଷଣା କରାଯାଇଛି। କମ୍ପାନୀ ପେପର କୁସନ୍ସ ବ୍ୟବହାର କରିବାକୁ ଯୋଜନା ରଖିଛି। ଆମାଜନ ଦେଶରେ ଥିବା ଏହାର ଫୁଲଫିଲ ସେଣ୍ଟରଗୁଡିକରେ ଏୟାର ପିଲୋ ଏବଂ ବବଲ ରାପ୍ ଭଳି ସାମଗ୍ରୀ ବ୍ୟବହାର କରିବ। ପେପର କୁସନ୍ସ ବ୍ୟବହାର ଦ୍ୱାରା ନେବା ଆଣିବା କରିବା ସମୟରେ ସାମଗ୍ରୀ ସୁରକ୍ଷିତ ହୋଇ ରହିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ଏଗୁଡିକ ପରିବେଶ ଉପଯୋଗୀ ଏବଂ ପୁନଃବ୍ୟବହାର କ୍ଷମ ହୋଇ ପାରିବ। ପରିବେଶ ଉପଯୋଗୀ ପ୍ୟାକେଜିଂ ଆଧାରରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା କଷ୍ଟମର ଫୁଲ୍‌ଫିଲ୍‌ମେଣ୍ଟ ଉପସଭାପତି ଅଖିଳ ସକ୍ସେନା କହିଛନ୍ତି।

# ଭୁବନେଶ୍ୱରରେ ଲୁଇ ଫିଲିପରେ ପଞ୍ଚମ ଷ୍ଟୋର

**ଭୁବନେଶ୍ୱର, ୯-୯**

ପୁରୁଷ ପରିଧାନ କ୍ଷେତ୍ରରେ ପ୍ରମୁଖ ବ୍ରାଣ୍ଡ ଲୁଇ ଫିଲିପ ପକ୍ଷରୁ ଭୁବନେଶ୍ୱରରେ ଏହାର ପଞ୍ଚମ ଷ୍ଟୋର ଶୁଭାରମ୍ଭ ହୋଇଛି। ଡିଏନ୍ ରେଗାଲିଆ ମଲ୍‌ରେ ଏହା ୧୧୦୦ ବର୍ଗଫୁଟ ପରିମିତ ସ୍ଥାନରେ ଖୋଲିଛି। ଉକ୍ତ ଷ୍ଟୋର ଦ୍ୱାରା ରାଜ୍ୟରେ ଲୁଇ ଫିଲିପ ଷ୍ଟୋର ସଂଖ୍ୟା ୬ରେ ପହଞ୍ଚିଛି। ଏହି ଅବସରରେ କମ୍ପାନୀ ପକ୍ଷରୁ ନୂତନ ଅଭିଯାନ ଷ୍ଟେ ଅନ୍ କ୍ରସଡ ଆରମ୍ଭ କରାଯାଇଛି। ଭୁବନେଶ୍ୱର ବଜାରର ଚାହିଦାକୁ ଧ୍ୟାନରେ ରଖି ଏହି ଷ୍ଟୋରଟିକୁ ଶୁଭାରମ୍ଭ କରାଯାଇଥିବା ଲୁଇ ଫିଲିପ ସିଓଓ ଫରିଦା କଲିଆଦାନ ସୂଚନା ଦେଇଛନ୍ତି। ଏଠାରେ ଗ୍ରାହକ ଫର୍ମାଲ, ସେମିକାଜୁଆଲ, ବିବାହ ପୋଷାକ, ଆସେସୋରିଜ ଲାଭ କରିପାରିବେ। ସେହିଭଳି ସୁଟ, ସାର୍ଟ, ଟ୍ରାଉଜର, ଟି-ସାର୍ଟ,ଜିନ୍ସ ଉପଲବ୍ଧ।

### ସତ୍ୟମ୍ ମାମଲାରେ ସେବିକୁ ସ୍ୟାଟ୍‌ର ଝଟକା

# ପିଡବ୍ଲ୍ୟୁସି ଉପରେ ଲାଗିଥିବା କଟକଣା ଉଠିଲା

**ମୁମ୍ବାଇ,୯-୯**




ସତ୍ୟମ୍ କମ୍ପ୍ୟୁଟର ଦୁର୍ନୀତି ମାମଲାରେ ପୁଞ୍ଜିବଜାର ନିୟାମକ ସେବିକୁ ଜୋରଦାର ଝଟକା ଲାଗିଛି। ପ୍ରତିଭୂତି ଅପିଲୀୟ ନ୍ୟାୟାଧିକରଣ(ସ୍ୟାଟ୍) ୭୮୦୦ କୋଟି ଟଙ୍କାର ସତ୍ୟମ୍ ଦୁର୍ନୀତି ମାମଲାରେ ପ୍ରାଇସ୍ ୱାଟରହାଉସ୍ କୁପର୍ସ(ପିଡବ୍ଲ୍ୟୁସି) ଉପରେ ଲାଗିଥିବା ୨ ବର୍ଷର କଟକଣାକୁ ହଟାଇ ଦେଇଛନ୍ତି। ସେବି ପକ୍ଷରୁ ଏହି କଟକଣା ଜାରି କରାଯାଇଥିଲା। ଏହି ମାମଲାରେ ପିଡବ୍ଲ୍ୟୁସିରୁ ଆଂଶିକ ଭାବେ ୧୩ କୋଟି ଟଙ୍କା ଫେରାଇ ନେବାକୁ ସ୍ୟାଟ୍ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଥାଉ କି, ୨୦୦୯ ଜାନୁୟାରୀରେ ସତ୍ୟମ୍ ଦୁର୍ନୀତିର ପର୍ଦ୍ଦାଫାଶ୍ ହୋଇଥିଲା। କମ୍ପାନୀ ପ୍ରତିଷ୍ଠାତା ତଥା ଏମ୍‌ଡି ରାମଲିଙ୍ଗା ରାଜୁ ଦୁର୍ନୀତିରେ ସାମିଲ ଥିବା ସ୍ୱୀକାର କରିଥିଲେ। ସତ୍ୟମ୍‌ର ଅଡିଟ ଦାୟିତ୍ୱରେ ଥିବା ପିଡବ୍ଲ୍ୟୁସି ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସେବି ପକ୍ଷରୁ ଉକ୍ତ କଟକଣା ଜାରି କରାଯାଇଥିଲା। ଏହି ମାମଲାର ଶୁଣାଣି କରି ସ୍ୟାଟ୍ ତାଙ୍କ ରାୟରେ ଦର୍ଶାଇଛନ୍ତି ଯେ, କୌଣସି ଅଡିଟ୍ କମ୍ପାନୀ ବିରୋଧରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ ଅଫ୍ ଇଣ୍ଡିଆ(ଆଇସିଏଆଇ) କେବଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ। ଅଡିଟ୍ ଦାୟିତ୍ୱ ତୁଲାଇବାରେ ଅବହେଳା କରିବା ଦ୍ୱାରା ଏହା ସ୍ପଷ୍ଟ ହୋଇନାହିଁ ଯେ, ଉକ୍ତ କମ୍ପାନୀ ଦୁର୍ନୀତିରେ ସାମିଲ ଥିଲା। ଅଡିଟର ଗୁଣବତ୍ତା ଓ ଯାଞ୍ଚ କରିବାର ଅଧିକାର ସେବି ହାତରେ ନାହିଁ ବୋଲି ରାୟରେ ଉଲ୍ଲେଖ କରାଯାଇଛି।

# ବଜାରରେ ନୂଆ ଟାଟା ଇଣ୍ଟ୍ରା




**ଭୁବନେଶ୍ୱର, ୯-୯**

ଟାଟା ମୋଟର୍ସ ପକ୍ଷରୁ ନୂଆ ବାଣିଜ୍ୟିକ ଯାନ ଟାଟା ଇଣ୍ଟ୍ରା ଭୁବନେଶ୍ୱର ବଜାରରେ ପ୍ରବେଶ କରିଛି। ଏହା କମ୍ପାକ୍ଟ ଟ୍ରକ ବର୍ଗରେ ସାମିଲ ହୋଇଥିବା ବେଳେ ଗ୍ରାହକଙ୍କ ପରିବର୍ତ୍ତିତ ଆବଶ୍ୟକତାକୁ ଧ୍ୟାନରେ ରଖି ନିର୍ମାଣ କରାଯାଇଛି। ଏହା କମ୍ ମୂଲ୍ୟର ଓନରଶିପ ଏବଂ ପରଫରମାନ୍ସ ପ୍ରଦାନ କରୁଛି। ଟାଟାର ପ୍ରିମିୟମ ଡିଜାଇନ ବୈଶିଷ୍ଟ୍ୟ ସହ ଏହା ଆସିଛି। ନୂଆ ମଡ୍ୟୁଲାର ପ୍ଲାଟଫର୍ମରେ ଭି୧୦ ଏବଂ ଭି ୨୦ ପ୍ଲାଟଫର୍ମରେ ଯାନଟି ଉପଲବ୍ଧ। ୧୩୯୬ ସିଏମ୍ ଡିଆଇ ଇଞ୍ଜିନ, ୫୨ କେଡବ୍ଲ୍ୟୁ ପାୱାର, ୧୪୦ ଏନ୍‌ଏମ୍ ଟର୍କ, ଗିୟର ସିଫ୍ଟ ଆଡଭାଇଜର, ସର୍ବୋତ୍ତମ ଇନ୍ଧନ ଗୁଣବତ୍ତା ସହ ଏହା ବଜାରକୁ ଆସିଛି। କମ୍ପାନୀର ଅଧିକୃତ ଡିଲରଶିପଗୁଡିକରେ ଯାନଟି ଉପଲବ୍ଧ ହେବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ଓଡ଼ିଶା କମ୍ପାନୀ ଲାଗି ଫୋକସ ବଜାର ହୋଇ ଥିବାରୁ ନୂଆ ଯାନଟିକୁ ବଜାର ପ୍ରବେଶ କରାଇ ଅତ୍ୟନ୍ତ ଖୁସି ବୋଲି ବାଣିଜ୍ୟିକ ଯାନ ୟୁନିଟ ସଭାପତି ଗିରିଶ ୱାଘ ସୂଚନା ଦେଇଛନ୍ତି।

"ଅଷ୍ଟ୍ରେଲିଆ ଆଶେସ ଟାଇଟଲ ବଜାୟ ରଖିବା ପଛରେ କେବଳ ଷ୍ଟିଭ ସ୍ମିଥ୍ ନୁହନ୍ତି, ଦଳର ବୋଲରମାନଙ୍କର ମଧ୍ୟ ଯଥେଷ୍ଟ ଭୂମିକା ରହିଛି।
–ରିକି ପଣ୍ଟିଂ, ପୂର୍ବତନ ଅଷ୍ଟ୍ରେଲିଆ କ୍ରିକେଟ ଅଧିନାୟକ



"ବର୍ତ୍ତମାନ ଆମର ମୂଳ ଲକ୍ଷ୍ୟ ଟେଷ୍ଟ ଚାମ୍ପିୟନଶିପ୍ ନୁହେଁ ଟି୨୦ ବିଶ୍ୱକପ୍। ଯୁବ ଖେଳାଳିଙ୍କୁ ସୁଯୋଗ ଦେଇ ବେଞ୍ଚ ଷ୍ଟ୍ରେନ୍ଥ ବୃଦ୍ଧିକୁ ଗୁରୁତ୍ୱ ଦିଆଯାଉଛି।
–ରବି ଶାସ୍ତ୍ରୀ, ଭାରତୀୟ କ୍ରିକେଟ ଦଳର ମୁଖ୍ୟ କୋଚ୍



## ସଂକ୍ଷେପରେ

### ଇଷ୍ଟ ଜୋନ୍ ସ୍ନୁକର ନିଶାନ୍ତଙ୍କୁ ହରାଇଲେ ଆଦର୍ଶ




**ଭୁବନେଶ୍ୱର,୯।୯(କ୍ରୀଡ଼ା ପ୍ରତିନିଧି):** ସ୍ଥାନୀୟ ପଟିଆସ୍ଥିତ ୬ ପକେଟ୍ସଠାରେ ଚାଲିଥିବା ଇଷ୍ଟ ଜୋନ୍ ସ୍ନୁକର ଚାମ୍ପିୟନଶିପ୍‌ର ସୋମବାର ପଞ୍ଚମ ଦିବସରେ ଓଡ଼ିଶାର ପୂର୍ବତନ ସିନିୟର ସ୍ନୁକର ଚାମ୍ପିୟନ ନିଶାନ୍ତ ବିଶ୍ୱାଳଙ୍କୁ ୩-୦ ଫ୍ରେମ୍‌ରେ ହରାଇ ଝାଡ଼ଖଣ୍ଡ ଜୁନିୟର ଚାମ୍ପିୟନ ଆଦର୍ଶ ବର୍ମା ଉଲ୍ଲେଖନୀୟ ସଫଳତା ଅର୍ଜନ କରିଛନ୍ତି। ଆଦର୍ଶ ତାଙ୍କର ପୂର୍ବ ମ୍ୟାଚରେ ଓଡ଼ିଶାର ଦେବୀ ପ୍ରସାଦଙ୍କଠାରୁ ୱାକ୍‌ଓଭର ପାଇଥିଲେ। ଅନ୍ୟ ମ୍ୟାଚଗୁଡ଼ିକ ମଧ୍ୟରେ ପଶ୍ଚିମବଙ୍ଗର କିଙ୍ଗସୁକ୍ ଶାହ ୩-୧ରେ ଓଡ଼ିଶାର ଆର୍.କେ. ବାରିକ, ଓଡ଼ିଶାର ମହମ୍ମଦ ରାଜା ୩-୧ରେ ନିଜ ରାଜ୍ୟର ଶ୍ୟାମ ଅଗ୍ରୱାଲ, ଜାକିର ଖାଁ ୩-୧ରେ ରଣଜିତ ପତିଙ୍କୁ ପରାସ୍ତ କରିଛନ୍ତି।

### ଚତୁର୍ଥ ଆଶେସ ଟେଷ୍ଟ ଅଷ୍ଟ୍ରେଲିଆ ୧୮୫ ରନରେ ବିଜୟୀ

**ମାଞ୍ଚେଷ୍ଟର, ୯।୯:** ଓଲ୍ଡ ଟ୍ରାଫୋର୍ଡ ଗ୍ରାଉଣ୍ଡରେ ଅନୁଷ୍ଠିତ ଚତୁର୍ଥ ଆଶେସ କ୍ରିକେଟ ଟେଷ୍ଟରେ ଅଷ୍ଟ୍ରେଲିଆ ୧୮୫ ରନରେ ଇଂଲଣ୍ଡକୁ ହରାଇ ଦେଇଛି। ୩୮୩ ରନ ବିଜୟ ଲକ୍ଷ୍ୟର ପିଛା କରୁଥିବା ଇଂଲଣ୍ଡ ରବିବାର ୫ମ ତଥା ଅନ୍ତିମ ଦିବସରେ ଦ୍ୱିତୀୟ ଇନିଂସରେ ୧୯୭ ରନରେ ଅଲଆଉଟ ହୋଇ ଯାଇଛି। ଫଳରେ ୫ ମ୍ୟାଚ ବିଶିଷ୍ଟ ସିରିଜରେ ଅଷ୍ଟ୍ରେଲିଆ ୨-୧ରେ ଅଗ୍ରଣୀଲାଭ କରିଛି। ଅଷ୍ଟ୍ରେଲିଆର ପ୍ରଥମ ଇନିଂସରେ ୨୧୧ ଏବଂ ଦ୍ୱିତୀୟ ଇନିଂସରେ ୮୨ ରନ କରିଥିବା ଷ୍ଟିଭ୍ ସ୍ମିଥ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ଅନ୍ୟପକ୍ଷରେ ବିଜୟୀ ଅଷ୍ଟ୍ରେଲିଆ ମ୍ୟାଚରୁ ବିଶ୍ୱ ଚାମ୍ପିୟନଶିପ୍ ଅନ୍ତର୍ଗତ ୨୪ ପଏଣ୍ଟ ପାଇଛି। ୪ ମ୍ୟାଚରୁ ୨ ବିଜୟ, ୧ ପରାଜୟ ଓ ୧ ଡ୍ର ସହିତ ଏହି ଦଳର ପଏଣ୍ଟ ସଂଖ୍ୟା ୫୬ରେ ପହଞ୍ଚିଛି। ଦୁଇ ଦଳ ମଧ୍ୟରେ ଆଉ ଗୋଟିଏ ଟେଷ୍ଟ ଅନୁଷ୍ଠିତ ହେବ। ଏହି ମ୍ୟାଚର ଫଳାଫଳ ଯାହା ହେଉନା କାହିଁକି ଆଶେସ ଟ୍ରଫି ଅଷ୍ଟ୍ରେଲିଆ ନିକଟରେ ରହିବ। **ସଂକ୍ଷିପ୍ତ ସ୍କୋର:** ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୪୯୭। ଇଂଲଣ୍ଡ ପ୍ରଥମ ଇନିଂସ: ୩୦୧। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ: ୧୮୬/୬(ଘୋଷଣା) ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୧୯୭/ଅଲଆଉଟ

# ନାଡାଲଙ୍କୁ ୧୯ତମ ଗ୍ରାଣ୍ଡସ୍ଲାମ୍

ନ୍ୟୁୟର୍କ, ୯।୯(ଏଏଫ୍‌ପି)





ୟୁଏସ୍ ଓପନ୍ ଟ୍ରଫି ସହ ରାଫାଲ ନାଡାଲ

କ୍ଲେ କୋର୍ଟର ବାଦ୍‌ଶାହା କୁହାଯାଉଥିବା ରାଫାଲ ନାଡାଲ ଚତୁର୍ଥ ଥର ୟୁଏସ୍ ଓପନ ଟେନିସ ଟାଇଟଲ ହାସଲ କରିଛନ୍ତି। ରବିବାର ଅନୁଷ୍ଠିତ ୫ ସେଟ୍ ବିଶିଷ୍ଟ ଏକ ସଂଘର୍ଷପୂର୍ଣ୍ଣ ଫାଇନାଲରେ ସେ ରୁଷିଆର ଡାନିଲ ମେଡ୍‌ଭେଡେଭ୍‌ଙ୍କୁ ୭-୫, ୬-୩, ୫-୭, ୪-୬, ୬-୪ ସେଟ୍‌ରେ ହରାଇ ଦେଇଛନ୍ତି। ଏଥିସହିତ ସେ ତାଙ୍କ କ୍ୟାରିୟରର ୧୯ତମ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଛନ୍ତି। ସ୍ପେନର ଏହି ୩୩ ବର୍ଷୀୟ ବାମହାତୀ ଟେନିସ ଖେଳାଳି ରୋଜର ଫେଡରରଙ୍କ ସର୍ବକାଳୀନ ପୁରୁଷ ଗ୍ରାଣ୍ଡସ୍ଲାମ ସଫଳତା ରେକର୍ଡ ସମକକ୍ଷ ହେବା ଲାଗି ଆଉ ମାତ୍ର ଗୋଟିଏ ପାଦ ପଛରେ ରହିଛନ୍ତି। ଫେଡରର ୨୦ ଗ୍ରାଣ୍ଡସ୍ଲାମ ଟାଇଟଲ ସହ ରେକର୍ଡର ଅଧିକାରୀ ହୋଇଛନ୍ତି। ପୁନଶ୍ଚ ପ୍ରତିଯୋଗିତାର ଇତିହାସରେ ନାଡାଲ ଦ୍ୱିତୀୟ ବୟୋଜ୍ୟେଷ୍ଠ ଖେଳାଳି ହିସାବରେ ନ୍ୟୁୟର୍କ ଚାମ୍ପିୟନ ହୋଇଛନ୍ତି। ସବୁଠାରୁ ବୟସ୍କ ଖେଳାଳି ଭାବେ ଚାମ୍ପିୟନ ହେବାର ରେକର୍ଡ କେନ୍ ରୋଜ୍‌ୱେଲଙ୍କ ନାମରେ ରହିଛି। ସେ ୧୯୭୦ରେ ୩୫ବର୍ଷ ବୟସରେ ଟାଇଟଲ ବିଜୟୀ ହୋଇଥିଲେ। ନାଡାଲ କହିଛନ୍ତି, ରବିବାର ମୋ ଟେନିସ କ୍ୟାରିୟରର ସବୁଠାରୁ ଆବେଗପୂର୍ଣ୍ଣ ରାତି ଥିଲା। ଆର୍ଥର ଆଶେ ଷ୍ଟାଡିୟମରେ ନାଡାଲ ଚାମ୍ପିୟନ ଭାବେ ୩.୮୫ ନିୟୁତ ଡଲାର ପୁରସ୍କାର ରାଶି ପକେଟସ୍ଥ କରିଛନ୍ତି। ଏହା ପୂର୍ବରୁ ସେ ୨୦୧୦, ୨୦୧୩ ଏବଂ ୨୦୧୭ରେ ୟୁଏସ ଓପନ ଟ୍ରଫି ହାତେଇବାରେ ସଫଳ ହୋଇଥିଲେ। ନାଡାଲଙ୍କ ଏହା ଥିଲା ୫ମ ୟୁଏସ ଓପନ ଏବଂ ମୋଟ ଉପରେ ୨୭ତମ ଗ୍ରାଣ୍ଡସ୍ଲାମ ଫାଇନାଲ। ୩୦ ବର୍ଷ ବୟସ ହେବାପରେ ୫ ପ୍ରମୁଖ ଟାଇଟଲ ଜିତିବାରେ ସେ ପ୍ରଥମ ପୁରୁଷ ଖେଳାଳି ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ପୁନଶ୍ଚ ସ୍ପେନର ଏହି ଷ୍ଟାର ଟେନିସ ଖେଳାଳି ୧୯୪୯ରେ ଟେଡ୍ ସ୍କ୍ରୋଡରଙ୍କ ପରେ ପ୍ରଥମ ଖେଳାଳି ଭାବେ ଫାଇନାଲରେ ପ୍ରଥମ ଦୁଇ ସେଟ ଜିତିବା ଏବଂ ପରବର୍ତ୍ତୀ ୨ ସେଟ୍‌ରେ ପରାଜିତ ହୋଇ ୫ମ ସେଟ୍‌ରେ ବିଜୟ ଲାଭ କରି ଟାଇଟଲ ହାସଲ କରିବାରେ ପ୍ରଥମ ଖେଳାଳି। ଫାଇନାଲ ମ୍ୟାଚ ଦୀର୍ଘ ୪ ଘଣ୍ଟା ୫୦ ମିନିଟ ଧରି ଚାଲିଥିଲା। ୟୁଏସ ଓପନ ଇତିହାସରେ ସବୁଠାରୁ ଦୀର୍ଘତମ ଫାଇନାଲ ରେକର୍ଡର ସମକକ୍ଷ ହେବା ଲାଗି ଆଉ ୪ମିନିଟ ଆବଶ୍ୟକ ପଡୁଥିଲା। ଏଠାରେ ଦୀର୍ଘତମ ଫାଇନାଲ ଖେଳି ଟାଇଟଲ ଜିତିବା ରେକର୍ଡ ଉଭୟ ମ୍ୟାଟ୍ସ ୱିଲାଣ୍ଡର (୧୯୮୮) ଏବଂ ଆଣ୍ଡି ମୁରେ (୨୦୧୨)ଙ୍କ ନାମରେ ରହିଛି। ସର୍ବାଧିକ ୫ଥର ୟୁଏସ ଓପନ ଜିତିବା ରେକର୍ଡ ୩ଜଣ ଖେଳାଳି ଫେଡରର, ଜିମ୍ମି କନ୍‌ର୍ସ ଏବଂ ପିଟ୍ ସାମ୍ପ୍ରାସଙ୍କ ନାମରେ ରହିଛି। ୧୯ତମ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବା ସହଜ କଥା ନୁହେଁ ବୋଲି ମେଡଭେଡେଭ୍ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ୫ମ ସିଡ୍ ୨୩ ବର୍ଷୀୟ ମେଡଭେଡେଭ ଯଦି ବିଜୟ ଲାଭ କରିଥାନ୍ତେ ତେବେ ଜୁଆନ ମାର୍ଟିନ ଡେଲପେଟ୍ରୋ (୨୦୦୯ ୟୁଏସ୍ ଓପନ)ଙ୍କ ପରେ ସର୍ବକନିଷ୍ଠ ପୁରୁଷ ଗ୍ରାଣ୍ଡସ୍ଲାମ ଚାମ୍ପିୟନ ହୋଇପାରିଥାନ୍ତେ। ସଦ୍ୟ ପ୍ରକାଶିତ ର୍‍ୟାଙ୍କିଙ୍ଗ ତାଲିକାରେ ଏହି ଖେଳାଳି ତାଙ୍କ କ୍ୟାରିୟରର ଶ୍ରେଷ୍ଠ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ମେଡ୍‌ଭେଡେଭ ସିନ୍‌ସିନାଟିଠାରେ ଚାମ୍ପିୟନ ହୋଇଥିବାବେଳେ ମଣ୍ଟ୍ରିଲ, ୱାଶିଂଟନ ଏବଂ ୟୁଏସ ଓପନରେ ରନର୍ସ ଅପ୍ ହୋଇଛନ୍ତି।

**ନାଡାଲଙ୍କ ଗ୍ରାଣ୍ଡସ୍ଲାମ ତାଲିକା**

ଅଷ୍ଟ୍ରେଲିଆନ ଓପନ୍– ୨୦୦୯
ଫ୍ରେଞ୍ଚ ଓପନ୍– ୨୦୦୫, ୨୦୦୬, ୨୦୦୭, ୨୦୦୮, ୨୦୧୦, ୨୦୧୧, ୨୦୧୨, ୨୦୧୩, ୨୦୧୪, ୨୦୧୭, ୨୦୧୮, ୨୦୧୯
ୱିମ୍ବଲଡନ– ୨୦୦୮, ୨୦୧୦,
ୟୁଏସ୍ ଓପନ୍: ୨୦୧୦, ୨୦୧୩, ୨୦୧୭, ୨୦୧୯

## ଅମୋଲ ମଜୁମ୍‌ଦାର ଦକ୍ଷିଣ ଆଫ୍ରିକା ବ୍ୟାଟିଂ କୋଚ୍



ନୂଆଦିଲ୍ଲୀ, ୯।୯ (ପି.ଟି.)

ମୁମ୍ବାଇ ଷ୍ଟଲ୍‌ୱାର୍ଟ ଅମୋଲ ମଜୁମ୍‌ଦାର ସୋମବାର ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା କ୍ରିକେଟ ଦଳର ବ୍ୟାଟିଂ କୋଚ୍ ଭାବେ ନିଯୁକ୍ତି ପାଇଛନ୍ତି। ଦକ୍ଷିଣ ଆଫ୍ରିକା ଅକ୍ଟୋବର ୨ରୁ ଭାରତ ବିପକ୍ଷ ଟେଷ୍ଟ ସିରିଜ ଖେଳିବ। ୪୪ ବର୍ଷୀୟ ଅମୋଲ ପ୍ରଥମ ଶ୍ରେଣୀ କ୍ରିକେଟରେ ୪୮.୧୩ ଆଭରେଜରେ୧୧,୧୬୭ ରନ କରିଛନ୍ତି। କିନ୍ତୁ ସେ ଭାରତ ତରଫରୁ ଖେଳିବା ଲାଗି କେବେ ସୁଯୋଗ ପାଇନାହାନ୍ତି। ମୋତେ ଗତ ସପ୍ତାହରେ ଅଫର ଆସିଥିଲା। ମୁଁ ଏହାକୁ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରିଥିଲି। ଏହା ମୋ ପାଇଁ ବଡ଼ ସୁଯୋଗ ଥିଲା ବୋଲି ମଜୁମ୍‌ଦାର କହିଛନ୍ତି। ଆସାମ ଏବଂ ପରେ ଆନ୍ଧ୍ର ପାଇଁ ଖେଳିବା ପୂର୍ବରୁ ଅମୋଲ ମୁମ୍ବାଇ ତରଫରୁ ଅଧିକ ଦିନ ଧରି ପ୍ରତିନିଧିତ୍ୱ କରିଛନ୍ତି। ସେ ଲିଷ୍ଟ ଏ' କ୍ରିକେଟରେ ୩୨୮୬ ରନ ସ୍କୋର କରିଛନ୍ତି। ସେ ମଧ୍ୟ ଆଇପିଏଲ ଫ୍ରାଞ୍ଚାଇଜ୍ ରାଜସ୍ଥାନ ରୟାଲ୍ସ ଏବଂ ନେଦରଲାଣ୍ଡ୍ସ ଜାତୀୟ ଦଳର ବ୍ୟାଟିଂ କୋଚ ଭାବେ କାର୍ଯ୍ୟ କରିସାରିଛନ୍ତି। ଅମୋଲଙ୍କୁ କେବଳ ଭାରତ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ପାଇଁ ନିଯୁକ୍ତି ମିଳିଛି। ଅକ୍ଟୋବର ୨ରୁ ବିଶାଖାପାଟଣାଠାରେ ପ୍ରଥମ ଟେଷ୍ଟ ଖେଳାଯିବାକୁ ଥିବାବେଳେ ଅନ୍ୟ ଦୁଇଟି ପୁଣେ (ଅକ୍ଟୋବର ୧୦ରୁ ୧୪) ଏବଂ ରାଞ୍ଚି (ଅକ୍ଟୋବର ୧୯ରୁ ୨୩)ଠାରେ ଖେଳାଯିବ।

## ଖୋର୍ଦ୍ଧା ବାଳିକା ଦଳଗତ ଚାମ୍ପିୟନ

ଭୁବନେଶ୍ୱର, ୯।୯ (ସ୍ପୋର୍ଟ୍ସ ବ୍ୟୁରୋ)

**ରାଜ୍ୟ ଭାରୋତ୍ତୋଳନ ପ୍ରତିଯୋଗିତା**

ବ୍ରହ୍ମପୁରରେ ଦୁଇ ଦିନ ଧରି ରାଜ୍ୟ ଭାରୋତ୍ତୋଳନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖୋର୍ଦ୍ଧା ବାଳିକା ଦଳଗତ ଚାମ୍ପିୟନ ହୋଇଛି। ଖୋର୍ଦ୍ଧା ବାଳିକା ବିଭାଗରେ ୧୫ ସ୍ୱର୍ଣ୍ଣ, ୬ରୌପ୍ୟ, ୪ ବ୍ରୋଞ୍ଜ ଜିତିଥିବାବେଳେ ୬ଜଣ ନୂଆ ରାଜ୍ୟ ରେକର୍ଡ କରିଛନ୍ତି। ରେକର୍ଡ ପ୍ରତିଷ୍ଠା କରିଥିବା ଖେଳାଳିମାନେ ହେଲେ ବୀଣା ସୋରେନ, ମୋତି ଜାନି, ଦେବକି ଖିଲୋ, ଅପରାଜିତା ଭୂୟାଁ, ଏମ୍. କୀର୍ତ୍ତି ଏବଂ କେ. ଅଭିଷିକ୍ତା। ସୋମବାର ଖୋର୍ଦ୍ଧା ଜିଲା ଭାରୋତ୍ତୋଳନ ସଂଘ ଏବଂ ଉତ୍କଳ କରାଟେ ସ୍କୁଲ ତରଫରୁ ବିଜେତା ଦଳକୁ ସମ୍ବର୍ଦ୍ଧିତ କରାଯାଇଥିବା ସଂଘର ସମ୍ପାଦକ ଜାନକୀ ବଲ୍ଲଭ ମିଶ୍ର ସୂଚନା ଦେଇଛନ୍ତି। ଏହି ସଫଳତା ପାଇଁ କୋଚ୍ ପି. ଧର୍ମାରାଓ, ଚନ୍ଦ୍ରଶେଖର ସାହୁ, ଲକିରାଣୀ ପାତ୍ର, କିରଣ ଡିଗଲ, ସୌମ୍ୟ ଖୁଣ୍ଟିଆ, ଶୁଭକାନ୍ତ ମଲିଆ, ବିବେକାନନ୍ଦ ସାହୁ, କାଜିମ୍ ପଞ୍ଜାବୀ ଏବଂ କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖଙ୍କୁ ଅଭିନନ୍ଦନ ଜଣାଯାଇଛି।



ପ୍ରମାଣପତ୍ର ସହ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

## ବିଜୁ ପଟ୍ଟନାୟକ ହିମାଳୟାନ ଅଭିଯାନ ଆରମ୍ଭ



କ୍ରୀଡ଼ା ସଚିବ ବିଶାଳ ଦେବଙ୍କ ସହିତ ବିଜୁ ପଟ୍ଟନାୟକ ହିମାଳୟାନ ଅଭିଯାନରେ ବାହାରିଥିବା ଅଭିଯାତ୍ରୀ ଦଳ।

ଭୁବନେଶ୍ୱର,୯।୯(ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ସୋମବାର କ୍ରୀଡ଼ା ଓ ଯୁବ ବ୍ୟାପାର ସେବା ବିଭାଗ ସଚିବ ବିଶାଳ ଦେବ ୪ର୍ଥ ବିଜୁ ପଟ୍ଟନାୟକ ହିମାଳୟାନ ଅଭିଯାନର ଶୁଭାରମ୍ଭ କରିଛନ୍ତି। ଏହି ଅଭିଯାନରେ ଅଂଶଗ୍ରହଣ କରିଥିବା ଯୁବ ଆରୋହଣକାରୀଙ୍କୁ କ୍ରୀଡ଼ା ସଚିବ ଶୁଭେଚ୍ଛା ଜଣାଇବା ସହ ଶୁଭକାମନା କରିଛନ୍ତି। 'ଯୁବ ଆରୋହଣକାରୀଙ୍କ ପାଇଁ ହିମାଳୟାନ ଅଭିଯାନ ଏକ ବଡ଼ ଚ୍ୟାଲେଞ୍ଜ ହେବ' ବୋଲି ସେ କହିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଜନ୍ମ ଶତବାର୍ଷିକ ପାଳନ ଅବସରରେ ୨୦୧୬ଠାରୁ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ପକ୍ଷରୁ ପ୍ରତିବର୍ଷ ହିମାଳୟାନ ଅଭିଯାନ ଆୟୋଜନ କରାଯାଇ ଆସୁଛି। ଯୁବା ପର୍ବତାରୋହୀଙ୍କୁ ଶୃଙ୍ଖଳା, ନେତୃତ୍ୱ ନେବାର ଦକ୍ଷତା ଓ ଟିମ୍ ସ୍ପିରିଟ୍ ଶିଖାଇବା ଦୁଃସାହସିକ ଅଭିଯାନର ଲକ୍ଷ୍ୟ। ମନୋନୀତ ହୋଇଥିବା ପ୍ରାର୍ଥୀମାନେ ଫିଟ୍‌ନେସ ଟେଷ୍ଟ ପରୀକ୍ଷା ମାଧ୍ୟମରେ ଉତ୍ତୀର୍ଣ୍ଣ ହୋଇଥାନ୍ତି। ପର୍ବତାରୋହୀଙ୍କଠାରୁ ମିଳୁଥିବା ପ୍ରତ୍ୟୁତ୍ତର ଆମକୁ ହିମାଳୟ ଅଭିଯାନ ଜାରି ରଖିବାକୁ ପ୍ରୋତ୍ସାହିତ କରୁଛି ବୋଲି କ୍ରୀଡ଼ା ସଚିବ ଏହି ଅବସରରେ କହିଛନ୍ତି।

ଟାଟା ଷ୍ଟିଲ ଆଡଭେଞ୍ଚର ଫାଉଣ୍ଡେଶନ (ଟିଏସ୍ଏଏଫ୍) ସହଯୋଗରେ ଆୟୋଜିତ ବିଜୁ ପଟ୍ଟନାୟକ ହିମାଳୟାନ ଅଭିଯାନ ଚଳିତ ମାସ ୧୨ରୁ ୨୪ ତାରିଖ ପର୍ଯ୍ୟନ୍ତ ଲେହ ଅଞ୍ଚଳରେ ମାଉଣ୍ଟ ଷ୍ଟକ୍ କାଙ୍ଗ୍ରି (୨୦,୧୮୭ ଫୁଟ)ଠାରେ ଅନୁଷ୍ଠିତ ହେବ। ଚୟନ ପାଇଁ ଆୟୋଜିତ ଦୁଇ ପର୍ଯ୍ୟାୟ ବିଶିଷ୍ଟ ପ୍ରସ୍ତୁତି କ୍ୟାମ୍ପରୁ ଶେଷରେ ୧୦ ବାଳକ ଓ ୫ ବାଳିକା ପ୍ରତିଯୋଗୀଙ୍କୁ ଚୟନ କରାଯାଇଛି। ଜଣାଶୁଣା ଏଭରେଷ୍ଟ ଆରୋହୀ ଗଣେଶ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ପ୍ରତିଯୋଗୀମାନେ ମାଉଣ୍ଟ ଷ୍ଟକ ଗସ୍ତ କରିବେ। ପ୍ରଥମ ଭାରତୀୟ ମହିଳା ମାଉଣ୍ଟ ଏଭରେଷ୍ଟ ପର୍ବତାରୋହଣକାରୀ ପଦ୍ମଶ୍ରୀ ବଚେନ୍ଦ୍ରୀ ପାଲ ଏହାକୁ ଗାଇଡ୍ କରିବେ। ଏହି ପ୍ରୋଗ୍ରାମକୁ ସୁପରିଚାଳନା କରିବା ପାଇଁ ରାଜ୍ୟ କ୍ରୀଡ଼ା ବିଭାଗର ପ୍ରୋଗ୍ରାମ ଅଫିସର ହରେଶ କୁମାର ମିଶ୍ର ଅଭିଯାତ୍ରୀ ଦଳଙ୍କ ସହ ଲେହସ୍ଥିତ ବେସ୍ କ୍ୟାମ୍ପକୁ ଗସ୍ତ କରିବେ ବୋଲି ଜଣାପଡ଼ିଛି।

# ତାମିଲନାଡୁ, ମିଜୋରାମ ଚାମ୍ପିୟନ

କଟକ ଅଫିସ,୯।୯

**ଜାତୀୟ ସବ୍‌ଜୁନିୟର ବାସ୍କେଟବଲ୍**

ଜାତୀୟ ସବଜୁନିୟର ବାସ୍କେଟବଲ ଚାମ୍ପିୟନଶିପର ୪୬ତମ ସଂସ୍କରଣ ସୋମବାର ସନ୍ଧ୍ୟାରେ ଏଠାରେ ଉଦ୍‌ଯାପିତ ହୋଇଛି। ବାଳକ ବର୍ଗରେ ମିଜୋରାମ ଓ ବାଳିକା ବର୍ଗରେ ତାମିଲନାଡୁ ଚାମ୍ପିୟନ ହୋଇଛି। ବାଳିକା ବର୍ଗରେ କର୍ଣ୍ଣାଟକ ଓ ବାଳକ ବର୍ଗରେ ମହାରାଷ୍ଟ୍ର ତୃତୀୟ ସ୍ଥାନ ହାସଲ କରିଥିଲେ।

ବାଳକ ବର୍ଗର ଫାଇନାଲରେ ମିଜୋରାମ ପଞ୍ଜାବକୁ ଭେଟିଥିଲା। ଏହି ମ୍ୟାଚ୍‌ଟି ଶେଷ କ୍ୱାର୍ଟର ପର୍ଯ୍ୟନ୍ତ ରୋମାଞ୍ଚକର ହୋଇଥିଲା। ପ୍ରଥମ କ୍ୱାର୍ଟରରେ ପଞ୍ଜାବ ୧୩-୧୨ ପଏଣ୍ଟରେ ଅଗ୍ରଣୀ ରହିଥିଲା। ଦ୍ୱିତୀୟ କ୍ୱାର୍ଟର ମିଜୋରାମ ସପକ୍ଷରେ ଯାଇଥିବା ବେଳେ ଏହି କ୍ୱାର୍ଟର ୨୨-୨୧ ପଏଣ୍ଟରେ ଶେଷ ହୋଇଥିଲା। ପୁର୍ନବାର ୩ୟ କ୍ୱାର୍ଟରରେ ପଞ୍ଜାବ ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିବା ସହ ୩୫-୩୪ ପଏଣ୍ଟରେ ଅଗ୍ରଣୀ ନେଇଥିଲା। ଗୋଟିଏ ଲେଖାଏ ପଏଣ୍ଟ ଅଗ୍ରଣୀରେ କ୍ୱାର୍ଟର ଗୁଡ଼ିକ ଶେଷ ହେଉଥିବା ବେଳେ ୪ର୍ଥ ତଥା ଅନ୍ତିମ କ୍ୱାର୍ଟର ଉଭୟ ଦଳ ପାଇଁ ଅତ୍ୟନ୍ତ ପ୍ରତିଦ୍ୱନ୍ଦ୍ୱିତା ମୂଳକ ପାଲଟିଥିଲା। ହେଲେ ମିଜୋରାମ ଅନ୍ତିମ କ୍ୱାର୍ଟରରେ ୧୭ ପଏଣ୍ଟ ସଂଗ୍ରହ କରିବା ସହ ପଞ୍ଜାବକୁ ପଛରେ ପକାଇ ଚାମ୍ପିୟନ ହୋଇଥିଲା। ମ୍ୟାଚ୍‌ଟି ୫୧-୪୬ ପଏଣ୍ଟରେ ଶେଷ ହୋଇଥିଲା। ବାଳିକା ବର୍ଗର ଫାଇନାଲରେ ତାମିଲନାଡୁ ୮୫-୬୭ ପଏଣ୍ଟରେ ମହାରାଷ୍ଟ୍ରକୁ ପରାସ୍ତ କରି ଟାଇଟଲ ହାସଲ କରିଛି। ପ୍ରଥମ କ୍ୱାର୍ଟରରେ ଉଭୟ ଦଳ୧୮-୧୮ ପଏଣ୍ଟ ସଂଗ୍ରହ କରିଥିଲେ। ପରବର୍ତ୍ତୀ ୩ଟି ଯାକ କ୍ୱାର୍ଟରରେ ତାମିଲନାଡୁ ଅଗ୍ରଣୀ ନେଇ ବିଜୟୀ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ବାସ୍କେଟବଲ ଆସୋସିଏଶନ ସଭାପତି ଅଶୋକ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ ଦେଇଥିଲେ। ଓଡ଼ିଶା କବାଡ଼ି ଆସୋସିଏଶନ ସଭାପତି ଶରତ କୁମାର ସାହୁ, ସମ୍ପାଦକ ଅଜୟ କୁମାର ବେହେରା, ଓଡ଼ିଶା ଆଥଲେଟିକ ଆସୋସିଏଶନ ସମ୍ପାଦକ ଆଶୀର୍ବାଦ ବେହେରା, ବିଧାୟକ ଇଂ ମହମ୍ମଦ ମୋକିମ୍, ବାସ୍କେଟବଲ ଫେଡେରେଶନ ଅଫ ଇଣ୍ଡିଆ ସମ୍ପାଦକ ଚନ୍ଦ୍ରମୁଖୀ ଶର୍ମା, କୋଷାଧ୍ୟକ୍ଷ ଡ. ଭି. ରଘୋଥମନ, ଓଡ଼ିଶା ବାସ୍କେଟବଲ ଆସୋସିଏଶନ ସମ୍ପାଦକ ଜ୍ଞାନ ରଞ୍ଜନ ପରିଡ଼ା ଅତିଥି ଭାବେ ଯୋଗ ଦେଇଥିଲେ।

## ରେକର୍ଡ ସମକକ୍ଷ ରାମୋସ

ଗିଜୋନ(ସ୍ପେନ),୯।୯ (ଏଏଫ୍‌ପି)

ସର୍ଗିଓ ରାମୋସ ସ୍ପେନ ପାଇଁ ସର୍ବାଧିକ ଅନ୍ତର୍ଜାତୀୟ ଫୁଟବଲ୍ ମ୍ୟାଚ୍ ଖେଳିବାର ରେକର୍ଡର ସମକକ୍ଷ ହୋଇଛନ୍ତି। ରବିବାର ଫାରୋ ଦ୍ୱୀପ ବିପକ୍ଷ ୟୁରୋ ୨୦୨୦ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍‌ରେ ସେର୍ଗିଓ ଜାତୀୟ ଦଳ ପକ୍ଷରୁ ୧୬୭ ତମ ଥର ପାଇଁ ପ୍ରତିନିଧିତ୍ୱ କରିଥିଲେ। ସମାନ ସଂଖ୍ୟକ ମ୍ୟାଚ୍ ଆଇକର କାସିଲାସ ଖେଳିଥିଲେ। ରିୟଲ ମାଡ୍ରିଡ୍ ସେଣ୍ଟର ବ୍ୟାକ ରାମୋସ ୧୪ ବର୍ଷ ତଳେ ଅନ୍ତର୍ଜାତୀୟ ସ୍ତରରେ ପଦାର୍ପଣ କରିଥିଲେ।



କଟକ ଜବାହରଲାଲ ଇନ୍ଡୋର ଷ୍ଟାଡିୟମ୍‌ରେ ଜାତୀୟ ସବ୍‌ଜୁନିୟର ବାସ୍କେଟ୍ ବଲ୍ ପ୍ରତିଯୋଗିତାରେ ବାଳିକାବର୍ଗ ଚାମ୍ପିୟନ ତାମିଲନାଡୁ ଦଳ।



ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ବାଳକବର୍ଗ ଚାମ୍ପିୟନ ମିଜୋରାମ ଦଳର ଖେଳାଳି।



“ଅଷ୍ଟ୍ରେଲିଆର ଆଶେସ ସଫଳତା ପରେ ବଲ୍ ଟ୍ୟାମ୍ପରିଂ ସ୍କାଣ୍ଡାଲ ଘଟଣା କ୍ରମେ ମନରୁ ନିଷ୍ପ୍ରଭ ହୋଇଯିବ।
–ଗ୍ଲେନ ମ୍ୟାକ୍‌ଗ୍ରା, ପୂର୍ବତନ ଅଷ୍ଟ୍ରେଲିଆ ପେସ୍ ବୋଲର



“ୟୁଏସ୍ ଓପନ ଜିତିପାରି ନ ଥିଲେ ହେଁ ଗତ ୬ ସପ୍ତାହ ଧରି ହାର୍ଡକୋର୍ଟରେ ମୋ ପ୍ରଦର୍ଶନ ନେଇ ମୁଁ ବହୁତ ଖୁସୀ।
–ଡାନିଲ ମେଡ୍‌ଭେଡେଭ୍, ରୁଷୀୟ ଟେନିସ ଖେଳାଳି

## ସଂକ୍ଷେପରେ

### ନବୀଙ୍କ ଅବସର



**ଚିଟ୍ଟାଗଙ୍ଗ,୯।୯(ପି.ଟି.):** ଆଫଗାନିସ୍ତାନ ପୂର୍ବତନ ଅଧିନାୟକ ମହମ୍ମଦ ନବୀ ଟେଷ୍ଟ କ୍ରିକେଟରୁ ଅବସର ନେଇଛନ୍ତି। ଏଠାରେ ସୋମବାର ଶେଷଥିବା ଘରୋଇ ବାଂଲାଦେଶ ବିପକ୍ଷ ଏକମାତ୍ର ଟେଷ୍ଟ ୩୪ ବର୍ଷୀୟ ନବୀଙ୍କ ଶେଷ ମ୍ୟାଚ୍ ଥିଲା। ଏହି ମ୍ୟାଚରେ ବାଂଲାଦେଶକୁ ୨୨୪ରନର ବୃହତ୍ ବ୍ୟବଧାନରେ ପରାସ୍ତ କରି ଆଫଗାନିସ୍ତାନ ଏହି ଭେଟେରାନ ଖେଳାଳିଙ୍କୁ ବିଜୟ ଭେଟି ଦେଇଛି। ଗତ ୧୮ ବର୍ଷ ହେବ ଆଫଗାନିସ୍ତାନ ପାଇଁ କ୍ରିକେଟ ଖେଳି ଆସୁଥିବା ଅଭିଜ୍ଞ ଅଲରାଉଣ୍ଡର ନବୀ ୩ଟି ଟେଷ୍ଟ ଖେଳି ୩୩ ରନ ଓ ୮ ଉଇକେଟ୍ ଅକ୍ତିଆର କରିଛନ୍ତି। ଗତ ବର୍ଷ ଭାରତ ବିପକ୍ଷରେ ସେ ଟେଷ୍ଟ ଖେଳିଥିଲେ ଓ ଏହା ଆଫଗାନିସ୍ତାନ ପାଇଁ ପ୍ରଥମ ଟେଷ୍ଟ ମ୍ୟାଚ୍ ଥିଲା। ଟେଷ୍ଟରୁ ଅବସର ନେଉଥିଲେ ମଧ ସେ ଦିନିକିଆ ଓ ଟି୨୦ ଖେଳିବା ଜାରି ରଖିବେ। ନବୀ ୧୨୧ଟି ଦିନିକିଆରୁ ୨, ୬୯୯ ରନ ସଂଗ୍ରହ କରିବା ସହ ୧୨୮ଟି ଉଇକେଟ ହାସଲ କରିଛନ୍ତି। ସେହିପରି ସେ ୬୮ ଟି୨୦ ମ୍ୟାଚ୍‌ରୁ ୧, ୧୬୧ ରନ୍ ୬୯ ଉଇକେଟ ନେଇଛନ୍ତି। ବାଂଲାଦେଶ ବିଜୟରେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ହାସଲ କରିଥିବା ରଶିଦ୍ ଖାଁ ଟ୍ରଫିକୁ ନବୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି।

### ପଣ୍ଟିଂ, କ୍ଲାର୍କଙ୍କୁ ପଛରେ ପକାଇଲେ ଟିମ୍ ପେନ୍

**ମାଞ୍ଚେଷ୍ଟର,୯।୯:** ବର୍ତ୍ତମାନ ଅଷ୍ଟ୍ରେଲିଆ ଟେଷ୍ଟ ଦଳର ଅଧିନାୟକ ଟିମ୍ ପେନ୍‌ଙ୍କୁ ଅପେକ୍ଷା କରିଛି ଏକ ବଡ଼ ସଫଳତା। ଯେଉଁ ସଫଳତାକୁ ପୂର୍ବତନ ଅଧିନାୟକ ରିକି ପଣ୍ଟିଂ ଓ ମାଇକେଲ କ୍ଲାର୍କ ହାସଲ କରିପାରି ନ ଥିଲେ, ତାହାକୁ ପେନ ହାତେଇବାକୁ ନିଶ୍ଚିତ କରିଛନ୍ତି। ଗତ ୧୮ ବର୍ଷ ମଧ୍ୟରେ ପ୍ରଥମ ଅଷ୍ଟ୍ରେଲିଆନ ଅଧିନାୟକ ଭାବେ ସେ ଆଶେସ ଟ୍ରଫିକୁ ଆଣିବାକୁ ଯାଉଛନ୍ତି। ବଲ ଟାମ୍ପରିଂ ବିବାଦ ପରେ ହଠାତ୍ ଦଳର ନେତୃତ୍ୱ ପେନଙ୍କୁ ମିଳିଥିଲା। ଇଂଲଣ୍ଡରେ ଆଶେସ ସିରିଜ୍ ଜିତିଥିବା ଅଧିନାୟକଙ୍କ ତାଲିକାରେ ସେ ସ୍ଥାନ ପାଇଛନ୍ତି। ଏଥିରେ ମାର୍କ ଟେଲର, ଷ୍ଟିଭ ୱା ଓ ଡନ ବ୍ରାଡମ୍ୟାନଙ୍କ ଭଳି ଅଧିନାୟକ ରହିଛନ୍ତି। ଉଲ୍ଲେଖଥାଉ କି, ଓଲ୍ଡ ଟ୍ରାଫର୍ଡଠାରେ ଅନୁଷ୍ଠିତ ୪ର୍ଥ ଟେଷ୍ଟକୁ ଅଷ୍ଟ୍ରେଲିଆ ୧୮୫ ରନ୍‌ରେ ଜିତି ନେଇଛି। ଏଥିସହିତ ୫ ମ୍ୟାଚ୍‌ବିଶିଷ୍ଟ ସିରିଜ୍‌ରେ ଭ୍ରମଣକାରୀ ଅଷ୍ଟ୍ରେଲିଆ ୨-୧ ବ୍ୟବଧାନରେ ଆଗୁଆ ରହିଛି। ଅନ୍ତିମ ଟେଷ୍ଟର ଫଳାଫଳ ଯାହାହେଉ ନା କାହିଁକି, ତାହା ସିରିଜ୍ ନିର୍ଣ୍ଣୟ କରିପାରିବ ନାହିଁ।

# କଳିଙ୍ଗରେ ଅଲିମ୍ପିକ୍ କ୍ୱାଲିଫାୟର୍ସ ହକି

**ଭୁବନେଶ୍ୱର, ୯।୯(କ୍ରୀଡ଼ା ପ୍ରତିନିଧି)**

ହକି ବିଶ୍ୱକପ ସମେତ ଅନେକ ବିଶ୍ୱସ୍ତରୀୟ ଟୁର୍ନାମେଣ୍ଟ ଆୟୋଜନ କରି ସାରିଥିବା କଳିଙ୍ଗ ଷ୍ଟାଡିୟମ ଉପରେ ଏବେ ପୁଣି କ୍ରୀଡ଼ାପ୍ରେମୀଙ୍କ ନଜର। ଏଠାରେ ଆଗାମୀ ନଭେମ୍ବରରେ ଆୟୋଜିତ ହେବ ଟୋକିଓ ଅଲିମ୍ପିକ୍ସ ହକି କ୍ୱାଲିଫାୟର୍ସ ମ୍ୟାଚ। ଉଭୟ ଭାରତୀୟ ପୁରୁଷ ଓ ମହିଳା ଦଳର ମ୍ୟାଚ ଏଠାରେ ନଭେମ୍ବର ୧ ଓ ୨ ତାରିଖରେ ଅନୁଷ୍ଠିତ ହେବ। ସୁଇଜରଲାଣ୍ଡର ଲାଉସାନେସ୍ଥିତ ଅନ୍ତର୍ଜାତୀୟ ହକି ଫେଡେରେଶନ(ଏଫ୍‌ଆଇଏଚ୍)ର ମୁଖ୍ୟ କାର୍ଯ୍ୟାଳୟରେ ସୋମବାର ଡ୍ର ଉଠାଣ ପରେ ଏହା ଚୂଡ଼ାନ୍ତ ହୋଇଛି। ଡ୍ର ଅନୁସାରେ ପରସ୍ପରକୁ ଭେଟିବାକୁଥିବା ଦଳ ଗୁଡ଼ିକ ୨ଟି ଲେଖାଏ ମ୍ୟାଚ ଖେଳିବେ। ବିଜେତା ଦଳ ଟୋକିଓ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିବ। ଉଚ୍ଚ ର୍ୟାଙ୍କ୍‌ପ୍ରାପ୍ତ ଦଳ ଘରୋଇ ପରିବେଶରେ ମ୍ୟାଚ ଖେଳିବା ନିୟମ ଥିବାରୁ ଭାରତ ଉଭୟ ମହିଳା ଓ ପୁରୁଷ ବିଭାଗ ମ୍ୟାଚ କଳିଙ୍ଗ ଷ୍ଟାଡିୟମରେ ଖେଳିବ।

ଟୋକିଓ ଅଲିମ୍ପିକ୍ସ ହକି କ୍ୱାଲିଫାୟର୍ସରେ ଭାରତୀୟ ପୁରୁଷ ଦଳ ରୁଷିଆ ଏବଂ ମହିଳା ଦଳ ଆମେରିକାକୁ ଭେଟିବ। ଲୋ ର୍ୟାଙ୍କିଙ୍ଗପ୍ରାପ୍ତ ରୁଷିଆକୁ ଭେଟିବାକୁ ଯାଉଥିବାରୁ ଭାରତୀୟ ପୁରୁଷ ଦଳପାଇଁ ଅଭିଯାନ ସହଜ ହେବ ବୋଲି ବିବେଚନା କରାଯାଉଛି। ତେବେ ମହିଳା ଦଳକୁ ଆମେରିକା ନିକଟରୁ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିବ। ୮ ଥର ଅଲିମ୍ପିକ୍ ଚାମ୍ପିୟନ ଭାରତ ବର୍ତ୍ତମାନ ବିଶ୍ୱ ର୍ୟାଙ୍କିଙ୍ଗ୍‌ରେ ୫ମ ସ୍ଥାନରେ ଥିବାବେଳେ ରୁଷିଆର ର୍ୟାଙ୍କିଙ୍ଗ୍ ୨୨। ଚଳିତବର୍ଷ ପ୍ରାରମ୍ଭରେ ଭୁବନେଶ୍ୱରରେ ଅନୁଷ୍ଠିତ ଏଫଆଇଏଚ୍ ସିରିଜ ଫାଇନାଲ୍ସରେ ଭାରତ ୧୦-୦ ଗୋଲରେ ରୁଷିଆକୁ ପରାସ୍ତ କରିଥିଲା। ଅନ୍ତର୍ଜାତୀୟ ମହିଳା ହକି ର୍ୟାଙ୍କିଙ୍ଗରେ ଭାରତ ଏବେ ୯ମ ସ୍ଥାନରେ ରହିଛି। ଆମେରିକା ୪ଟି ସ୍ଥାନ ତଳେ ଥିଲେ ହେଁ କଡ଼ା ଟକ୍କର ଦେବାକୁ ସକ୍ଷମ। ଶେଷଥରପାଇଁ ଭାରତ ଓ ଆମେରିକା ଲଣ୍ଡନ ବିଶ୍ୱକପରେ ପରସ୍ପରକୁ ଭେଟିଥିଲେ। ତୀବ୍ର ସଂଘର୍ଷପୂର୍ଣ୍ଣ ମ୍ୟାଚଟି ୧-୧ ଗୋଲରେ ଡ୍ର ରହିଥିଲା। ତେଣୁ ରାଣୀ ରାମପାଲଙ୍କ ଭାରତ ପାଇଁ ଅଭିଯାନ ନିଶ୍ଚିତ କଷ୍ଟସାଧ ହେବ।

ଭାରତୀୟ ପୁରୁଷ ହକି ମୁଖ୍ୟ କୋଚ୍ ଗ୍ରାହାମ୍ ରିଡ୍ ଦଳର ଅଲିମ୍ପିକ୍ସ ଟିକେଟକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି। “ଆମେ ଅଲିମ୍ପିକ୍ସ ଯୋଗ୍ୟତା ହାସଲ ପାଇଁ ପ୍ରତିଶ୍ରୁତିବଦ୍ଧ। ଅଭ୍ୟାସ ସମୟରେ ଆମେ ଡିଫେନ୍ସରେ ରହିଥିବା ତ୍ରୁଟିକୁ ସୁଧାରୁଛୁ। ଟ୍ରେନିଂ ସହିତ କିଛି ଶ୍ରେଷ୍ଠ ଦଳ ବିପକ୍ଷରେ ଖେଳି ଆମେ କ୍ୱାଲିଫାୟର୍ସ ପାଇଁ ପ୍ରସ୍ତୁତ ହୋଇଛୁ” ବୋଲି ରିଡ୍ କହିଛନ୍ତି। “ଆମେ ରୁଷିଆ ଦଳକୁ ଆଦୌ ହାଲ୍‌କା ଭାବେ ନେଉନାହୁଁ। କେବଳ ରୁଷିଆ ନୁହେଁ, ଆମେ କୌଣସି ଟୁର୍ନାମେଣ୍ଟରେ କୌଣସି ବି ଦଳକୁ ହାଲ୍‌କା ଭାବେ ନ ନେବାକୁ କୋଚ୍ ରିଡ୍ ପରାମର୍ଶ ଦେଇଛନ୍ତି। ପ୍ରତିପକ୍ଷ ଦଳକୁ ଆମେ ସବୁବେଳେ ସମ୍ମାନ ଦେଇଥାଉ। ରୁଷିଆ ଏକ ଭଲ ଦଳ। ତେଣୁ ଆତ୍ମସନ୍ତୋଷ ଲାଭ କରିବାର ପ୍ରଶ୍ନ ଉଠୁନାହିଁ। ଏହା ଅଲିମ୍ପିକ୍ କ୍ୱାଲିଫାୟର ହୋଇଥିବାରୁ ରୁଷିଆ ଏଥର ଭଲ ପ୍ରସ୍ତୁତ ହୋଇ ଆସିଥିବ ବୋଲି ମୁଁ ଦୃଢ଼ ନିଶ୍ଚିତ। ସୁଯୋଗ ପାଇଲେ ଏହି ଦଳ ବିପର୍ଯ୍ୟୟ ସୃଷ୍ଟି କରିବାକୁ ସକ୍ଷମ। ତେଣୁ ଆମେ ଆମ ଗେମ୍ ଉପରେ ଫୋକସ କରି ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବୁ” ବୋଲି ଅଧିନାୟକ ମନପ୍ରୀତ ସିଂ ପ୍ରକାଶ କରିଛନ୍ତି।

ମହିଳା ହକି ମୁଖ୍ୟ କୋଚ୍ ଜୋର୍ଡ ମାରିଜନେ ମଧ ଦଳର ପ୍ରଦର୍ଶନକୁ ନେଇ ବେଶ୍ ଆଶାବାଦୀ। “ଭାରତୀୟ ଦଳ ଗତ କିଛି ମାସ ଧରି ଉତ୍ତମ ପ୍ରଦର୍ଶନ କରି ଆସୁଛି। ସମସ୍ତ ଖେଳାଳି ଆତ୍ମବିଶ୍ୱାସରେ ଅଛନ୍ତି ଏବଂ ଘରୋଇ ପରିବେଶରେ କ୍ୱାଲିଫାୟର୍ସ ଖେଳିବାକୁ ବ୍ୟଗ୍ର” ବୋଲି ମାରିଜନେ କହିଛନ୍ତି। ଅଲିମ୍ପିକ୍ କ୍ୱାଲିଫାୟର୍ସ ବ୍ୟତୀତ ଭାରତୀୟ ମହିଳା ଦଳ ଚଳିତ ମାସରେ ଇଂଲଣ୍ଡ ବିପକ୍ଷରେ ୫ ମ୍ୟାଚ ବିଶିଷ୍ଟ ସିରିଜ ଖେଳିବ। “ଆମେ ଭଲଭାବେ ପ୍ରସ୍ତୁତ ହୋଇଥିବାରୁ ପ୍ରତିଦ୍ୱନ୍ଦ୍ୱୀ କିଏ ତାହାକୁ ନେଇ ଚିନ୍ତା କରୁନାହୁଁ। କେବଳ ମ୍ୟାଚ ଉପରେ ଆମର ଫୋକସ ରହିବ। ଆମକୁ କ୍ରମାଗତ ମ୍ୟାଚ ଖେଳିବାର ଅଛି। ତେଣୁ ଆମର ଯେଉଁ ବିଭାଗ ଦୁର୍ବଳ ଅଛି ତାହାକୁ ସୁଧାରି ମ୍ୟାଚ ଜିତିବାକୁ ଚେଷ୍ଟା କରିବୁ” ବୋଲି ଅଧିନାୟିକା ରାଣୀ ରାମପାଲ ପ୍ରକାଶ କରିଛନ୍ତି।

ଅଲିମ୍ପିକ୍ କ୍ୱାଲିଫାୟର୍ସରେ ଅନ୍ୟ ପୁରୁଷ ଦଳ ଗୁଡ଼ିକ ମଧ୍ୟରେ ନେଦରଲାଣ୍ଡ୍ସ ଘରୋଇ ପରିବେଶରେ ପାକିସ୍ତାନକୁ ଭେଟିବ। ସେହିପରି ଅଷ୍ଟ୍ରିଆକୁ ଜର୍ମାନୀ, ମାଲେସିଆକୁ ଗ୍ରେଟ୍ ବ୍ରିଟେନ, ଫ୍ରାନ୍ସକୁ ସ୍ପେନ, କୋରିଆକୁ ନ୍ୟୁଜିଲାଣ୍ଡ ଏବଂ ଆୟର୍ଲାଣ୍ଡକୁ କାନାଡ଼ା ଘରୋଇ ପରିବେଶରେ ଭେଟିବ। ମହିଳା ବିଭାଗରେ ରୁଷିଆକୁ ଅଷ୍ଟ୍ରେଲିଆ, ଇଟାଲିକୁ ଜର୍ମାନୀ, ଚିଲିକୁ ଗ୍ରେଟ୍ ବ୍ରିଟେନ, କୋରିଆକୁ ସ୍ପେନ, କାନାଡ଼ାକୁ ଆୟର୍ଲାଣ୍ଡ ଏବଂ ବେଲଜିୟମ ସହିତ ଚାଇନା ଘରୋଇ ପରିବେଶରେ ମ୍ୟାଚ ଖେଳିବ।



କଳିଙ୍ଗ ଷ୍ଟାଡିୟମ୍।

- ଭାରତୀୟ ପୁରୁଷ ଦଳ ରୁଷିଆକୁ ଭେଟିବ
- ମହିଳା ଦଳର ପ୍ରତିଦ୍ୱନ୍ଦ୍ୱୀ ଆମେରିକା
- ନଭେମ୍ବର ୧, ୨ରେ ପୁରୁଷ ଏବଂ ମହିଳା ବିଭାଗ ମ୍ୟାଚ

### କିଏ କାହାକୁ ଭେଟିବ

ଘରୋଇ-ବାହାର ପରିବେଶ

**ପୁରୁଷ ବିଭାଗ**

ନେଦରଲାଣ୍ଡ୍ସ -ପାକିସ୍ତାନ
ଭାରତ-ରୁଷିଆ
ଜର୍ମାନୀ-ଅଷ୍ଟ୍ରିଆ
ଗ୍ରେଟ୍ ବ୍ରିଟେନ-ମାଲେସିଆ
ସ୍ପେନ-ଫ୍ରାନ୍ସ
ନ୍ୟୁଜିଲାଣ୍ଡ-ଦକ୍ଷିଣ କୋରିଆ
କାନାଡ଼ା-ଆୟର୍ଲାଣ୍ଡ

**ମହିଳା ବିଭାଗ**

ଅଷ୍ଟ୍ରେଲିଆ-ରୁଷିଆ
ଜର୍ମାନୀ-ଇଟାଲି
ଗ୍ରେଟ୍ ବ୍ରିଟେନ-ଚିଲି
ସ୍ପେନ- ଦକ୍ଷିଣ କୋରିଆ
ଆୟର୍ଲାଣ୍ଡ-କାନାଡ଼ା
ଭାରତ-ଆମେରିକା
ଚାଇନା-ବେଲଜିୟମ

■ ବିଶ୍ୱ ହୁଇଲଚେୟାର ଫେନ୍‌ସିଂ ଚାମ୍ପିୟନଶିପ୍

## ଭାରତୀୟ ଦଳରେ ରାଖାଲ, ରମେଶ

**ଭୁବନେଶ୍ୱର, ୯।୯(କ୍ରୀଡ଼ା ପ୍ରତିନିଧି)**

ଦକ୍ଷିଣ କୋରିଆର ଇଞ୍ଚିଅନଠାରେ ଚଳିତମାସ ୧୭ରୁ ୨୨ ପର୍ଯ୍ୟନ୍ତ ବିଶ୍ୱ ହୁଇଲଚେୟାର ଫେନ୍‌ସିଂ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିରେ ଭାରତରୁ ମୋଟ ୪ ପ୍ରତିଯୋଗୀ ଅଂଶଗ୍ରହଣ କରିବାକୁ ଯାଉଥିବାବେଳେ ସେମାନଙ୍କ ମଧ୍ୟରେ ଓଡ଼ିଶାର ୨ ଜଣ ସ୍ଥାନ ପାଇଛନ୍ତି। ସେମାନେ ହେଲେ ରାଖାଲ କୁମାର ସେଠୀ ଓ ଭି. ରମେଶ ରାଓ। କୋରିଆ ହୁଇଲଚେୟାର ଫେନ୍‌ସିଂ ସଂଘ ଆନୁକୂଲ୍ୟରେ ଆୟୋଜନ ହେବାକୁ ଯାଉଥିବା ଏହି ସମ୍ମାନଜନକ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିପାରିଲେ ପ୍ରତିଯୋଗୀଙ୍କ ପାଇଁ ଟୋକିଓ ପାରାଅଲିମ୍ପିକ୍ସରେ ଭାଗନେବାର ସୁଯୋଗ ସୃଷ୍ଟି ହୋଇପାରିବ। ଚଳିତବର୍ଷ ଜାତୀୟ ସ୍ତରରେ ଭଲ ପ୍ରଦର୍ଶନ କରିଥିବାରୁ ରାଖାଲ ଓ ରମେଶଙ୍କୁ ଜାତୀୟ ଦଳରେ ସ୍ଥାନ ମିଳିଛି। ରାଖାଲ ଜାତୀୟ ପ୍ରତିଯୋଗିତାରେ ଦଳଗତ ୨ଟି ସ୍ୱର୍ଣ୍ଣ ଏବଂ ରମେଶ ବ୍ୟକ୍ତିଗତ ଏବଂ ଦଳଗତ ବିଭାଗରେ ମୋଟ ୩ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ବିଶ୍ୱ ଚାମ୍ପିୟନଶିପ୍‌ରେ ଭାଗ ନେବାପାଇଁ ପ୍ରତିଯୋଗୀଙ୍କୁ ନିଜର ସମସ୍ତ ଖର୍ଚ୍ଚ ବହନ କରିବାକୁ ପଡ଼ିବ ବୋଲି ସ୍ପଷ୍ଟ କରାଯାଇଛି। ଏଥିପାଇଁ ପାଖାପାଖି ୨ ଲକ୍ଷ ୧୬ ହଜାର ଟଙ୍କା ଖର୍ଚ୍ଚ ହେବ ବୋଲି ରାଖାଲ ପ୍ରକାଶ କରିଛନ୍ତି। ଭାରତରୁ ପ୍ରତିନିଧିତ୍ୱ କରିବାକୁ ଯାଉଥିବା ଅନ୍ୟ ୨ ପ୍ରତିଯୋଗ ହେଲେ ସନ୍ଦୀପ ଗୌରବ ଓ ବିନୟ ସାବ୍‌ଲେ।



ଭି. ରମେଶ ରାଓ ଓ ରାଖାଲ କୁମାର ସେଠୀ।

## ହ୍ୟାଟ୍ରିକ ବିଜୟ ସେମିରେ ଭାରତ

### ୧୯ ବର୍ଷରୁ କମ୍ ଏସିଆ କପ୍

**କଲମ୍ବୋ, ୯।୯**

ଶ୍ରୀଲଙ୍କାରେ ଚାଲିଥିବା ୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ୍ ପ୍ରତିଯୋଗିତାରେ ଭାରତ ହ୍ୟାଟ୍ରିକ ବିଜୟ ହାସଲ କରିଛି। ସୋମବାର ଗ୍ରୁପ୍-ଏ’ର ଖେଳାଯାଇଥିବା ଏକ ମ୍ୟାଚ୍‌ରେ ଭାରତ ୩ ଉଇକେଟ୍‌ରେ ଆଫଗାନିସ୍ତାନକୁ ପରାସ୍ତ କରିଛି। ପୂର୍ବରୁ ପ୍ରଥମ ମ୍ୟାଚ୍‌ରେ କୁଏତ୍ (୭ ଉଇକେଟ୍) ଓ ଦ୍ୱିତୀୟ ମ୍ୟାଚ୍‌ରେ ପାକିସ୍ତାନ (୬୦ ରନ୍)କୁ ପରାସ୍ତ କରିଥିବା ଭାରତ ଏଥିସହ ଟୁର୍ନାମେଣ୍ଟରେ ଲଗାତର ୩ୟ ବିଜୟ ହାସଲ କରିଛି। ଏହି ବିଜୟ ସହ ଭାରତୀୟ ଦଳ ୩ ମ୍ୟାଚ୍‌ରୁ ୬ ପଏଣ୍ଟ ହାସଲ କରି ଗ୍ରୁପ୍-ଏ’ରେ ଶୀର୍ଷ ସ୍ଥାନରେ ରହି ସେମିଫାଇନାଲରେ ପ୍ରବେଶ କରିଛି। ପରାଜୟ ସତ୍ତ୍ୱେ ଆଫଗାନିସ୍ତାନ ସେମିଫାଇନାଲରେ ପହଞ୍ଚିଛି। ଗୁରୁବାର ଭାରତ ପ୍ରଥମ ସେମିଫାଇନାଲ ଖେଳିବ। ମଙ୍ଗଳବାର ଗ୍ରୁପ୍-ବି’ର ଅନ୍ତିମ ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ପରେ ସେମିଫାଇନାଲ ଲାଇନ୍ ଅପ୍ ଚୂଡ଼ାନ୍ତ ହେବ।

ସ୍ଥାନୀୟ କଲମ୍ବୋ କ୍ରିକେଟ୍ କ୍ଲବ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ଲୋ-ସ୍କୋରିଂ ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନ ଦୁଇ ଭାରତୀୟ ବୋଲର ସୁଶାନ୍ତ ମିଶ୍ର ଓ ଅଥର୍ବ ଆଙ୍କୋଲେକରଙ୍କୁ ସାମ୍ନା କରି ନ ପାରି ୪୦.୧ ଓଭରରେ ୧୨୪ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଅଧିନାୟକ ଫର୍‌ହାନ ଜଖିଲ (୨୯), ସେଦିକୁଲ୍ଲା ଅଟଲ୍ (୨୫), ଉଇକେଟ୍‌କିପର ମହମ୍ମଦ ଇଶାକ୍ (୧୪) ଓ ଆବିଦୁଲ୍ଲା ତନିୱାଲ (୩୯)ଙ୍କୁ ଛାଡ଼ିଦେଲେ ବାକି ୮ଜଣ ବ୍ୟାଟ୍ସମ୍ୟାନ ୨ ଅଙ୍କବିଶିଷ୍ଟ ସ୍କୋର ଛୁଇଁପାରି ନ ଥିଲେ। ମଧ୍ୟଗତିର ବୋଲର ସୁଶାନ୍ତ ମିଶ୍ର (୯.୧-୨-୨୦-୫) ଓ ବାମହାତୀ ସ୍ପିନର ଆଙ୍କୋଲେକର (୯-୩-୧୬-୪) ମାରାତ୍ମକ ବୋଲିଂ କରିଥିଲେ। ପୂର୍ଣ୍ଣକ ତ୍ୟାଗୀଙ୍କୁ ଗୋଟିଏ ଉଇକେଟ୍ ମିଳିଥିଲା। ଜବାବରେ ଛୋଟିଆ ଟାର୍ଗେଟ୍‌କୁ ପିଛା କରିଥିବା ଭାରତ ମଧ୍ୟକ୍ରମ ବ୍ୟାଟିଂ ବିପର୍ଯ୍ୟୟ ସତ୍ତ୍ୱେ ୩୮.୪ ଓଭରରେ ୭ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଆଗଧାଡ଼ିର ୩ ବ୍ୟାଟ୍ସମ୍ୟାନ ଅର୍ଜୁନ ଆଜାଦ୍ (୨୧), ସାଲିଲ୍ ଆରୋରା (୨୯) ଓ ଶାଶ୍ୱତ ରାୱତ (୨୯) ବଡ଼ ସ୍କୋର କରିବାରେ ବିଫଳ ହୋଇଥିଲେ। ଏହାପର ୪ ଜଣ ଖେଳାଳି ଅଧିନାୟକ ଧ୍ରୁବ ଜୋରେଲ (୦), ବରୁଣ ଲାଭାଣ୍ଡେ (୬), ତିଲକ ବର୍ମା (୧) ଓ ଆଙ୍କୋଲେକର (୭) ଶୀଘ୍ର ଆଉଟ୍ ହେବାରୁ ଭାରତ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। କିନ୍ତୁ କରଣ ଲାଲ୍ ୧୩ ଓ ତ୍ୟାଗୀ ୧୧ ରନ କରି ଅପରାଜିତ ରହି ଦଳକୁ ଜିତାଇଥିଲେ। ଆଫଗାନିସ୍ତାନ ପକ୍ଷରୁ ନୁର୍ ଅହମ୍ମଦ ସର୍ବାଧିକ ୪ଟି ଉଇକେଟ୍ ନେଇଥିଲେ।




୫ ଉଇକେଟ୍ ହାସଲକାରୀ ସୁଶାନ୍ତ ମିଶ୍ର।

■ ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ଉଦ୍‌ଯାପିତ

## ସର୍ବାଧିକ ପଏଣ୍ଟ ପାଇ ଭୁବନେଶ୍ୱର ପ୍ରଥମ

**ଧର୍ମଶାଳା,୯।୯(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକସ୍ଥିତ ଜାରକା କଳ୍ପତରୁ ଦାସ ଷ୍ଟାଡିୟମ ପରିସରରେ ଆୟୋଜିତ ୩୪ତମ ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା ସୋମବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଶା ଟାଏକୋଣ୍ଡୋ ସଙ୍ଘର ସଭାପତି କୃଷ୍ଣ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ଉତ୍ସବରେ କେନ୍ଦୁଝର ବିଧାୟକ ମୋହନ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ତିନିଦିନ ବ୍ୟାପୀ ଆୟୋଜିତ ଏହି ପ୍ରତିଯୋଗିତାରେ ରାଜ୍ୟର ୩୦ ଜିଲାରୁ ୨୦୬ ଜଣ ବାଳିକା ଓ ୩୪୦ ବାଳକଙ୍କୁ ମିଶାଇ ମୋଟ ୫୪୬ ଜଣ ପ୍ରତିଯୋଗୀ ବିଭିନ୍ନ ବର୍ଗରେ ଭାଗ ନେଇଥିଲେ। ଏହାକୁ ୨୦ଜଣ ଅଫିସିଆଲ ପରିଚାଳନା କରିଥିଲେ। ସବ୍‌ଜୁନିୟର ବାଳିକା ବିଭାଗରେ ଭୁବନେଶ୍ୱର ୩୧ ପଏଣ୍ଟ ଓ ବାଳକ ବିଭାଗରେ କେନ୍ଦୁଝର ୩୭ ପଏଣ୍ଟ ପାଇଛି। ଜୁନିୟର ବାଳିକା ବିଭାଗରେ ଭୁବନେଶ୍ୱର ୨୮ ପଏଣ୍ଟ ଓ ବାଳକ ବିଭାଗରେ ଭୁବନେଶ୍ୱର ୪୬ ପଏଣ୍ଟ ହାସଲ କରିଛି। ସିନିୟର ବାଳିକା ବିଭାଗରେ ଭୁବନେଶ୍ୱର ୨୮ ପଏଣ୍ଟ ଓ ବାଳକ ବିଭାଗରେ କେନ୍ଦ୍ରାପଡା ୩୬ ପଏଣ୍ଟ ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ଭୁବନେଶ୍ୱର ସର୍ବାଧିକ ୨୬୫ ପଏଣ୍ଟ ପାଇ ପ୍ରଥମ, କେନ୍ଦ୍ରାପଡା ୧୮୭ ପଏଣ୍ଟ ପାଇ ଦ୍ୱିତୀୟ ଓ କେନ୍ଦୁଝର ୧୨୨ ପଏଣ୍ଟ ପାଇ ତୃତୀୟ ସ୍ଥାନ ଅଧିକାର କରିଛି। ଉଦ୍‌ଯାପନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଅତିଥି ଭାବେ ରାଜ୍ୟ ସାଧାରଣ ସମ୍ପାଦକ ସନ୍ତୋଷ କୁମାର ମହାନ୍ତି, ଯାଜପୁର ଜିଲା ଟାଏକୋଣ୍ଡୋ ଆସୋସିଏଶନ ସଭାପତି ସମୀର କୁମାର ମହାନ୍ତି ଓ ସମ୍ପାଦକ ଅଶ୍ୱିନୀ କୁମାର ମହାନ୍ତି ଯୋଗଦେଇଥିଲେ।




ବିଧାୟକ ମୋହନ ମାଝୀ ପୁରସ୍କାର ପ୍ରଦାନ କରୁଛନ୍ତି।

# ଆଫଗାନିସ୍ତାନର ଐତିହାସିକ ବିଜୟ

**ଚିଟ୍ଟାଗଙ୍ଗ (ବାଂଲାଦେଶ), ୯।୯ (ଏଏଫ୍‌ପି)**

ଅଧିନାୟକ ତଥା ରଶିଦ ଖାଁଙ୍କ ଚମତ୍କାର ବୋଲିଂ ବଳରେ ସ୍ଥାନୀୟ ଜହୁର ଅହମ୍ମଦ ଚୌଧୁରୀ ଷ୍ଟାଡିୟମରେ ଅନୁଷ୍ଠିତ ଏକମାତ୍ର ଟେଷ୍ଟ ମ୍ୟାଚ୍‌ରେ ଘରୋଇ ବାଂଲାଦେଶକୁ ୨୨୪ ରନର ବୃହତ୍ ବ୍ୟବଧାନରେ ପରାସ୍ତ କରି ଆଫଗାନିସ୍ତାନ ଐତିହାସିକ ବିଜୟ ହାସଲ କରିଛି। ୩୯୮ ରନର ଲକ୍ଷ୍ୟକୁ ପିଛା କରି ବାଂଲାଦେଶ ୧୭୩ ରନରେ ଅଲ୍‌ଆଉଟ୍ ହୋଇଥିଲା। ମ୍ୟାଚ୍‌ର ଅନ୍ତିମ ତଥା ୫ମ ଦିବସରେ ସୋମବାର ନାଟକୀୟ ଖେଳ ଦେଖିବାକୁ ମିଳିଥିଲା। ବିଜୟ ପାଇଁ ଆଫଗାନିସ୍ତାନକୁ ୪ ଉଇକେଟ୍ ଓ ବାଂଲାଦେଶକୁ ଆହୁରି ୨୬୨ ରନ ଆବଶ୍ୟକ ହେଉଥିବାବେଳେ ବର୍ଷା କିନ୍ତୁ ସବୁ ଓଲଟପାଲଟ କରିଦେଇଥିଲା। ଦିବସର ପ୍ରଥମ ଓ ୨ୟ ସେସନ ବର୍ଷା ଯୋଗୁ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା। କିନ୍ତୁ ଅନ୍ତିମ ସେସନରେ ବର୍ଷା ଛାଡ଼ିବା ପରେ ଖେଳ ଆରମ୍ଭ ହୋଇଥିବାବେଳେ ଆଫଗାନିସ୍ତାନ ୧୭.୨ ଓଭରରେ ବଳକା ୪ ଉଇକେଟ୍ ଅକ୍ତିଆର କରି ବାଂଲାଦେଶକୁ ୧୭୩ ରନରେ ସୀମିତ ରଖିବା ସହ ସ୍ମରଣୀୟ ବିଜୟ ହାସଲ କରିଥିଲା। ପୂର୍ବଦିନର ଅପରାଜିତ ବ୍ୟାଟ୍ସମ୍ୟାନ ତଥା ଅଧିନାୟକ ଶାକିବ ଅଲ୍ ହାସନ ନିଜ ସ୍କୋରରେ ଆଉ ୫ ରନ ଯୋଡ଼ି ୪୪ ରନରେ ଆଉଟ୍ ହେବାପରେ ଘରୋଇ ଦଳର ଡ୍ର’ ଆଶା ମଉଳି ଯାଇଥିଲା। ଦ୍ୱିତୀୟ ଇନିଂସରେ ୬ ସହ ମ୍ୟାଚ୍‌ରେ ମୋଟ୍ ୧୧ ଉଇକେଟ୍ ହାସଲ କରି ଲେଗ୍-ସ୍ପିନର ରଶିଦ୍ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଥିଲେ। ମ୍ୟାଚ୍ ଶେଷ ହେବାକୁ ଆଉ ୨୦ ବଲ୍ ବାକି ରହିଥିବାବେଳେ ସୌମ୍ୟ ସରକାରଙ୍କୁ ଆଉଟ୍ କରି ରଶିଦ୍ ଆଫଗାନିସ୍ତାନ ଶିବିରରେ ଖୁସିର ଲହରି ଖେଳାଇ ଦେଇଥିଲେ। ଆଫଗାନିସ୍ତାନ ଟେଷ୍ଟ ଇତିହାସରେ ୩ ମ୍ୟାଚ୍‌ରୁ ୨ୟ ବିଜୟ ଲାଭ କରିଛି। ଏହାପୂର୍ବରୁ ଦଳ ଆୟର୍ଲାଣ୍ଡ ବିପକ୍ଷରେ ପ୍ରଥମ ବିଜୟ ସ୍ୱାଦ ଚାଖିଥିଲା। ଏଥିସହ ଆଫଗାନିସ୍ତାନ କମ୍ ମ୍ୟାଚ୍ ଖେଳି ୨ ଟେଷ୍ଟ ଜିତିବାରେ ଅଷ୍ଟ୍ରେଲିଆ ସହ ସମକକ୍ଷ ହୋଇଛି। ଅଷ୍ଟ୍ରେଲିଆ ୧୮୭୯ରେ ୩ ମ୍ୟାଚ୍ ଖେଳି ୨ ବିଜୟ ଲାଭ କରିଥିଲା।



ଟ୍ରଫି ସହ ଅଧିନାୟକ ରଶିଦ ଖାଁ।

### ସଂକ୍ଷିପ୍ତ ସ୍କୋର:

**ଆଫଗାନିସ୍ତାନ ପ୍ରଥମ ଇନିଂସ–** ୩୪୨/୧୦
**ବାଂଲାଦେଶ ପ୍ରଥମ ଇନିଂସ–** ୨୦୫/୧୦
**ଆଫଗାନିସ୍ତାନ ୨ୟ ଇନିଂସ–** ୨୬୦/୧୦
**ବାଂଲାଦେଶ ୨ୟ ଇନିଂସ–** ୧୭୩/୧୦, ୬୧.୪ ଓଭର (ଇସଲାମ ୪୧, ଶାକିବ ୪୪, ମୁଶଫିକର ୨୩, ସୌମ୍ୟ ସର୍କାର ୧୫, ରଶିଦ ୬/୪୯)

### ରଶିଦ୍‌ଙ୍କ କୃତିତ୍ୱ

- ସର୍ବକନିଷ୍ଠ ଅଧିନାୟକ ଭାବେ ଟେଷ୍ଟ ମ୍ୟାଚ୍ ଜିତିବାର କୀର୍ତ୍ତିମାନ ରଶିଦ ଖାଁ (୨୦ ବର୍ଷ, ୩୫୦ ଦିନ)ଙ୍କ ନାମରେ ଲିପିବଦ୍ଧ ହୋଇଛି।
- ଅଧିନାୟକ ଭାବେ ଗୋଟିଏ ଟେଷ୍ଟ ପଦାର୍ପଣ ମ୍ୟାଚ୍‌ରେ ୧୦ ଉଇକେଟ୍ ସହ ୫୦ରୁ ଊର୍ଦ୍ଧ୍ୱ ସ୍କୋର କରିବାରେ ବିଶ୍ୱର ପ୍ରଥମ କ୍ରିକେଟର।
- ପ୍ରଥମ ଦେଶ ଭାବେ ବାଂଲାଦେଶ ୧୦ଟି ଭିନ୍ନ ଦେଶଠାରୁ ଟେଷ୍ଟ ମ୍ୟାଚ୍‌ରେ ପରାଜୟବରଣ କରିଛି।
- ରହମତ୍ ଶାହ (୧୦୨) ଆଫଗାନିସ୍ତାନର ପ୍ରଥମ ଟେଷ୍ଟ ଶତକ ହାସଲକାରୀ ବ୍ୟାଟ୍ସମ୍ୟାନ ହୋଇଛନ୍ତି।

### କମ୍ ମ୍ୟାଚ୍ ଖେଳି ୨ ଟେଷ୍ଟ ଜିତିଥିବା ଦେଶ

| ଦେଶ | ମ୍ୟାଚ୍ |
|---|---|
| ଅଷ୍ଟ୍ରେଲିଆ | ୩ |
| ଆଫଗାନିସ୍ତାନ | ୩ |
| ଇଂଲଣ୍ଡ | ୪ |
| ପାକିସ୍ତାନ | ୯ |
| ୱେଷ୍ଟଇଣ୍ଡିଜ | ୧୨ |
| ଦକ୍ଷିଣ ଆଫ୍ରିକା | ୧୩ |
| ଶ୍ରୀଲଙ୍କା | ୨୦ |
| ଭାରତ | ୩୦ |
| ଜିମ୍ବାୱେ | ୩୧ |
| ନ୍ୟୁଜିଲାଣ୍ଡ | ୫୫ |
| ବାଂଲାଦେଶ | ୬୦ |

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୧୦/୨୦୧୯ Balasore, Tuesday, September 10 / 2019

## ସଂକ୍ଷେପରେ

### ୭ରୁ ଊର୍ଦ୍ଧ୍ୱ ନର୍ସିଂ କଲେଜ ଛାତ୍ରୀ ଅସୁସ୍ଥ

ବାରିପଦା ଅଫିସ,୯।୯- ମୟୂରଭଞ୍ଜ ଜିଲା ବାରିପଦା ସହର ସ୍ଥିତ ଏକ ନର୍ସିଂ କଲେଜର ଛାତ୍ରୀନିବାସରେ ରହୁଥିବା ୭ରୁ ଊର୍ଦ୍ଧ୍ୱ ଛାତ୍ରୀ ସୋମବାର ସନ୍ଧ୍ୟାରେ ହଠାତ ଅସୁସ୍ଥ ହୋଇ ପଡ଼ିଥିଲେ। ସୂଚନା ପାଇ ଛାତ୍ରୀନିବାସ କର୍ତ୍ତୃପକ୍ଷ ସେମାନଙ୍କୁ ପିଆରଏମ ମେଡିକାଲ କଲେଜରେ ଭର୍ତ୍ତି କରାଇଛନ୍ତି। ଅସୁସ୍ଥତାର କାରଣ ଜଣା ପଡ଼ି ନ ଥିଲା ବେଳେ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ଥିବା ଚିକିତ୍ସା କରୁଥିବା ଡାକ୍ତର କହିଛନ୍ତି ।

### ବିଲରେ ଚାଷୀଙ୍କ ଅସ୍ୱାଭାବିକ ମୃତ୍ୟୁ

ବନ୍ତ, ୯।୯ (ସ୍ୱ.ପ୍ର.)- ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ା ଥାନା ଅଧୀନ ବିଟିପୁର ଗ୍ରାମର ଚାଷୀ ଅଜୟ ସେଠି(୪୮) ସୋମବାର ବିଲରେ କାମ କରୁଥିବା ବେଳେ ତାଙ୍କର ଅସ୍ୱାଭାବିକ ମୃତ୍ୟୁ ଘଟିଛି। ପରିବାର ଲୋକଙ୍କ କହିବା ଅନୁଯାୟୀ, ଅଜୟ ନିଜ ବିଲରେ କାମ କରିବାକୁ ଯାଇଥିଲେ। ବିଲ ନିକଟରେ ଏକ ଗଛ ମୂଳେ ସଂଜ୍ଞାହୀନ ଅବସ୍ଥାରେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ତାଙ୍କୁ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁର କାରଣ ଜଣାପଡ଼ି ନାହିଁ। ସ୍ଥାନୀୟ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୧୪/୧୯) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଛି।

### ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

ରାଇରଙ୍ଗପୁର,୯।୯(ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଟାଉନ ଥାନା ଅଞ୍ଚଳର ଏକ ପରିତ୍ୟକ୍ତ ଘରେ ଜଣେ ୧୬ବର୍ଷ ବୟସ୍କା ନାବାଳିକାଙ୍କୁ ବଳାତ୍କାର ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ ଚଳାଇ ସୋମବାର ଅଭିଯୁକ୍ତ ଯୁବକ ପୁଙ୍ଗା ସୋରେନ (୨୨)ଙ୍କୁ ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ, ଗତ ୪ ତାରିଖରେ ନାବାଳିକା ଜଣକ ରାଇରଙ୍ଗପୁର ବଜାରକୁ ଡ୍ରେସ କିଣିବାକୁ ଆସି ସନ୍ଧ୍ୟାରେ ଘରକୁ ଯିବା ପାଇଁ ବସ୍‌କୁ ଅପେକ୍ଷା କରିଥିଲେ। ଏହି ସମୟରେ ସାଇକେଲ୍‌ରେ ଯାଉଥିବା ଅଭିଯୁକ୍ତ ପୁଙ୍ଗା ତାଙ୍କୁ ସାଇକେଲରେ ବସାଇ ନେଇ ଆସିଥିଲେ। ବାଟରେ ଥିବା ଏକ ପରିତ୍ୟକ୍ତ ଘରେ ନାବାଳିକାଙ୍କୁ ପୁଙ୍ଗା ବଳାତ୍କାର କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପୀଡ଼ିତା ଜଣକ କାନ୍ଦି କାନ୍ଦି ଫେରୁଥିବା ବେଳେ ଗ୍ରାମବାସୀ ଏହା ଦେଖି ତାଙ୍କ ପରିବାରକୁ ଖବର ଦେଇଥିଲେ। ପରଦିନ ଏଥିନେଇ ଗ୍ରାମବାସୀ ଏକ ବୈଠକ କରିଥିଲେ। ବୈଠକରେ ପୀଡ଼ିତା ନାବାଳିକାଙ୍କୁ ବିବାହ କରିବା ସକାଶେ ପୁଙ୍ଗାଙ୍କୁ କୁହାଯାଇଥିଲା। ବୈଠକରେ ପୁଙ୍ଗା ବିବାହ ପାଇଁ ରାଜି ନ ହେବାରୁ ପୀଡ଼ିତାଙ୍କ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ଏଥିନେଇ ଥାନାରେ ଏକ ମାମଲା (ନଂ. ୧୦୩/୧୯) ରୁଜୁ ହୋଇଥିଲା। ସୋମବାର ପୋଲିସ ଗିରଫ ଯୁବକ ପୁଙ୍ଗା ଏବଂ ପୀଡ଼ିତାଙ୍କୁ ରାଇରଙ୍ଗପୁର ହସ୍ପିଟାଲରେ ଡାକ୍ତରୀମାଇନା କରାଇଛି। ମଙ୍ଗଳବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ କହିଛନ୍ତି।

# 'ଗଛ ମୋ ଜୀବନ, ସ୍ୱପ୍ନ, ସାହାରା'

(ସନ୍ତୋଷ କୁମାର ନାୟକ)
ସିମୁଳିଆ, ୯।୯

ପରିବେଶର ସୁରକ୍ଷା ବିନା ଜୀବଜଗତ ତିଷ୍ଠିବା ସମ୍ଭବ ନୁହେଁ। ଗଛ ଲଗାଇ ପରିବେଶକୁ ସୁରକ୍ଷା ଦେବା ବାର୍ତ୍ତା ପ୍ରଚାର ଲାଗି ୫୯ବର୍ଷୀୟ ଗୋଲକବିହାରୀ ରାଉତ ଏବେ ଗାଁକୁ ଗାଁ ଘୂରି ବୁଲୁଛନ୍ତି । କାନ୍ଧରେ ଏକ ଭାର ଯେଉଁଥିରେ ଦୁଇଟି ଝୁଡିରେ ବିଭିନ୍ନ କିସମର ଚାରା। କେବଳ ନିଜ ଅଞ୍ଚଳ ନୁହେଁ ବାଲେଶ୍ୱର, ଭଦ୍ରକ, ଯାଜପୁର ଜିଲାର ବିଭିନ୍ନ ସ୍ଥାନ ବୁଲି ସ୍ୱଳ୍ପ ମୂଲ୍ୟରେ ଫୁଲ, ଫଳ ଓ ଔଷଧୀୟ ଚାରାଗଛକୁ ୧୦ରୁ ୧୫ଟଙ୍କାରେ ବିକିବା ସହ ସଚେତନତାର ବାର୍ତ୍ତା ପ୍ରଚାର କରୁଛନ୍ତି। ସେ ୧୦ବର୍ଷରୁ ଊର୍ଦ୍ଧ୍ୱ ଦିନ ଶିକ୍ଷକତା କାର୍ଯ୍ୟ କରିଥିବାରୁ ଗଛ ଲଗାଇ ପରିବେଶ ସୁରକ୍ଷା କରିବା ଲାଗି ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ବିଭିନ୍ନ ସ୍କୁଲ, କଲେଜ ବୁଲି ଚାରା ବାଣ୍ଟୁଛନ୍ତି। ଜୀବନରେ ଅନେକ ଉତ୍‌ଥାନ ପତନ ପରିସ୍ଥିତିକୁ ସାମ୍ନା କରିଥିବା ଗୋଲକବିହାରୀ ଏବେ ସମାଜସେବା କାର୍ଯ୍ୟକୁ ଆଦରି ନିଜେ ଚାରା ଉତ୍ପାଦନ କରି ଏହାକୁ ବୁଲି ବୁଲି ବିକ୍ରି କରୁଛନ୍ତି। ସେ କହନ୍ତି, 'ପିଲାଦିନୁ ମୁଁ ଗଛକୁ ଭଲ ପାଇ ଆସିଛି। ଗଛ ମୋ ଜୀବନ, ସ୍ୱପ୍ନ ଓ ସାହାରା ସବୁକିଛି।'



ସିମୁଳିଆ ବ୍ଲକର ମାର୍କୋଣା ଷ୍ଟେଶନରୋଡରେ ଚାରାଗଛ ଭାର ଧରି ବୁଲୁଛନ୍ତି ଗୋଲକ।

ଗୋଲକବିହାରୀଙ୍କ ଘର ଭଣ୍ଡାରିପୋଖରୀ ବ୍ଲକ ଅଧୀନ ପାଟୁଳି ଅଞ୍ଚଳରେ। ତାଙ୍କ ମାତାପିତା ହେଲେ ଅନ୍ନପୂର୍ଣ୍ଣା ଓ ଗୌରହରି ରାଉତ। ତାଙ୍କର ଦୁଇଝିଅ ଓ ଜଣେ ପୁଅଙ୍କ ମଧ୍ୟରେ ଗୋଲକ ସାନ। ସେ କେନ୍ଦୁଝର ଜିଲା ଆନନ୍ଦପୁର କଲେଜରୁ ବିଏ ପାସ୍ କଲା ପରେ ତାଳଚେର କୋଇଲା ଖଣିରେ ଜଣେ ଠିକାଦାରଙ୍କ ଅଧୀନରେ ସୁପରଭାଇଜର କାମ କରିଥିଲେ। ପରେ ନିଜ ଅଞ୍ଚଳରେ ବିମଳବର ହାଇସ୍କୁଲ ନାମରେ ଏକ ବେସରକାରୀ ଶିକ୍ଷାନୁଷ୍ଠାନ ଖୋଲିବାରୁ ସେ ସୁପରଭାଇଜର ଚାକିରି ଛାଡ଼ି ଶିକ୍ଷକ ରୂପେ ବିଦ୍ୟାଳୟରେ ଯୋଗ ଦେଇଥିଲେ। ଗୋଲକଙ୍କ ବାପା ଅନ୍ୟ ଏକ ବିଦ୍ୟାଳୟରେ ଶିକ୍ଷକତା କରୁଥିବାରୁ ସେ ପୁଅକୁ ନିଜ ଅଞ୍ଚଳରେ ଶିକ୍ଷକତା କରି ପାଖରେ ରହି ଘର ଦେଖାଶୁଣା କରିବାକୁ ପରାମର୍ଶ ଦେଇଥିଲେ। କିନ୍ତୁ ଗୋଲକ ଶିକ୍ଷକତା କରୁଥିବା ବିଦ୍ୟାଳୟରେ ପରେ ଅଚଳାବସ୍ଥା ସୃଷ୍ଟି ହୋଇ ବନ୍ଦ ହୋଇଯାଇଥିଲା। ଅପରପକ୍ଷେ ସେ ବିବାହ କରିବାର ୪ମାସ ପରେ ତାଙ୍କ ପତ୍ନୀ କ୍ୟାନ୍ସରରେ ଆକ୍ରାନ୍ତ ହୋଇ ଆରପାରିକୁ ଚାଲିଗଲେ। ପରିବାର ଚାପରେ ସେ ଦ୍ୱିତୀୟ ବିବାହ କରିଥିଲେ ମଧ୍ୟ ପତ୍ନୀ ତାଙ୍କୁ ଛାଡି ଚାଲିଗଲେ। ସେବେଠାରୁ ସମାଜସେବା କାର୍ଯ୍ୟକୁ ଆଦରି ଗତ କିଛିବର୍ଷ ଧରି ନିଜେ ଚାରା ଉତ୍ପାଦନ କରି ସମସ୍ତଙ୍କୁ ଗଛ ଲଗାଇବା ଲାଗି ପ୍ରବର୍ତ୍ତାଇ ସେ ଚର୍ଚ୍ଚାକୁ ଆସିଛନ୍ତି। ବର୍ତ୍ତମାନ ଭଉଣୀ ଭିଣୋଇ ଓ ଭଣଜା ତାଙ୍କ ପାଖରେ ରହି ଯତ୍ନ ନେଉଥିବା ସେ କହିଛନ୍ତି।

## ସ୍ତ୍ରୀଙ୍କୁ ବଳାତ୍କାର ଉଦ୍ୟମ, ସ୍ୱାମୀଙ୍କୁ ଛୁରାମାଡ଼

### ଅସଦାଚରଣର ଶିକାର ମହିଳାଙ୍କର ପତ୍ତା ମିଳୁ ନାହିଁ

ବାଲେଶ୍ୱର ଅଫିସ,୯।୯

ବାଲେଶ୍ୱର ରେଳଷ୍ଟେଶନର ୧ନମ୍ବର ପ୍ଲାଟଫର୍ମରେ ସୋମବାର ରାତି ୮ଟା ସମୟରେ ଛୁରାମାଡରେ ଆହତ ଜଣେ ବ୍ୟକ୍ତିଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ରେଳବାଇ ପୋଲିସ ଉଦ୍ଧାର କରିଛି। ତାଙ୍କୁ ଚିକିତ୍ସା ଲାଗି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଏହି ବ୍ୟକ୍ତିଙ୍କ ନିକଟରେ ଠିଆ ହୋଇ କାନ୍ଦୁଥିବା ତାଙ୍କର ଦୁଇ ପିଲାଙ୍କୁ ପୋଲିସ ହେପାଜତକୁ ନେଇଛି। ଆହତ ବ୍ୟକ୍ତି ଜଣଙ୍କ ପରିବାର ସହ ବାହାର ଅଞ୍ଚଳରୁ ଆସି ଯାଯାବର ଭାବେ ଏଣେ ତେଣେ କାମ କରି ଷ୍ଟେଶନ ନିକଟରେ ରହୁଥିଲେ। ସେ ପୋଲିସକୁ ଦେଇଥିବା ବୟାନରେ ଦର୍ଶାଇଛନ୍ତି ଯେ, ସୋମବାର ସକାଳେ ସେ ବାହାରକୁ କାମ କରିବାକୁ ଯାଇଥିଲେ। ସନ୍ଧ୍ୟାରେ ଘରକୁ ଫେରିବାରେ ବିଳମ୍ବ ଘଟିବାରୁ ତାଙ୍କ ସ୍ତ୍ରୀ ଦୁଇ ପିଲାଙ୍କ ସହ ତାଙ୍କୁ ଖୋଜିବାକୁ ଆସିଥିଲେ। ଗୋଧିବସା ନିକଟସ୍ଥ ଏକ ଅନ୍ଧାରୁଆ ସ୍ଥାନରେ ଏହି ମହିଳାଙ୍କୁ ଦୁଇ ତିନିଜଣ ଯୁବକ ଟଣାଓଟରା କରି ବଳାତ୍କାର ଉଦ୍ୟମ କରିଥିଲେ। କାମରୁ ଫେରିବା ବାଟରେ ସେ ଏହି ଘଟଣା ଦେଖି ପ୍ରତିବାଦ କରିବାରୁ ଦୁର୍ବୃତ୍ତମାନେ ତାଙ୍କୁ ଛୁରାମାଡ଼ କରିଥିଲେ। ପରେ ସେମାନେ ତାଙ୍କୁ ମୁମୂର୍ଷୁ ଅବସ୍ଥାରେ ଆଣି ରେଳ ଷ୍ଟେଶନର ୧ନମ୍ବର ପ୍ଲାଟଫର୍ମ ଶେଷଭାଗରେ ଫୋପାଡ଼ି ଦେଇ ପଳାଇଯାଇଥିଲେ। ତାଙ୍କର ଦୁଇଟି ପିଲା ସେଠାରେ ଠିଆ ହୋଇ କାନ୍ଦୁଥିବାର ଲୋକେ ଦେଖି ପୋଲିସକୁ ସୂଚନା ଦେଇଥିଲେ। ଖବର ଲେଖା ହେବା ଯାଏ ଅସଦାଚରଣର ଶିକାର ହୋଇଥିବା ମହିଳାଙ୍କର କୌଣସି ପତ୍ତା ମିଳି ନ ଥିବା ପୋଲିସ ପକ୍ଷରୁ କୁହାଯାଇଛି। ଏଭଳି ଏକ ସମ୍ବେଦନଶୀଳ ଘଟଣା ନେଇ ତଦନ୍ତ କାର୍ଯ୍ୟକୁ ଜୋରଦାର କରାଯାଇଛି ବୋଲି ପୋଲିସ କହିଛି। ଛୁରାମାଡରେ ଆହତ ବ୍ୟକ୍ତି ଷ୍ଟେଶନ ନିକଟସ୍ଥ ଏକ ସ୍ଥାନରେ ଅସ୍ଥାୟୀ ଭାବେ ରହୁଥିଲେ ବୋଲି ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି।

## ହତ୍ୟା ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

### ବଳାତ୍କାର ପରେ ହତ୍ୟା ଅଭିଯୋଗକୁ ଅସ୍ୱୀକାର

ତିହିଡ଼ି, ୯।୯ (ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ଥାନା ଅନ୍ତର୍ଗତ ରାଜନଗର ପଞ୍ଚାୟତ ଚାରିତରଫ ଗ୍ରାମର ସାବିତ୍ରୀ ମହାକୁଡ଼ ନାମ୍ନୀ ଜଣେ ଯୁବତୀଙ୍କୁ ଗତମାସ ୨୯ ତାରିଖ ରାତିରେ ବଳାତ୍କାର ପରେ ହତ୍ୟା କରାଯାଇଥିବା ତିହିଡ଼ି ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ରବିବାର ଅଭିଯୁକ୍ତ ବାହାରପାଳ ଗ୍ରାମର ଜଗବନ୍ଧୁ ପଲେଇଙ୍କୁ ଗିରଫ କରିଥିଲା। ଜଗବନ୍ଧୁଙ୍କଠାରୁ ପୋଲିସ ବୟାନ ରେକର୍ଡ଼ କରିବା ପରେ ସୋମବାର କୋର୍ଟ ଚାଲାଣ କରିଛି। ଯୁବତୀଙ୍କୁ ବଳାତ୍କାର ପରେ ହତ୍ୟା ଅଭିଯୋଗକୁ ଜଗବନ୍ଧୁ ଅସ୍ୱୀକାର କରିଛନ୍ତି। ସାବିତ୍ରୀଙ୍କୁ ବାଇକ୍‌ରେ ନେଇ ଯାଉଥିବା ବେଳେ ସେ ଖସିପଡ଼ିବାରୁ ତାଙ୍କର ମୃତ୍ୟୁ ଘଟିଥିବା ଜଗବନ୍ଧୁ ପୋଲିସ ସାମ୍ନାରେ ବୟାନ ଦେଇଛନ୍ତି।

ଜଗବନ୍ଧୁ ପୋଲିସ ଆଗରେ ବୟାନ ଦେଇ କହିଛନ୍ତି ଯେ, ସାବିତ୍ରୀଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଥିଲା। ଘରୁ ନେଇଯିବାକୁ ସାବିତ୍ରୀ ତାଙ୍କୁ ଅନେକଥର କହିଥିଲେ। ଗତ ୨୯ ତାରିଖରେ ସେ ତାଙ୍କୁ ଫୋନ କରି ନ ନେଲେ ହାତ କାଟି ଆତ୍ମହତ୍ୟା କରିବେ ବୋଲି ଧମକ ଦେଇଥିଲେ। ପରେ ସେ ସାବିତ୍ରୀଙ୍କ ଘରେ ପାଖରେ ପହଞ୍ଚି ତାଙ୍କୁ ବାଇକ୍‌ରେ ନେଇ ଯାଇଥିଲେ। ରାସ୍ତାରେ ଦ୍ରୁତଗତିରେ ଯାଉଥିବା ବେଳେ ବାଇକ୍‌ଟି ନାୟକାଣିଡିହୀ ଥାନା ଅଧୀନ ପାଇକସାହି ନିକଟରେ ଭାରସାମ୍ୟ ହରାଇଥିଲା। ଫଳରେ ସାବିତ୍ରୀ ବାଇକ୍‌ରୁ ଖସିପଡ଼ି ସଂଜ୍ଞାହୀନ ହୋଇ ଯାଇଥିଲେ। ଜଗବନ୍ଧୁ ନିକଟସ୍ଥ ନୟନଯୋରିରୁ ପାଣି ଆଣି ତାଙ୍କୁ ଦେଇଥିଲେ। ସାବିତ୍ରୀଙ୍କର ଚେତା ନ ଫେରିବାରୁ ମୃତ୍ୟୁ ଘଟିଥିବା ସନ୍ଦେହ କରି ସେ ଭୟଭୀତ ହୋଇ ସ୍ଥାନ ଛାଡ଼ି ଚାଲି ଯାଇଥିବା କହିଛନ୍ତି। ତେବେ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ଅଭିଯୁକ୍ତଙ୍କ ବୟାନର ସତ୍ୟତା ଅଛି କି ନାହିଁ ତାହା ପ୍ରମାଣିତ ହେବ ବୋଲି ଆଇଆଇସି ରମେଶ ଚନ୍ଦ୍ର ସିଂ ସୂଚନା ଦେଇଛନ୍ତି। ଉଲ୍ଲେଖନୀୟ ଯେ, ନାୟକାଣିଡିହୀ ଥାନା ବାଲିମେଦ ପଞ୍ଚାୟତ ଅଧୀନ ପାଇକସାହି ନିକଟସ୍ଥ ନୟନଯୋରିରୁ ଗତ ୩୦ ତାରିଖ ସକାଳେ ସାବିତ୍ରୀଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ପରେ ତାଙ୍କ ବାପା ଭାଗୀରଥି ଝିଅକୁ ଜଗବନ୍ଧୁ ବଳାତ୍କାର ପରେ ହତ୍ୟା କରିଥିବା ତିହିଡ଼ି ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା(ନଂ.୩୯୦/୧୯) ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା।

## ମାଟି ଖୋଳି କଢାଗଲା ଗଳିତ ମୃତଦେହ

- ଦେଢ଼ମାସର ପୁଅକୁ ଶ୍ୱାସରୁଦ୍ଧ କରି ହତ୍ୟା ଘଟଣା
- ଫୋରେନ୍‌ସିକ୍ ଟିମ୍ ଦ୍ୱାରା ତଦନ୍ତ

ଭଦ୍ରକ ଅଫିସ, ୯।୯

ଭଦ୍ରକ ଗେଲଟୁଆ ନୂଆ କଲୋନୀରେ ଦେଢ଼ମାସର ଶିଶୁପୁତ୍ରକୁ ଶ୍ୱାସରୁଦ୍ଧ କରି ହତ୍ୟା ପରେ ପୋତି ଦେବା ଘଟଣାରେ ଗ୍ରାମାଞ୍ଚଳ ଥାନା ପୋଲିସ ସୋମବାର ମାଟି ଖୋଳି ଗଳିତ ମୃତଦେହ ବାହାର କରିଛି। ମାଜିଷ୍ଟ୍ରେଟ ଭାବେ ସହାୟକ ଜିଲାପାଳ ବସନ୍ତ କୁମାର ଲେଙ୍କାଙ୍କ ଉପସ୍ଥିତିରେ ଥାନାଧିକାରୀ ପ୍ରଭାଂସୁ ମିଶ୍ର ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛନ୍ତି। ଉଦ୍ଧାର ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ତେବେ ଗିରଫ ହୋଇଥିବା ବାପା ଟୁବୁ ମୁଣ୍ଡା ଭୁଲ୍‌ବଶତଃ ତାଙ୍କ ଗୋଡ଼ କିମ୍ବା ହାତ ଶିଶୁପୁତ୍ରର ପାଟିରେ ପଡ଼ିଯିବାରୁ ମୃତ୍ୟୁ ଘଟିଥିବା ତଦନ୍ତ ବେଳେ ପୋଲିସ ଆଗରେ ସ୍ୱୀକାର କରିଛନ୍ତି।


ମାଟି ଖୋଳା ସ୍ଥାନରେ ତଦନ୍ତକାରୀ ଦଳ।

ଉଲ୍ଲେଖନୀୟ ଯେ, ଗତ ୩୦ ତାରିଖରେ ଏହି ଘଟଣା ଘଟିଥିଲା। ଅଭିଯୁକ୍ତ ଟୁବୁଙ୍କ ସ୍ତ୍ରୀ ନନ୍ଦିନୀ ୯ ଦିନ ପରେ ଗତ ଶନିବାର ସନ୍ଧ୍ୟାରେ ଏ ନେଇ ଟାଉନ ଥାନାରେ ଅଭିଯୋଗ କରିବା ପରେ ଘଟଣା ପଦାକୁ ଆସିଥିଲା। ଟାଉନ ପୋଲିସ ଶନିବାର ରାତିରେ ମାମଲା (ନଂ.୨୬୨/୧୯) ରୁଜୁ କରି ଟୁବୁଙ୍କୁ ଆଣି ଅଟକ ରଖିଥିଲା। ରବିବାର ଟାଉନ ପୋଲିସ ଟୁବୁଙ୍କୁ ଧରି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ହେଲେ ଉକ୍ତ ଅଞ୍ଚଳ ଗ୍ରାମାଞ୍ଚଳ ଥାନା ଅଧୀନରେ ଯାଉଥିବା ବେଳେ ରବିବାର ମାଜିଷ୍ଟ୍ରେଟ୍ ନ ରହିବା ଯୋଗୁ ମାଟି ତଳୁ ମୃତଦେହ ଖୋଳାଯାଇ ପାରି ନ ଥିଲା। ସୀମା ନିର୍ଦ୍ଧାରଣ ପାଇଁ ଆର୍‌ଆଇ ଘଟଣାସ୍ଥଳରେ ପହଞ୍ଚିବା ପରେ ଉକ୍ତ ଅଞ୍ଚଳ ଗ୍ରାମାଞ୍ଚଳ ଥାନା ଅଧୀନରେ ଯାଉଥିବା ସ୍ଥିର ହୋଇଥିଲା। ଏହାପରେ ଗ୍ରାମାଞ୍ଚଳ ଥାନାଧିକାରୀ ପ୍ରଭାଂସୁ ମିଶ୍ର ଟାଉନ ଥାନାରେ ଅଟକ ଥିବା ଟୁବୁଙ୍କୁ ହତ୍ୟା ମାମଲାରେ ଗିରଫ କରିଥିଲେ। ଏ ନେଇ ଗ୍ରାମାଞ୍ଚଳ ଥାନାରେ ମାମଲା (ନଂ.୪୮୨/୧୯) ରୁଜୁ ହୋଇଛି।

## ଦୁର୍ବୃତ୍ତ ଝାମ୍ପିନେଲେ ୨୦ ଲକ୍ଷ ଟଙ୍କାର ଅଳଙ୍କାର ବ୍ୟାଗ

ଆନନ୍ଦପୁର,୯।୯(ସ୍ୱ.ପ୍ର.)

ଆନନ୍ଦପୁର ଥାନାର ମାତ୍ର ଶହେ ମିଟର ଦୂର ବଡଦାଣ୍ଡଠାରେ ଥିବା ଦୁର୍ଗା ଜୁଏଲାରୀ ଦୋକାନରୁ ସୁନା ଓ ରୁପା ଅଳଙ୍କାର ଥିବା ବ୍ୟାଗକୁ ଦୁର୍ବୃତ୍ତମାନେ ଝାମ୍ପି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଦୁର୍ବୃତ୍ତମାନଙ୍କର ଟେର ପାଇ ନ ଥିବାବେଳେ ବ୍ୟବସାୟୀ ଜଣଙ୍କ ନିରାଶ ହୋଇପଡିଛନ୍ତି। ଘଟଣାକ୍ରମରେ ଆନନ୍ଦପୁରର ବିଶ୍ୱରଞ୍ଜନ ସାହୁ ବଡଦାଣ୍ଡ ଠାରେ ଦୁର୍ଗା ନାମକ ଏକ ଜୁଏଲାରୀ ଦୋକାନ କରି ବ୍ୟବସାୟ କରୁଥିଲେ। ପ୍ରତ୍ୟେକ ଦିନ ଭଳି ସେ ସୋମବାର ସକାଳେ ଦୋକାନ ଖୋଲିଥିଲେ। ଦୋକାନ ଖୋଲିବା ପରେ ଘରୁ ଆଣିଥିବା ୪ କେଜି ଓଜନର ରୁପା ଓ ୪୫୦ ଗ୍ରାମର ସୁନା ଅଳଙ୍କାର ବ୍ୟାଗଟିକୁ ଦୋକାନ ଭିତରେ ରଖି ନିକଟସ୍ଥ ଏକ ନଳକୂପକୁ ପାଣି ଆଣିବାକୁ ଯାଇଥିଲେ। ପାଣି ଆଣି ଫେରିବା ବେଳକୁ ବାଇକ୍ ଯୋଗେ ଆସିଥିବା ଦୁଇ ଜଣ ବ୍ୟକ୍ତି ଦୋକାନରୁ ବ୍ୟାଗଟି ଉଠାଇ ନେଇ ଫେରାର ହୋଇଯାଇଥିଲା। ବିଶ୍ୱରଞ୍ଜନ ପାଟି କରିବା ପରେ ଲୋକମାନେ ଘଟଣାସ୍ଥଳରେ ରୁଣ୍ଡିଭୁତ ହୋଇଯାଇଥିଲେ ସୁଦ୍ଧା ଦୁର୍ବୃତ୍ତମାନେ ଧରାପଡ଼ି ନ ଥିଲେ। ଏନେଇ ବିଶ୍ୱରଞ୍ଜନ ଆନନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଲୁଟ୍ ହୋଇଥିବା ଅଳଙ୍କାର ବ୍ୟାଗରେ ପାଖାପାଖି ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଅଳଙ୍କାର ରହିଥିବା ଅଭିଯୋଗ କରିଛନ୍ତି। ଆନନ୍ଦପୁର ପୋଲିସ ଏକ ମାମଲା (ନଂ ୧୬୪/୧୯) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ନିକଟରେ ଥିବା କାନାରା ବ୍ୟାଙ୍କର ସିସିଟିଭି ଫୁଟେଜ୍‌କୁ ଯାଞ୍ଚ କରାଯାଇପାରିଲେ ହୁଏତ ଦୁର୍ବୃତ୍ତଙ୍କ ସମ୍ପର୍କରେ ଯଥେଷ୍ଟ ସୁରାକ ମିଳିପାରନ୍ତା ବୋଲି ବିଶ୍ୱରଞ୍ଜନ ଅଭିଯୋଗ କରିଛନ୍ତି।

## ମୋବାଇଲ ଦୋକାନରୁ ଚୋରି ଘଟଣା

# ୨ ଯୁବକ ଥାନାରେ ଅଟକ


ଆରଡ଼ି, ୯।୯ (ଡି.ଏନ.ଏ.)

ଭଦ୍ରକ ଜିଲା ଆରଡ଼ି ଫାଣ୍ଡି ଅନ୍ତର୍ଗତ ମଠଡିହଠାରେ ଥିବା ଓଲଗ ଗ୍ରାମର ଅଙ୍କିତ ନାୟକଙ୍କ ମୋବାଇଲ ଦୋକାନରୁ ରବିବାର ରାତିରେ ଚୋରି ହୋଇଥିଲା। ଏକ ଲାପ୍‌ଟପ, ପ୍ରିଣ୍ଟର ମେଶିନ, କେତୋଟି ନୂଆ ମୋବାଇଲ ସହ ଅନ୍ୟାନ୍ୟ ସାମଗ୍ରୀ କେହି ଚୋରି କରି ନେଇଯାଇଥିବା ଆରଡ଼ି ଫାଣ୍ଡିରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ୨ ଯୁବକଙ୍କୁ ନେଇ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି।

ସୂଚନା ଅନୁସାରେ, ସୋମବାର ସକାଳେ କୌଣସି ସୂତ୍ରରୁ ଖବର ପାଇ ଦୋକନୀ ଅଙ୍କିତଙ୍କ ବଡ଼ଭାଇ ସତ୍ୟପ୍ରକାଶ ଏକ ଘରୋଇ ବସ୍‌ର ହେଲ୍‌ପର ତଥା ଓଲଗ ଗ୍ରାମର ଜଣେ ଯୁବକଙ୍କୁ ଚୋରି ସମ୍ପର୍କରେ ପଚାରିଥିଲେ। ଯୁବକ ଜଣଙ୍କ ଚୋରି କରିଥିବା ମାନିବା ସହ ଦୋହରାପାଟଣାର ୨ ଯୁବକ ଏଥିରେ ସମ୍ପୃକ୍ତ ଥିବା କହିଥିଲେ। ଏହାପରେ ସ୍ଥାନୀୟ ଅଞ୍ଚଳର ଯୁବକମାନେ ତାଙ୍କୁ ଆରଡ଼ି ଫାଣ୍ଡି ପୋଲିସ ଜିମା ଦେଇଥିଲେ। ଫାଣ୍ଡି ଅଧିକାରୀ ପ୍ରଦୀପ ନାୟକ ଦୋହରାପାଟଣାର ଜଣେ ଯୁବକଙ୍କ ସମେତ ଦୁଇଜଣଙ୍କୁ ନେଇ ଧୂଷୁରୀ ଥାନାକୁ ହସ୍ତାନ୍ତର କରିଛନ୍ତି। ୩ ଦିନ ତଳେ ମଠଡିହ ନିକଟସ୍ଥ କୁଲେଇପଦା ଛକରେ ୨ଟି କ୍ୟାବିନରୁ ଚୋରି ହୋଇଥିଲା। ଏହି ଘଟଣାରେ ମଧ ଓଲଗ ଗ୍ରାମର ଉକ୍ତ ଯୁବକଙ୍କ ସମ୍ପୃକ୍ତି ଥିବା ପୋଲସିର ସନ୍ଦେହକୁ ଦୃଢ଼ୀଭୂତ କରିଛି। ଧୂଷୁରୀ ଥାନାରେ ୨ ଜଣଙ୍କୁ ପଚରାଉଚୁରା ଚାଲିଛି ଓ ଖୁବ୍‌ଶୀଘ୍ର ଚୋରି ଜିନିଷ ଉଦ୍ଧାର କରାଯିବ ବୋଲି ଥାନାଧିକାରୀ ପ୍ରଫୁଲ୍ଲ କୁମାର ସିଂ ସୂଚନା ଦେଇଛନ୍ତି।

## ହାତୀ ଉପଦ୍ରବ ଜାରି

# ଘର ଭାଙ୍ଗି ଧାନ ଚାଉଳ ଖାଇଲେ



ତେଲକୋଇ, ୯।୯(ଡି.ଏନ.ଏ.)

ତେଲକୋଇ ବନାଞ୍ଚଳ ଅଧୀନରେ ବଣୁଆ ହାତୀଙ୍କ ଉପଦ୍ରବ ବୃଦ୍ଧି ପାଇବାରେ ଲାଗିଛି। ଗତ ରବିବାର ମଧ୍ୟରାତିରେ ପଡାଙ୍ଗ ପଞ୍ଚାୟତର ମୁଣ୍ଡା ସାହିରେ ହାତୀ ପଲ ପଶି ଘର ଭାଙ୍ଗି ଧାନ ଚାଉଳ ଖାଇବାରେ ବନବିଭାଗ ଠାରେ ଅଭିଯୋଗ ହୋଇଛି। ତେବେ ହାତୀ ଘର ଭାଙ୍ଗିବା ବେଳେ ପରିବାର ଲୋକେ ଘରୁ ପଳାଇବା ଯୋଗୁଁ ଅଳ୍ପକେ ବର୍ତ୍ତି ଯାଇଥିଲେ। ଉକ୍ତ ହାତୀ ପଲଙ୍କ ମଧ୍ୟରେ ଦନ୍ତା ହାତୀ ସହିତ ୭ଟି ହାତୀ ରହିଥିବା ଅଭିଯୋଗକାରୀ ପ୍ରକାଶ କରିଛନ୍ତି । ମୁଣ୍ଡା ସାହିର ସିକନ୍ଦର ହେମ୍ବ୍ରମ ଓ ରଥ ମହାନ୍ତଙ୍କ ଘର ଭାଙ୍ଗି ଧାନ ଚାଉଳ ଖାଇଦେଇଛନ୍ତି। ସେହିପରି ଖୁଣ୍ଟାପଡା ପଞ୍ଚାୟତର କନ୍ତଲେଇ, ଦୁଲଭପୁର ଗ୍ରାମରେ କଦଳୀ ଗଛ ଖାଇବା ସହିତ ଧାନ ଫସଲ ନଷ୍ଟ କରିଥିବା ବନବିଭାଗ ଠାରେ ଅଭିଯୋଗ ହୋଇଛି। ହାତୀଙ୍କ ଆତଙ୍କ କୁ ନେଇ ବିଭିନ୍ନ ଗ୍ରାମରେ ଲୋକ ମାନେ ହାତୀ ଘଉଡାଇବା ପାଇଁ ରାତି ଉଜାଗର ହେବାକୁ ବାଧ ହେଉଛନ୍ତି । ବନାଞ୍ଚଳ ଅଧିକାରୀ ପିତାମ୍ବର ନାୟକ ହାତୀ ଘଉଡାଇବା ଉଦ୍ୟମ ଜାରି ରଖିଥିବା କହିବା ସହିତ କ୍ଷୟକ୍ଷତିର ଭରଣା କରିବା କହିଛନ୍ତି ।

# ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ତାଗିଦ୍

ଯୋଡ଼ା,୯।୯(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଯୋଡ଼ା ଅଞ୍ଚଳରେ ଥିବା ଟାଟାଷ୍ଟିଲ କମ୍ପାନୀର ବର୍ଜ୍ୟବସ୍ତୁକୁ ବୈଜ୍ଞାନିକ ପଦ୍ଧତିରେ ପରିଚାଳନା କରିବା ପାଇଁ ପୌରପାଳିକା ପକ୍ଷରୁ ନୋଟିସ ଜାରି କରାଯାଇଛି। ୧୬।୦୭।୨୦୧୯ରେ ଯୋଡ଼ା ପୌରପାଳିକା କାର୍ଯ୍ୟାଳୟ ଚିଠି (ନଂ.୬୦୯୨)ରେ ଟାଟାଷ୍ଟିଲ କମ୍ପାନୀର ଯୋଡ଼ା ମୁଖ୍ୟଙ୍କୁ ସଲିଡ୍ ୱେଷ୍ଟ ମ୍ୟାନେଜମେଣ୍ଟ ଆଣ୍ଡ ହ୍ୟାଣ୍ଡଲିଂ ରୁଲ୍‌ସ -୨୦୧୬ ଅନୁଯାୟୀ ସହରରେ ଥିବା ଟାଟାଷ୍ଟିଲର ବିଭିନ୍ନ କଲୋନୀ, ଅଫିସ, ପାର୍କ, ଗେଷ୍ଟହାଉସ୍, କମ୍ୟୁନିଟି ସେଣ୍ଟର, ହସ୍ପିଟାଲ ଏବଂ ଡିସପେନ୍‌ସାରୀ ଓ କାରଖାନା ଅଞ୍ଚଳରୁ ଓ ସହରରେ ଥିବା କମ୍ପାନୀର ପ୍ରାୟ ୩ହଜାର ଗୃହରୁ ନିର୍ଗତ ହେଉଥିବା ତରଳ ଓ କଠିନ ବର୍ଜ୍ୟବସ୍ତୁକୁ ବୈଜ୍ଞାନିକ ପଦ୍ଧତିରେ ପରିଚାଳନା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ପୌରକାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଢୀଯୋଶୀ କହିଛନ୍ତି। ଏପରିକି ଏହି ନିର୍ଦ୍ଦେଶକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଇତିମଧ୍ୟରେ ପୁଣିଥରେ ପତ୍ର ସଂଖ୍ୟା ୬୪୩୩ରେ କମ୍ପାନୀକୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଟାଟା କମ୍ପାନୀ ଓ ସହରର ବିଭିନ୍ନ ୱାର୍ଡରେ ଥିବା ଏହାର କଲୋନୀଗୁଡ଼ିକରୁ ବାହାରୁ ଥିବା ବର୍ଜ୍ୟବସ୍ତୁକୁ ସଂଗ୍ରହ କରାଯାଇ ବାଚୁ ହଟିଂଠାରେ ଥିବା ପୌରପାଳିକାର ଡମ୍ପିଂ ୟାର୍ଡରେ ପକାଯାଉଛି। ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ,ଦିଲ୍ଲୀ କେସ୍ ନଂ.୬୦୬/୨୦୧୮ ଅନୁଯାୟୀ ସଲିଡ୍ ୱେଷ୍ଟ ମ୍ୟାନେଜମେଣ୍ଟ ରୁଲ୍‌ସ -୨୦୧୬କୁ କାର୍ଯ୍ୟକାରୀ କରିବା ପାଇଁ ଓଡ଼ିଶା ଗୃହ ନିର୍ମାଣ ଓ ପୌର ଉନ୍ନୟନ ବିଭାଗ ପକ୍ଷରୁ ଯୋଡା ପୌରପାଳିକାକୁ ଏକ ନିର୍ଦ୍ଦେଶନାମା ଜାରି ହୋଇଛି। ଏହି କ୍ରମରେ ସହରର ବର୍ଜ୍ୟବସ୍ତୁକୁ ବୈଜ୍ଞାନିକ ପଦ୍ଧତିରେ ପରିଚାଳନା କରିବା ପାଇଁ ଯୋଡ଼ା ପୌରପାଳିକା ପକ୍ଷରୁ ବାଚୁ ହଟିଂଠାରେ ଏବେ ଏକ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର ଏବଂ ଡିସେଣ୍ଟ୍ରାଲାଇଜଡ କମ୍ପୋଷ୍ଟିଂ ପ୍ଲାଣ୍ଟ ନିର୍ମାଣ କରାଯାଉଛି। ଉକ୍ତ ପ୍ଲାଣ୍ଟ ଆରମ୍ଭ ହେଲେ ଟାଟା କମ୍ପାନୀର ବର୍ଜ୍ୟବସ୍ତୁକୁ ସେଠାରେ ପକାଇବା ପାଇଁ ସୁଯୋଗ ଦିଆଯିବ ନାହିଁ ବୋଲି ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଯୋଶୀ ସୂଚନା ଦେଇଛନ୍ତି। ତେବେ ଏହା କାର୍ଯ୍ୟକାରୀ ହେଲେ କମ୍ପାନୀ ତା'ର ନିଜସ୍ୱ ବର୍ଜ୍ୟବସ୍ତୁକୁ କେଉଁଠାରେ ଗଚ୍ଛିତ କରିବ ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯୋଡା ପୌରପାଳିକାର ଅଧିକାଂଶ ଅଞ୍ଚଳ ଟାଟାଷ୍ଟିଲ ଅଧୀନରେ ରହିଛି। ସହରରେ ଥିବା କମ୍ପାନୀର ଆବାସିକ ଗୃହଗୁଡ଼ିକରୁ ବାହାରୁଥିବା ବର୍ଜ୍ୟବସ୍ତୁ ପରିଚାଳନା କ୍ଷେତ୍ରରେ ଏହି କମ୍ପାନୀ ଗୁରୁତ୍ୱ ନ ଦେବା ଘଟଣାକୁ ସ୍ଥାନୀୟ ଅଞ୍ଚଳବାସୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏନେଇ ଟାଟା କମ୍ପାନୀ କର୍ପୋରେଟ କମ୍ୟୁନିକେଶନ ଅଧିକାରୀ ଆଶିଶ କୁମାର ଆଚାର୍ଯ୍ୟ କହିଛନ୍ତି ଯେ, କଠିନ ବର୍ଯ୍ୟବସ୍ତୁ ପରିଚାଳନା ପାଇଁ କମ୍ପାନୀ ପକ୍ଷରୁ କାର୍ଯ୍ୟ ଆରମ୍ଭ କରାଯାଇଛି। ଏପରି କି ଏଥିପାଇଁ ଆବଶ୍ୟକ ସାମଗ୍ରୀ ମଗାଯାଇଛି। ମାସେ କିମ୍ବା ୨ମାସ ମଧ୍ୟରେ କଠିନ ବର୍ଯ୍ୟବସ୍ତୁ ପରିଚାଳନା ପ୍ଲାଣ୍ଟକୁ କାର୍ଯ୍ୟକ୍ଷମ କରାଯିବ ବୋଲି ସେ କହିଛନ୍ତି।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ